

ବିବେକ ଦେବରାୟଙ୍କ ସ୍ମୃତିଚାରଣ କଲେ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ନୟନତାରାଙ୍କୁ ସପୋର୍ଟ କଲେ ଜାହ୍ନବୀ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୩୧ Vol. 21 No-231 20 NOVEMBER 2024 WEDNESDAY BHUBANESWAR ବୁଧବାର, ୨୦ ନଭେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ବାଲିଯାତ୍ରା ଅବଧି ଦିନେ ବୃଦ୍ଧି

ଭୁବନେଶ୍ୱର, ୧୯।୧୧(ଭାସ୍କର ନ୍ୟୁଜ): ଲୋକଙ୍କ ଆଗ୍ରହ ଓ ଉତ୍ସାହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଐତିହାସିକ ବାଲିଯାତ୍ରା ଅବଧିକୁ ଆଉ ଏକ ଦିନ ବୃଦ୍ଧି କରିଛନ୍ତି। ଚଳିତ ନଭେମ୍ବର ୧୫ କାର୍ତ୍ତିକ ପୂର୍ଣ୍ଣିମାଠାରୁ ୮ଦିନ ପର୍ଯ୍ୟନ୍ତ ଆୟୋଜିତ ଏହି ମହୋତ୍ସବ ନବମ ଦିବସରେ ଉଦ୍‌ଯାପିତ ହେବ। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

### ଡିଜିଏମ୍ ଗିରଫ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଗିରଫ ହେଲେ ଓପିଏଚଡବ୍ଲୁସି ବ୍ରହ୍ମପୁର ଡିଭିଜନ୍‌ର ଡିଜିଏମ ସୁବାସ ଚନ୍ଦ୍ର ପଣ୍ଡା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ କରିଛି ଭିଜିଲାନ୍ସ । ଭୁବନେଶ୍ୱରରେ ୩ ମହଲା କୋଠା, ୫ଟି ବହୁମୂଲ୍ୟ ପ୍ଲଟ ମିଳିଛି । ଏହାସହିତ ୮୭୦ ଗ୍ରାମ ସୁନା, ୧୩.୪୭ ଲକ୍ଷ ଟଙ୍କା, ୧.୮୪ କୋଟି ଡିପୋଜିଟ୍ ମିଳିଛି । ଆୟ ଠାରୁ ଅଧିକ ସଂପତ୍ତି ଠୁଳ ଅଭିଯୋଗରେ ସୋମବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଓଡିଶା ଷ୍ଟେଟ ପୋଲିସ ହାଉସିଂ କର୍ପୋରେସନର ଉପ-ମହାପ୍ରବନ୍ଧକ (ଯାନ୍ତ୍ରିକ-ସିଭିଲ) ସୁବାସ ଚନ୍ଦ୍ର ପଣ୍ଡାଙ୍କ ସମ୍ପର୍କିତ ଚାରିଟି ସ୍ଥାନରେ ଏକକାଳୀନ ଚଢାଉ କରାଯାଇଥିଲା ।


### ଫାଙ୍କା ଗୁଳି ଚଳାଇ ୮ଲକ୍ଷ ଲୁଟ୍

ବାଣପୁର,୧୯।୧୧(ଭାସ୍କର ନ୍ୟୁଜ): ମଙ୍ଗଳବାର ସନ୍ଧ୍ୟାରେ ଏନ୍‌ଏଚ୍-୧୬ ବାଣପୁର ବାଇପାସ୍ ନିକଟରେ ଏକ ଚାଉଳ ମିଲ୍ କର୍ମଚାରୀଙ୍କୁ ଫାଙ୍କା ଗୁଳିଚାଳନା କରି କାର୍‌ରେ ଥିବା ୮ଲକ୍ଷ ୩୦ ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି । ଦୁର୍ବୃତ୍ତମାନେ ଏକ ପଲସରରେ ଆସି ଟଙ୍କା ସହ ଦୁଇଟି ମୋବାଇଲ ଓ ଗାଡ଼ିଚାବି ନେଇ ପଳାଇଛନ୍ତି। ବାଣପୁର ପୋଲିସ ତଦନ୍ତ ଆରମ୍ଭ କରିଛି।

ସେନ୍‌ସେକ୍ସ: ୭୭,୫୭୮.୩୮
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୨୯.୨ ଡିଗ୍ରୀ
ସର୍ବନିମ୍ନ: ୧୭.୩ ଡିଗ୍ରୀ

**୧୯।୧୧।୨୦୨୪ର ମତାମତ**

ହାତୀ ମୃତ୍ୟୁ ଘଟଣାର ସଠିକ ତଦନ୍ତ ଜରୁରି ନୁହେଁ କି ?




**ଆଜିର ପ୍ରସଙ୍ଗ**

ଶ୍ରୀଜଗନ୍ନାଥଙ୍କ ଜମିର ବେଆଇନ ବିକ୍ରେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଉଚିତ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ଉଡାଦିଆ ଆଉ ଉଡାଟିଆଙ୍କର
ଅନେକ ସମସ୍ୟା ରାଜ୍ୟରେ,
ଜଣେ କୁଣ୍ଡାଏ ତ ଆପଣା ମୁଣ୍ଡକୁ
ଜଣେ ତେଲ ମାରେ ନିଶରେ ।
ଭଡା ଦେଇ ଦେଇ ଶେଷରେ,
ଘର ଖଣ୍ଡେ ପାଇଁ ସ୍ୱପ୍ନ ଦେଖୁଥାନ୍ତି
ସହରୀ ମଣିଷ ଦିନରେ ।

## ସିଙ୍ଗାପୁରରେ ମୁଖ୍ୟମନ୍ତ୍ରୀଙ୍କ ମେଗା ରୋଡ୍ ଶୋ

# ନିବେଶକାରୀଙ୍କ ପାଇଁ ଓଡ଼ିଶା ଦ୍ୱାର ଖୋଲା




- ଓଡ଼ିଶାର ବ୍ୟବସାୟିକ ସୁଯୋଗ ଉପରେ ଆଲୋକପାତ
- ବିଭିନ୍ନ ନିବେଶକାରୀଙ୍କ ସହ ପୁଞ୍ଜିନିବେଶ ପାଇଁ ଆଲୋଚନା
- ପୂର୍ବ ଭାରତକୁ ପୁନର୍ଜୀବିତ କରିବା ଉପରେ ଆମର ଧ୍ୟାନ
- ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍‌ରେ ଯୋଗଦେବାକୁ ଆମନ୍ତ୍ରଣ

ଭୁବନେଶ୍ୱର,୧୯।୧୧(ଭାସ୍କର ନ୍ୟୁଜ): ନିବେଶକାରୀଙ୍କ ପାଇଁ ଓଡ଼ିଶାର ଦ୍ୱାର ସଦାସର୍ବଦା ଉନ୍ମୁକ୍ତ ରହିଛି । ବିଦେଶୀ ପୁଞ୍ଜିନିବେଶକାରୀମାନେ ଓଡ଼ିଶାରେ ପୁଞ୍ଜିନିବେଶ କଲେ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ ବୋଲି କହିଛନ୍ତି ସିଙ୍ଗାପୁର ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମଙ୍ଗଳବାର ତାଙ୍କ ସିଙ୍ଗାପୁର ଗସ୍ତର ତୃତୀୟ ଦିନରେ ମୁଖ୍ୟ ଆକର୍ଷଣ ଥିଲା ଓଡ଼ିଶାରେ ବ୍ୟବସାୟିକ ସୁଯୋଗ ଉପରେ ନିବେଶକାରୀଙ୍କ ସହ ୱାନ୍-ଟୁ-ୱାନ୍ ଆଲୋଚନା। ଏହି ଅବସରରେ ଶ୍ରୀ ମାଝୀ ଏକ ସଫଳ ମେଗା ରୋଡ୍ ଶୋ'ରେ ମଧ୍ୟ ଅଂଶଗ୍ରହଣ କରିଥିଲେ, ଯାହାକି ଅନ୍ତର୍ଜାତୀୟ ନିବେଶକମାନଙ୍କୁ ବେଶ୍ ଆକର୍ଷିତ କରିଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ଅଧିବେଶନ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଛି। ଓଡ଼ିଶାରୁ ଯାଇଥିବା ଟିମ୍ ଓଡ଼ିଶାର ବିପୁଳ ପୁଞ୍ଜି ବିନିଯୋଗ ସମ୍ଭାବନା ଏବଂ ଭାରତର ଅଭିବୃଦ୍ଧି କାହାଣୀକୁ ଆଗେଇ ନେବାପାଇଁ ପ୍ରସ୍ତୁତ ଥିବା ଶ୍ରୀ ମାଝୀ କହିଥିଲେ। ରାଜ୍ୟର ସମୃଦ୍ଧ ସମ୍ବଳ, ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ କୁଶଳୀ ଶ୍ରମିକମାନଙ୍କ ଦକ୍ଷତା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ସିଙ୍ଗାପୁର ସରକାରଙ୍କ ପରିବହନ ମନ୍ତ୍ରୀ ଚି. ଜ ଟାଟ୍‌ଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଅଂଶଗ୍ରହଣ କରିଥିଲେ। ଇଣ୍ଟିଗ୍ରେଟେଡ୍ ମଲ୍ଟିମୋଡାଲ ଲଜିଷ୍ଟିକ୍ ସମାଧାନର ବିକାଶ, ସିଙ୍ଗାପୁରର ଉନ୍ନତ ପରିବହନ ପ୍ରଣାଳୀ ଏବଂ ଡିଜିଟାଲ ମାଲ ପରିବହନ ତଥା ଉପକୂଳ ପରିବହନ ଉପରେ ଏହି • ପୃଷ୍ଠା ୫ ଦେଖନ୍ତୁ

## ଫ୍ରାନ୍ସ ରାଷ୍ଟ୍ରପତିଙ୍କୁ ଭେଟିଲେ ମୋଦୀ

# ସହଭାଗୀ ପ୍ରତିବଦ୍ଧତା ସୁଦୃଢ ଉପରେ ଗୁରୁତ୍ୱ




ନୂଆଦିଲ୍ଲୀ,୧୯।୧୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ବ୍ରାଜିଲର ରିଓ ଡି ଜେନେରିଓରେ ଜି-୨୦ ଶିଖର ସମ୍ମିଳନୀରେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନଙ୍କୁ ସାକ୍ଷାତ କରିଛନ୍ତି । ଜାନୁଆରୀରେ ଗଣତନ୍ତ୍ର ଦିବସ ସମାରୋହର ମୁଖ୍ୟ ଅତିଥି ଭାବରେ ରାଷ୍ଟ୍ରପତି ମାକ୍ରୋନ୍‌ଙ୍କ ଭାରତ ଗସ୍ତ ପରେ ଏବଂ ଜୁନ୍ ମାସରେ ଇଟାଲୀରେ ଅନୁଷ୍ଠିତ ଜି୭ ଶିଖର ସମ୍ମିଳନୀ ପରେ, ଚଳିତ ବର୍ଷ ଦୁଇ ନେତାଙ୍କ ମଧ୍ୟରେ ଏହା ତୃତୀୟ ବୈଠକ ଥିଲା । ଏହି ବୈଠକରେ ଦୁଇ ନେତା ଭାରତ-ଫ୍ରାନ୍ସ ରଣନୀତିକ ଭାଗିଦାରୀକୁ ଆଗକୁ ବଢ଼ାଇବା ସହିତ ଦ୍ୱିପାକ୍ଷିକ ସହଯୋଗ ତଥା ଅନ୍ତର୍ଜାତୀୟ ଭାଗିଦାରୀ ପାଇଁ ସେମାନଙ୍କର ସହଭାଗୀ ଦୃଷ୍ଟିକୋଣକୁ ପୁନଃ ପ୍ରତିପାଦିତ କରିଛନ୍ତି, ଯାହା ହୋରିଜନ୍ ୨୦୪୭ ରୋଡମ୍ୟାପ ଏବଂ ଅନ୍ୟାନ୍ୟ ଦ୍ୱିପାକ୍ଷିକ ଘୋଷଣାରେ ଦର୍ଶାଯାଇଛି । ପ୍ରତିରକ୍ଷା, ମହାକାଶ ଏବଂ ନାଗରିକ ଆଣବିକ ଶକ୍ତି ଭଳି ରଣନୀତିକ କ୍ଷେତ୍ର ସମେତ ଦ୍ୱିପାକ୍ଷିକ ସହଯୋଗରେ ହାସଲ ହୋଇଥିବା ଅଗ୍ରଗତିକୁ ସେମାନେ ପ୍ରଶଂସା କରିଥିଲେ ଏବଂ ରଣନୀତିକ ସ୍ୱାଧୀନତା ପାଇଁ ସେମାନଙ୍କର ସହଭାଗୀ ପ୍ରତିବଦ୍ଧତାକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ଏହାକୁ ଆହୁରି ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସେମାନେ ମଧ୍ୟ ଭାରତର ଜାତୀୟ ସଂଗ୍ରହାଳୟ ପ୍ରକଳ୍ପ ସମ୍ବନ୍ଧିତ ସହଯୋଗର ଅଗ୍ରଗତି ସମୀକ୍ଷା କରିଥିଲେ। ଦୁଇ ନେତା ଡିଜିଟାଲ୍ ପ୍ରଯୁକ୍ତି ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ଡିଜିଟାଲ୍ ପବ୍ଲିକ୍ ଇନ୍ଫ୍ରାଷ୍ଟ୍ରକ୍ଚର୍ ଉପରେ ଭାରତ-ଫ୍ରାନ୍ସ ସହଭାଗିତା ସହ ବାଣିଜ୍ୟ, ପୁଞ୍ଜି ନିବେଶ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମଜବୁତ ସମ୍ପର୍କକୁ ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ଫ୍ରାନ୍ସରେ ଆଗାମୀ ଏଆଇ ଆକ୍ସନ ସମ୍ମିଳନୀର ଆୟୋଜନ ପାଇଁ ରାଷ୍ଟ୍ରପତି ମାକ୍ରୋନଙ୍କ ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଥିଲେ । ଭାରତ-ପ୍ରଶାନ୍ତ କ୍ଷେତ୍ର ସମେତ ଆଞ୍ଚଳିକ ତଥା ଅନ୍ତର୍ଜାତୀୟ ପ୍ରସଙ୍ଗରେ ଉଭୟ ନେତା ମତ ବିନିମୟ କରିଥିଲେ । ବହୁପକ୍ଷବାଦକୁ ପୁନର୍ଜୀବିତ କରିବା ଏବଂ ସେଥିରେ ସୁଧାର ଆଣିବା ଏବଂ ଏକ ସ୍ଥିର ଅନ୍ତର୍ଜାତୀୟ ଶୃଙ୍ଖଳା ଗଢ଼ିବାରେ ମିଳିତ ଭାବରେ କାର୍ଯ୍ୟ କରିବାକୁ ସେମାନେ ସେମାନଙ୍କର ପ୍ରତିବଦ୍ଧତାକୁ ନିଶ୍ଚିତ କରିଛନ୍ତି ।

## ଆଜି ମହାରାଷ୍ଟ୍ର, ଝାଡ଼ଖଣ୍ଡରେ ମତଦାନ

# ବୁଥ୍ ମୁହାଁ ପୋଲିଂ ପାର୍ଟି




ନୂଆଦିଲ୍ଲୀ,୧୯।୧୧: ବୁଧବାର ମହାରାଷ୍ଟ୍ର ବିଧାନସଭାର ମୋଟ ୨୮୮ ଆସନ ପାଇଁ ମତଦାନ ଗ୍ରହଣ କରାଯିବ। ଏଥିପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରସ୍ତୁତି ପର୍ବ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ପୋଲିଂ ପାର୍ଟି ବୁଥମାନଙ୍କରେ ପହଞ୍ଚୁଥିବା ଦେଖିବାକୁ ମିଳୁଛି। ମହାରାଷ୍ଟ୍ରରେ ବିଜେପି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ପ୍ରଚାର କରିଥିବାବେଳେ ଇଣ୍ଡି ମେଣ୍ଟପାଇଁ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ, ରାହୁଲ ଗାନ୍ଧୀ ପ୍ରମୁଖ ପ୍ରଚାର ମଇଦାନରେ ନିଜକୁ ସାମିଲ କରିଥିଲେ। ଅନ୍ୟପକ୍ଷରେ ଝାଡ଼ଖଣ୍ଡରେ ମଧ୍ୟ ବୁଧବାର ବାକି ରହିଥିବା ୩୮ଟି ଆସନ ପାଇଁ ମତଦାନ ହେବ। ଗତ ୧୩ ତାରିଖରେ ଝାଡ଼ଖଣ୍ଡରେ ୪୩ଟି ଆସନ ପାଇଁ ଭୋଟଗ୍ରହଣ କରାଯାଇଥିଲା। ଆସନ୍ତା ୨୩ ତାରିଖରେ ଉଭୟ ରାଜ୍ୟର ଭୋଟଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ। ତେବେ ଏହି ଦୁଇ ରାଜ୍ୟରେ କିଏ ସରକାର ଗଢିବ ତାକୁ ନେଇ ସସ୍‌ପେନ୍ସ ଲାଗି ରହିଥିବାବେଳେ ଉଭୟ ଦଳ ବିଜୟ ହାସଲ କରିବେ ବୋଲି ଆଶା ବାନ୍ଧିଛନ୍ତି। ସୋମବାର ଏହି ଦୁଇ ରାଜ୍ୟରେ ପ୍ରଚାରର ଶେଷଦିନ ଥିଲା। ଉଭୟ ଦଳର ଭେଟେରାନ ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ସୂଚନାଯୋଗ୍ୟ ଯେ ଏହି ଦୁଇରାଜ୍ୟରେ ବିଜେପି ଓ ଇଣ୍ଡି ମେଣ୍ଟ ମଧ୍ୟରେ କଡା ଟକ୍କର ଲାଗି ରହିଛି।

## ଧୂଆଁର ଚାଦର ତଳେ ରାଜଧାନୀ ଦିଲ୍ଲୀ

# ଏୟାର କ୍ୱାଲିଟି ଇଣ୍ଡେକ୍ସ ୫୦୦ ଛୁଇଁଲା

- ସବୁଠୁ ପ୍ରଦୂଷିତ ସହର ଭାବେ ଦିଲ୍ଲୀ ପରିଗଣିତ
- କେନ୍ଦ୍ରକୁ ଚିଠି ଲେଖିଲେ ଦିଲ୍ଲୀ ପରିବେଶ ମନ୍ତ୍ରୀ
- କୃତ୍ରିମ ବର୍ଷାପାଇଁ ପଦକ୍ଷେପ ନେବାକୁ ଅନୁରୋଧ



ନୂଆଦିଲ୍ଲୀ, ୧୯।୧୧: ଧୂଆଁର ଚାଦର ତଳେ ଢାଙ୍କି ହୋଇ ରହିଯାଇଛି ଜାତୀୟ ରାଜଧାନୀ ଦିଲ୍ଲୀ। ପ୍ରଦୂଷଣ ସ୍ତର ଦିନକୁ ଦିନ ମୁସ୍କିଲ ହେବାରେ ଲାଗିଛି। ରାଜଧାନୀ ଦିଲ୍ଲୀ ଦେଶର ସବୁଠାରୁ ପ୍ରଦୂଷିତ ସହରରେ ପରିଣତ ହୋଇଛି। ମଙ୍ଗଳବାର ଦିଲ୍ଲୀର ଏୟାରକ୍ୱାଲିଟି ଇଣ୍ଡେକ୍ସ ୫୦୦ ଛୁଇଁଛି। ଅର୍ଥାତ୍ ଅତ୍ୟନ୍ତ ଗୁରୁତର ଶ୍ରେଣୀରେ ରହିଛି ଦିଲ୍ଲୀର ବାୟୁ ଅବସ୍ଥା। ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ପ୍ରଦୂଷଣ ଯୋଗୁ ଦୃଶ୍ୟମାନ କମିକମି ଚାଲିଛି। ଫଳରେ ଗାଡ଼ି ଚଳାଚଳରେ ଅସୁବିଧା ଉପୁଜିଛି। ପ୍ରଦୂଷଣକୁ ଦୃଷ୍ଟିରେ ରଖି ଦିଲ୍ଲୀର ସମସ୍ତ ସ୍କୁଲକୁ ୨୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ସେହିପରି ଘରୋଇ ଅଫିସର କର୍ମଚାରୀଙ୍କୁ ୱାର୍କ ଫ୍ରମ ହୋମ୍ କରିବାକୁ ପରାମର୍ଶ ଦିଆଯାଇଛି। ବୟସ୍କ ଓ ଛୋଟ ପିଲାଙ୍କୁ ଘରୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଇଛି। ଦିଲ୍ଲୀର ସ୍ଥିତି ଦେଖି ଦିଲ୍ଲୀ ସରକାର ହାତ ଟେକି ଦେଇଛନ୍ତି। ଏବେ କେବଳ କୃତ୍ରିମ ବର୍ଷା ହିଁ ଭରଷା। ପ୍ରଦୂଷଣରୁ ମୁକ୍ତି ପାଇବା ପାଇଁ ଦିଲ୍ଲୀରେ କୃତ୍ରିମ ବର୍ଷା କରାଇବାକୁ ଦିଲ୍ଲୀ ପରିବେଶ ମନ୍ତ୍ରୀ ଗୋପାଳ ରାୟ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଏହା ଏକ • ପୃଷ୍ଠା ୫ ଦେଖନ୍ତୁ

## ଶ୍ରୀଜଗନ୍ନାଥଙ୍କ ଜମି ଜାଲିଆତି ଘଟଣା


# ତଦନ୍ତ ଆରମ୍ଭ କଲା ଶ୍ରୀମନ୍ଦିର ପ୍ରଶାସନ



ପୁରୀ,୧୯।୧୧(ଭାସ୍କର ନ୍ୟୁଜ): ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଙ୍ଗଳବାର ମାଟିପୋତା ମୌଜାରେ ଥିବା ଜମି କେଳେଙ୍କାରୀ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ଟିମ୍ ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଯେଉଁମାନେ ଶ୍ରୀମନ୍ଦିର ଜମି ଅକ୍ତିଆର କରିଥିବେ ବା ସେହି ଜମି ଉପରେ କୋଠା ନିର୍ମାଣ କରିଥିବେ, ସେଗୁଡ଼ିକୁ ଉଚ୍ଛେଦ କରାଯିବ ବୋଲି କହିଛନ୍ତି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ । ସେ ଆହୁରି କହିଛନ୍ତି ଯେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏ ନେଇ ବାସେଳିସାହି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ମାଟିପୋତା ମୌଜାର ୟୁନିଟ-୧ ଖାତା ନଂ ୩୮ରେ ୧୦୯ଟି ରେଭିନ୍ୟୁ ପ୍ଲଟ୍ ବେଆଇନ ଭାବେ ଜବରଦଖଲ ହୋଇଥିବା ସହ ହସ୍ତାନ୍ତର ହୋଇଥିବା ସୂଚନା ମିଳିଛି। ତେବେ କେଉଁମାନେ ଜମି କିଣିଛନ୍ତି ଓ ଘର ନିର୍ମାଣ କରିଛନ୍ତି ସେ ନେଇ ଟିମ୍ • ପୃଷ୍ଠା ୫ ଦେଖନ୍ତୁ

## ମିସାଇଲ ବ୍ୟବହାର କରିବାକୁ ୟୁକ୍ରେନକୁ ବାଇଡେନଙ୍କ ଅନୁମତି

# ପରମାଣୁ ହମ୍‌ଲାର ଧମକ ଦେଲେ ପୁଟିନ୍



ନୂଆଦିଲ୍ଲୀ,୧୯।୧୧: ୟୁକ୍ରେନ ଓ ରୁଷ ମଧ୍ୟରେ ଲାଗି ରହିଥିବା ଭୟଙ୍କର ଯୁଦ୍ଧକୁ ଇତିମଧ୍ୟରେ ହଜାରେ ଦିନ ବିତିଯାଇଛି। ଆକ୍ରମଣ ଓ ପ୍ରତି ଆକ୍ରମଣ ଯୋଗୁ ଉଭୟ ରାଷ୍ଟ୍ରର ବ୍ୟାପକ କ୍ଷୟକ୍ଷତି ଘଟିଛି। ଯୁଦ୍ଧ ଯୋଗୁ ରୁଷ ଅପେକ୍ଷା ୟୁକ୍ରେନ ଅଧିକ କ୍ଷତି ସହିଥିବାବେଳେ ୟୁକ୍ରେନ ରୁଷ ନିକଟରେ ଏଯାଏ ହାର୍ ମାନିନାହିଁ। ୟୁକ୍ରେନର ଅନେକ ବଡ଼ ବଡ଼ ସହର ମାଟିରେ ମିଶିଯାଇଛି। ଏବେ ବି ୟୁକ୍ରେନ ରୁଷ ବିରୁଦ୍ଧରେ ଯୁଦ୍ଧ ଜାରି ରଖିଛି। ତେବେ ଯୁଦ୍ଧକୁ ହଜାରେ ଦିନ ପୁରି ଯାଇଥିବାବେଳେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଏକ ବଡ଼ ଘୋଷଣା କରିଛନ୍ତି। ଆମେରିକା ପକ୍ଷରୁ ୟୁକ୍ରେନକୁ ଦିଆଯାଇଥିବା ବଡ଼ ବଡ଼ ମିସାଇଲକୁ ରୁଷ ବିରୁଦ୍ଧରେ ପ୍ରୟୋଗ କରିବା ପାଇଁ ବାଇଡେନ୍ ଅନୁମତି ଦେଇଛନ୍ତି। ବାଇଡେନଙ୍କ ଏହି ଅନୁମତି ପରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପ୍ରଚଣ୍ଡ କ୍ଷୁବ୍ଧ ହୋଇଛନ୍ତି। ପୁଟିନ୍ ଆଣବିକ ନୀତି ବଦଳାଇ ଏକ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯଦି ଗୋଟିଏ ଆଣବିକ ଯୁଦ୍ଧାସ୍ତ୍ର ରାଷ୍ଟ୍ର ଅଣ ଆଣବିକ ଯୁଦ୍ଧାସ୍ତ୍ର ରାଷ୍ଟ୍ରକୁ ସମର୍ଥନ ଜଣାଇବ ତେବେ ସ୍ଥିତି ଭୟଙ୍କର ହେବ ବୋଲି ପୁଟିନ କହିଛନ୍ତି। ସୂଚନାଯୋଗ୍ୟ ଯେ ଆମେରିକା ନିର୍ମିତ ଆଟାସିମିସ୍ ମିସାଇଲ ଦ୍ୱାରା ରୁଷ ଉପରେ ଆକ୍ରମଣ କରିବାକୁ ବାଇଡେନ୍ ଅନୁମତି ପ୍ରଦାନ କରିଛନ୍ତି। ଆଉ ଦୁଇମାସ ପରେ ବାଇଡେନ ରାଷ୍ଟ୍ରପତି ପଦରୁ ବିଦାୟ ନେବେ । ତାଙ୍କ ସ୍ଥାନରେ ଡୋନାଲ୍ଡ ଟ୍ରମ୍ପ ଦାୟିତ୍ୱ ଗ୍ରହଣ କରିବେ। ଏହାପୂର୍ବରୁ • ପୃଷ୍ଠା ୫ ଦେଖନ୍ତୁ

## ଟ୍ରକ୍‌ରେ ପିଟିହେଲା ଇନୋଭା

# ଚାଲିଗଲା ୬ ଜୀବନ



ଡେରାଡୁନ୍,୧୯।୧୧: ଦ୍ରୁତଗତି ଆଣିଲା ମହାବିପତ୍ତି। ବିଏମ୍‌ଡବ୍ଲୁ କାର୍ ସହ ରେସ୍ କରିବା ପଡ଼ିଲା ମହଙ୍ଗା। ଟ୍ରକ୍‌ରେ ପିଟିହେଲା ଇନୋଭା। ଘଟଣାସ୍ଥଳରେ ଚାଲିଗଲା ୬ ଅମୂଲ୍ୟ ଜୀବନ। ମୃତକଙ୍କ ମଧ୍ୟରେ ୩ ଯୁବକ ଥିବାବେଳେ ୩ ଯୁବତୀ ରହିଛନ୍ତି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଇନୋଭାଟି ଭାଙ୍ଗି ଚୁରମାର ହୋଇଯାଇଛି। ଏଥିରେ ଆଉ ଜଣେ ଗୁରୁତର ହୋଇଛନ୍ତି। ମଙ୍ଗଳବାର ଭୋର ସମୟରେ ଉତ୍ତରାଖଣ୍ଡର ରାଜଧାନୀ ଡେରାଡୁନରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମୃତକଙ୍କ ମଧ୍ୟରୁ ୫ଜଣଙ୍କ ଘର ଡେରାଡୁନ ବୋଲି ସୂଚନା ମଧ୍ୟ ଦିଆଯାଇଛି। ସମସ୍ତ ମୃତକଙ୍କ ବୟସ ୨୫ ବର୍ଷ ଭିତରେ ଓ ସମସ୍ତେ ପାଠ ପଢୁଥିଲେ। ଉତ୍ତରାଖଣ୍ଡର ଜଣେ ପୋଲିସ ଅଧିକାରୀ କହିଥିଲେ ଯେ ଇନୋଭା କାର୍‌ଟିର ଗତି ୧୨୦ କିମିରୁ ଅଧିକ ରହିଥିଲା। • ପୃଷ୍ଠା ୫ ଦେଖନ୍ତୁ

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଭଞ୍ଜନଗର (ଭାସ୍କର ନ୍ୟୁଜ): ଡିଏଭି ପବ୍ଲିକ ସ୍କୁଲ ଭଞ୍ଜନଗର ମଧ୍ୟରେ ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଶ୍ରୀ ସାତ୍ୟକି ସାହୁ, ଓଡ଼ିଆ ସାହିତ୍ୟ ବିଶାରଦ ଓ ଲେଖକ ଡ.ସୁରେଶ ଚନ୍ଦ୍ର ପଣ୍ଡା, ଆସ୍କା ବିଜ୍ଞାନ ମହାବିଦ୍ୟାଳୟ ହିନ୍ଦୀ ଅଧ୍ୟାପକ ଶ୍ରୀ ରାଜେଶ କୁମାର ସାହୁ, ରାଜ ଯୋଗିନୀ ବ୍ରହ୍ମ କୁମାରୀ ଆଶ୍ରମର ସଂଯୋଜିକା ଉଷାରାଣୀ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ବାସୁଦେବ ପାଣିଗ୍ରାହୀ ମୁଖ୍ୟ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସମସ୍ତ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆରମ୍ଭ କରାଯାଇଥିଲା। ଇଂରାଜୀ ବିଭାଗର ଶିକ୍ଷୟିତ୍ରୀ ମମତା ତ୍ରିପାଠୀ ଅତିଥି ମାନଙ୍କ ପରିଚୟ ପ୍ରଦାନ କରାଇଥିଲେ। ସାହିତ୍ୟ ସମ୍ମିଳନୀ ମାଧ୍ୟମରେ ବିତର୍କ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଓଡ଼ିଆ ଶିକ୍ଷୟିତ୍ରୀ ମାଗ୍ରୀ ରାଣୀ ପାଣିଗ୍ରାହୀ ତ୍ରିବିଭାଗର ସମନ୍ୱୟ ପ୍ରତିଷ୍ଠା କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଅତିଥିମାନଙ୍କୁ ସାହିତ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚରାଯାଇଥିଲା। ଏହି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଇଂରାଜୀ ବିଭାଗ ତରଫରୁ ଶିକ୍ଷୟିତ୍ରୀ ଜି. ସ୍ମିତା ରାଣୀ, ହିନ୍ଦୀ ବିଭାଗ ତରଫରୁ ଶିକ୍ଷୟିତ୍ରୀ ଗୋପାଳ କୃଷ୍ଣ ଗୌଡ଼, ଓଡ଼ିଆ ବିଭାଗ ତରଫରୁ ଶିକ୍ଷକ ଚିରଞ୍ଜନ ଆଚାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ହିନ୍ଦୀ ବିଭାଗର ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ସହଯୋଗ ପ୍ରଦାନ କରିଥିଲେ।



# ନବାକାଂକ୍ଷା କାର୍ଯ୍ୟକ୍ରମ: ବରପାଲିରେ ଶତାଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ବରଗଡ଼(ଭାସ୍କର ନ୍ୟୁଜ): ମୁରଲୀ କ୍ରାଷ୍ଣା ଫାଉଣ୍ଡେସନ୍ ଏବଂ କ୍ରାଷ୍ଣା ବିକାଶ ଗ୍ରୁପ୍ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବିକାଶ ମଲ୍ଟି-ସ୍ପେସିଆଲିଟି ହସ୍ପିଟାଲ, ବରଗଡ଼ର ମିଳିତ ଆନୁକୂଲ୍ୟରେ ୧୭ ନଭେମ୍ବର ୨୦୨୪ (ରବିବାର)ରେ ବରଗଡ଼ ଜିଲ୍ଲାର ବରପାଲି ବ୍ଲକ୍ ଅନ୍ତର୍ଗତ ସାଇ ମନ୍ଦିର ପରିସରରେ କ୍ରାଷ୍ଣା ବିକାଶ, ବରଗଡ଼ର 'ନବାକାଂକ୍ଷା' - କ୍ୟାରିଅର୍ କାଉନ୍ସେଲିଂ ଦ୍ୱାରା ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ସ୍କୁଲ୍ ଲିଡର୍ ପୁରସ୍କାରରେ ସମ୍ମାନିତ କରିବା କାର୍ଯ୍ୟକ୍ରମ ମହାସମାରୋହରେ ଆୟୋଜିତ ହୋଇଯାଇଛି। ଗା' ସହିତ ବରପାଲି, ସୋହେଲା, ବିଜେପୁର ଓ ଡୁଙ୍ଗୁରିପାଲି ଅଞ୍ଚଳର ଶିକ୍ଷା, ନୃତ୍ୟ, କ୍ରୀଡ଼ା, କଳା ଓ ସଂସ୍କୃତି ସହ ଜଡ଼ିତ ଅନେକ ସୁନାମଧନ୍ୟ ବ୍ୟକ୍ତିତ୍ୱ - ତ୍ରିଲୋଚନ ପ୍ରଧାନ, ଅରୁଣ ପଣ୍ଡା, ଶୋଭାଙ୍କର ପଟେଲ, ଗିରିଜା ଶଙ୍କର ଆଚାର୍ଯ୍ୟ, ଅସିତ କୁମାର ଦାସ, କୈଳାସ ମେହେର, ସୁକାନ୍ତି ମେହେର, ଶ୍ରୀ ରାଜେଶ କଣ୍ଡୁଆ, ଭିକାରି ମେହେର, ଅରୁଣ ମେହେର, ମନବୋଧ ରଣା, ଗୋପାଳ ସାହୁ ଓ ଚନ୍ଦ୍ର ଶେଖର ରାଉତଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ମୋଟ୍ ୪୦ଟି ଉଚ୍ଚ ମାଧ୍ୟମକ ସ୍କୁଲ୍ ତଥା ସିବିଏସ୍ଇ ସ୍କୁଲ୍ର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପୁର ନିର୍ବାଚନ ମଣ୍ଡଳିର ବିଧାୟକ ସନତ କୁମାର ଗଡତିଆ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମଟି ଦୁଇଟି ଅଧିବେଶନରେ ହୋଇଥିଲା। ପ୍ରଥମ ଅଧିବେଶନରେ ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀ ବିଶ୍ୱ ପ୍ରସାଦ ରାଉଳଙ୍କ ତତ୍ତ୍ୱାବଧାନରେ ଏକ କ୍ୱିଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ କ୍ରାଷ୍ଣା ବିକାଶ ଗ୍ରୁପ୍ ଓ ମୁରଲୀ କ୍ରାଷ୍ଣା ଫାଉଣ୍ଡେସନ୍ର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଡି.ମୁରଲୀ କ୍ରାଷ୍ଣା, ବିକାଶର ପୂର୍ବବର୍ଷର ଉଚ୍ଚ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷାବିତ୍ଙ୍କ ଉପସ୍ଥିତିରେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣପୂର୍ବକ ଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଚେୟାରମେନ୍ କ୍ୟାରିଅର୍ କାଉନ୍ସେଲିଂ ଉପରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ସହିତ ନିଜର ଭବିଷ୍ୟତକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀମାନେ କିପରି ପାଠ ପଢ଼ିବେ, ତାଙ୍କ ସଙ୍କଳ୍ପିତ ସ୍ୱପ୍ନ କିପରି ଭାବରେ ସିଦ୍ଧିଲାଭ ହେବ ସେ ସହ ଛାତ୍ରଛାତ୍ରୀମାନଙ୍କ କିପରି ସର୍ବାଙ୍ଗୀନ ଉନ୍ନତି ଏବଂ ଚରିତ୍ର ଗଠନ ସାଧିତ ହୋଇପାରିବ, ସେ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ଅତିଥି ପରିଚୟ ତଥା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ବିକାଶ ଆବାସିକ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଡେମିକ୍ ଏବଂ କୋକରିକୁଲାର୍ ଏକ୍ଟିଭିଟିଜ୍ରେ ଗତ ୩ ବର୍ଷର ଉଚ୍ଚମାନର ଫଳାଫଳର ବିବରଣୀ ପ୍ରଦାନ କରି ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ପଶ୍ଚିମ ଓଡ଼ିଶାର କ୍ୟାରିଅର୍ ଗଢ଼ିବାର ଏକ ଉତ୍କୃଷ୍ଟ ବାତାବରଣ ମହଜୁଦ୍ ଅଛି ବୋଲି ମତପ୍ରଦାନ କରି ଉତ୍ସାହିତ କରିଥିଲେ। କ୍ରାଷ୍ଣା ବିକାଶ, ବରଗଡ଼ ଦ୍ୱାରା ପ୍ରତିଷ୍ଠାନରେ ଅଧ୍ୟୟନ କରି ଜେଇଇ, ନିଟ୍, ସିୟୁଇଟି, ଦଶମ, ଦ୍ୱାଦଶ ବୋର୍ଡ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ବରପାଲି, ସୋହେଲା, ବିଜେପୁର ଓ ଡୁଙ୍ଗୁରି ପାଲି ଅଞ୍ଚଳର ଛାତ୍ରଛାତ୍ରୀ ପ୍ରିୟାଂଶୁ ଅଗ୍ରୱାଲ, ସତ୍ୟମ ସାଇ ପୃଷ୍ଟି, ଡୋଲେଶ୍ୱର ମେହେର, ଭାରତୀ ମେହେର, ଲୋକନାଥ ଗଡତିଆ, ରିଦ୍ଧି ଅଗ୍ରୱାଲ, ମୁସକାନ ଅଗ୍ରୱାଲ, ଆୟୁସ ଦାସ, ଶ୍ରୁତିସ୍ମିତା ହୋତା, ଚନ୍ଦନ କୁମାର ଦାସ, ଶମ୍ଭୁ ଗୁପ୍ତା ତଥା ଅଭିଭାବକମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନ ଯୋଗଦାନ କରିଥିବା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଆୟୋଜିତ କ୍ୱିଜ୍ ପ୍ରତିଯୋଗିତାରେ ପ୍ରଗତି ସରକାରୀ ଉଚ୍ଚ ବିଦ୍ୟାଳୟ ଧାଙ୍ଗେର ପାଲିର ଛାତ୍ର ଶୁଭମ ବୁଡେକ୍ ପ୍ରଥମ ସ୍ଥାନ, ଓଡ଼ିଶା ଆର୍ଦର୍ଶ ବିଦ୍ୟାଳୟର ଛାତ୍ର ଅଙ୍କିତ କୁମାର ସାହୁ ଦ୍ୱିତୀୟ ସ୍ଥାନ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ, କନବାରର ନୈତିକ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଅନୁରୂପ ଭାବରେ ଏଥିରେ ନୃତ୍ୟ ପରିବେଷଣ କରିଥିବା କ୍ରାଷ୍ଣା ବିକାଶ ବରଗଡ଼, ସୋହେଲା ପବ୍ଲିକ ସ୍କୁଲ, ପଣ୍ଡକିଟାଲ୍ ଉଚ୍ଚ ବିଦ୍ୟାଳୟ, ତେଲେଙ୍ଗ ଉଚ୍ଚ ବିଦ୍ୟାଳୟ, ପେଟୁପାଲି ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ସିବିଏସ୍ଇ ସ୍କୁଲର ଅଧ୍ୟକ୍ଷ, ଓଡ଼ିଆ ମାଧ୍ୟମିକ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଏବଂ ସ୍ମୃତିଫଳକ ପ୍ରଦାନ କରି ସ୍କୁଲ ଲିଡର୍ ଏୱାର୍ଡରେ ସମ୍ବର୍ଦ୍ଧିତ କରାଯାଇଥିଲା। ସୋହେଲା, ବିଜେପୁର ଓ ଡୁଙ୍ଗୁରି ପାଲିର ଉପସ୍ଥିତ ସମସ୍ତ ସାମ୍ବାଦିକମାନଙ୍କୁ ଉପଢୌକନ ଓ ସ୍ମୃତିଫଳକ ଦେଇ ସମ୍ମାନିତ କରାଯାଇଥିଲା। ମୁରଲୀ କ୍ରାଷ୍ଣା ଫାଉଣ୍ଡେସନ୍ ଏବଂ କ୍ରାଷ୍ଣା ବିକାଶ ଗ୍ରୁପର ଏହି ଅଭିନବ ପ୍ରୟାସକୁ ନବାକାଂକ୍ଷା କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଉଚ୍ଚପ୍ରଶଂସା କରି ଆଗାମୀ ବର୍ଷମାନଙ୍କରେ ଏହି କାର୍ଯ୍ୟକ୍ରମକୁ ଜାରି ରଖିବା ପାଇଁ ମତପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ରାଷ୍ଣା ବିକାଶ ଛାତ୍ରଛାତ୍ରୀ ଅନନ୍ୟା ରଥ, ମେହୁ ପାଣ୍ଡେ, ଦିବ୍ୟାଂଶ ମିଶ୍ର, ଶଗୁନ ପଣ୍ଡା ଓ ଅକ୍ଷରା ରାନୀ ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଙ୍ଗନୱାଡ଼ିକୁ ଆସିଥିବା ମିଲେଟ୍ ପ୍ରୋଟିନ୍ ସେକ୍‌ରେ ପୋକ ଅଭିଯୋଗ

ବେଲପାହାଡ଼,( ଭାସ୍କର ନ୍ୟୁଜ୍ ): ଅଙ୍ଗନୱାଡ଼ିକୁ ଆସିଥିବା ମିଲେଟ୍ ପ୍ରୋଟିନ୍ ସେକ୍‌ରେ ପୋକ ଥିବା ଅଭିଯୋଗ ହୋଇଛି। ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ପଞ୍ଚଗାଁ ପଞ୍ଚାୟତରେ ଏହି ସାଂଘାତିକ ଚିତ୍ର ସାମ୍ନାକୁ ଆସିଛି। ପଞ୍ଚଗାଁ ଅଙ୍ଗନୱାଡ଼ି କେନ୍ଦ୍ରର କୋମଳମତି ଶିଶୁଙ୍କ ପାଇଁ ଆସିଥିବା ମିଲେଟ୍ ପ୍ରୋଟିନ୍ ସେକ୍‌ରେ ପୋକ ବାହାରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଅଭିଭାବକ ତଥା ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ଅନୁସାରେ ରବିବାର ସକାଳ ୯ଟାରେ ଆର ଜେ ୦୧ଜି ବି ୯୩୦୭ ନମ୍ବର ବିଶିଷ୍ଟ ଏକ ମିନି ଟ୍ରକ୍ ଯୋଗେ ମିଲେଟ୍ ପ୍ରୋଟିନ୍ ସେକ୍ ପଞ୍ଚଗାଁ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସିଥିଲା। ଉକ୍ତ ମିଲେଟ୍ ପ୍ରୋଟିନ୍ ସେକ୍ ପେଟିଗୁଡ଼ିକୁ ଗାଡ଼ିରୁ ଅନ୍‌ଲୋଡ଼୍ କରି ଏକ ରିକ୍ସା ସାହାଯ୍ୟରେ ପଞ୍ଚଗାଁ ଅଙ୍ଗନୱାଡ଼ି କେନ୍ଦ୍ରକୁ ନେବା ସମୟରେ ସେଥିରେ ପୋକ ସାଲୁବାଲୁ ହେଉଥିବା ସ୍ଥାନୀୟ ଲୋକଙ୍କ ଦୃଷ୍ଟିଗୋଚର ହୋଇଥିଲା। ଏ ସମ୍ପର୍କରେ ଲଖନପୁର ବ୍ଲକ ସିଡିପିଓ ଲକ୍ଷ୍ମୀପ୍ରିୟା ବହିଦାରଙ୍କୁ ପଚାରିବାରୁ ପଞ୍ଚଗାଁ ଅଙ୍ଗନୱାଡ଼ି କେନ୍ଦ୍ରକୁ ୩୦୦ ପେଟି ପ୍ରୋଟିନ୍ ସେକ୍ ଏବଂ ଅବଶିଷ୍ଟ୍ୟଶ ଲଖନପୁର ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସିଥିଲା ଓ ସେଥିରୁ ପୋକ ବାହାରିବା ଘଟଣା ସାମ୍ନାକୁ ଆସିବା ପରେ ସେ ସବୁକୁ ଫେରେଇ ଦିଆଯାଇଥିବା ପ୍ରକାଶ କରିଛନ୍ତି।

# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ସମିତି ବୈଠକ

ଝାରସୁଗୁଡ଼ା(ଭାସ୍କର ନ୍ୟୁଜ): ଚଳିତ ବର୍ଷ ୨୦୨୪-୨୫ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଚାଷୀ ପ୍ରତିନିଧି ଏବଂ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ମିଲରମାନେ ଉପସ୍ଥିତ ଥିଲେ। ବୈଠକରେ ଆଲୋଚନା ଅନୁଯାୟୀ ଖରିଫ ବର୍ଷ ୨୦୨୪-୨୫ ପାଇଁ ଆସନ୍ତା ଡିସେମ୍ବର ୯ ତାରିଖରୁ ଜିଲ୍ଲାରେ ୩୨ଟି ପାକ୍ସ ଓ ୨୮ଟି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସାଧାରଣ ଧାନ କ୍ୱିଣ୍ଟାଲ ପିଛା ୨୩ଶହ ଟଙ୍କାରେ କ୍ରୟ କରାଯିବ। ଚଳିତବର୍ଷ ପ୍ରତ୍ୟେକ ମଣ୍ଡି ପାଇଁ ଆର. ଆଇ କିମ୍ବା ଭି ଏ ଡବ୍ଲ୍ୟୁ କିମ୍ବା ପି ଇ ଓ ନୋଡାଲ ଅଧିକାରୀ ଭାବରେ ଦାୟିତ୍ୱରେ ରହିବେ। ଏହି ନୋଡାଲ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ମଣ୍ଡିର ସୁପରିଚାଳନା କରାଯିବ ବୋଲି ଜିଲ୍ଲାପାଳ ବୈଠକରେ ସୂଚନା ଦେଇଥିଲେ। ଚଳିତ ବର୍ଷ କଟନି ଛଟନି ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଛି। କୌଣସି ମଣ୍ଡିରେ କଟନି ଛଟନି ସମ୍ପର୍କିତ ସୂଚନା ପାଇଲେ ସମ୍ପୃକ୍ତ ବ୍ୟକ୍ତିବିଶେଷ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସତର୍କ କରାଇଛନ୍ତି। ପାକ୍ସ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଧାନକିଣା ଯେପରି ବ୍ୟବସ୍ଥିତ ଢଙ୍ଗରେ ହେବ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ଚଳିତବର୍ଷ ଜିଲ୍ଲାରେ ସ୍ୱଳ୍ପ ବୃଷ୍ଟିପାତ ସକାଶେ ମରୁଡ଼ି ଆଶଙ୍କା ସୃଷ୍ଟି ହୋଇଥିବା ଚାଷୀମାନେ ଜିଲ୍ଲାପାଳଙ୍କର ଦୃଷ୍ଟି ଆକର୍ଷଣ କରିବା ସହ ଚାଷୀମାନେ ଏଫ୍ଏକ୍ୟୁ ମାନର ଧାନ ଦେଇପାରିବେ ନାହିଁ ବୋଲି କହିଥିଲେ। ଏ ସମ୍ପର୍କରେ ଉପଯୁକ୍ତ ଫୋରମରେ ଅବଗତ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ଚଳିତ ବର୍ଷ ଜିଲ୍ଲାରେ ଧାନ କ୍ରୟ ପାଇଁ ୨୧୭୨୯ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଜିଲ୍ଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର ମଣ୍ଡିରେ ଧାନ କ୍ରୟ, ଟୋକନ ଅବଧି,ନୋଡାଲ ଅଧିକାରୀ ଏବଂ ସୁପରଭାଇଜର ମାନଙ୍କର ଦାୟିତ୍ୱ ଓ ଭୂମିକା ଆଦି ସମ୍ପର୍କରେ ସୂଚନା ଦେଇଥିଲେ।

# ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ରାୟଗଡ ବ୍ଲକ ଅନ୍ତର୍ଗତ ସନତୁଣ୍ଡି ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଶ୍ରୀ ଜତିନ୍ଦ୍ର କୁମାର ପଣ୍ଡା , ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି,ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ସନତୁଣ୍ଡି ଗ୍ରାମ ପଞ୍ଚାୟତ ସମେତ ରାୟଗଡ,କରଡ଼ାସିଂ ଓ ଏସ୍.କରଡ଼ାସିଂ ପଞ୍ଚାୟତର ସମୁଦାୟ ମୋଟ-୧୮୩ ଗୋଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୮୮ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୯୫, ଗୋଟିଏ ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି ଓ ଅନ୍ୟ ଅଭିଯୋଗ ଗୁଡିକ ମଧ ତୁରନ୍ତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଦୁଇ ଜଣଙ୍କୁ ଯୁଇଲ୍ ଚ୍ୟାର୍ ଓ ଅନ୍ୟ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ରାୟଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ପୂର୍ଣ୍ଣବାସୀ ନାୟକ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସୁଧୀର ସିଂ,ତହସିଲଦାର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ଅଲ୍ଲୀ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ସନ୍ତୋଷ ନାୟକ ସ୍ଥାନୀୟ ସରପଞ୍ଚ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ।

# ସନାତନ ବୋର୍ଡ ଗଠନ ପାଇଁ ଦାବି




ଉମରକୋଟ (ଭାସ୍କର ନ୍ୟୁଜ୍): ସୁନାମଧନ୍ୟ ପ୍ରବଚକ ଦେବକୀ ନନ୍ଦନ ଠାକୁରଜୀ ଓ ବାଘେଶ୍ୱର ଧାମର ପୀଠେଶ୍ୱର୍ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀଜି ଓ ଭାରତର ବିଶିଷ୍ଟ ସାଧୁସନ୍ଥଙ୍କ ପ୍ରଚେଷ୍ଟାରେ ଆସନ୍ତା ୧୬ ତାରିଖ ଦିନ ଭାରତର ରାଜଧାନୀ ନୂଆ ଦିଲ୍ଲୀ ଠାରେ ଏକ ବିଶାଳ ହିନ୍ଦୁ ଶୋଭା ଅନୁଷ୍ଠିତ ହେବ। ଏହାକୁ ସମର୍ଥନ କରି ଉମରକୋଟ ବଜରଙ୍ଗ ଦଳ ପକ୍ଷରୁ ସନାତନ ଧର୍ମର ସୁରକ୍ଷା, ସମୃଦ୍ଧି ଓ ଉନ୍ନତି ଉଦ୍ଦେଶ୍ୟରେ ସନାତନ ବୋର୍ଡ ଗଠନ ନିମନ୍ତେ ଦାବି ଜଣାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉମରକୋଟ ବିଡିଓ ଙ୍କୁ ପ୍ରଦାନ କରା ଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକ ବିଶାଳ ଶୋଭାଯାତ୍ରା ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ବାହାରି ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ପଥପ୍ରାନ୍ତ ଶୋଭା କରାଯିବା ପରେ ଦାବିପତ୍ର ବିଡିଓ ଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ସଭାପତି କୃପା ରାମ ସାହୁ, କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ସାହୁ, ସମ୍ପାଦକ ବାଳକୃଷ୍ଣ ପଟ୍ଟନାୟକ, ପ୍ରଖଣ୍ଡ ସଭାପତି ଅଶୋକ କୁମାର ପ୍ରଧାନ, ସମ୍ପାଦକ ଅଶୋକ କୁମାର ପାତ୍ର, ସୁମିତ ଦଳେଇ, ସନ୍ତୋଷ କୁମାର ଜେନା, ସୁବାଷ ବିଷୋୟୀ, ପ୍ରଫୁଲ୍ଲ ପାତ୍ର,ଦେବେନ୍ଦ୍ର ଦାସ, ବାଳକୃଷ୍ଣ ସାହୁ, ରମେଶ ଦୋରା, ପଙ୍କଜ ପାତ୍ର, ମିଲୁ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ମାନବ ଅଧିକାର ସୁରକ୍ଷା ଦିଗରେ ଅନୁଷ୍ଠାନମାନେ ନିସ୍ୱାର୍ଥ ସେବା ଯୋଗାଇଦେବା ଆବଶ୍ୟକ: ସମାଜସେବୀ ସୁଶାନ୍ତ ସାବତ

ବ୍ରହ୍ମପୁର(ଭାସ୍କର ନ୍ୟୁଜ): ଭାରତ ସମେତ ବିଶ୍ୱ ର ବହୁ ଦେଶରେ ମାନବ ଅଧିକାର କ୍ଷୁର୍ଣ୍ଣ ହେଉଛି। କର୍ପର୍ଟ ହାଉସ, ପୋଲିସ, ଅସାମାଜିକ ବ୍ୟକ୍ତି ଙ୍କ ଦ୍ୱାରା ବହୁ ସମୟରେ ନିରୀହ ନାଗରିକ ମାନେ ଶୋଷିତ, ନିର୍ଯାତିତ ହେଉଥିବା ବେଳେ ସରକାର, ସମ୍ବିଧାନ ତୁରନ୍ତ ନ୍ୟାୟ ଦେବା ବା ସମସ୍ୟାର ସମାଧାନ କରିବାରେ ଅହେତୁକ ବିଳମ୍ବ କରିବା ଯୋଗୁ, ନିର୍ଯାତିତମାନେ ବିଭିନ୍ନ ସମାଜସେବୀ ଅନୁଷ୍ଠାନ ଓ ଗଣମାଧ୍ୟମର ସହଯୋଗ ନେଇଥାନ୍ତି। ଏଣୁ ସମାଜସେବୀ ଅନୁଷ୍ଠାନ ମାନେ ନିସ୍ୱାର୍ଥପର ଭାବେ ସେବା ଯୋଗାଇଦେବା ନିମନ୍ତେ ଖୋଡାସୀଙ୍ଗି ସ୍ଥିତ ନେନା ସେଲିବ୍ରେସନ ସମ୍ମିଳନୀ ପ୍ରକୋଷ୍ଠ ଅନ୍ତରରାଷ୍ଟ୍ରୀୟ ମାନବାଧିକାର ପରିଷଦର ୧୪ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଶିଷ୍ଟ ସମାଜସେବୀ ତଥା ଆନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନର ସଭାପତି ଶ୍ରୀ ସୁଶାନ୍ତ କୁମାର ସାବତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆହ୍ୱାନ କରିଛନ୍ତି। ଶ୍ରୀ ସାବତ ପ୍ରଦୀପ ପ୍ରଜ୍ୱଳନ ସହ କେକ କାଟି ଉତ୍ସବକୁ ଉଦଘାଟନ କରିଥିଲେ। ପ୍ରଥମେତ ପ୍ରାତଃ ସମୟରେ ପରିଷଦର ସମସ୍ତ ସଦସ୍ୟ ଲାଞ୍ଜିପଲ୍ଲୀସ୍ଥିତ ଦୀପ ସାହିକୁ ଯାଇ ସେଠାର ଅକ୍ଷବାଳ ବୃଦ୍ଧବନିତାକୁ ଅନ୍ତରରାଷ୍ଟ୍ରୀୟ ମାନବାଧିକାର ପରିଷଦ ବିଷୟରେ ଅବଗତ କରାଇଥିଲେ ଏବଂ ସେମାନଙ୍କୁ ଆଶ୍ୱସ୍ତି ଦେଇଥିଲେଯେ ଜୀବନର ସୁଖ ଦୁଃଖ ସବୁପର୍ଯ୍ୟାୟରେ ଏହି ପରିଷଦ ତାଙ୍କ ସହିତ ଅଛି ଏବଂ ତାଙ୍କୁ ତାଙ୍କ ଅଧିକାର ପାଇବାରେ ସାହାଯ୍ୟ କରିବ। ତାପରେ ପରିଷଦର ସଦସ୍ୟବୃନ୍ଦ ଯାଇଥିଲେ ପଣ୍ଡା କଲୋନୀସ୍ଥିତ ମେରିଲାକ ନର୍ସିହୋମ, ବୃଦ୍ଧାଶ୍ରମକୁ। ସେଠାରେ ମା' ମାନଙ୍କର ସ୍ୱାସ୍ଥ୍ୟଜନିତ ଅନେକ ସମସ୍ୟାର ସମାଧାନ କରିବା ସହିତ, ସେମାନଙ୍କ ସହିତ ସବୁ ସମୟରେ ରହି ତାଙ୍କ ଅଧିକାର ପାଇବାରେ ସାହାଯ୍ୟ କରିବେ ବୋଲି ପୂର୍ଣ୍ଣ ପ୍ରତିଶ୍ରୁତି ଦେଇଥିଲେ। ପରିଶେଷରେ ଅପରାହ୍ନରେ ଏହି ପରିଷଦର ସଦସ୍ୟମାନେ ମହାପ୍ରଭୁଙ୍କ ପାଖରେ ଦୀପ ପ୍ରଜ୍ୱଳନକରି ନିଜର ଦାୟିତ୍ୱ ସୁଚାରୁରୂପେ ପାଳନ କରିବେ ବୋଲି ସଂକଳ୍ପ ନେଇଥିଲେ। ପରିଷଦର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ହୋତା,ରାଜ୍ୟ ସଭାପତି ସାଇ ପ୍ରସାଦ ପରିଡ଼ା, ରାଜ୍ୟ ଖାଦ୍ୟ ଅଧିକାରୀ ବିଷ୍ଣୁ ଚରଣ ନାୟକ, ରାଜ୍ୟ ସଂଗଠନ ସମ୍ପାଦକ ରାମକୃଷ୍ଣ ଚର୍ଚ୍ଚି, ରାଜ୍ୟ ସହସମ୍ପାଦକ ଶ୍ରୀକାନ୍ତ ଚନ୍ଦ୍ର ସାବତ, ରାଜ୍ୟ ସାଧାରଣ ସମ୍ପାଦକ ଅଜିତ କୁମାର ରାଉଳ, ରାଜ୍ୟ କାର୍ଯ୍ୟନିର୍ବାହୀ ସଭାନେତ୍ରୀ ଶ୍ରୀମତୀ ଶୋଭାରାଣୀ, ଜିଲ୍ଲା ବୋର୍ଡ଼ ସଭାନେତ୍ରୀ ସରିତା ପଣ୍ଡା, ଜିଲ୍ଲା ଉପସଭାନେତ୍ରୀ ରୁନା ପାଣିଗ୍ରାହୀ, ଜିଲ୍ଲା ସଭାପତି ( ସିଭିଲ ) ଶିବରାମ ମହାରଣା, ଜିଲ୍ଲା ସମ୍ପାଦକ ଅଶୋକ କୁମାର ପାଳ, ଜିଲ୍ଲା ଯୁବ ସମ୍ପାଦକ କିରଣ କୁମାର ସାହୁ, ଜିଲ୍ଲା ଉପସଭାପତି ଜି. ପ୍ରକାଶ ପାତ୍ର, ଆଞ୍ଚଳିକ ଉପସଭାପତି କୈଳାସ ପାଢ଼ୀ, ବଲାଙ୍ଗୀର ଜିଲ୍ଲା ସଦସ୍ୟା ବିନ୍ଧ୍ୟାରାଣୀ ମିଶ୍ର ଏବଂ ଭୁବ୍ନେଶ୍ୱର କାର୍ଯ୍ୟାଳୟର ଅଧିକାରୀ ମିସ ସୁଜାତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



# ବିଦ୍ୟୁତ୍ ବିଭାଗର ଅବହେଳାରୁ ଆଇନଜୀବୀ ହନ୍ତସନ୍ତ

ଚିକିଟି/ଗଞ୍ଜାମ(ଭାସ୍କର ନ୍ୟୁଜ୍): ଚିକିଟି ଗଡ଼ ମୌଜାରେ ଥିବା ରଇତି ଜାଗାରେ ଥିବା ସହାୟକ ପୋଲ ହଟାଇବା ସକାଶେ ସ୍ଥାନୀୟ ଆଇନ ଜୀବୀ ମାନସ ରଞ୍ଜନ ପାଢ଼ୀ ଲିଖିତ ଅଭିଯୋଗ କରିଥିଲେ । ଅନେକ ଦିନ ହେଲା ସେ ଉକ୍ତ ବିଭାଗର ଅଧିକାରୀଙ୍କ ଆଦେଶ ଅପେକ୍ଷାରେ ରହି ନିଜର ଘର କାମ କରିପାରୁନଥିବା ମଧ ଦେଖିବାକୁ ମିଳୁଛି । ଏବେ ଉକ୍ତ ବ୍ୟକ୍ତି ଆଇନର ଆଶ୍ରୟ ନେବାକୁ ବାହାରିଲା ବେଳେ ବିଦ୍ୟୁତ ବିଭାଗ ତରବରିଆ ଭାବରେ ସହାୟକ ପୋଲ ବାହାର କରିବାକୁ ଏକଲକ୍ଷ ବୟାନବେ ହଜାର କିଛି ଦେୟ ପୈଠ କରିବାକୁ କହିଛନ୍ତି । ଏହାକୁ ନେଇ ଉକ୍ତ ଆଇନ ଜୀବୀ କହିଛନ୍ତି ଯେ ବିଭାଗୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ ନକରି କାର୍ଯ୍ୟାଳୟରେ ବସି ଆକଳନ କରିବା ଉଚିତ ନାହିଁ। ଏହା ପରେ ବିଦ୍ୟୁତ ବିଭାଗୀୟ ଅଧିକରଣ ନିୟମକୁ ଖୋଲା ଚ୍ୟାଲେଞ୍ଜ ଏଠାକାର ବିଭାଗ କରୁଥିବା ମଧ ଦେଖିବାକୁ ମିଳୁଛି ବୋଲି ମଧ ଅଭିଯୋଗ କରିଛନ୍ତି। ଆହୁରି ମଧ ଗୋଟିଏ ପୋଲରୁ ଅନ୍ୟ ପୋଲର ଦୂରତା କେତେ ରହିବା ଆବଶ୍ୟକ। କେଉଁ କାରଣରୁ ମୋର ବ୍ୟକ୍ତିଗତ ଜାଗାରେ ପୋଲ ପୋତାଯାଇ ସହାୟକ ପୋଲ ପୋତାଯାଇଛି ବୋଲି ମଧ ପ୍ରଶ୍ନ କରିଛନ୍ତି । ନିୟମ ଅନୁଯାୟୀ ସିମେଣ୍ଟ ପୋଲ କିଭଳି ପୋତା ଯାଇଛି ଯାହାକି ଭାଙ୍ଗିବା ପରେ ସହାୟକ ପୋଲ ପୋତାଗଲା ବୋଲି ମଧ ପ୍ରଶ୍ନ ଉଠାଇଛନ୍ତି । ଏଭଳି କ୍ଷେତ୍ରରେ ଯଦି ଆଇନଜୀବୀ ଏଭଳି ଅବସ୍ଥା ଭୋଗ କରୁଛନ୍ତି ତେବେ ଅନ୍ୟ ସାଧାରଣ ନାଗରିକ କଣ କରିବେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହି ସମସ୍ୟା ଯଦି ନ ସୁଧୁରେ ତେବେ ଆଗାମୀ ଦିନରେ ମୁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବି ବୋଲି ମାନସ ରଞ୍ଜନ ପାଢ଼ୀ ପ୍ରକାଶ କରିଛନ୍ତି ।

# ୨୧ ହଜାରରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛ ନଷ୍ଟ



ମାଲକାନାଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ପୋଲିସ ଓ ମାଲକାନଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚିତ୍ରକୋଣ୍ଡା ଥାନା ନୂଆଗୁଡ଼ା ପଞ୍ଚାୟତ ଘଗଡ଼ାବନ୍ଧ ଗ୍ରାମ ନିକଟ ଜଙ୍ଗଲରେ ଚଢ଼ାଉ କରାଯାଇଥିଲା। ଏଥିରେ ଉକ୍ତ ଜଙ୍ଗଲରେ ପ୍ରାୟ ୧୪ ଏକର ଜମିରେ ଚାଷ ହୋଇଥିବା ୨୧ ହଜାର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଏ ନେଇ ଅବକାରୀ ବିଭାଗ ତରଫରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଗଞ୍ଜେଇ ଚାଷ ହୋଇଥିବା ଜମି ଯାଞ୍ଚ କରାଯାଇ ରିପୋର୍ଟ ଦେବାକୁ ରାଜସ୍ୱ ବିଭାଗକୁ ଅନୁରୋଧ କରା ଯାଇଛି। ରିପୋର୍ଟ ମିଳିବା ପରେ ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ ଚାଷୀଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚଢ଼ାଉ ସମୟରେ ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ବଳ, ସବ୍‌ଇନ୍ସପେକ୍ଟର ଅଶେଷ କୁମାର ନାୟକ, ଅମିୟ କୁମାର ଖଞ୍ଜା, ଦୀପକ କୁମାର ସାମଲ, ଏଏସ୍ଆଇ ରାମଚନ୍ଦ୍ର ହନ୍ତାଳ ଉପସ୍ଥିତ ଥିଲେ। ସେହିପରି ପୋଲିସ ବିଭାଗ ତରଫରୁ ଚିତ୍ରକୋଣ୍ଡା ଆଇଆଇସି ମୁକୁନ୍ଦ ମେଲକା ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ସମେତ ଡିଭିଏଫ୍ ବାହିନୀ ମଧ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ସମବାୟ ସପ୍ତାହ ପାଳିତ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲାର ସଦର ମହକୁମା ଠାରେ ଥିବା ଆର,ଆର ସଭାଗୃହ ରେ ୭୧ ତମ ସର୍ବଭାରତୀୟ ସମବାୟ ସପ୍ତାହ ଆଜି ଦିନ ୧୧ ଘଣ୍ଟା ସମୟ ରେ ପାଳନ ହୋଇଯାଇଛି । ଜିଲ୍ଲାର ସମସ୍ତ ସମବାୟ ର ଶୋଷାଇଟି ର ସଭାପତି, ମେମ୍ବର, ସହ କୃଷକ ମାନେ ଏହି ସଭା ରେ ଉପସ୍ଥିତ ଥିଲେ। ଏହି ସଭାରେ ମୁଖ୍ୟା ଅତିଥି ଭାବରେ ପାରଳା ବିଧାୟକ ରୁପେଶ କୁମାର ପାଣିଗ୍ରାହି ,ଜିଲ୍ଲାପାଳ ବିଜୟ କୁମାର ଦାଶ, ଏସ୍ ପି , ଜେ କେ ପଣ୍ଡା, ଉପଜିଲ୍ଲାପାଳ ଅନୁପ ପଣ୍ଡା , ପ୍ରତିକ୍ ପଣ୍ଡା (ୟ ଶଙ୍କ)ନାବାଡ଼ର୍ , ଜିଲ୍ଲା ପରିଷଦର ସଭ୍ୟ ଡ଼ି , ବାଲ ରାଜୁ ,ବକ୍ସମମ ଭାର ପ୍ରାତ କାଯ୍ୟନିବାହି ଅଧିକାରୀ ନରସିଂ ହ ବେହେରା ପ୍ରମୁଖ ମଞ୍ଚ ଉପରେ ଉପସ୍ଥିତ ଥିଲେ । ବକ୍ତା ମାନେ କହିଥିଲେ ଯେ ଓଡ଼ିଶା ସରକାର ସମବାୟ ବ୍ୟାଙ୍କ ମାଧ୍ୟମ ରେ ବିନା ସୁଦ୍ଧା ରେ ଚାଷି ମାନକୁ ଋଣ ପ୍ରଦାନ କରୁଛନ୍ତି । ଚାଷ ପାଇଂ ବିଭିନ୍ନ ସୁବିଧା ସୁଯୋଗ ଦେଉଛନ୍ତି । ଏହାର ସଦ୍ ଉପଯୋଗ କରିବାପାଇଁ କହିଥିଲେ।

# ଅବସରପ୍ରାପ୍ତ ଓପିଜିସି କର୍ମଚାରୀଙ୍କ ମୃତଦେହ ଉଦ୍ଧାର

ବେଲପାହାଡ ( ଭାସ୍କର ନୁଜ୍ ) : ଓପିଜିସିର ଜନୈକ ଅବସରପ୍ରାପ୍ତ କର୍ମଚାରୀଙ୍କ ମୃତ ଶରୀର ବନହରପାଲି ପୋଲିସ ଉଦ୍ଧାର କରିଛି । ମୃତକ ଶିବ ପ୍ରସାଦ ପଟ୍ଟନାୟକ(୭୦) ବୋଲି ଜଣା ପଡ଼ିଛି। ଶିବ ପ୍ରସାଦ ଓପିଜିସିର ସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟକରି ଗତ ଅଗଷ୍ଟ ମାସରେ ଅବସର ନଇଥିଲେ। ପରିବାର ଲୋକେ ଭୁବନେଶ୍ୱରରେ ରହୁଥିବା ବେଳେ ସେ ଓପିଜିସି ଇବ ଥର୍ମାଲ ବନହରପାଲି କଲୋନୀରେ ରହୁଥିଲେ। ରବିବାର ଦିନ ବେଳେ ଲୋକେ ତାଙ୍କୁ ଦେଖିଥିବା ବେଳେ ସୋମବାର ସକାଳୁ ତାଙ୍କ ଘରେ କାମ କରୁଥିବା ଗୃହ ସହାୟକ ଆସି ଘରର କବାଟ ଖୋଲିବାକୁ ଡ଼ାକିଥିଲା । ଭିତରୁ କୌଣସି ଉତ୍ତର ନ ଆସିବାରୁ କିଛି ସମୟ ପରେ ଗୃହ ସହାୟକ ଚାଲିଯାଇଥିଲା ଓ ପୁଣି ମଧ୍ୟାହ୍ନରେ ଆସି ଡ଼ାକିବାରୁ ପୂର୍ବପରି ଭିତରୁ କୌଣସି ଉତ୍ତର ନ ଆସିବାରୁ ପାଖ ପଡ଼ୋଶୀଙ୍କୁ ଜଣାଇଥିଲା। ଏନେଇ ଓପିଜିସି ସୁରକ୍ଷା ବିଭାଗକୁ ଜଣାଇବା ପରେ ସୁରକ୍ଷା ଅଧିକାରୀ ବନହରପାଲି ପୋଲିସକୁ ଜଣାଇଥିଲେ। ପୋଲିସ ଘରର କବାଟ ଡାଡି ଶିବ ପ୍ରସାଦଙ୍କୁ ନିସ୍ତେଜ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଡ଼ାକ୍ତରଖାନାକୁ ନେଇଥିଲାବେଳେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରି ଥିଲେ। ବାହରପାଲି ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇ ତଦନ୍ତ ଜାରି ରଖିଛି।

# ଭାରସାମ୍ୟ ହରାଇ ଓଲଟିଲା ପିକ୍‌ଅପ୍ ୭ ଆହତ

ବେଲପାହାଡ (ଭାସ୍କର ନ୍ୟୁଜ୍): ଝାରସୁଗୁଡା ଜିଲା ଲଖନପୁର ଥାନା ଅନ୍ତର୍ଗତ କୁଡ଼ାଲୋଇ ବିଛୁଆପଡ଼ା ନିକଟସ୍ଥ ଜାତୀୟ ରାଜପଥ ୪୯ ରେ ଏକ ପିକଅପ ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୭ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସମସ୍ତ ଆହତମାନଙ୍କୁ ପଥମେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି । ପିକଅପ ଗାଡ଼ି ଲଖନପୁର ପଟୁ ବେଲପାହାଡ଼ ପଟକୁ ଆସୁଥିଲା। ଗାଡ଼ିଟି ଦ୍ରୁତ ଗତିରେ ଥିବାରୁ ବିଛୁଆପଡ଼ା ବୁଲାଣି ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିବା କୁହାଯାଉଛି। ଲଖନପୁର ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସାଳୟକୁ ପଠାଇଥିଲା । ଡ୍ରାଇଭର ଶିବ ପ୍ରସାଦ ଯାଦବ ଗାଡି ଚାଲଣା କରୁଥିବା ବେଳେ ଦୁର୍ଘଟଣା ଘଟିଥିଲା ।

# ଶିବମୁନୀ ଯୋଗକେନ୍ଦ୍ରର ପ୍ରତିଷ୍ଠା ଦିବସ



ଫୁଲନଖରା(ଭାସ୍କର ନ୍ୟୁଜ): ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋଠାରେ ଥିବା ଶିବମୁନୀ ଯୋଗଶିକ୍ଷା କେନ୍ଦ୍ରର ୧୨ ତମ ବାର୍ଷିକ ଉତ୍ସବ ଓ ଶିବମୁନୀଙ୍କ ୧୪୧ ତମ ଜୟନ୍ତୀ ସମାରୋହ ପ୍ରତିଷ୍ଠାତା ନରେଶ ମୁନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗାଚାର୍ଯ୍ୟ ଶଶଧର ମୁନୀ, ଯୋଗାଚାର୍ଯ୍ୟ ଧ୍ରୁବ ମୁନୀ, ସଚ୍ଚିଦାନନ୍ଦ ମୁନୀ, ଲମ୍ବୋଦର ମୁନୀ, ଜେମାମଣି, ଗଣେଶଚନ୍ଦ୍ର ସାହୁ, ଦିଗମ୍ବର ତରାଇ, କୈଳାସଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଯୋଗ ଓ ଆତ୍ମଜ୍ଞାନଦ୍ୱାରା ଜୀବଜଗତ ସୁଖ ଶାନ୍ତିରେ ରହିପାରିବ ବୋଲି ମତପୋଷଣ କରିଥିଲେ। ଏହି ଅବସରରେ ଭଜନ କୀର୍ତ୍ତନ ଓ ସତସଙ୍ଗ ଅନୁଷ୍ଠିତ ହୋଇଥିଲା। ସତ୍ୟବ୍ରତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ ବହୁ ସଂଖ୍ୟକ ସାଧୁସନ୍ଥ ଶିବମୁନୀ ଅନୁଗାମୀମାନେ ଯୋଗଦେଇଥିଲେ।

# ପାଲା କଳାକାର ନିରଞ୍ଜନଙ୍କୁ 'ଗାୟକ ରତ୍ନ ଗୁଣନିଧି' ସମ୍ମାନ

ଫୁଲନଖରା(ଭାସ୍କର ନ୍ୟୁଜ): କଟକ ଜିଲ୍ଲା କଣ୍ଠାପଡ଼ା ବ୍ଲକ ବଡ଼ ପାଟସୁନ୍ଦରପୁର ମୌଜାରେ ଜନ୍ମ ଲାଭ କରିଥିବା ତଥା ଶ୍ରୀଜଗନ୍ନାଥ ପାଲା କଳାକାର ମହାସଂଘ,ଓଡ଼ିଶାର ସଭାପତି ଗାୟକ ନିରଞ୍ଜନ ସ୍ୱାଇଁଙ୍କୁ ଭୁବନେଶ୍ୱର ସାହାରା ଜନମଞ୍ଚ ଦ୍ୱାରା ଆୟୋଜିତ କୁଆଖାଇ ବୋଇତ ବନ୍ଦାଣ ମହୋତ୍ସବରେ " ଗାୟକରତ୍ନ ଗୁଣନିଧି " ସମ୍ମାନରେ ସମ୍ମାନିତ କରାଯାଇଛି। କଳା ସମ୍ପାଦକ ଜ୍ଞାନାନନ୍ଦ ସାଗର କୁମାରଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ହିସାବରେ ରାଜ୍ୟ ଭାଜପା ଉପସଭାପତି ଗୋଲକ ମହାପାତ୍ର, ମୁଖ୍ୟବକ୍ତା ଅର୍ଗସ ନିୟୁଜ ନିର୍ଦ୍ଦେଶକ ରଞ୍ଜନ କୁମାର ଜେନା,ସମ୍ମାନିତ ଅତିଥି ଖୋର୍ଦ୍ଧା ଆରକ୍ଷୀ ଉପାଯୁକ୍ତ ସାଗରୀକା ନାଥ, ବ୍ରହ୍ମାକୁମାରୀ ଲୀନା ଦିଦି,ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ସମାଜସେବୀ ଲକ୍ଷ୍ମୀଧର ନାୟକ ମହୋତ୍ସବରେ ଯୋଗ ଦେଇ ଗାୟକ ନିରଞ୍ଜନ ସ୍ୱାଇଁଙ୍କୁ ମାନପତ୍ର, ଫଳକ, ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ମହୋତ୍ସବରେ ସୂର୍ଯ୍ୟ ଗୁରୁକୁଳ, ଗୁଆଳିର ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଜନମଞ୍ଚର ସଭାପତି ସହଦେବ ତରାଇଙ୍କ ସମେତ ଜନମଞ୍ଚର କାର୍ଯ୍ୟକର୍ତ୍ତା ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର



କଟକ(ଭାସ୍କର ନ୍ୟୁଜ୍): ଏକ ନାବାଳିକା ଦୁଷ୍କର୍ମ ମାମଲାରେ କଟକର ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଆସାମୀ ବିକ୍ରମ ମାହୁନ୍ତ ଓରଫ ବୁଲୁକୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । କୋର୍ଟ ଆସାମୀକୁ ଆଇପିସିର ୩୬୩/୩୭୬ ଓ ପୋକ୍ସୋ ଆଇନର ୬ ଦଫାରେ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଏଥିସହିତ କୋର୍ଟ ତାକୁ ୨୫ ହଜାର ଟଙ୍କାର ଜରିମାନା ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ତେବେ ଜୋରିମାନା ଦାଖଲ ନ କରିପାରିଲେ ଆସାମୀକୁ ଆଉ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । କାନପୁର ଥାନା ଆସାମୀ ବିଶ୍ୱନାଥପୁର ସିଆରିଆର ଆସାମୀ ବିକ୍ରମ ମାହୁନ୍ତ (୨୮) ଗତ ୨୦୨୩ ମସିହା ଫେବୃୟାରୀ ୫ ତାରିଖ ମଧ୍ୟ ରାତିରେ ଜଣେ ୧୧ ବର୍ଷିୟା ନାବାଳିକାକୁ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଥିଲା । ନାବାଳିକା ଜଣକ ବାହାରକୁ ପରିସ୍ରା କରିବାକୁ ଉଠିଥିବାବେଳେ ବିକ୍ରମ ଉକ୍ତ ନାବାଳିକାକୁ ଭୟଭୀତ କରାଇ ନିକଟସ୍ଥ ଜଙ୍ଗଲକୁ ଟେକି ନେଇ ବଳତ୍କାର କରିଥିଲା । ଏ ସମ୍ପର୍କରେ ପିଡିତାର ପରିବାର ପକ୍ଷରୁ ଘଟଣା ପରଦିନ ଅର୍ଥାତ୍ ଫେବୃୟାରୀ ୬ ତାରିଖରେ କାନପୁର ଥାନାରେ ଏତଲା ରୁଜୁ କରାଯାଇଥିଲା ।



■ ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ■

## 'ଇନ୍ଦିରା ଗାନ୍ଧୀ ଥିଲେ ବିଶ୍ୱବିଦିତା ନାରୀନେତ୍ରୀ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଙ୍ଗଳବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ୧୦୭ତମ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ପାଳନ ହୋଇଯାଇଛି । ଏଥିରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ ତଥା ସ୍ତମ୍ଭକାର ଡ଼ ଅଭିରାମ ବିଶ୍ୱାଳ ଯୋଗଦେଇ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ବଳିଷ୍ଠ ଜୀବନୀ ଓ ବ୍ୟକ୍ତିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ଇନ୍ଦିରା ଗାନ୍ଧୀଙ୍କ ବ୍ୟକ୍ତିତ୍ୱକୁ ସେ ହୀରା ସହ ତୁଳନା କରିବା ସହ ଦେଶର ବିଭିନ୍ନ ବିକାଶମୂଳକ ଓ ଗଠନମୂଳକ ପଦକ୍ଷେପ ଗ୍ରହଣ କରି ଇନ୍ଦିରା ଗାନ୍ଧୀ ଅନେକ ପରିବର୍ତ୍ତନ ଆଣିପାରିଥିବା ନେଇ ମୁଖ୍ୟବକ୍ତା ସୂଚନା ଦେଇଛନ୍ତି । ଭାରତବର୍ଷ ସମେତ ସମଗ୍ର ପୃଥିବୀରେ ଇନ୍ଦିରା ଗାନ୍ଧୀ ଜଣେ ଅନନ୍ୟା ନାରୀନେତ୍ରୀ ଭାବେ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଥିଲେ । ଆଜି ଭାରତ ବର୍ଷ ୧୯୭୧ ଯୁଦ୍ଧର ବିଜୟକୁ ନେଇ ଗର୍ବିତ ଅନୁଭବ କରୁଛି, ଏହାର ସମସ୍ତ ଶ୍ରେୟ ସେହି ସାହାସୀ, ଶକ୍ତିଶାଳୀ, ଦୃଢ଼ମନା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ସକାଶେ ସମ୍ଭବ ହୋଇ ପାରିଥିବା ମତ ପ୍ରକାଶ କରିଛନ୍ତି ମୁଖ୍ୟବକ୍ତା ଡ଼ ଅଭିରାମ ବିଶ୍ୱାଳ । ସମାଜର ବିଭିନ୍ନ ବର୍ଗ ଯଥା- ମହିଳା, ଶିଶୁ, ଜନଜାତି, ଗରିବ, ସଂଖ୍ୟାଲଘୁ ସମସ୍ତଙ୍କ ସାମଗ୍ରିକ ବିକାଶ ଏବଂ ଉନ୍ନତିକୁ ସ୍ୱର୍ଗତା ଇନ୍ଦିରା ଗାନ୍ଧୀ ପ୍ରାଧାନ୍ୟ ଦେଉଥିଲେ ବୋଲି ମୁଖ୍ୟବକ୍ତା ସୂଚନା ଦେଇଛନ୍ତି । ସେହିପରି ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଯୋଗଦେଇ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କୁ ରାଜନୈତିକ ନୁହେଁ ରାଷ୍ଟ୍ରନୀତିଜ୍ଞ ଭାବେ ସମ୍ବୋଧନ କରିଥିଲେ । ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ସାଧାରଣ ସମ୍ପାଦକ ଅମିୟ କୁମାର ପଟ୍ଟନାୟକ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଜୟନ୍ତୀ ପାଳନରେ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରୟାସକୁ ପ୍ରଶଂସା କରିଛନ୍ତି । ଜାତିର ସଂହତି, ଏକତା, ଅଖଣ୍ଡତା ରକ୍ଷାକୁ ନେଇ ଇନ୍ଦିରା ଗାନ୍ଧୀଙ୍କ ବଳିଷ୍ଠ ନେତୃତ୍ୱ ବିଷୟରେ ସେ ଆଲୋଚନା କରିଥିଲେ । ଆଜିର ସଭାରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ବୈଷୟିକ ସୁରେନ୍ଦ୍ର ନାଥ ପରିଡ଼ା ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ଓ ଗୃହ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ଏନେଇ ରାଜ୍ୟ ବିଜେପି ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି । ଡିଜିପି କନଫରେନ୍ସରେ ଯୋଗ ଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ଯୋଗଦେବେ । ନଭେମ୍ବର ୨୯ରୁ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଯାଉଛି ଡିଜିପି କନଫରେନ୍ସ । ଯେଉଁଥିରେ ପ୍ରଧାନମନ୍ତ୍ରୀ ଯୋଗଦେବେ । ଅମିତ ଶାହ ମଧ୍ୟ ୩ ଦିନ ଓଡ଼ିଶାରେ ରହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ।

## ବସ୍ତିବାସିନ୍ଦାଙ୍କୁ ଘର ବଣ୍ଟନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବସ୍ତି ବାସିନ୍ଦା ମାନଙ୍କ ନିମନ୍ତେ ସୁଲଭ ବାସଗୃହ ବଣ୍ଟନ କାର୍ଯ୍ୟକ୍ରମରେ ୧୧୬ ଜଣ ହିତାଧିକାରୀଙ୍କୁ ଘର ବଣ୍ଟନ କରିଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର । ଭୁବନେଶ୍ୱର ଇଡକଲ ଅଡିଟୋରିୟମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ବିଡ଼ିଏ ଓ ବିଏମସି ଅଧିକାରୀଙ୍କ ଉପସ୍ଥିତିରେ ଏହି ଘର ଲଟେରୀ ମାଧ୍ୟମରେ ବଂଟନ କରାଯାଇଛି । ବିକଳାଙ୍ଗ ଲୋକଙ୍କୁ ଫ୍ଲାଟରେ ତଳ ଘର ପ୍ରଦାନ କରାଯାଇଛି । ଆମ ସରକାର ବସ୍ତି ବଦଳରେ ବସ୍ତି ବାସିନ୍ଦାଙ୍କୁ ଭଲ ଘର ଦେବାପାଇଁ ଅଙ୍ଗୀକାରବଦ୍ଧ । ଆଗକୁ ଆହୁରି ଅଧିକ ବସ୍ତି ବାସିନ୍ଦାଙ୍କୁ ଫ୍ଲାଟରେ ଘର ଯୋଗାଇ ଦେବାକୁ ସ୍ଥିର ହୋଇଛି ବୋଲି କହିଛନ୍ତି ।

## ବାଲିଯାତ୍ରାକୁ ଜାତୀୟ ଉତ୍ସବ ମାନ୍ୟତା ଦିଅନ୍ତୁ ସରକାର: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏବର୍ଷର ବାଲିଯାତ୍ରା କାର୍ଯ୍ୟକ୍ରମର ପରିଚାଳନାରେ ହୋଇଥିବା ଅନେକ ବିଭ୍ରାଟକୁ ନେଇ ଆଜି ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ବିଜୁ ଜନତା ଦଳ ତରଫରୁ ଆଜି ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି ଓ ଦଳର ମୁଖପାତ୍ର ଶ୍ରୀମତୀ ଇପ୍ସିତା ସାହୁ କହିଥିଲେ, ଐତିହ୍ୟ ସହର କଟକରେ ପ୍ରତିବର୍ଷ ହେଉଥିବା ଐତିହାସିକ ବାଲିଯାତ୍ରାରେ ପରିଚାଳନାରେ ଅନେକ ତ୍ରୁଟି ଦେଖିବାକୁ ମିଳିଛି, ଯାହା ବାଲିଯାତ୍ରାର ଗୌରବକୁ କ୍ଷୁର୍ଣ୍ଣ କରୁଛି । ବାଲିଯାତ୍ରା ଆୟୋଜନରେ ଉଚ୍ଚସ୍ତରୀୟ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ହୋଇଥାଏ । ତେଣୁ ଖାମଖିଆଲି ଭାବେ ଏହାକୁ ଆୟୋଜନ କରି ଏହି ପ୍ରକାରର ତ୍ରୁଟି ହେବା ନିଶ୍ଚିତ ଭାବେ ଅକ୍ଷମଣୀୟ । ବାଲିଯାତ୍ରା ଆୟୋଜନରେ ହୋଇଥିବା ତ୍ରୁଟି ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି ବୋଲି ଡ଼ଃ ମହାନ୍ତି କହିଥିଲେ । ସେ କହିଥିଲେ, ଚଳିତ ବର୍ଷ ବାଲିଯାତ୍ରାରେ ୧୪ଟି ଦେଶର ପ୍ରତିନିଧି ଯୋଗ ଦେବେ ଓ ଏହା ଦ୍ୱାରା ଆନ୍ତର୍ଜାତୀୟ ସ୍ତରରେ ଏକ ପରିଚୟ ମିଳିବ ବୋଲି ସରକାରଙ୍କ ତରଫରୁ କୁହାଯାଇଥିଲା । କିନ୍ତୁ ଡବଲ ଇଂଜିନ ଡବଲ ବିକାଶର ନାରା ଦେଇ ଆସିଥିବା ବିଜେପି ସରକାର ବାଲିଯାତ୍ରାକୁ ଏକ ଜାତୀୟ ଉତ୍ସବର ମାନ୍ୟତା ଦେଇଥିଲେ ତାହା ଏକ ଉଚିତ ପଦକ୍ଷେପ ହୋଇଥାନ୍ତା । କୁମ୍ଭମେଳାକୁ ଜାତୀୟ ଉତ୍ସବର ମାନ୍ୟତା ମିଳିଛି ଏବଂ କେନ୍ଦ୍ର ସରକାରଙ୍କ ତରଫରୁ ଏହି କାର୍ଯ୍ୟକ୍ରମ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥାଏ । ବାଲିଯାତ୍ରାକୁ ଜାତୀୟ ଉତ୍ସବ ଘୋଷଣା ହେଲେ, ଏହାର ଆୟୋଜନ ପାଇଁ କେନ୍ଦ୍ରରୁ ଆର୍ଥିକ ଅନୁଦାନ ମିଳିପାରିବ । ତେଣୁ ବାଲିଯାତ୍ରାକୁ ଜାତୀୟ ଉତ୍ସବ ମାନ୍ୟତା ପ୍ରଦାନ କରିବା ପାଇଁ ଆମେ ଦାବି କରୁଛୁ ବୋଲି ଡ଼ଃ ମହାନ୍ତି କରିଥିଲେ । ଇପ୍ସିତା ସାହୁ କହିଥିଲେ, ବାଲିଯାତ୍ରାରେ ଜଣେ ଯୁବକଙ୍କ ବିଦ୍ୟୁତ ଆଘାତ ପାଇ ମୃତ୍ୟୁ ହେବା, ବାଲିଯାତ୍ରାକୁ ଆସୁଥିବା ଲୋକ ମାନଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେଣୁ ସରକାର ସମସ୍ତଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ସହିତ ମୃତ ଯୁବକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଆମେ ଦାବି କରୁଛୁ ।

## ରାଜା ସାର୍ ବାସୁଦେବ ସୁଢ଼ଳ ଦେବଙ୍କ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜା ସାର୍ ବାସୁଦେବ ସୁଢ଼ଳ ଦେବଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବାମଣ୍ଡାର ରାଜା ସାର୍ ବାସୁଦେବ ସୁଢ଼ଳ ଦେବଙ୍କ ୧୨୧ ତମ ଶ୍ରାଦ୍ଧୋତ୍ସବରେ କୋଟି କୋଟି ପ୍ରଣାମଓ ସୁଶାସକ ତଥା ବିକାଶ ଚିନ୍ତକ ସୁଢ଼ଳ ଦେବ ଉନବିଂଶ ଶତାବ୍ଦୀର ଓଡ଼ିଆ ଭାଷା ଓ ସାହିତ୍ୟର କେନ୍ଦ୍ରବିନ୍ଦୁ ଥିଲେ ।

## କ୍ୟାପିଟାଲ୍ ହସ୍ପିଟାଲ୍‌ରେ ୪୦କୁ ବଢ଼ିବ ଆଇସିୟୁ ବେଡ୍ ସଂଖ୍ୟା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କ୍ୟାପିଟାଲ୍ ହସ୍ପିଟାଲ୍‌ରେ ୪୦କୁ ବଢ଼ିବ ଆଇସିୟୁ ବେଡ୍ ସଂଖ୍ୟା । କ୍ୟାପିଟାଲ ହସ୍ପିଟାଲ୍ ରୋଗୀ କଲ୍ୟାଣ ସମିତି ବୈଠକରେ ନିଷ୍ପତ୍ତି ହୋଇଛି । ସମିତି ଅଧକ୍ଷା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏନେଇ ସୂଚନା ଦେଇଛନ୍ତି । ଏବେ ହସ୍ପିଟାଲ୍‌ରେ ୧୬ଟି ଆଇସିୟୁ ବେଡ୍ ଅଛି । ଖୁବଶୀଘ୍ର ୪୦ଟି କରାଯିବ । ପ୍ରତି ମାସ ହସ୍ପିଟାଲକୁ ୧୪୩୨ଟି ଡାଏଲେସିସ୍ କେସ୍ ଆସୁଛି । ଏବେ ଥିବା ବେଡ୍‌ରେ ୩ଟି ସିଟିଂରେ ଡାଏଲେସିସ୍ ଚାଲିଛି, ୪ କରାଯିବ ବୋଲି ସୂଚନା ଦିଆଯାଇଛି ।

## ରାଜଧାନୀ ଉପକଣ୍ଠରେ ଗଢ଼ିଉଠିବ ନୂଆ ଭୁବନେଶ୍ୱର ବା ନିୟୁ ସିଟି

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ରାଜଧାନୀ ଉପକଣ୍ଠରେ ଗଢିଉଠିବ ନୂଆ ଭୁବନେଶ୍ୱର ବା ନିୟୁ ସିଟି । ଭୁବନେଶ୍ୱର ଉପକଣ୍ଠ ଗୋଠପାଟଣା, ମଳିପଡା ଦାସପୁର, ଜାଁଳାରେ ୮୩୬ ଏକରରେ ଗଢି ଉଠିବ ନ୍ୟୁ ସିଟି । ଏନେଇ ସର୍ଭେ କାମ କରାଯାଉଛି । କେନ୍ଦ୍ର ସରକାର ନିୟୁ ସିଟି ଗଠନ ଦିଗରେ ୧ ହଜାରେ କୋଟି ଯୋଗାଇ ଦେବାର ପ୍ରାବଧାନ ରହିଛି । ବିଡିଏ ପକ୍ଷରୁ ଏନେଇ ୧୫ ବର୍ଷୀୟା ପ୍ଲାନିଂ ମଧ୍ୟ ଚାଲିଛି । ଇଂଟରସିଟି ରିଙ୍ଗରୋଡ, ଡ୍ରେନ, ସୋଲାର, ବିଦ୍ୟୁତ ବ୍ୟବସ୍ଥା, ଇଲେକ୍ଟ୍ରିକ ବସ ଚଳାଚଳ ଭଳି ସୁବିଧା ଏହି ନିୟୁ ସିଟିରେ ରହିବ । ରାଜଧାନୀ ଉପକଣ୍ଠର ନୂଆ ଭୁବନେଶ୍ୱର ନ୍ୟୁ ସିଟି ଯୋଗୁ ସହରରେ ଟ୍ରାଫିକ ଗହଳି କମିବ । ଏ ନେଇ ସମସ୍ତ ବ୍ୟବସ୍ଥା କରାଯିବ । ରିଙ୍ଗ ରୋଡ କାମ ହାତକୁ ନିଆଯିବ । ଏ ନେଇ ସର୍ଭେ କାମ କରାଯିବ । ସହର ମାଡୁଥିବା ଯୋଗୁଁ ଜନସଂଖ୍ୟା ମଧ୍ୟ ବଢୁଛି । ଆଗାମି ଦିନରେ ଭୁବନେଶ୍ୱର ସହରକୁ ଅଧିକ ବ୍ୟବସ୍ଥିତ କରିବା ସହ ଆସନ୍ତା ୧୫ ବର୍ଷ ମଧ୍ୟରେ ନ୍ୟୁ ସିଟି ଭିତ୍ତିଭୂମି ଉନ୍ନତି ପାଇଁ ୮ ହଜାର କୋଟି ନିବେଶ ଲକ୍ଷ୍ୟ ରଖାଯାଇଥିବା ବିଡିଏ ଉପାଧକ୍ଷ ଏନ ତିରୁମାଳା ନାଏକ ସୂଚନା ଦେଇଛନ୍ତି ।

## ପ୍ରାକ୍ ସତର୍କ ସୂଚନା, ଆଗୁଆ ପଦକ୍ଷେପକୁ ସୁଦୃଢ କରିବାକୁ ପ୍ରୟାସ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିପର୍ଯ୍ୟୟ ସମୟରେ ପ୍ରାକ୍ ସତର୍କ ସୂଚନା ଓ ଆଗୁଆ କାର୍ଯ୍ୟପନ୍ଥାକୁ ସୁଦୃଢ କରିବା ନିମନ୍ତେ ନୂତନ ଚିନ୍ତାଧାର ସୃଷ୍ଟି ଉଦ୍ଦେଶ୍ୟରେ ରିଲାଏନ୍ସ ଫାଉଣ୍ଡେସନ ଏବଂ ୟୁନାଇଟେଡ ନେସନ୍ସ ଇଣ୍ଡିଆ ପକ୍ଷରୁ ବହୁଧା ବିପଦ ଏବଂ ପ୍ରାକ୍ ସତର୍କ ସୂଚନା ପ୍ରତି ବହୁଧା-ସହଭାଗୀ ସମ୍ବଳିତ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିବାକୁ ବିକାଶଶୀଳ ରାଷ୍ଟ୍ରଗୁଡିକରୁ ସହଭାଗୀମାନଙ୍କ ନିମନ୍ତେ ଆଜି ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା । ଏହି ସମାବେଶ ବିପର୍ଯ୍ୟୟ ପ୍ରବଣ ତଟୀୟ ଅଂଚଳରେ ଜୀବିକା ଓ ଲିଙ୍ଗଗତ ଦିଗ ଉପରେ ଦୃଷ୍ଟିନିବଦ୍ଧ କରି ପ୍ରାକ୍ ସତର୍କ ସୂଚନା ଏବଂ ପ୍ରାକ୍ ପଦକ୍ଷେପ ଗ୍ରହଣ କ୍ଷେତ୍ରରେ ଓଡ଼ିଶାର ନେତୃତ୍ୱ ସମ୍ପର୍କରେ ଆଲୋକପାତ କରିଥିଲା । ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନଡିଏମ୍ଏଓ), ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଏବଂ ଭାରତୀୟ ଜାତୀୟ ସାମୁଦ୍ରିକ ସୂଚନା ସେବା କେନ୍ଦ୍ର (ଆଇଏନସିଓଆଇଏସ୍) ଆଦି ପ୍ରମୁଖ ଭାରତୀୟ ରାଷ୍ଟ୍ରୀୟ ସଂସ୍ଥାସମୂହ, ଜାତିସଂଘ ସଂଗଠନସମୂହ, ଗବେଷକ, ନୀତି ବିଶାରଦ, ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଶିକ୍ଷାବିତ୍ ଏବଂ ଅଣ ସରକାରୀ ସଂଗଠନସମୂହର ବିଶାରଦମାନେ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ 'ଆଗୁଆ ସତର୍କ ସୂଚନା ପ୍ରଦାନ ବ୍ୟବସ୍ଥାକୁ ଅଧିକ ମଜଭୁତ କରିବାକୁ ଆମେ ସାମୁହିକ ଭାବରେ କାର୍ଯ୍ୟ କରୁଛୁ ଏବଂ ଓଡ଼ିଶାକୁ ପର୍ଯ୍ୟାୟକ୍ରମେ ହେବାକୁ ଥିବା ଏହି ଆଲୋଚନା ନିମନ୍ତେ ପ୍ରଥମ ରାଜ୍ୟ ଭାବରେ ମନୋନୀତ କରାଯାଇଥିବାରୁ ଆମେ ଆନନ୍ଦିତ ଅନୁଭବ କରୁଛୁ । ବିପର୍ଯ୍ୟୟର ଆଗୁଆ ସତର୍କ ସୂଚନାରେ ଅଧିକ ସଠିକତା ଆଣିବା ନିମନ୍ତେ ସୂଚନା ବିଶ୍ଳେଷଣ ସହିତ ବିପର୍ଯ୍ୟୟ ପୂର୍ବାନୁମାନକୁ ସମନ୍ୱିତ କରିବାର ଉପାୟ ନିର୍ଦ୍ଧାରଣ ନିମନ୍ତେ ଆମେ ମିଳିତ ଭାବରେ କାର୍ଯ୍ୟ କରୁଥିବା ସଂଗଠନଗୁଡିକୁ ଅନୁରୋଧ କରୁଛୁ । ରିଲାଏନ୍ସ ଫାଉଣ୍ଡେସନ ଏବଂ ୟୁନାଇଟେଡ ନେସନସ୍ ଇନ ଇଣ୍ଡିଆ କାର୍ଯ୍ୟାଳୟ ପକ୍ଷରୁ ଆୟୋଜନ କରାଯାଉଥିବା ସମ୍ମିଳନୀଗୁଡିକ ଜ୍ଞାନକୁ ସ୍ଥାନୀୟସ୍ତରରେ କାର୍ଯ୍ୟାନ୍ୱୟନରେ ରୂପାନ୍ତରିତ କରିବା ଲକ୍ଷ୍ୟ ହାସଲ ନିମନ୍ତେ ବିବିଧ ସହଭାଗୀମାନଙ୍କ ସହିତ ସମ୍ମିଳିତ ଭାବରେ କାର୍ଯ୍ୟ କରିବା ଲକ୍ଷ୍ୟ ରଖିଛି ବୋଲି ରିଲାଏନ୍ସ ଫାଉଣ୍ଡେସନ ସିଇଓ ଜଗନ୍ନାଥ କୁମାର କହିଥିଲେ । ଆଗୁଆ ସତର୍କ ସୂଚନା ବ୍ୟବସ୍ଥା ସୁଦୃଢ କରିବା ଏବଂ ଗୋଷ୍ଠୀଗୁଡିକର ମଜଭୁତପଣ ନିର୍ମାଣ କରିବାକୁ ସରକାର, ନାଗରିକ ସମାଜ ଏବଂ ରିଲାଏନ୍ସ ଫାଉଣ୍ଡେସନ ଭଳି ସହଭାଗୀଙ୍କ ସହିତ ମିଶି କାର୍ଯ୍ୟ କରୁଥିବା ଆମର ବିଭିନ୍ନ ସଂସ୍ଥା ଜରିଆରେ ଏହିଭଳି ପ୍ରୟାସଗୁଡିକୁ ସମର୍ଥନ କରିବାକୁ ଜାତିସଂଘ ପ୍ରତିବଦ୍ଧ ରହିଛି ବୋଲି ଭାରତ ପାଇଁ ଥିବା ଜାତିସଂଘର ଆବାସିକ ସଂଯୋଜକ ସୋମ୍ବି ଶାର୍ପ କହିଥିଲେ ।

## ୨୫ରୁ ସର୍ବଦଳୀୟ ବୈଠକ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ନଭେମ୍ବର ୨୫ ବସିବ ସର୍ବଦଳୀୟ ବୈଠକ । ୨୬ରୁ ଆରମ୍ଭ ହେବ ଶୀତ କାଳୀନ ଅଧିବେଶନ । ସେଥିପାଇଁ ସରକାର ସଂପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ । ଏହି ଅଧିବେଶନରେ ରାଜ୍ୟ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ଏବଂ ବିଭିନ୍ନ ପାରିତ ହେବ ଅନ୍ତରୀଣ ବଜେଟ ମଧ୍ୟ ଉପସ୍ଥାପନ ହେବ । ସର୍ବଦଳୀୟ ବୈଠକରେ ଗୃହ ସୁପରିଚାଳନା ନେଇ ଆଲୋଚନା ହେବ । ବିରୋଧୀ ଯେଉଁ ପ୍ରସଙ୍ଗ ଉଠାଇଲେ ମଧ୍ୟ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି ।

## ପିସିସି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଙ୍ଗଳବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ ଭୁବନେଶ୍ୱରସ୍ଥ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ପିସିସି ପକ୍ଷରୁ କଂଗ୍ରେସ ଭବନ ପରିସରରେ ଥିବା ଇନ୍ଦିରାଜୀ ପ୍ରତିମୂର୍ତ୍ତିରେ କଂଗ୍ରେସ ନେତୃବୃନ୍ଦ ମାଲ୍ୟାର୍ପଣ କରିଥିଲେ । ପରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ପାର୍କରେ ଥିବା ଶ୍ରୀମତୀ ଇନ୍ଦିରାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ପ୍ରସାଦ ହରିଚନ୍ଦନ, ଶରତ ରାଉତ, ଶିବାନନ୍ଦ ରାୟ, ଲଲାଟେନ୍ଦୁ ମହାପାତ୍ର, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ରଜନୀ ମହାନ୍ତି, ଅମିୟ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଶଗରିଆ, ତରୁଣ ମିଶ୍ର, ଲିଙ୍ଗରାଜ ସାହୁ, ନଜିବୁର ରହେମାନ ଖାଁ, ଦେବେନ୍ଦ୍ର ମହାନ୍ତି, ଆଲୋକ ମହାନ୍ତି, ମନୋରଞ୍ଜନ ରାଉତରାୟ, ମୋଟରାଜ ଡୁଙ୍ଗ ଡୁଙ୍ଗ, ମାସୁଦ ଅଲ୍ଲୀ, ଭାସ୍କର ସେଠୀ, ସୁଧାଂଶୁ ମହାନ୍ତି, ଖଗେଶ୍ୱର ମଲ୍ଲିକ, ସୁବାଷ ପ୍ରଧାନ, ତାପସ ସେଠୀ, କୁଳମଣି ସାହୁ, ଅଜୟ ସାମଲ, ଅକ୍ଷୟ ମୁଦୁଲି ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।



ୟୁଓ୍ୱାଇଏସ୍ଏଫ୍ ଏସିଆ ପ୍ୟାସିଫିକ୍-୨ ବିଜେତା ମଧୁସ୍ମିତା ସେନାପତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ।

ଆମ୍ବ ଟାକୁଆ ଜାଉ ଖାଇ ଆଉ ଜଣଙ୍କ ମୃତ୍ୟୁ ଘଟଣା

## ରିପୋର୍ଟ ହସ୍ତଗତ ହୋଇଛି: ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆମ୍ବ ଟାକୁଆ ଜାଉ ଖାଇ ଆଉ ଜଣଙ୍କ ମୃତ୍ୟୁ ଘଟଣା । ମୃତ୍ୟୁକୁ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି । କହିଲେ, ରିପୋର୍ଟ ଆମର ହସ୍ତଗତ ହୋଇଛି । ଯେଉଁମାନେ ଚିକିତ୍ସିତ ଅଛନ୍ତି ସେମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଯାଉଛି ।

## ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ନବୀନଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏକ୍ସ ହ୍ୟାଣ୍ଡେଲରେ ନବୀନ କହିଛନ୍ତି ଯେ, ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି ଯାହାକୁ ଜାତୀୟ ଇଂଟିଗ୍ରେସନ ଦିବସ ଭାବେ ପାଳନ କରାଯାଏ । ଭାରତକୁ ଶକ୍ତିଶାଳୀ ଓ ଏକତାବଦ୍ଧ ଦେଶ ତିଆରି କରିବାରେ ତାଙ୍କର ଅମୂଲ୍ୟ ଅବଦାନ ପାଇଁ ସେ ଚିର ସ୍ମରଣୀୟ ।

ବାଲିଯାତ୍ରାରେ ଭାରତ ମସଲାର ଲକି ଡ୍ର

## ନିରଞ୍ଜନ ପ୍ରଥମ, ଶାରଦା ଦ୍ୱିତୀୟ ଓ ସମରେନ୍ଦ୍ର ତୃତୀୟ




କଟକ (ଭାସ୍କର ନ୍ୟୁଜ୍): ଭାରତ ମସଲା ପକ୍ଷରୁ ବାଲିଯାତ୍ରା ପଡ଼ିଆରେ ହୋଇଥିବା ଲକି ଡ୍ର'ର ତୃତୀୟ ଦିବସର ଭାଗ୍ୟଶାଳୀ ବିଜେତା ମାନଙ୍କର ନାମ ଘୋଷଣା ହୋଇଛି । ଭାଗ୍ୟଶାଳୀ ପ୍ରଥମ ବିଜେତା ହେଲେ ଭଦ୍ରକ ଜଗନ୍ନାଥ ପୁରର ନିରଞ୍ଜନ ସାହୁ ଯିଏକି ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭାନ, ଦ୍ୱିତୀୟ ବିଜେତା କଟକ ଫୁଲନଖରାର ଶାରଦା ପ୍ରାସାଦ ବାରିକ ଯିଏ ରେସିଂ ବାଇ ସାଇକେଲ, ତୃତୀୟ ବିଜେତା ହେଲେ ଖୋର୍ଦ୍ଧା ବାଲିଅନ୍ତାର ପ୍ରିୟଦର୍ଶିନୀ ସାହୁ ଯିଏକି ବାଉଲ୍ ସେଟ୍, ଚତୁର୍ଥ ବିଜେତା ଭାବେ କଟକ ଜିଗିନପୁରର ସମରେନ୍ଦ୍ର ପାତ୍ର ଯିଏକି ଫ୍ରାଇଂ ପାନ୍ ପାଇ ନିଜ ନିଜର ଖୁସି ବ୍ୟକ୍ତ କରିଛନ୍ତି । ଆଜିର ଏହି ଲକି ଡ୍ର ବିଜେତାଙ୍କୁ ଭାରତ ମସଲାର ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ଓ ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜୀଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ, ପିଆର ଓ ଏସଏନ ମିଲେନିୟମଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

ଭରତପୁର ଥାନା ଆର୍ମି ବିବାଦ ମାମଲା

## ୫ ନିଲମ୍ବିତ ପୋଲିସ କର୍ମଚାରୀ ଉପସ୍ଥିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭରତପୁର ଥାନାରେ ପୋଲିସ ଆର୍ମି ବିବାଦ ମାମଲା । ଭରତପୁର ଥାନାରେ ପହଞ୍ଚିଛନ୍ତି ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ର । ଦୀନକୃଷ୍ଣଙ୍କ ସହ ଅନ୍ୟ ୪ ନିଲମ୍ବିତ ପୋଲିସ କର୍ମଚାରୀ ବି ପହଞ୍ଚିଛନ୍ତି । ତଦନ୍ତ କମିଶନ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କ ନିକଟରେ ପକ୍ଷ ରଖିବେ । ପୂର୍ବରୁ କମିଶନଙ୍କ ନିକଟରେ ପକ୍ଷ ରଖିଛନ୍ତି ମେଜର ଓ ବାନ୍ଧବୀ । ଥାନାରେ ପୋଲିସର ଦୁର୍ବ୍ୟବହାର, ନିର୍ଯାତନା ଅଭିଯୋଗର ତଦନ୍ତ ଜାରି ରହିଛି । ଏସବୁର ଫୋଟଗ୍ରାଫି ଏବଂ ଭିଡ଼ିଓଗ୍ରାଫି କରାଯାଉଛି ।

## କଟ୍‌ନିଛଟ୍‌ନି ସହ ଧାନ ସଂଗ୍ରହ ଆମର ଲକ୍ଷ୍ୟ : ଉପମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ମଙ୍ଗଳବାର ପୁରୀ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି (ଖରିଫ ବିପଣନ ବର୍ଷ ୨୦୨୪-୨୫)ର ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ଚାଷୀ ମାନଙ୍କଠାରୁ କିପରି ସୂଚାରୁ ରୂପେ ଧାନ ସଂଗ୍ରହ କରାଯିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ପୁରୀ ଜିଲ୍ଲାରେ ଆସନ୍ତା ୨ ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାରୁ ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀ ମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହେବେ ଏବଂ ଅଧିକରୁ ଅଧିକ ଧାନ ସଂଗ୍ରହ ହୋଇ ପାରିବ ସେନେଇ ଚାଷୀଙ୍କୁ ସଚେତନ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ । କଟନିଛଟନି ରହିତ ଧାନ ସଂଗ୍ରହ ରାଜ୍ୟ ସରକାରଙ୍କର ମୂଳ ଲକ୍ଷ୍ୟ ଏଣୁ ସମସ୍ତ ଧାନ କ୍ରୟ କେନ୍ଦ୍ରରେ ସିସିଟିଭି ଲଗାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ । ରାଜ୍ୟ ସରକାର ଧାନ କ୍ୱିଣ୍ଟାଲ ପିଛା ଚାଷୀ ମାନଙ୍କୁ ୩୧୦୦ ଟଙ୍କା ପ୍ରଦାନ କରିବେ । ଯଦି କୌଣସି ଚାଷୀଙ୍କର ଟୋକନ ଅବଧି ଶେଷ ହୋଇଯାଏ ତେବେ ଜିଲ୍ଲାପାଳ ଆଉ ୭ ଦିନପାଇଁ ଟୋକନର ଅବଧି ବୃଦ୍ଧି କରିପାରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ବୈଠକରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ।"
- ମହାତ୍ମା ଗାନ୍ଧୀ



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



## ଆଜି ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ନିର୍ବାଚନ

# ଉଷ୍ମ ପ୍ରଚାର ଅଭିଯାନର ଅନ୍ତ

ରାଜନୈତିକ ଦୃଷ୍ଟିକୋଣରୁ ଯଥେଷ୍ଟ ଗୁରୁତ୍ୱ ବହନ କରୁଥିବା ମହାରାଷ୍ଟ୍ରରେ ବୁଧବାର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଉଛି। ରାଜ୍ୟର ୨୮୮ ଆସନ ବିଶିଷ୍ଟ ବିଧାନସଭା ପାଇଁ ଗୋଟିଏ ଦିନରେ ଭୋଟ ଗ୍ରହଣ କରାଯାଉଥିବା ବେଳେ ଆଦିବାସୀ ଅଧ୍ୟୁଷିତ ରାଜ୍ୟ ଝାଡ଼ଖଣ୍ଡରେ ଦ୍ୱିତୀୟ ତଥା ଶେଷ ପର୍ଯ୍ୟାୟରେ ୩୮ଟି ଆସନ ଲାଗି ମତଦାନ କରାଯାଉଛି। ଝାଡ଼ଖଣ୍ଡ ବିଧାନସଭାର ମୋଟ ୮୧ ଆସନ ମଧ୍ୟରୁ ୪୩ଟି ଆସନରେ ଗତ ୧୩ ତାରିଖ ଦିନ ଭୋଟ ଗ୍ରହଣ କରାଯାଇଥିଲା। ଏହି ଦୁଇ ରାଜ୍ୟର ନିର୍ବାଚନ ଫଳାଫଳ ଜାତୀୟ ରାଜନୀତିକୁ ଖୁବ୍ ପ୍ରଭାବିତ କରିବାର ସମ୍ଭାବନା ଥିବାରୁ ଦେଶବାସୀ ଏହାକୁ ଆଗ୍ରହ ଓ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଦୁଇ ରାଜ୍ୟରେ ନିର୍ବାଚନ ପ୍ରଚାର କାର୍ଯ୍ୟ ସୋମବାର ସନ୍ଧ୍ୟାରେ ଶେଷ ହୋଇଛି। ବିଧାନସଭା ନିର୍ବାଚନ ପାଇଁ ମହାରାଷ୍ଟ୍ର ଓ ଝାଡ଼ଖଣ୍ଡରେ ରାଜନୈତିକ ବାତାବରଣ ଏଭଳି ସରଗରମ ହୋଇଥିଲା ଯେ, ପ୍ରତିଦ୍ୱନ୍ଦ୍ୱୀ ରାଜନୈତିକ ଦଳଗୁଡ଼ିକର ପ୍ରାୟ ସମସ୍ତ ନେତା ପ୍ରଚାର ଅଭିଯାନରେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଠାରୁ ଆରମ୍ଭ କରି ଅଧିକାଂଶ କେନ୍ଦ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ରାହୁଲ ଗାନ୍ଧୀଙ୍କ ସମେତ ବିରୋଧୀ ଦଳର ପ୍ରମୁଖ ନେତାମାନେ ଦୁଇ ରାଜ୍ୟକୁ ଘନଘନ ଗସ୍ତ କରି ବିଭିନ୍ନ ଜନସଭାରେ ଉଦ୍‌ବୋଧନ ଦେଇଥିଲେ। କେତେକ କ୍ଷେତ୍ରରେ ପରସ୍ପର ବିରୋଧରେ ଆକ୍ଷେପ-ପ୍ରତିଆକ୍ଷେପ, ଅଭିଯୋଗ-ପ୍ରତିଅଭିଯୋଗ ଓ କୁତ୍ସାରଟନା ଖୁବ୍ ନିମ୍ନସ୍ତରକୁ ଯିବାରୁ ନିର୍ବାଚନ ଆୟୋଗଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ପ୍ରଚାର ସମୟରେ କେତେକ ସ୍ଥାନରେ ପ୍ରତିଦ୍ୱନ୍ଦ୍ୱୀ ଦଳର ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଓ ହିଂସାକାଣ୍ଡର ଖବର ମଧ୍ୟ ହସ୍ତଗତ ହୋଇଛି। ସୋମବାର ରାତିରେ ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ତଥା ଏନ୍‌ସିପି ଶରଦ୍ ପାଓ୍ୱାର ଗୋଷ୍ଠୀର ପ୍ରଭାବଶାଳୀ ନେତା ଅନିଲ ଦେଶମୁଖ୍‌ଙ୍କ କାର୍ ଉପରେ ପ୍ରବଳ ପଥର ମାଡ଼ କରାଯିବାରୁ ସେ ଗୁରୁତର ଭାବେ ଆହତ ହୋଇଥିବାର ଖବର ମିଳିଛି। ତାଙ୍କର ମୁଣ୍ଡଫାଟି ପ୍ରଚୁର ରକ୍ତସ୍ରାବ ହେଉଥିବାର ଭିଡିଓ ଭାଇରାଲ୍ ହୋଇଛି। ଦେଶରେ କୃଷି ଓ ଶିଳ୍ପ କ୍ଷେତ୍ରରେ ମହାରାଷ୍ଟ୍ର ଏକ ସମୃଦ୍ଧ ରାଜ୍ୟ ରୂପେ ପରିଗଣିତ ହୋଇଥାଏ ଏବଂ ଏହାର ରାଜଧାନୀ ମୁମ୍ବାଇ ଭାରତର ଅର୍ଥନୈତିକ ତଥା ବାଣିଜ୍ୟିକ ରାଜଧାନୀ ଭାବରେ ପରିଚିତ। ତେଣୁ ମହାରାଷ୍ଟ୍ରର ଶାସନ ଡୋରି ହାତକୁ ନେବା ପାଇଁ ଉଭୟ ଏନ୍‌ଡିଏ ଓ ଇଣ୍ଡିଆ ମେଣ୍ଟ ଦିନରାତି ଏକ କରି ପ୍ରଚାର ଅଭିଯାନ ଚଳାଇଥିଲେ। ଏହି ରାଜ୍ୟରେ ଶାସନ କ୍ଷମତାରେ ଥିବା ବିଜେପି ନେତୃତ୍ୱାଧୀନ ମହାଯୁତି ମେଣ୍ଟ ଏବଂ ବିରୋଧୀ ଦଳଗୁଡ଼ିକର ମହାବିକାଶ ଅଘାଡ଼ି (ଏମ୍‌ଭିଏ) ମେଣ୍ଟ ମଧ୍ୟରେ ଏଥର ସିଧାସଳଖ ମୁକାବିଲା ହୋଇଛି। ମହାଯୁତି ପୁଣିଥରେ ପୂର୍ଣ୍ଣ ବହୁମତ ପାଇ କ୍ଷମତାକୁ ଫେରିବ ବୋଲି ଆଶା ବାନ୍ଧିଥିବା ବେଳେ ବିରୋଧୀ ମେଣ୍ଟ ଏମ୍‌ଭିଏ ବୃହତ ବିଜୟ ହାସଲ କରି ସରକାର ଗଢ଼ିବାକୁ ଆଶା ରଖିଛି। ଗତ ୨୦୧୯ ମସିହାର ବିଧାନସଭା ନିର୍ବାଚନ ପରେ ରାଜ୍ୟର ଦୁଇ ପ୍ରମୁଖ ରାଜନୈତିକ ଦଳ ଶିବସେନା ଏବଂ ରାଷ୍ଟ୍ରବାଦୀ କଂଗ୍ରେସ (ଏନ୍‌ସିପି)ରେ ବଡ଼ଧରଣର ବିଭାଜନ ଘଟିଛି ଓ ଚଳିତ ନିର୍ବାଚନରେ ଏହି ବିଭାଜିତ ଗୋଷ୍ଠୀ ହିଁ ପରସ୍ପରର ମୁକାବିଲା କରିଛନ୍ତି। ଶିବସେନାର ମୂଳଗୋଷ୍ଠୀ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱରେ ପରିଚାଳିତ ହେଉଥିବା ସ୍ଥଳେ ବିଭାଜିତ ଗୋଷ୍ଠୀ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏକ୍‌ନାଥ ସିନ୍ଦେଙ୍କ ନେତୃତ୍ୱରେ କାର୍ଯ୍ୟ କରୁଛି। ସେହିପରି ଏନ୍‌ସିପିର ମୂଳ ସଂଗଠନ ବରିଷ୍ଠ ନେତା ଶରଦ ପାଓ୍ୱାରଙ୍କ ନିୟନ୍ତ୍ରଣରେ ଥିବାବେଳେ ବିଭାଜିତ ଗୋଷ୍ଠୀ ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାଓ୍ୱାରଙ୍କ ଦ୍ୱାରା ପରିଚାଳିତ ହେଉଛି। ସେହିଦୃଷ୍ଟିରୁ ଚଳିତ ନିର୍ବାଚନର ଫଳାଫଳରୁ କିଏ ପ୍ରକୃତ ଶିବସେନା ଓ ଏନ୍‌ସିପି ଏବଂ କାହା ସପକ୍ଷରେ ଜନମତ ରହିଛି, ତାହା ନିର୍ଦ୍ଧାରିତ ହେବ। ଆଦିବାସୀ ବହୁଳ ଝାଡ଼ଖଣ୍ଡରେ କ୍ଷମତାସୀନ ଜେଏମ୍‌ଏମ୍-କଂଗ୍ରେସ ମେଣ୍ଟ ଏବଂ ବିଜେପି ମେଣ୍ଟ ମଧ୍ୟରେ କଡ଼ା ମୁକାବିଲା ହୋଇଛି। ଜମି ଦୁର୍ନୀତି ମାମଲାରେ ଜେଲ୍ ଯାଇଥିବା ଜେଏମ୍‌ଏମ୍ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ନେତୃତ୍ୱ ଉପରେ ରାଜ୍ୟବାସୀ ପୁଣିଥରେ ଆସ୍ଥା ଓ ବିଶ୍ୱାସ ପ୍ରକଟ କରୁଛନ୍ତି କି ନାହିଁ, ତାହା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହେବ। ଆସନ୍ତା ୨୩ ତାରିଖରେ ଦୁଇ ରାଜ୍ୟରେ ଭୋଟଗଣତି କରାଯାଇ ଫଳାଫଳ ଘୋଷିତ ହେବ।

## ନୀତିବାଣୀ



**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ହେଁସ କାହିଁପାଇଁ ଧୋଇବା ?



ଡ. ନିରଞ୍ଜନ ସାହୁ
ପୂର୍ବତନ ବରିଷ୍ଠ ଅଧିକାରୀ
(ଭାରତୀୟ ପ୍ରଶାସନିକ ସେବା)
ମୋ: ୯୪୩୮୪୮୨୯୧୧

ଶୀର୍ଷକଟି ଓଡ଼ିଶାର ପୁରପଲ୍ଲୀରେ ପ୍ରସାରିତ ଏକ ଢଗର ଅଂଶବିଶେଷ ବୋଲି ଆପଣମାନେ ନିଶ୍ଚିତ ରୂପେ ଜାଣିଥିବେ। ଦୁଇ ପରସ୍ପର ବିରୋଧୀ ପକ୍ଷ ଯେତେବେଳେ ସମାନ ରକମର କର୍ମ ଅଥବା ଅପକର୍ମରେ ଲିପ୍ତ ଥାଆନ୍ତି ସେମାନେ କିପରି ଆଚରଣ କରିଥାନ୍ତି, ବୋଧହୁଏ ତାହା ହିଁ ଏଇ ଆପ୍ତବାକ୍ୟର ସାରାଂଶ।

ଗୋଟିଏ ଗଣତନ୍ତ୍ରର ବିଶେଷତ୍ୱ ହେଉଛି ଏହା ଲୋକମତରେ ଚାଲେ ଏବଂ ସର୍ବାଧିକ ନିର୍ବାଚିତ ପ୍ରତିନିଧି ସମ୍ବଳିତ ଦଳ ଶାସନ ଭାର ସମ୍ଭାଳେ, ପରାଜିତ ହୋଇଥିବା ଦଳ ବା ଗୋଷ୍ଠୀ ବିରୋଧୀ ଦଳର ଭୂମିକା ନିଏ। ଭାରତୀୟ ଗଣତନ୍ତ୍ରରେ ଦୁଇଦଳୀୟ ବ୍ୟବସ୍ଥା ନଥାଏ, ଯେପରିକି ଆମେରିକା ଅଥବା ଇଂଲଣ୍ଡରେ; ମାତ୍ର ଭାରତରେ ବହୁ ଦଳୀୟ ଗଣତନ୍ତ୍ର ଚାଲି ଆସିଛି। ସର୍ବାଧିକ ଲୋକପ୍ରତିନିଧ ଯେଉଁ ଦଳ ବା ଗୋଷ୍ଠୀକୁ ପ୍ରତିନିଧିତ୍ୱ କରନ୍ତି ତାହା ଶାସନ ଭାର ସମ୍ଭାଳେ ଏବଂ ଏକ ବା ଏକାଧିକ ଦଳ ବିରୋଧୀ ଦଳର ଭୂମିକା ତୁଲାନ୍ତି। ଯେତେ ଦଳ ବିରୋଧ ଆଇନ ହେଲେ ମଧ୍ୟ ବହୁ ଚତୁରତା ସହିତ ରାଜନୈତିକ ଦଳମାନେ ତାକୁ କୌଶଳରେ ପରାଜିତ କରିପାରନ୍ତି।

ଭାରତର କେନ୍ଦ୍ରରେ ଏବଂ ବିଭିନ୍ନ ରାଜ୍ୟରେ ଶାସନ ଗାଦିରେ ବସିଥିବା ଦଳମାନଙ୍କୁ ଏବଂ ବିରୋଧୀମାନଙ୍କର କାର୍ଯ୍ୟକଳାପକୁ ଲକ୍ଷ୍ୟ କରନ୍ତୁ। ଆପଣ ନିଶ୍ଚିତ ହୋଇପାରିବେ ସେମାନଙ୍କ ଭିତରେ ଆଦର୍ଶଗତ ପାର୍ଥକ୍ୟ ସତ୍ତ୍ୱେ ମୌଳିକ ସ୍ତରରେ ବହୁ ସାମଞ୍ଜସ୍ୟ ରହିଛି। ପ୍ରତି ସରକାରୀ ଦଳ ନିଜ ଦଳର ସମର୍ଥିତ ବ୍ୟକ୍ତିମାନଙ୍କୁ ସବୁ ସୁଖ ସୁବିଧା ଅଜାଡ଼ି ଦେଉଥିବା ବେଳେ ବିରୋଧୀମାନଙ୍କୁ ଯେତେ ହୀନିମାନ କରାଯାଇପାରିବ ସେଥିରେ ଆଦୌ କାର୍ପଣ୍ୟ କରନ୍ତି ନାହିଁ।

ଆପଣମାନେ ଜାଣନ୍ତି ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ କାର୍ଯ୍ୟକଳାପ ବର୍ଷ ସାରା ଜାରି ରଖିଥାନ୍ତି ଏବଂ ସେଥିପାଇଁ ବହୁ ଅର୍ଥର ଆବଶ୍ୟକତା ପଡ଼ିଥାଏ। ସେହି ଅର୍ଥ କେବଳ ସଂପୃକ୍ତ ଦଳର ସଦସ୍ୟମାନେ କ'ଣ ଦାନ କରିଥାନ୍ତି ? ନା, ସେମିତି କେବେ ହୋଇ ନଥାଏ। ବ୍ୟବସାୟୀ, ଶିଳ୍ପପତି, କ୍ଷମତାଶାଳୀଙ୍କ ଠାରୁ ଦଳମାନେ ଚାନ୍ଦା ଆଦାୟ କରନ୍ତି। ଏଇ ଆଦାୟ ପ୍ରଣାଳୀରେ ସ୍ୱଚ୍ଛତା ନଥାଏ। ଆଗରୁ ଯେଉଁମାନେ ଶାସନ ଦାୟିତ୍ୱରେ ଥିଲେ ସେମାନେ ଯେଉଁ ପ୍ରକ୍ରିୟାରେ ଚାନ୍ଦା ଆଦା କରୁଥିଲେ, ଏବେ ଯେଉଁମାନେ ଅଛନ୍ତି ସେମାନେ ବି ସେଇ ପ୍ରକ୍ରିୟାକୁ ଭୁଲନ୍ତି ନାହିଁ। ବରଂ ପ୍ରକ୍ରିୟାକୁ ଗତିଶୀଳ କରିବା ପାଇଁ ଗବେଷଣାଗତ ଜ୍ଞାନକୁ କାମରେ ଲଗାନ୍ତି।

**କଥା ନିରବଧି**

ଗୁଣ୍ଡା ଶ୍ରେଣୀୟ ଲୋକମାନେ ଅଧିକାଂଶ ସମୟରେ ସରକାରୀ ଦଳର ହାତ ବାରିସୀ ସାଜନ୍ତି। ତାହା ଫଳରେ ସେମାନଙ୍କର ପ୍ରାଧାନ୍ୟ ରହିବା ସମ୍ଭବ ହୁଏ, ତା'ସହିତ ରୋଜଗାର ବି ଆଶାନୁରୂପ ହୁଏ। ଯଦିଓ ସରକାର ପୁଲିସର ସାହାଯ୍ୟ ସବୁବେଳେ ନେଇଥାନ୍ତି ତା' ସାଙ୍ଗକୁ ବେସରକାରୀ ଅସାମାଜିକ ତତ୍ତ୍ୱଙ୍କୁ ବି ପୋଷନ୍ତି କହିଲେ ଚଳେ। ଏହାଦ୍ୱାରା ସେମାନେ ବିରୋଧୀଙ୍କ ତୁଳନାରେ ଅଧିକ ଶକ୍ତିଶାଳୀ ବୋଲି ଲୋକଙ୍କ ଭିତରେ ଧାରଣା ସୃଷ୍ଟି ହେବ ବୋଲି ଗୋଟିଏ ଅବବୋଧ ତାଙ୍କ ଭିତରେ ସୃଷ୍ଟି ହୁଏ।

ବିଧାନସଭା ଏକ ସ୍ୱତନ୍ତ୍ର ସ୍ୱାଭିମାନୀ ସ୍ୱୟଂଶାସିତ ଅନୁଷ୍ଠାନ ଭାବରେ ଚଳୁ ବୋଲି ଶାସକ ଦଳ ଭାବନ୍ତି ନାହିଁ। କିପରି ତାକୁ ନିଜ ଇଚ୍ଛାରେ ଚଳାଯାଇ ପାରିବ, ସେଥିରେ ସାମାନ୍ୟ ଭୁଲ କରନ୍ତି ନାହିଁ। ବ୍ୟୟ ମଞ୍ଜୁରି ବିଲ୍‌ଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ହେବା ଜରୁରି; ମାତ୍ର ଅନେକ ବିଧାନସଭାରେ ସେଗୁଡ଼ିକ ବିନା ଆଲୋଚନାରେ ପାସ୍ ହୋଇଯାଏ।

ବିନା ଆଲୋଚନାରେ ବିଧାନସଭାରେ ସ୍ୱୀକୃତ ପ୍ରସ୍ତାବ ବି ବିଧାନସଭାର ଏକ ବ୍ୟବହୃତ ପ୍ରଣାଳୀ ଯାହାକୁ ଗିଲୋଟିନ କୁହାଯାଉଛି। ବିଧାନସଭାରେ ଆଲୋଚନା ହେଲେ ତାହା ବିରୋଧୀଦଳଙ୍କୁ ଫାଇଦା ଦେଇଥାଏ ବୋଲି ସାଧାରଣ ଲୋକଙ୍କର ଧାରଣା; ମାତ୍ର ବିରୋଧୀ ଦଳ ଟିକିଟିକି କଥାର ବିଧାନସଭା/ ଲୋକସଭାକୁ ଅଚଳ କରିଦେଇ ତାହାକୁ ନିଜର ବିଜୟ ବୋଲି ପ୍ରଚାର କରନ୍ତି। ଯାହାକୁ ଆଜିର ଶାସକ ଦଳ କରୁଛନ୍ତି, ଠିକ୍ ସେଇଆ କରନ୍ତି କାଲିର ଶାସକଦଳ ବା ଆଜିର ବିରୋଧୀ ଦଳ।

ଆପଣ କୌଣସି ବିଧାନସଭାରେ ପ୍ରଶ୍ନ କରାଯାଇଥିବା ପ୍ରଶ୍ନଗୁଡ଼ିକ ଅନୁଧ୍ୟାନ କରନ୍ତୁ। ଦେଖିବେ ସେଇ ପ୍ରଶ୍ନ ଭିତରୁ ବହୁ ଭାଗ ଆଗରୁ ପଚରା ଯାଇଥିଲା ଏବଂ ସେଇ ପୁରୁଣା ଉତ୍ତରକୁ ବାରମ୍ବାର ଦିଆଯାଉଛି। ଅର୍ଥାତ୍ ବିରୋଧୀ ଦଳର ସଦସ୍ୟମାନେ ଯେଉଁ ପ୍ରଶ୍ନ ପଚାରନ୍ତି ସେମାନେ ଯଦି କେତେବେଳେ ଶାସକ ଦଳକୁ ଆସନ୍ତି ସେଇ ପୁରୁଣା ଉତ୍ତର ଦିଅନ୍ତି ଯାହା ସେମାନଙ୍କର ବିରୋଧୀମାନେ ଦେଇଥିଲେ।

ଲୋକ ଚରିତ୍ରର ଏଇ ବିପୁଳ ସମଭାବକୁ ଆପଣ ଲକ୍ଷ୍ୟ କଲେ ଜାଣିପାରିବେ ସମସ୍ତେ ଯେମିତି ଗୋଟିଏ ନାଟକରେ ଅଭିନୟ କରୁଥିବା ନାୟକ ନାୟିକା। କିଏ କ'ଣ କହିବ ତାହା ଆଗରୁ ଯେମିତି ନିର୍ଦ୍ଦିଷ୍ଟ ହୋଇ ରହିଛି କେବଳ ନିଜର ପଦବୀ ଅନୁସାରେ ତାଙ୍କୁ ପ୍ରଶ୍ନ ପଚାରିବାକୁ ହେବ କିମ୍ବା ଉତ୍ତର ଦେବାକୁ ହେବ। ବିପ୍ଳବୀ କବି ରବି ସିଂଙ୍କର ଗୋଟିଏ କାଳଜୟୀ କବିତା ହେଉଛି 'ଖସାଅ ମୁକୁଟ' : ଏଇ କବିତାରେ ଉପଜିବ୍ୟ କଥାବସ୍ତୁ ହେଲା ରାମଲୀଳା ଦେଖି ଅଭିଭୂତ ହେଉଥିବା ସରଳ ଗ୍ରାମବାସୀ ଅଭିନୟ କରୁଥିବା ଚରିତ୍ରମାନଙ୍କ ଭିତରେ ସେ ରାମ ଏବଂ ତାଙ୍କର ପ୍ରତିପକ୍ଷ ରାବଣଙ୍କୁ ଦେଖନ୍ତି। ହେଲେ ରାମଲୀଳା ପରଦିନ ସେମାନେ ଦେଖନ୍ତି ଯେ ଗତ ରାତିର ରାମ ଓ ରାବଣ ଆଜି ସକାଳେ ଅଟ୍ଟାମଜା କରି ପୋଖରୀ ଘାଟକୁ ସ୍ନାନ ଶୌଚ ହେବା ପାଇଁ ଯାଉଛନ୍ତି। ସେମାନଙ୍କର ସ୍ୱପ୍ନ ଭଙ୍ଗ ହୁଏ। କବିଙ୍କର ବକ୍ତବ୍ୟ ହେଉଛି ଯେ ପୁରାଣର ରାମ ଓ ରାବଣ ଚରିତ୍ର ଦୃଷ୍ଟିରୁ ଅଲଗା ମାତ୍ର ଅଭିନୟ କରୁଥିବା ରାମ ଓ ରାବଣ ଗୋଟିଏ ଯାତ୍ରାପାର୍ଟିର ଅଭିନେତା। ସେମାନଙ୍କ ପ୍ରତିଜ୍ଞା ପାଣିର ଗାର ଭଳି।

ରାଜନୀତିରେ ପ୍ରତ୍ୟେକ ଯୁକ୍ତି କରି ପ୍ରତିପକ୍ଷଙ୍କୁ ମାଟି କାମୁଡ଼େଇବା ପାଇଁ ଚାହାନ୍ତି। ଜଳସେଚନ ଓ ପାନୀୟଜଳ ଯୋଗାଣ ପାଇଁ ସବୁଦଳଙ୍କ ଆଖିରୁ ଲୁହ ବହେ, ମାତ୍ର ଏପରି ମୌଳିକ ସମସ୍ୟାର ସମାଧାନ ପାଇଁ ଆନ୍ତରିକ ପ୍ରଚେଷ୍ଟା ନଥାଏ। ହେଁସ ଧୋଇବା ପାଇଁ କାହାରି ଐକାନ୍ତିକ ପ୍ରୟାସ ନଥାଏ।

ସବୁ ଦେଶରେ ଊଣା ଅଧିକେ କ୍ଷମତାସୀନ ଓ ପ୍ରତିପକ୍ଷଙ୍କ ଭିତରେ ତୁତୁ ମେଁମେଁ ଚାଲିଛି। ଆଲୋଚନା କରି ସର୍ବସମ୍ମତ ନିଷ୍କର୍ଷ ବାହାର କରିବାକୁ କାହାରି ଉଦ୍ୟମ ନାହିଁ; ମାତ୍ର ଏପରି ସମୟରେ ନିଜର କାର୍ଯ୍ୟକାଳରେ ଶେଷ ପର୍ଯ୍ୟାୟରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବାରାକ ଓବାମା ଯାହା କହିଥିଲେ ତାହା ପ୍ରଣିଧାନଯୋଗ୍ୟ। ସେଦିନ ନୂତନ ଆମେରିକା ରାଷ୍ଟ୍ରପତି ନିର୍ବାଚନର ଫଳ ଘୋଷିତ ହୋଇଥାଏ। ଡିମୋକ୍ରାଟମାନଙ୍କର ପ୍ରାର୍ଥୀ ହାରିଯାଇଥାନ୍ତି ଏବଂ ରିପବ୍ଲିକାନ୍ ପ୍ରାର୍ଥୀ ଟ୍ରମ୍ପ ବିଜୟୀ ହେଲେ ବୋଲି ଘୋଷଣା ହୋଇସାରିଥାଏ। ସେତିକି ବେଳେ ଏକ କ୍ଷୁଦ୍ର ଭାଷଣରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଓବାମା କହୁଛନ୍ତି।

'ନିର୍ବାଚନରେ କିଏ ହାରିବ ତ କିଏ ଜିତିବ; ମାତ୍ର ବଡ଼କଥା ହେଲା ନିର୍ବାଚନରେ ଲଢୁଥିବା ଆମର ପ୍ରତିପକ୍ଷ ଆମର ଶତ୍ରୁ ନୁହନ୍ତି। ଆମେ ସମସ୍ତେ ଗୋଟିଏ ଦଳର। ରିଲେରେସ୍ ଖେଳୁଥିବା ଖେଳାଳୀମାନେ ନିଜ ନିଜର ସର୍ବଶ୍ରେଷ୍ଠ କ୍ରୀଡ଼ା ପ୍ରଦର୍ଶନ କଲା ପରି ନୂତନ ବିଜୟୀ ପ୍ରାର୍ଥୀଙ୍କୁ ଆମର ବ୍ୟାଟନ ହସ୍ତାନ୍ତର କରିବୁ। ଆମ ସମସ୍ତଙ୍କର ଲକ୍ଷ୍ୟ ଆମେରିକା କେମିତି ସର୍ବଦା ଶ୍ରେଷ୍ଠ ସ୍ଥାନରେ ରହିବ।'

ବାସ୍ତବରେ ଏପରି ଭାବନା ଆମ ଦେଶର ନେତୃମଣ୍ଡଳୀ ଭିତରେ କେତେଜଣଙ୍କର ଅଛି ? ଏଇ ଭାବନା ଯଦି ଆମ ଦେଶର ସବୁ ଦଳର ନେତାଙ୍କ ଭିତରେ ପ୍ରକାଶିତ ହେବ ତା'ହେଲେ ଯାଇ ହେବ ଭାରତୀୟ ଗଣତନ୍ତ୍ରର ବିଜୟ। ତା'ନହେଲେ ଆଜିପରି ଅବସ୍ଥାର ପରିବର୍ତ୍ତନ ହେବନାହିଁ, ଯାହାକି ସଂକ୍ଷିପ୍ତରେ ଶୀର୍ଷକ ଭାବରେ ସ୍ଥାନିତ ହୋଇଛି।


# ସଦ୍‌ଗୁରୁଙ୍କ ଶରଣାପନ୍ନ ହୁଅ...



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

ଆମର ଗୋଟାଏ ଦୋଷ ଏଇ ଯେ, କିଛି ନବୁଝି, ମହାପୁରୁଷଙ୍କ ଉପରେ ମୂଳରୁ ଭଗବତ୍ତ୍ୱ ଆରୋପ କରି, ଭଗବତ ଶକ୍ତିରେ ଅଲୌକିକ ଭାବରେ ସବୁ ସେ କରିଦେବେ - ଏଇ ଆଶାରେ ନିଶ୍ଚିନ୍ତ ହୋଇ ବସିଯାଉ। ଏହାଠାରୁ ବଡ଼ ଭୁଲ ଆଉ କିଛି ନାହିଁ। ଭଗବାନ ହେଲେ ବି ସିଏ ଯେ ଜଣେ ମଣିଷ, ଏବଂ ମଣିଷ ଜଗତରେ ମଣିଷକୁ ଯାହା କରିବାକୁ ହୁଏ ସେହି ମାନବୀୟ ଭାବରେ କାର୍ଯ୍ୟସିଦ୍ଧି କରିବା ଛଡ଼ା ତାଙ୍କର ମଧ୍ୟ ଯେ ଉପାୟ ନାହିଁ, ଏହା ବୁଝି, ଖଟିଖାଟି, ତାଙ୍କର ଚାହିଦା ପୂରଣ କରିବା ଦରକାର। ମହାପୁରୁଷଗଣ ଇଚ୍ଛା କରିଲେ ହିଁ ଅନେକ କିଛି କରିପାରନ୍ତି। ଏଇ କଥାର ତାତ୍ପର୍ଯ୍ୟ ଏଇ ଯେ, ସେମାନଙ୍କର ବିରାଟ ପରିପୂରଣକାରୀ ଓ ନିୟନ୍ତ୍ରଣକାରୀ ଶକ୍ତି, ପ୍ରେମ ଓ ଚରିତ୍ରବଳ ଥାଏ, ସେଇ କାରଣରୁ ଅନେକେ ତାଙ୍କ ପ୍ରତି ଆକୃଷ୍ଟ ହୋଇ ତାଙ୍କର କଲ୍ୟାଣକର ଇଚ୍ଛାକୁ ରୂପ ଦେବାକୁ ଚେଷ୍ଟା କରନ୍ତି ଏବଂ ବହୁ ଲୋକଙ୍କର ସମବେତ ଓ ସୁସଂଗଠିତ ଚେଷ୍ଟା ଫଳରେ ଅନେକ ଅସାଧ୍ୟ ସାଧନ ହୋଇଥାଏ। ଯାହାହେଉ, ଅବତାର ମହାପୁରୁଷଙ୍କ ଭୂତ-ମହେଶ୍ୱର ଭାବ କିନ୍ତୁ ତାଙ୍କୁ ଅନୁସରଣ କରିଲେ ହିଁ ବୁଝାଯାଏ। ମ୍ୟାନ ହୁଡ ଟୁ ଗଡ଼ ହୁଡ଼ (ମନୁଷ୍ୟତ୍ୱରୁ ଈଶ୍ୱରତ୍ୱକୁ) ପ୍ରୋସିଡ଼୍ ନକରିଲେ (ଅଗ୍ରସର ନହେଲେ) ଗଡ଼ହୁଡ଼ (ଈଶ୍ୱରତ୍ୱ) ବୁଝାଯାଏ ନାହିଁ, ତତ୍ ସମ୍ବନ୍ଧରେ ଅଳୀକ ମନଗଢ଼ା କଳ୍ପନା ହିଁ ସାର ହୋଇଥାଏ।

ଜୀବନ ଗତିଶୀଳ, ଏକ ପ୍ରବହମାନ ଧାରା। ଏହି ଧାରାରେ ଧାବିତ ସକଳ ଜୀବଜଗତ, ମାତ୍ର ଧାବମାନ ଜୀବନକୁ ସୁନିୟନ୍ତ୍ରିତ କରି ନପାରିଲେ ଜନ୍ମ ନିରର୍ଥକ ହୋଇଯାଏ। ଜୀବନକୁ ସୁନିୟନ୍ତ୍ରିତ କରିବା ଲାଗି ସଦ୍‌ଗୁରୁଙ୍କ ଶରଣାପନ୍ନ ହେବା ଅପରିହାର୍ଯ୍ୟ। ସଦଗୁରୁଙ୍କ ନିର୍ଦ୍ଦେଶିତ ପଥରେ ଜୀବନକୁ ଚଳାଇପାରିଲେ ଜୀବନ ହୋଇଉଠେ ସମୁନ୍ନତ, ସୁମଧୁର। ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର 'ସତ୍ୟାନୁସରଣ'ରେ ଉଲ୍ଲେଖ କରିଛନ୍ତି - 'ସଦଗୁରୁଙ୍କ ଶରଣାପନ୍ନ ହୁଅ, ସତନାମ ମନନ କର ଆଉ ସତସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କରି କହୁଛି ତୁମର ଉନ୍ନୟନ ପାଇଁ ତୁମକୁ ଆଉ ଚିନ୍ତା କରିବାକୁ ପଡ଼ିବ ନାହିଁ।' ଏ ଉନ୍ନୟନ ଉଭୟ ଭୌତିକ ଓ ଆତ୍ମିକ। ଆତ୍ମିକ ଉନ୍ନତି ବିନା କେବଳ ଭୌତିକ ଉନ୍ନତି ମୂଲ୍ୟହୀନ। ପୁଣି ଉଚ୍ଚ ବା ଶ୍ରେଷ୍ଠଜନଙ୍କ ପ୍ରତି ଶ୍ରଦ୍ଧାଭକ୍ତି ବିନା ଉନ୍ନତି ସମ୍ଭବ ନୁହେଁ। କେତେକେ



କହନ୍ତି, 'ପ୍ରଭୁ ତୁମେ ମୋର'। ଏହାର ଅର୍ଥ ପ୍ରଭୁ ତୁମେ କେବଳ ମୋର, ତୁମେ ଆଉ କାହାର ନୁହଁ। ଅବଶ୍ୟ ଏଠାରେ ସଂକୀର୍ଣ୍ଣ ସ୍ୱାର୍ଥପରତାର ଝଲକ ଫୁଟି ଉଠେ। କାରଣ ଏଭଳି କହୁଥିବା ବ୍ୟକ୍ତି ଚାହେଁ ପ୍ରଭୁ କେବଳ ତା'ରି କଥା ଶୁଣନ୍ତୁ, ତାରି ଅଭୀଷ୍ଟ ପୂରଣ କରନ୍ତୁ। ଅପରପକ୍ଷରେ 'ମୁଁ ତୁମର' କହିଲେ- ସମର୍ପଣର ଭାବ ପ୍ରକଟିତ ହୁଏ। ତେଣୁ ଠାକୁରଙ୍କ ପାଖରେ ସମର୍ପିତ ହେବାକୁ ହେଲେ - 'ମୁଁ ତୁମର' ଭାବଟିକୁ ନିଜ ଭିତରେ ଆରୋପିତ କରିବାକୁ ପଡ଼ିବ। ଏହା ହୋଇପାରିଲେ ଅହଂକାର, ଆତ୍ମମ୍ଭରିତା ଉପରେ ନିୟନ୍ତ୍ରଣ ଆସିପାରିବ, ନିଜ ଭିତରେ ବିନୟସମନ୍ୱିତ ଭାବ ଗଜେଇ ଉଠିବ। ବ୍ୟକ୍ତିର ପ୍ରକୃତ ବ୍ୟକ୍ତିତ୍ୱ ପ୍ରସ୍ଫୁଟିତ ହୋଇପାରିବ।

ବର୍ତ୍ତମାନ ସମୟରେ ବ୍ୟକ୍ତିର ଜୀବନ ବହୁ ସଙ୍କଟ ଦେଇ ଗତି କରୁଛି। ଅବିଶ୍ୱାସ, ସ୍ୱାର୍ଥପରତା, ହିଂସା, ଅପରାଧ ଭୟଙ୍କର ଭାବରେ ସମାଜକୁ କଳୁଷିତ କରୁଛି ଓ ଆହୁରି ତୀବ୍ର ରୂପ ଗ୍ରହଣ କରିବାର ଆଭାସ ମିଳୁଛି। ବ୍ୟକ୍ତିର ଉନ୍ନତି କେବଳ ଭୌତିକ ଉନ୍ନତିରେ ସୀମିତ ହୋଇଯାଉଛି। ଅର୍ଥନୈତିକ ଉନ୍ନତି ସହିତ ଚରିତ୍ରର ଅବନତି ତାଳ ମିଳାଇ ଚାଲିଛି। ବ୍ୟକ୍ତିର ଜୀବନ ଆହାର, ନିଦ୍ରା ଓ ମୈଥୁନ ମଧ୍ୟରେ ସୀମାବଦ୍ଧ ହୋଇଯାଉଛି। ଧର୍ମକୁ ବାଦ ଦେଇ ପ୍ରକୃତ ଉନ୍ନତି ସମ୍ଭବ ନୁହେଁ। ପ୍ରକୃତ ଧର୍ମ କିନ୍ତୁ ସଂପ୍ରଦାୟର ଊର୍ଦ୍ଧ୍ୱରେ। ଏହି ଧର୍ମ କିନ୍ତୁ ଜୀବନ୍ତ ହୋଇଥାଏ ସଦ୍‌ଗୁରୁଙ୍କ ଠାରେ। ଅତଏବ ସଦ୍‌ଗୁରୁଙ୍କୁ ବାଦ ଦେଇ ଓ ଧର୍ମକୁ ବାଦ୍ ଦେଇ କେବେ ପ୍ରକୃତ ଉନ୍ନତି ହୋଇପାରେନା। ଶ୍ରୀ ଶ୍ରୀ ଠାକୁର ପୁଣ୍ୟପୁଥିରେ ଭାବସମାଧି ଅବସ୍ଥାରେ ଅମୋଘ ଆଶ୍ୱାସନା ଦେଇ କହିଛନ୍ତି, 'ଥରେ ପରମାତ୍ମାଙ୍କ ଭାବରେ ଭାବିତ ହୁଅ, ତୁମର ସବୁ ଜ୍ୱାଳା ଯନ୍ତ୍ରଣା ମୋ ହାତ ଦେଇ ପୋଛି ଦେବି।' 'ଚଲାର ସାଥୀ'ରେ ଉଲ୍ଲେଖ ରହିଛି ଦୁଃଖ ଓ ଅଭାବକୁ ଅତିକ୍ରମ କରି ସହଜ ସରଳ ଜୀବନ ଯାପନ କରିବା ଓ ସୁଖଶାନ୍ତିରେ ବଞ୍ଚିବା ସମ୍ଭବ ହୁଏ ସଦଗୁରୁଙ୍କୁ ନିଜ ଜୀବନର କେନ୍ଦ୍ର କରି। ସଦଗୁରୁଙ୍କର ପ୍ରତିଷ୍ଠା ଭିତର ଦେଇ ଧର୍ମର ପ୍ରତିଷ୍ଠା ହୁଏ ଓ ସମାଜର ମଙ୍ଗଳ ହୁଏ। ସେଥିପାଇଁ ନିଜକୁ ତିଆରି କରିବା ନିତ୍ୟାନ୍ତ ଆବଶ୍ୟକ। ଶ୍ରୀ ଶ୍ରୀ ଠାକୁରଙ୍କର କଥାରେ- 'ତୁମେ ଜାଣ ବା ନଜାଣ ପାର ବା ନପାର- ଅବ୍ୟାହତ ଥାଉ, - ସିଦ୍ଧିର ପଥ ଖୋଜିନିଅ-କୃତାର୍ଥ ହେବ, କୃତକାର୍ଯ୍ୟତା ଆସିବ; ଆଉ, ତୁମର ପ୍ରତିଷ୍ଠା ତୁମର ଆଦର୍ଶକୁ ପ୍ରତିଷ୍ଠିତ କରିବ ହିଁ - ନିଶ୍ଚୟ ଜାଣ।'



ସତ୍ୟ ମହାପାତ୍ର
ଆଇନଜୀବୀ
ପ୍ଲଟ ନଂ-୧୦୮୭/ଡ଼ି, ସେକ୍ଟର-୬, କଟକ

# ସୁସ୍ଥ ସମାଜ ପାଇଁ ମନୁଷ୍ୟର ଅଧିକାର

ଭଗବାନଙ୍କ ସୃଷ୍ଟିରେ ମଣିଷ ଶ୍ରେଷ୍ଠ ପ୍ରାଣୀ। ସମଗ୍ର ବିଶ୍ୱରେ ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ପରିଚିତ। ଦିନକୁ ଦିନ ଭାରତ ବିଶ୍ୱ ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପହଞ୍ଚିଥିବାବେଳେ ଭାରତର ନ୍ୟାୟ ପାଳିକା ମଧ୍ୟ ଅତ୍ୟନ୍ତ ସୁଦୃଢ଼। ନିକଟରେ ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ତାଙ୍କ ବିଦାୟୀ ଭାଷଣରେ ଯାହା ଉଲ୍ଲେଖ ରଖିଛନ୍ତି ତାହା ଅତ୍ୟନ୍ତ ଭାବପୂର୍ଣ୍ଣ ଓ ହୃଦୟସ୍ପର୍ଶୀ। ବାସ୍ତବରେ ଅଭାବୀଙ୍କ ସେବା ଠାରୁ କିଛି ବଡ଼ ନାହିଁ। ସୁସ୍ଥ ସମାଜରେ ବଞ୍ଚିବା ପାଇଁ ପ୍ରତିଟି ମଣିଷର ସମ୍ବିଧାନ ପ୍ରଦତ୍ତ ନୀତିଗତ ଅଧିକାର ରହିଛି। ଆସନ୍ତୁ ଏହି ଅଧିକାର ସମ୍ପର୍କିତ ଛୋଟିଆ ଆଲୋଚନାଟି ରଖିବା।

ସ୍ୱାଧୀନତା, ସମାନତା ଓ ସୁରକ୍ଷାର ଅଧିକାର : ଦୁନିଆର ପ୍ରତି ବ୍ୟକ୍ତି ସମ୍ମାନ ଓ ଅଧିକାର ମାମଲାରେ ସ୍ୱାଧୀନ ଓ ସମାନ। ପ୍ରତ୍ୟେକ ବ୍ୟକ୍ତିକୁ କୌଣସି ଭେଦଭାବ ବିନା ସମସ୍ତ ଅଧିକାର ଓ ସ୍ୱାଧୀନତା ଦିଆଯାଇଛି। ଏଥିରେ ଜାତି, ବର୍ଣ୍ଣ, ଲିଙ୍ଗ, ଭାଷା, ଧର୍ମ, ରାଜନୈତିକ ବିଚାର, ରାଷ୍ଟ୍ରୀୟତା, ସମ୍ପତ୍ତି, ସମାଜ ଆଦି ବିଷୟକୁ ନେଇ କୌଣସି ଭେଦଭାବ କରିହେବ ନାହିଁ। ପ୍ରତି ମନୁଷ୍ୟର ଜୀବନ, ସ୍ୱାଧୀନତା ଓ ସୁରକ୍ଷାର ଅଧିକାର ଅଛି। ଆଇନ ଆଗରେ ସମସ୍ତେ ସମାନ। ପ୍ରତ୍ୟେକ ବ୍ୟକ୍ତିର ସୁରକ୍ଷାର ସମାନ ଅଧିକାର ଅଛି।

ପ୍ରତାଡ଼ନା ଓ କ୍ରୂରତାରୁ ସ୍ୱାଧୀନତାର ଅଧିକାର : ପ୍ରତି ବ୍ୟକ୍ତିର ଯନ୍ତ୍ରଣା ପ୍ରତାଡ଼ନା ଓ କ୍ରୂରତାରୁ ମୁକ୍ତ ହେବାର ଅଧିକାର ରହିଛି। ଦୁନିଆର ଯେ କୌଣସି ଅଂଶରେ ଥିବା ଯେ କୌଣସି ମଣିଷର ପ୍ରଥମ ପରିଚୟ ସେ ଜଣେ ମଣିଷ। ଏହାପରେ ହିଁ ଆଇନ ଆସିପାରେ। କୌଣସି ମଣିଷକୁ ଗୁଲାମୀ ବା ଦାସତ୍ୱରେ ରଖିହେବ ନାହିଁ। ଯେ କୌଣସି ପ୍ରକାର ଦାସତ୍ୱ ପ୍ରଥା ଉପରେ ମଧ୍ୟ କଟକଣା ରହିଛି।

ଅଦାଲତ ଦୋଷୀ କହିବା ପୂର୍ବରୁ ନିର୍ଦ୍ଦୋଷ : ଯେ କୌଣସି ଅଧିକାରରୁ ବଞ୍ଚିତ ହୋଇଥିବା ବ୍ୟକ୍ତି ନ୍ୟାୟ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହେବା ନିମନ୍ତେ ସଂପୂର୍ଣ୍ଣ ଅଧିକାର ରହିଛି। କୌଣସି ବ୍ୟକ୍ତିକୁ ମନଇଚ୍ଛା ଗିରଫ, ନଜରବନ୍ଦୀ କିମ୍ବା ଦେଶାନ୍ତର କରିହେବନାହିଁ। ସମସ୍ତଙ୍କ ପାଖରେ ଏକ ସ୍ୱାଧୀନ ଓ ନିରପେକ୍ଷ ଅଦାଲତରେ ସାର୍ବଜନୀନ ଶୁଣାଣିର ଅଧିକାର ରହିଛି। ଅଦାଲତ ଦୋଷୀ ବୋଲି ରାୟ ଦେବା ପୂର୍ବରୁ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତିକୁ ନିର୍ଦ୍ଦୋଷ ଭାବରେ ଗ୍ରହଣ କରାଯିବ। ମନୁଷ୍ୟର ଘର, ପରିବାର, ବ୍ୟକ୍ତିଗତ ଜୀବନ ଓ ବ୍ୟକ୍ତିଗତ ଚିଠିରେ ଅନ୍ୟ କୌଣସି ବ୍ୟକ୍ତି ହସ୍ତକ୍ଷେପ କରିବାର ଅଧିକାର ନାହିଁ। ବ୍ୟକ୍ତିଗତ ଏକାନ୍ତତା ଉପରେ ଆକ୍ରମଣ ମାମଲାରେ ବ୍ୟକ୍ତି ଆଇନ ଠାରୁ ସୁରକ୍ଷା ମାଗିବାର ଅଧିକାର ରହିଛି।

ଦେଶ ତ୍ୟାଗ ଓ ଶରଣାର୍ଥୀ ଅଧିକାର : ନିଜ ଦେଶରେ ଯେ କୌଣସି ସ୍ଥାନକୁ ଯିବା ଅଧିକାର ସହ ମନୁଷ୍ୟକୁ ଅନ୍ୟ ଦେଶକୁ ଯିବା ଆସିବା କରିବାର ଅଧିକାର ରହିଛି। କେବଳ ଏତିକି ନୁହେଁ ସେ ନିଜ ଦେଶ ତ୍ୟାଗ କରିପାରିବ ଏବଂ ଫେରି ମଧ୍ୟ ପାରିବ। ପ୍ରତିଟି ମନୁଷ୍ୟ ପାଖରେ ନିଜ ଦେଶ ଛାଡ଼ି ଅନ୍ୟ ଦେଶରେ ଶରଣ ମାଗିବାର ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତି ପାଖରେ ଏକ ବିଶେଷ ରାଷ୍ଟ୍ରର ନାଗରିକତାର ଅଧିକାର ରହିଛି। କେହି ଜବରଦସ୍ତ ଭାବରେ ବା ମନଇଚ୍ଛା ତାଙ୍କାର ରାଷ୍ଟ୍ରୀୟତା ଛିନ୍ନ କରିପାରିବେ ନାହିଁ।

ବିବାହ ଓ ମହିଳା ପୁରୁଷ ସମାନତା ଅଧିକାର : ପ୍ରତ୍ୟେକ ବ୍ୟକ୍ତିର ଜାତି, ଧର୍ମ ଓ ଜାତୀୟତା ନିର୍ବିଶେଷରେ ବିବାହ କରିବାର ଓ ପରିବାର ବଢ଼ାଇବାର ଅଧିକାର ରହିଛି। ଏଥିସହ ବିବାହ ସମୟରେ ଓ ବିବାହ ପରେ ମହିଳା ଓ ପୁରୁଷଙ୍କର ସମାନତାର ଅଧିକାର ରହିଛି। ପ୍ରତି ବ୍ୟକ୍ତିକୁ ଏକାକୀ ବା ଏକାଧିକ ବ୍ୟକ୍ତିଙ୍କ ସହ ମିଶି ସମ୍ପତ୍ତି ରଖିବାର ଅଧିକାର ରହିଛି। ସମ୍ପତ୍ତି ଉପରୁ ଏହି ଅଧିକାର କେହି ମନଇଚ୍ଛା ଛିନ୍ନ କରିପାରିବେ ନାହିଁ।

ବିଚାର ଓ ଧର୍ମ ଛାଡ଼ିବାର ଓ ଆପଣାଇବାର ଅଧିକାର : ମନୁଷ୍ୟର ଯେ କୌଣସି ବିଚାର ଓ ଧର୍ମକୁ ଆପଣାଇବା ପାଇଁ ସ୍ୱାଧୀନତା ରହିଛି। ଏଥିସହ ନିଜର ଧର୍ମ ଓ ବିଚାର ବଦଳାଇବାର ମଧ୍ୟ ସ୍ୱାଧୀନତା ରହିଛି। ପ୍ରତିଟି ମନୁଷ୍ୟର ବିଚାରକୁ ଅଭିବ୍ୟକ୍ତ କରିବାର ସ୍ୱାଧୀନତା ରହିଛି। କୌଣସି ପ୍ରସଙ୍ଗରେ ନିଜର ବିଚାର ବ୍ୟକ୍ତ କରିବାର ଅଧିକାର ରହିଛି। ବ୍ୟକ୍ତିକୁ ଗଣମାଧ୍ୟମ ବା ଅନ୍ୟ ମାଧ୍ୟମରୁ ସୂଚନା ହାସଲ କରିବାର ଅଧିକାର ରହିଛି। ଏହାକୁ କେହି ରୋକିପାରିବେ ନାହିଁ।

ସରକାର ବାଛିବା ଓ ସାମାଜିକ ସୁରକ୍ଷାର ଅଧିକାର : ପ୍ରତି ବ୍ୟକ୍ତି ପାଖରେ ଶାନ୍ତିପୂର୍ଣ୍ଣ ଭାବରେ ସଂଗଠନ ଗଠନ କରିବା, ସଂସ୍ଥାର ସଦସ୍ୟ ହେବା ଏବଂ ସଭା କରିବାର ଅଧିକାର ରହିଛି। ଦେଶରେ ସରକାର ଗଠନ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାର ଏବଂ ସରକାର ନିର୍ବାଚନ କରିବାର ଅଧିକାର ରହିଛି। ଏଥିସହ ଦେଶର ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ସମାନ ଅଧିକାର ରହିଛି। ପ୍ରତି ମଣିଷ ପାଖରେ ସମାଜର ଅଂଶ ହୋଇଥିବା କାରଣରୁ ସାମାଜିକ ସୁରକ୍ଷାର ଅଧିକାର ରହିଛି। ଏଥିସହ ବ୍ୟକ୍ତିତ୍ୱ ବିକାଶ ପାଇଁ ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାର ମଧ୍ୟ ରହିଛି।

ନିଜ ପସନ୍ଦର ଚାକିରି ଏବଂ ବୃତ୍ତିର ଅଧିକାର : ପ୍ରତ୍ୟେକ ବ୍ୟକ୍ତିକର କାମ କରିବା, ନିଜ ପସନ୍ଦର କାମ ଖୋଜିବା, କର୍ମସ୍ଥଳରେ ଉନ୍ନତି ଏବଂ ବେରୋଜଗାରୀରୁ ରକ୍ଷା ପାଇବାର ଅଧିକାର ଅଛି। ଏହା ବ୍ୟତୀତ କୌଣସି ପ୍ରକାର ଭେଦଭାବ ବିନା ସମାନ କାମ ପାଇଁ ସମାନ ପାରିଶ୍ରମିକ ପାଇବାର ମଧ୍ୟ ଅଧିକାର ରହିଛି। ସେ ଟ୍ରେଡ଼ ୟୁନିୟନରେ ସାମିଲ ହୋଇପାରେ, ଟ୍ରେଡ ୟୁନିଅନ ଗଠନ କରିପାରେ। ନିର୍ଦ୍ଦିଷ୍ଟ କର୍ମ ନିର୍ଘଣ୍ଟ ଏବଂ ଛୁଟିରେ ଅଧିକାର ରହିଛି ପ୍ରତ୍ୟେକ କର୍ମଚାରୀଙ୍କ ପାଖରେ।

ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସଂସ୍କୃତିର ଅଧିକାର : ପ୍ରତ୍ୟେକ ବ୍ୟକ୍ତିର ଖାଦ୍ୟ, ପୋଷାକ, ଘର, ସ୍ୱାସ୍ଥ୍ୟ ସୁବିଧା ଏବଂ ଜରୁରି ସାମାଜିକ ସୁରକ୍ଷାର ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତିର ଶିକ୍ଷା ଅଧିକାର ରହିଛି। ପ୍ରାଥମିକ ଶିକ୍ଷା ସମସ୍ତଙ୍କ ପାଇଁ ଜରୁରି ଏବଂ ଏହାକୁ ଦେୟମୁକ୍ତ କରାଯିବା ପାଇଁ ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତିର ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହେବାର ଅଧିକାର ରହିଛି। ସେ କଳା କିମ୍ବା ବିଜ୍ଞାନ ଜରିଆରେ ହେଉଥିବା ବିକାଶ ଏବଂ ଲାଭକୁ ନିଜ ପାଇଁ ବ୍ୟବହାର କରିପାରିବ।

ସାମାଜିକ ଏବଂ ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥାର ଅଧିକାର: ପ୍ରତ୍ୟେକ ବ୍ୟକ୍ତି ପାଖରେ ଏପରି ସାମାଜିକ ଏକ ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥାର ଅଧିକାର ରହିଛି ଯାହାଦ୍ୱାରା ଜାତିସଂଘରେ ହୋଇଥିବା ଘୋଷଣାନାମା କାର୍ଯ୍ୟକାରୀ ହୋଇପାରିବ। ପ୍ରତ୍ୟେକ ମନୁଷ୍ୟ ନିଜ ଗୋଷ୍ଠୀ ପାଇଁ ଉତ୍ତରଦାୟୀ। ଏହାଦ୍ୱାରା ତା'ର ବ୍ୟକ୍ତିତ୍ୱର ବିକାଶ ହେବ ଯାହାକି ଗଣତାନ୍ତ୍ରିକ ସମାଜ ପାଇଁ ଖୁବ୍ ଜରୁରି। ଏହି ଘୋଷଣାନାମାରେ ସାମିଲ ହୋଇଥିବା କୌଣସି ପ୍ରସଙ୍ଗକୁ ଏମିତି ଭାବରେ ଉପସ୍ଥାପିତ କରାଯିବ ନାହିଁ, ଯାହାଦ୍ୱାରା ମନେହେବ କୌଣସି ରାଷ୍ଟ୍ର ବ୍ୟକ୍ତି ବା ଗୋଷ୍ଠୀ କୌଣସି ଏପରି କାର୍ଯ୍ୟରେ ସାମିଲ ହୋଇପାରିବ ଯାହା ଅନ୍ୟର ସ୍ୱାଧୀନତା ବା ଅଧିକାରକୁ ନଷ୍ଟ କରିବ।



କେନ୍ଦୁଝର(ଭାସ୍କର ନ୍ୟୁଜ): ବିଜେପି କୃଷକ ମୋର୍ଚ୍ଚା ତରଫରୁ ମଙ୍ଗଳବାର କେନ୍ଦୁଝର ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଉପସ୍ଥିତ ରହି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଆସନ୍ତା ନଭେମ୍ବର ୨୦ ତାରିଖ ଠାରୁ ଓଡ଼ିଶାରେ ଖରିଫ୍ ଧାନ କିଣାର ଶୁଭାରମ୍ଭ ହେବାକୁ ଥିବା ବେଳେ ଏହି ଧାନ କିଣାରେ ବ୍ୟାପକ ସ୍ୱଚ୍ଛତାର ସହିତ କରାଯିବା ସହିତ ମିଲ ମାଲିକଙ୍କ ଦାଦାଗିରିକୁ ବନ୍ଦ କରାଯିବ । ତାସହିତ ଧାନ କିଣା କାରବାରରେ ଯଦି କୌଣସି ଅଧିକାରୀ, କର୍ମଚାରୀ ଅସାଧୁ ଉପାୟ ଅବଲମ୍ବନ କରନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ସାହୁ ତାଙ୍କର ବକ୍ତବ୍ୟ ରେ କହିଥିଲେ । ଓଡ଼ିଶାର ଚାଷୀଙ୍କୁ ସମୃଦ୍ଧ କରିବା ସହିତ ଚାଷୀଙ୍କ ଆୟକୁ ଦୁଇ ଗୁଣା କରିବା ପାଇଁ ମୋହନ ଚରଣ ମାଝିଙ୍କ ସରକାର ୪ ମାସ କାର୍ଯ୍ୟକାଳ ଅବଧି ମଧ୍ୟରେ ଧାନ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା, ୬ ଲକ୍ଷ ଚାଷୀଙ୍କୁ ପି.ଏମ. କିସାନରେ ସାମିଲ କରିବା, ସି.ଏମ. କିସାନ ଯୋଜନାରେ ୪୬ ଲକ୍ଷ ଚାଷୀଙ୍କୁ ସାମିଲ କରିବା, ୫୮ଟି ସବ୍‌ଡିଭିଜନ ରେ ଶୀତଳଭଣ୍ଡାର କରିବା, ଚାଷୀ ପରିବାର ପିଲା ମାନଙ୍କୁ ଉଚ୍ଚଶିକ୍ଷା ପାଇଁ ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ ପାଇଁ ବ୍ୟବସ୍ଥା, ୩୧୪ ବ୍ଲକରେ ପନିପରିବା ମଣ୍ଡି କରିବା ନିଷ୍ପତି ଐତିହାସିକ ଓ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ବୋଲି ରାଜ୍ୟ ସଭାପତି ଶ୍ରୀ ସାହୁ କହିଥିଲେ । ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ପୁଲିନ୍ ପ୍ରକାଶ ପୁହାଣ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଭାଗିରଥି ସିଂ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ଜିଲ୍ଲା ପ୍ରଭାରୀ ଶଙ୍କର୍ଷଣ ଜେନା, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଶ୍ରୀଧର ସାହୁ, ରାଧାକାନ୍ତ ମହାନ୍ତ, ପ୍ରମୋଦ କୁମାର ସାହୁ ପ୍ରମୁଖଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ ।



# ବିପଦସଙ୍କୁଳ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): କୃଷି ଓ କୃଷକର ସର୍ବାଙ୍ଗୀନ ବିକାଶ ସର୍ବୋପରି କୃଷକର ଉତ୍ପାଦିତ ଦ୍ରବ୍ୟର କ୍ରୟ ବିକ୍ରୟ ନିମନ୍ତେ ମହତ ଉଦ୍ଦେଶ୍ୟ ନେଇ ସରକାର କେନ୍ଦୁପାଟଣା ନିୟନ୍ତ୍ରୀତ ବଜାର କମିଟି ସ୍ଥାପନ କରିଥିଲେ । ମାତ୍ର ପ୍ରଶାସନିକ ଦାୟୀତ୍ୱ ହୀନତା କର୍ତବ୍ୟରେ ଚରମ ଅବହେଳା ଓ ଅଣଦେଖା କାରଣରୁ ଏହି କାର୍ଯ୍ୟାଳୟ ଦୀର୍ଘ ବର୍ଷ ହେଲା ଜରାଜୀର୍ଣ୍ଣ ଓ ବିପଦ ସଙ୍କୁଳ ଅବସ୍ଥାରେ ପଡି ରହିଥିବାର ଅଭିଯୋଗ ହୋଇଛି । ଏହାର ପ୍ରତିକାର ଦିଗରେ ପ୍ରଶାସନିକ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଉନଥିବା କାରଣରୁ ଯେ କୌଣସି ମୂହୁର୍ତରେ ଏହିକାର୍ଯ୍ୟାଳୟରେ ଏକ ବଡ ଧରଣର ଅଘଟଣ ଘଟିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ଗ୍ରାମପଂଚାୟତ କୁଳିଆଠାରେ ସରକାର ଗତ ୧୯୫୯ ମସିହାରେ କେନ୍ଦୁପାଟଣା ନିୟନ୍ତ୍ରୀ ବଜାର କମିଟି କାର୍ଯ୍ୟାଳୟ ସ୍ଥାପନ କରିଥିଲେ । କାର୍ଯ୍ୟାଳୟ ଉପରେ ନିଶ୍ଚିନ୍ତକୋଇଲି, ସାଲେପୁର, ମାହାଙ୍ଗା, କଣ୍ଟାପଡା, ଟାଙ୍ଗୀ ଚୌଦ୍ୱାର ପ୍ରଭୃତି ୮ଟି ବ୍ଲକର ଶହ ଶହ କୃଷି କର୍ମଚାରୀ ଓ କୃଷକ ବିଭିନ୍ନ ଉତ୍ପାଦିଦ ଦ୍ରବ୍ୟ କ୍ରୟ ବିକ୍ରୟ ନିମନ୍ତେ ନିର୍ଭର କରିଥାନ୍ତି । ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ବ୍ୟୟରେ ଏଠାରେ କାର୍ଯ୍ୟାଳୟ ଗୃହ ନିର୍ମାଣ କରାଯାଇଥିଲା । ଦୀର୍ଘ ବର୍ଷ ହେଲା ଏହି କାର୍ଯ୍ୟାଳୟ ଗୁଡିକ କାମରେ ଆସିବା ପରିବର୍ତେ ଏବେ ଭୂତକୋଠିରେ ପରିଣତ ହୋଇଛି । ବହୁ ଗୃହ କାର୍ଯ୍ୟରେ ନଲାଗି ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି । କାର୍ଯ୍ୟାଳୟର ଛାତ ଫାଟି ଆଁ କରିଥିଲା ବେଳେ ଟିକିଏ ବର୍ଷା ହେଲେ କାର୍ଯ୍ୟାଳୟ ଗୃହରେ ପାଣି ଏକ ରକମ ଲହଡି ଖେଳୁଥିବା ଅଭିଯୋଗ ହୋଇଛି । ଏପରିକି ଗୃହର ଛାତରୁ ଦଲା ଦଲା ସିମେଣ୍ଟ ମିଶ୍ରିତ ଗୋଡି ବାଲି ଖସି ପଡୁଥିବାର ଅଭିଯୋଗ ହୋଇଛି । ସେହିପରି ଭାବେ ଗୃହର ବାଡା ଗୁଡିକ ମଧ ଭାଙ୍ଗିରୁଜି ଯାଇଥିବାର ଦେଖିବାକୁ ମିଳିଛି । ସେହିପରି ଭାବେ କାର୍ଯ୍ୟାଳୟର ଗୃହ ଗୁଡିକରେ ତାଲା ଝୁଲୁଥିଲା ବେଳେ ପ୍ରାୟ ସମସ୍ତ କବାଟ ଝରକା ଭାଙ୍ଗିରୁଜି ଯାଇଥିବାର ଦେଖିବାକୁ ମିଳିଛି । ନିକଟରେ ଏହି କାର୍ଯ୍ୟାଳୟର ପାଚେରୀ ୪୦ ଲକ୍ଷରୁ ଉର୍ଦ୍ଧ ଟଙ୍କାରେ ନାମକୁ ମାତ୍ର ନିର୍ମାଣ କରାଯାଇଥିଲା । ଏବେ ଏହି କାର୍ଯ୍ୟାଳୟର ଆଗ ପାଚେରୀ ସମ୍ପୂର୍ଣ୍ଣ ଭୁଷୁଡି ପଡିଛି । ଏପରିକି ପାଚେରୀ ଭୁଷୁଡି ପଡିଥିବା କାରଣରୁ ଦୈନନ୍ଦିନ କାର୍ଯ୍ୟାଳୟ ପରିସରକୁ ବାହାରର ଗାଈଗୋରୁ ଛେଳିମେଣ୍ଢା ଓ କୁକୁର ଅବାଧରେ ପ୍ରବେଶ କରୁଛନ୍ତି । ସେହିପରି ଭାବେ ଏହି କାର୍ଯ୍ୟାଳୟ ପରିସର ଅସାମାଜିକ ଯୁବକ ଓ ମଦ୍ୟପଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି । କାର୍ଯ୍ୟାଳୟ ପରିସରର ବିଭିନ୍ନ ସ୍ଥାନରେ ବିଶେଷ ଭାବେ ମଦ ବୋତଲ ପଡ଼ିରହିବା ଦୃଶ୍ୟମାନ ହେଉଛି । ପରିସର ଅଧିକା ଆବର୍ଜନା ଓ ଅନାବନା ଘାସରେ ପରିପୂର୍ଣ୍ଣ ହୋଇ ରହିଛି । ଏହି ପରିସରକୁ ସଫେଇ କରାଯାଉନଥିବାରୁ ଏହା ବିଷାକ୍ତ ସରୀସୃପଙ୍କ ଅଭୟାରଣ୍ୟରେ ପରିଣତ ହୋଇଛି । ସରକାର ପରେ ସରକାର ପରିବର୍ତ୍ତନ ହେଉଛି । ଅନୁଦାନ ପରେ ଅନୁଦାନ ଆସୁଛି । ହେଲେ ଅନୁଦାନର ସଦବିନିଯୋଗ କରାଯାଉନଥିବା କାରଣରୁ ଏହି କାର୍ଯ୍ୟାଳୟ ରାଗ ପରିବର୍ତ୍ତନ ହୋଇପାରୁନଥିବା ସାଧାରଣରେ ଅଭିଯୋଗ ହୋଇଛି । ଅପରପକ୍ଷରେ ଏହି ବିପଦ ସଙ୍କୁଳ ଓ ଜରାଜୀର୍ଣ୍ଣ କାର୍ଯ୍ୟାଳୟ ଗୃହ କେତେବେଳେ ଭୁଶୁଡ଼ି ନିରୀହ କର୍ମଚାରୀ ସର୍ବୋପରି କୃଷକଙ୍କର ଅମୂଲ୍ୟ ଜୀବନ ଦାବିକୁ ଭିଖାରେଇବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ରାଜ୍ୟ ମୁଖ୍ୟମନ୍ତ୍ରୀ, ସମବାୟ ମନ୍ତ୍ରୀ, ସର୍ବୋପରି କଟକ ଜିଲ୍ଲାପାଳ ଏହି କାର୍ଯ୍ୟାଳୟରେ ହୋଇଥିବା ବିଭିନ୍ନ ଅନିୟମିତତାର ତଦନ୍ତ କରାଇବା ସହ କାର୍ଯ୍ୟାଳୟର ପୁନରୁଦ୍ଧାର ନିମନ୍ତେ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦୃଢ ଦାବି ହୋଇଛି ।

# ନିମାପଡ଼ାରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମୀକ୍ଷା ବୈଠକ




ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ାରେ ଏକ ସମୀକ୍ଷା ବୈଠକ କରାଇଥିବା ବେଳେ ଏହି ବୈଠକରେ ଜିଲ୍ଲାର ସମସ୍ତ ପଦାଧିକାରୀ ଯୋଗ ଦେଇଥିଲେ । ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିବା ବେଳେ ବ୍ଲକ କୋଠାରେ ଏହି ବୈଠକରେ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ସିଙ୍କ ପଟ୍ଟନାୟକ ସଭାଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ନିମାପଡ଼ା, ପୂର୍ତ୍ତ ବିଭାଗ ଅଧିକାରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ, ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଗ୍ରାମ ଜଳ ଯୋଗାଣ ପରିମଳ ବିଭାଗ ଅଧିକାରୀ, ଜଳସେଚନ ବିଭାଗ ଅଧିକାରୀ, ନିମାପଡ଼ା-ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ତହସିଲଦାର ବସନ୍ତ କୁମାର ହାତୀ, ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ନିମାପଡ଼ା ପୋଲିସ ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକ, ନିମାପଡ଼ା ଥାନାଧିକାରୀ ବାମଦେବ ସ୍ୱାଇଁ, ନିମାପଡ଼ା ଶିଶୁ କଲ୍ୟାଣ ପ୍ରକଳ୍ପ ଅଧିକାରୀ, ନିମାପଡ଼ା ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ନିମାପଡ଼ା ପୌରାଧ୍ୟକ୍ଷା ସଙ୍ଗୀତା ସାହୁ, ପୌର ପରିଷଦ ଅଧିକାରୀ, ଅଗ୍ନିଶମ ବିଭାଗ ଅଧିକାରୀ, ଯୋଗାଣ ନିରୀକ୍ଷକ ସମେତ ଗୋପ ବ୍ଲକ୍ ଅଂଚଳର ଅନେକ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଶ୍ରୀମତି ପରିଡ଼ା ବିଭିନ୍ନ ବିଭାଗ ଉପରେ ଆଲୋଚନା କରବା ସହ କପର ସରକାରୀ କାର୍ଯ୍ୟ ଚାଲିଛି ସେ ସଂପର୍କରେ ଅଧିକାରୀଙ୍କ ଠାରୁ ପଚାରି ବୁଝିଥିଲେ । ଜନସାଧାରଣଙ୍କ ସହିତ ସାମିଲ ହୋଇ ସେମାନଙ୍କର ସମସ୍ୟା ଆଗ ବିଚାର କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

# କଳିଙ୍ଗ ବାଲିଯାତ୍ରାରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଷ୍ଟଲ୍ ପ୍ରତିଷ୍ଠା



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବିଜୁ ମୈଦାନରେ ଚାଲିଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବରେ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ପକ୍ଷରୁ ସ୍ଥାପିତ ଷ୍ଟଲକୁ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ପାରାଦ୍ୱୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଏବଂ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶା ଅପରେସନ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି ସମେତ ଅନ୍ୟ ସମ୍ମାନିତ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ସ୍ଥାନୀୟ ମହିଳାଙ୍କ ସଶକ୍ତିକରଣ ଏବଂ ଦୀର୍ଘସ୍ଥାୟୀ ଜୀବିକାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ସଂସ୍ଥା ପାରାଦୀପର ବିଭିନ୍ନ ଏସ୍‌ଏଚଜି ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ଷ୍ଟଲ୍‌ରେ ପ୍ରଦର୍ଶିତ କରିବାର ଏକ ନିଆରା ପଦକ୍ଷେପ ଗ୍ରହଣ କରିଛି । ବହୁ ସଂଖ୍ୟାରେ ଲୋକ ଏହି ଷ୍ଟଲକୁ ଆସି ଆକର୍ଷଣୀୟ ହସ୍ତଶିଳ୍ପ (ଚନ୍ଦୁଆ), ବିଭିନ୍ନ ମିଲେଟ ଉତ୍ପାଦ, ଶୁଖିଲା ଖାଦ୍ୟ, ଟେରାକୋଟା ପାତ୍ର ଏବଂ ହାତ ତିଆରି ଖେଳନା ପରି ହସ୍ତତନ୍ତ ସାମଗ୍ରୀ କ୍ରୟ କରୁଛନ୍ତି । ନୂଆଗଡ଼ର ଜାଗୃତି ଭେରାଇଟି ପ୍ରଡ୍ୟୁସର୍ସ ଏସ୍‌ଏଚଜି ଗ୍ରୁପ୍, ନୀଳମାଧବ ପ୍ରଡ୍ୟୁସର୍ସ ଗ୍ରୁପ୍ ଓ ବାଲଡିଆର କୋହିନୁର ପ୍ରଡ୍ୟୁସର୍ସ ଗ୍ରୁପ୍, ଚକ୍ରଧରପୁରର ମା' ମଙ୍ଗଳା ଏସ୍‌ଏଚଜି, ବରେଇର ମା' ବଜ୍ରବୁଢି ଭେରାଇଟି ପ୍ରଡ୍ୟୁସର୍ସ ଗ୍ରୁପ୍ ଓ ଭୂତମୁଣ୍ଡେଇର ତ୍ରାହି ଅଚ୍ୟୁତ ଏସ୍‌ଏଚଜି ସଦସ୍ୟଙ୍କୁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଷ୍ଟଲରେ ସେମାନଙ୍କ ଉତ୍ପାଦ ଓ ଅନନ୍ୟତା ପ୍ରଦର୍ଶନ କରିବାର ଏକମଞ୍ଚ ପ୍ରଦାନ କରିଛି । ଷ୍ଟଲ ପରିଦର୍ଶନ କରୁଥିବା ବ୍ୟକ୍ତି ଏବଂ ଅତିଥି ଏସ୍‌ଏଚଜିର ସ୍ଥାନୀୟ ମହିଳାଙ୍କୁ ସଶକ୍ତ କରି ଦୀର୍ଘସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା ପାଇଁ ଏଏମ୍ /ଏନ୍ ଏସ୍ ଇଣ୍ଡିଆ ଦ୍ୱାରା ନିଆଯାଉଥିବା ସିଏସ୍‌ଆର୍ ପଦକ୍ଷେପକୁ ପ୍ରଶଂସା କରିଛନ୍ତି ।

## କାର୍ତ୍ତିକେଶ୍ୱର ପୂଜା ମହାଆଡମ୍ବରରେ ପାଳିତ



ଯାଜପୁର(ଭାସ୍କର ନ୍ୟୁଜ): ଯାଜପୁର ସହରସ୍ଥ ୧୨ ନମ୍ବର ୱାର୍ଡରେ ଦୀର୍ଘ ୨୭ ବର୍ଷ ଧରି କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହୋଇଆସୁଛି । ଚଳିତ ବର୍ଷ ପୂଜା ଖୁବ ଆଡମ୍ବର ସହକାରେ ପାଳନ ହେଉଛି । ଏହି ଅବସରରେ କର୍ତା ଭାବେ ପୂର୍ବତନ ନଗରପାଳ ଆଲୋକ ବେହେରା ଏବଂ ପତ୍ନୀ କଳ୍ପନା ବେହେରା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ବୈତରଣୀ ନଦୀରୁ ଭଜନ କୀର୍ତନ ସହ ଗ୍ରାମବାସୀଙ୍କ ସହଯୋଗରେ ପାଣି ଆଣି ସ୍ଥାପନା କରିଥିଲେ । ପଣ୍ଡିତ ସୁବାଶିଷ ପତି, ଶ୍ୟାମ ମିଶ୍ର ଓ ଅନୁରାଗ ଦିକ୍ଷୀତଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମାପନ ହୋଇଥିଲା । ପ୍ରତି ସଂଧ୍ୟାରେ ଭଜନ କୀର୍ତ୍ତନ ସହ ଧାର୍ମିକ କାର୍ଯ୍ୟକ୍ରମ କରାଯାଇଥିଲା । ମଙ୍ଗଳବାର ଭସାଣି ଉତ୍ସବ ଆଡମ୍ବର ସହକାରେ ପାଳନ କରାଯାଇଛି ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେରଫେର ଅଭିଯୋଗ



ଆଳି(ଭାସ୍କର ନ୍ୟୁଜ): ଆଳି ବ୍ଲକ୍‌ରେ ଏମିତି ଚାଲିଛି ଆବାଶ ବଣ୍ଟନ । ପଞ୍ଚାୟତ ପିଇଓ ଏବଂ ବ୍ଲକ୍ ପ୍ରଶାସନର ଚଞ୍ଚକତା ଯୋଗୁ ହିତାଧିକାରୀଙ୍କ ନା ନଥାଇ ଆକାଉଣ୍ଟକୁ ଯାଉଛି ଟଙ୍କା । ଜଣଙ୍କୁ ଘର କରିବାକୁ ନିର୍ଦ୍ଦେଶନାମା ମିଳିଥିବାବେଳେ ଅନ୍ୟ ଜଣଙ୍କ ଆକାଉଣ୍ଟକୁ ଯାଉଛି ୪୦ ହଜାର ଟଙ୍କା । ଦୀର୍ଘଦର୍ଶୀ ଦେବ ଟଙ୍କା ଫେରସ୍ତ ନ ପାଇ ଏପରି ପିଇଓ ଓ ଏଥିରେ ସଂପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଅଭିଯୋଗ କଲେ ବଞ୍ଚିତ ଆବାସ ହିତାଧିକାରୀ । ଏଭଳି ଚଞ୍ଚକତା ଘଟିଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଅଧୀନ ସାନମଙ୍ଗ ପଞ୍ଚାୟତର ପାଖଡ଼ପଡ଼ା ଗ୍ରାମରେ । ଏହି ଗ୍ରାମର ମାଳତୀ ଦାସ ସ୍ୱାମୀ ହୋଇଛନ୍ତି ପହଲି ଦାସ । ଯାହାଙ୍କର ମୁଣ୍ଡ ଗୁଞ୍ଜିବାକୁ ଘରଖଣ୍ଡେ ନାହିଁ, ପଶୁଙ୍କ ସହିତ ଘୁରାବୁଲରେ କଟୁଛି ଜୀବନ । ବର୍ଷାଦିନେରେ ଆଖ ପାଖ ପଡୋଶୀଙ୍କ ଘରେ ଆଶ୍ରା ନିଅନ୍ତି ମାଳତୀ କିନ୍ତୁ ତାଙ୍କୁ ଗାଁର ଦୁଇବର୍ଷ ତଳେ ପ୍ରଧାନମନ୍ତ୍ରୀ ଆବାସ ପାଇଁ ନିର୍ଦ୍ଦେଶନାମା ମିଳିଥିବାବେଳେ ଗ୍ରାମ ଅନାଞ୍ଚଳ ଯାଇଥିଲା ଆବାସ ଟଙ୍କା । ସରକାରୀ କାର୍ଯ୍ୟ ଅବହେଳା ଯୋଗୁଁ ସେ ଆବାସ ଘର ପାଇ ବଞ୍ଚିତ ଅଛନ୍ତି । ଆବାସ ଟଙ୍କା ଫେରସ୍ତ ପାଇଁ ସେ ବାରମ୍ବାର ବ୍ଲକ ଓ ପୂର୍ବତନ ଜିଲ୍ଲାପାଳ ଅମୃତ ଋତୁରାଜଙ୍କୁ ଭେଟିଥିଲେ ସୁଦ୍ଧା ତାଙ୍କୁ ଘର ପାଇଁ ଆଜିପର୍ଯ୍ୟନ୍ତ ଆବାସ ଟଙ୍କା ଫେରସ୍ତ ମିଳିପାରି ନାହିଁ । ଯାହାକୁ ନେଇ ସେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନକୁ ଭେଟି ଅଭିଯୋଗ କରିଛନ୍ତି । କିପରି ତାକୁ ଘର କରିବାକୁ ଆବାଶ ଟଙ୍କା ଫେରସ୍ତ ମିଳିପାରିବ ଓ ଏଭଳି ଆବାସ ଚଞ୍ଚକତା କରିଥିବା ରସିକିଆ ପିଇଓ ଠାକୁର ଟୁଡୁ ଏବଂ ସମ୍ପୃତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ମୂଖ୍ୟମନ୍ତ୍ରୀକୁ ତାକ ମାଧ୍ୟମରେ ଏକ ଚିଠୀ ମଧ୍ୟ ଲେଖିଛନ୍ତି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ । ତାବେ ଆଳିରେ ଏପରି ଘାଟଣା ଏହି ପଞ୍ଚାୟତରେ ହେଇଛି ନା ଅନ୍ୟ ପଞ୍ଚାୟତରେ ହୋଇଛି ତାହା ତଦନ୍ତ ସାପେକ୍ଷ ଅଞ୍ଚଳର ଜନସାଧାରଣ କହୁଥିବାବେଳେ ଦେଖିବାର ବାକି ରହିଲା କେବେ ମାଳତୀଙ୍କ ମୁହଁରେ ହସ ଫୁଟେଇ ପରୁଛି ଜିଲ୍ଲା ଓ ବ୍ଲକ ପ୍ରଶାସନ । ନା ତଦନ୍ତ ବାହାନାରେ ଆବାସ ପଇଁ ବଞ୍ଚିତ ହେଉଛନ୍ତି ମାଳତୀ । ଏପଟେ ମାଳତୀ କହିଛନ୍ତି ଯଦି ଘର ନ ମିଳେ ଜିଲ୍ଲାପାଳ ଅଫିସ୍‌ରେ ଧାରଣା ଦେବେ ।

## ଗୋପ ପଞ୍ଚାୟତ ସମିତି କାର୍ଯ୍ୟରେ ସହଯୋଗ କରୁନାହାଁନ୍ତି ଅଧ୍ୟକ୍ଷା

ଗୋପ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲାର ବହୁ ଚର୍ଚ୍ଚିତ ବ୍ଲକଟି ହେଉଛି ଗୋପ ବ୍ଲକ । ଦୀର୍ଘ ବର୍ଷଧରି ବିଭିନ୍ନ ସମସ୍ୟାରେ ଥିବାବେଳେ ରାଜନୈତିକ କଳହ ସଦାସର୍ବଦା ଦେଖିବାକୁ ମିଳିଥାଏ । ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରଠାରୁ ଉକ୍ତ ବ୍ଲକରେ ନିୟମିତ କୌଣସି ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବୈଠକ ଅନୁଷ୍ଠିତ ହୋଇନାହିଁ । ବିଜେଡି ସମର୍ଥକ ଅଧକ୍ଷା ଝୁନୁ ମଲ୍ଲିକଙ୍କ ଦ୍ୱାରା କୌଣସି ବୈଠକ ସୂଚାରୁ ରୂପେ ପାଳନ ହୋଇ ପାରୁନଥିବା ବ୍ଲକ ଉପାଧାକ୍ଷ ବନରଞ୍ଜନ ପଟନାୟକ କହିଛନ୍ତି । ଫଳରେ ଗୋପ ବ୍ଲକର ୩୧ ଗୋଟି ପଞ୍ଚାୟତରେ ଥିବା ସମସ୍ୟାର ସମାଧାନ ପରିବର୍ତ୍ତେ ଅଧକ୍ଷା ତାଙ୍କ ସୁବିଧାକୁ ଗୁରୁତ୍ୱ ଦେଉଛନ୍ତି ବୋଲି ଚର୍ଚ୍ଚା ହେଉଛି । ଅଧକ୍ଷାଙ୍କ ଆକ୍ରସ ମନଭାବ ଫଳରେ ସରକାରୀ କାର୍ଯ୍ୟକ୍ରମ ରେ ଅନେକ ବାଧା ଉପୁଜୁଛି । ଗତ ମଙ୍ଗଳବାର ଆୟୋଜିତ ପଞ୍ଚାୟତ ସମିତି ବୈଠକ ପୂର୍ବରୁ କୌଣସି ପୂର୍ବପ୍ରସ୍ତୁତି ବୈଠକନ କରି ନିଜର କିଛି ସମର୍ଥକଙ୍କୁ ନେଇ ବୈଠକର ଆୟୋଜନ କରିଥିଲେ ଗୋପ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ । ଲୋକଙ୍କ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଅଧକ୍ଷା ତାଙ୍କର ବ୍ୟକ୍ତିଗତ ସମସ୍ୟାକୁ ନେଇ ଭିତ୍ତିହୀନ ଅଭିଯୋଗ ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁଙ୍କ ବିରୋଧରେ କରୁଛନ୍ତି ବୋଲି ଶ୍ରୀ ପଟନାୟକ କୁହନ୍ତି । ଅପରପକ୍ଷରେ ସ୍ଥାନୀୟ ବିଧାୟିକା ପ୍ରଭାତୀ ପରିଡା ଓ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ ଏବଂ ୧୧ ଜୋନର ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ରାୟଙ୍କ ସମେତ ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ସ୍ୱାଇଁ ଉକ୍ତ ବୈଠକରେ ଅନୁପସ୍ଥିତ ରହି ଫଳରେ ଅଧିକାଂଶ ଲୋକ ପ୍ରତିନିଧି ମଧ୍ୟ ଅନୁପସ୍ଥିତ ରହିଥିଲେ । ଏହାଦ୍ୱାରା ସଠିକ ଭାବେ ସମସ୍ୟା ଉପରେ ଆଲୋଚନା ହୋଇନଥିଲା ବୋଲି ଗୋପ ବ୍ଲକ ଉପାଧାକ୍ଷ ଶ୍ରୀଯୁକ୍ତ ପଟ୍ଟନାୟକ କହିଥିଲେ ।

## ୧୦୮ ଆମ୍ବୁଲାନ୍ସକୁ ଧକ୍କା ଦେଲା କୁକୁଡ଼ା ବୋଝେଇ ବୋଲେରୋ: ରୋଗୀ ଗୁରୁତର

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା-ପିପିଲି ରାସ୍ତାରେ ୧୦୮ ଆମ୍ବୁଲାନ୍ସକୁ ଧକ୍କା ଦେଲା କୁକୁଡ଼ା ବୋଝେଇ ପିକ୍‌ଅପ୍ ବୋଲେରୋ । ଆମ୍ବୁଲାନ୍ସ ଡ୍ରାଇଭର ଗୁରୁତର ହୋଇପଡ଼ିଥିବା ବେଳେ ଆମ୍ବୁଲାନ୍ସରେ ଥିବା ଜଣେ ବ୍ରେନ୍ ଷ୍ଟ୍ରୋକ୍ ରୋଗୀ ସମେତ ଆଉ ଦୁଇଜଣ ରୋଗୀ ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଛନ୍ତି । ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଜାରି ରଖିଥିବା ବେଳେ ପିକ୍‌ଅପ୍ ବୋଲେରୋକୁ ଥାନାରେ ଅଟକ ରଖିଛି । ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ସମୟରେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ବ୍ରେନ୍‌ଷ୍ଟ୍ରୋକ୍ ରୋଗୀ, ଅନ୍ୟ ଦୁଇଜଣ ରୋଗୀଙ୍କ ୧୦୮ ଆମ୍ବୁଲାନ୍ସ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ନେଉଥିବା ବେଳେ ନିମାପଡ଼ା-ପିପିଲି ରାସ୍ତା ଶାଳଜଙ୍ଗ ଛକ ନିକଟରେ ପିପିଲି ପଟୁ ଆସୁଥିବା ଏକ ପିକ୍‌ଅପ୍ ବୋଲେରୋ ଧକ୍କା ଦେଇଥିଲା । ଆମ୍ବୁଲାନ୍ସର ସମ୍ମୁଖ ଭାଗ ସଂପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଡ୍ରାଇଭର ଆମ୍ବୁଲାନ୍ସରେ ଚିପି ହୋଇ ରହିଥିଲେ । ସ୍ଥାନୀୟ କେତେକ ବ୍ୟକ୍ତି ଉପସ୍ଥିତ ବୁଦ୍ଧି ଖଟାଇ ଡ୍ରାଇଭରକୁ ବାହାର କରିଥିଲେ । ତୁରନ୍ତ ଅନ୍ୟ ଏକ ଆମ୍ବୁଲାନ୍ସ ସାହାଯ୍ୟରେ ଗୁରୁତର ଚାଳକ ଓ ରୋଗୀଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ପଠା ଯାଇଛି । ଖବର ପାଇ ବଳଙ୍ଗା ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ ସହ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି । ପିକ୍‌ଅପ୍ ବୋଲେରୋ ଦ୍ରୁତ ବେଗରେ ଆସୁ ଥିବାରୁ ନିୟନ୍ତ୍ରଣ ହରାଇ ୧୦୮ ଆମ୍ବୁଲାନ୍ସକୁ ଧକ୍କା ଦେଇଥିଲା । ଖବର ଅନୁଯାୟୀ, ଗୁରୁତର ରୋଗୀ ଓ ଆମ୍ବୁଲାନ୍ସ ଚାଳକ ଆଇସିୟୁରେ ରହିଥିବା ଜଣାପଡ଼ିଛି ।

## ଭାରସାମ୍ୟ ହରାଇ ଓଲଟିଲା ଆମ୍ବୁଲାନ୍ସ

ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନା ଅନ୍ତର୍ଗତ ଝିଙ୍କିରିଆ ଠାରେ ଭାରସାମ୍ୟ ହରାଇ ଓଲଟିଲା ଆମ୍ବୁଲାନ୍ସ । ସୂଚନାଯୋଗ୍ୟ ଯେ ଆଜି ଭୋର ସମୟରେ ରାସଗୋବିନ୍ଦପୁର ଡାକ୍ତରଖାନାର ୧୦୨ ଆମ୍ବୁଲାନ୍ସ ରୋଗୀକୁ ବାରିପଦା ମେଡିକାଲରେ ଛାଡି ଫେରୁଥିବା ବେଳେ ଝିଙ୍କିରିଆ-ଦେବଶୋଳ ରାସ୍ତାର ଝିଙ୍କିରିଆ ଠାରେ କୁହୁଡି ଯୋଗୁଁ ଭାରସାମ୍ୟ ହରାଇ ଏକ ଡ୍ରେନ ଭିତରକୁ ପଶି ଓଲଟି ପଡିଥିଲା । ତେବେ ଡ୍ରାଇଭରର କୌଣସି କ୍ଷୟକ୍ଷତି ହୋଇନଥିବା ଜଣାପଡିଛି । ମାତ୍ର ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି ଯେ ଦୃତ ଗତିରେ ଆମ୍ବୁଲାନ୍ସ ଆସୁଥିବାରୁ ଏଭଳି ଘଟଣା ଘଟିଛି । ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ଏନେଇ ସଚେତନ କରିବାର ଆବଶ୍ୟକତା ଥିବା ସାଧାରଣରେ ଆଲୋଚନା ହେଉଛି । ଅପରପକ୍ଷରେ ଆମ୍ବୁଲାନ୍ସର ସ୍ପିଡ କେତେ ରହୁଛି ତାହାର ରେକର୍ଡ ରଖିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯିବାର ଆବଶ୍ୟକତା ଅଛି ବୋଲି ମତପ୍ରକାଶ ପାଉଛି ।

## ୨୦ ଓ ୨୧ରେ ଦୁଇଦିନିଆ ମିଳିତ ସମରାଭ୍ୟାସ ସାଗର କବଚ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଆଜିଠାରୁ ଆରମ୍ଭ ହେବ ସି ଭିଜିଲ । ଚଳିତ ବର୍ଷ ନଭେମ୍ବର ୨୦ ଓ ୨୧ରେ ଅନୁଷ୍ଠିତ ହେବ ସି ଭିଜିଲ ନାମକ ସମରାଭ୍ୟାସ । ଭାରତୀୟ ନୌସେନା, ତଟରକ୍ଷୀ ବାହିନୀ, ସାମୁଦ୍ରିକ ପୋଲିସ, ମତ୍ସ୍ୟବିଭାଗ ଓ ଅନ୍ୟାନ୍ୟ ବିଭାଗ ସହଯୋଗରେ ଏହି ସମରାଭ୍ୟାସ ଅନୁଷ୍ଠିତ ହେବ । ସମୁଦ୍ରକୁ ମାଛ ଧରିବାକୁ ଯିବା ବେଳେ ନିଜ ଡ଼ଙ୍ଗାକୁ ନାଲି ଏବଂ କଳାରଙ୍ଗରେ କଲର କୋଟ କରିବା ସହିତ ଡ଼ଙ୍ଗାରେ ଜାତୀୟ ପତାକା ଲଗାଇବାକୁ କୁହାଯାଇଛି । ଲାଇଫ ଜ୍ୟାକେଟ, ଡ୍ୟାଟ ମେସିନ, ଅଗ୍ନିନିର୍ବାପକ ଯନ୍ତ୍ର, ଡ଼ଙ୍ଗା ପଞ୍ଜିକରଣ ଏବଂ ରେନୁଆଲ ସହ ସମସ୍ତ କ୍ରିଉ ମେମ୍ବରକୁ ଆଧାର କାର୍ଡ, ଫିସାରୀ ଆଇଡି ନେଇ ସମୁଦ୍ରଯିବା ପାଇଁ ପରାମର୍ଶ ଦିଆଯାଇଛି । ଯାଞ୍ଚ ବେଳେ ଧରା ପଡିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅସ୍ତରଙ୍ଗ ମତ୍ସ୍ୟବିଭାଗ ପକ୍ଷରୁ ସୂଚନା ମିଳିଛି ।

### ବୁଦ୍ଧେଶ୍ୱର ମନ୍ଦିର ପରିଚାଳନା କମିଟି ଗଠିତ

## ନରହରି ସାହୁ ସଭାପତି, ହୃଦାନନ୍ଦ ମହାରଣା ସମ୍ପାଦକ



ଭୁବନ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନର ବାବା ବୁଦ୍ଧେଶ୍ୱର ମନ୍ଦିର ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି । ବୁଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଦେବୋତ୍ତର ଇନ୍‌ସପେକ୍ଟର ପ୍ରଦ୍ୟୁମ୍ନ ତ୍ରିପାଠୀ ଓ ସଦର ସହକାରୀ ଉପଜିଲ୍ଲାପାଳ ମୀରା ନାୟକ,ଏନ୍ ଏ ସି ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରାଙ୍କ ଉପସ୍ଥିତି ରେ ସର୍ବ ସମ୍ମତ କ୍ରମେ ୨୩ ଜଣିଆ କମିଟି ଗଠନ କରାଯାଇଥିଲା । ନୂତନ କମିଟି ରେ ପୂର୍ବତନ ନଗରପାଳ ନରହରି ସାହୁ (ସଭାପତି), ପୂର୍ବତନ ଉପ ନଗରପାଳ ହୃଦାନନ୍ଦ ମହାରଣା (ସମ୍ପାଦକ), ବିପିନ ବିହାରୀ ସେଠୀ (ଉପସଭାପତି), ସନ୍ତୋଷ ବିହାରୀ (ସହ ସମ୍ପାଦକ), ସୁରେନ୍ଦ୍ର କୁମାର ପୃଷ୍ଟିଙ୍କୁ (କୋଷାଧକ୍ଷ) ଭାବେ ଚୟନ କରାଯାଇଥିଲା । ନୂତନ କମିଟି ଆଗାମୀ ଦୁଇବର୍ଷ ପାଇଁ ମନୋନୀତ ହୋଇଛନ୍ତି । ଜଣେ ନିର୍ବିବାଦୀୟ, ନିଷ୍କଳଙ୍କ ଓ ନିଃସ୍ୱାର୍ଥପର ବ୍ୟକ୍ତି ଭାବେ ପରିଚିତ ପୂର୍ବତନ ନଗରପାଳ ନରହରି ସାହୁ ବୁଦ୍ଧେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ହୋଇଥିବାରୁ ସମଗ୍ର ଭୁବନରେ ଆନନ୍ଦ ପ୍ରକାଶ ପାଇଛି । ସୂଚନା ଯୋଗ୍ୟ ଯେ, ପୂର୍ବତନ କମିଟିର କାର୍ଯ୍ୟକାଳ ୨୦୨୫ ଜାନୁଆରୀ ମାସ ପର୍ଯ୍ୟନ୍ତ ଥିବାବେଳେ ଗତ ସେପ୍ଟେମ୍ବର ମାସରେ କମିଟିର ସମସ୍ତ ସଦସ୍ୟ ଇସ୍ତଫା ଦେବାରୁ ନୂତନ କମିଟି ଗଠନ କରାଗଲା ।

### ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ରକ୍ତଦାନ ଶିବିର

## ୭୬୦ରୁ ଉର୍ଦ୍ଧ୍ୱ ୟୁନିଟ୍ ସଂଗୃହୀତ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ଏକ ସ୍ୱତନ୍ତ୍ର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । କମ୍ପାନୀ କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଓ ଠିକା କର୍ମଚାରୀମାନେ ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ୭୬୦ରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତଦାନ କରିଥିଲେ । ଟିଏସଏମ ଅପରେସନ୍ସର ଉପାଧ୍ୟକ୍ଷ ଉତ୍ତମ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିବା ସହ ରକ୍ତଦାନ କରିଥିଲେ । ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ ବ୍ୟାଙ୍କର ଦାୟିତ୍ୱରେ ଥିବା ଅଧିକାରୀ ଡକ୍ଟର ସ୍ୱରୂପ ସାହୁ ଶିବିରରେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ ମେରାମଣ୍ଡଳୀର ଅମିତ ସିଂ, ମୁଖ୍ୟ ଆଇରନ୍ ମେକିଂ, ଅମିତାଭ ଝା, ମୁଖ୍ୟ ଏଚ୍‌ଆରବିପି, ଚନ୍ଦ୍ର ପ୍ରକାଶ, ମୁଖ୍ୟ ସିଆରଏମଙ୍କ ସମେତ ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ଆଶିଷ ମହାପାତ୍ର ଏବଂ ବରିଷ୍ଠ ଚିକିତ୍ସା ଅଧିକାରୀ ଡକ୍ଟର ଅବିନାଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ ବ୍ୟାଙ୍କ ଏବଂ ଆମ ଓଡ଼ିଶା, ସମ୍ବାଦ ଗ୍ରୁପ ସଦସ୍ୟଙ୍କ ସହଯୋଗରେ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଟାଟା ଷ୍ଟିଲ୍ ମେରାମଣ୍ଡଳୀ ମେଡିକାଲ୍ ସର୍ଭିସେସ୍ ଟିମ୍ ସମସ୍ତ ରକ୍ତଦାତାଙ୍କ ପାଇଁ ଏକ ନିରାପଦ ଏବଂ ଉତ୍ତମ ପରିବେଶ ସୃଷ୍ଟି କରି ସୁଗମ ସମନ୍ୱୟ ସୁନିଶ୍ଚିତ କରିଥିଲେ ।

## ଧରାପଡ଼ିଲା ଲୁହାରଡ ଚୋର

ବାରଙ୍ଗ(ଭାସ୍କର ନ୍ୟୁଜ): ଚଳିତ ମାସ ଗତ ୭ତାରିଖ ରାତିରେ ଘର ଆଗରୁ ଲୁହା ରଡ ଚୋରି କରିବା ଅଭିଯୋଗରେ ବାରଙ୍ଗ ପୋଲିସ ୨ଜଣକୁ ଗିରଫ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ବ୍ରାହ୍ମଣୀଗାଁର ସୋନୁ ଭୋଇ ( ୨୩ ) ଓ ନରାଜ ଗ୍ରାମର ରବି ଗୁପ୍ତା ( ୨୨ ) । ପୋଲିସ ସୂତ୍ରରୁ ପ୍ରକାଶ ଚଳିତ ମାସ ୭ତାରିଖରେ ପଦ୍ମନାଭନଗର ବିଜୟ କୁମାର ଭଟ୍ଟଙ୍କ ଘର ସମ୍ମୁଖରେ ନୂତନ ଘର ନିର୍ମାଣ ଲାଗି ଥୁଆ ହୋଇଥିବା ଲୁହା ରଡ ଓ ଅନ୍ୟାନ୍ୟ ଘର ତିଆରି ସାମଗ୍ରୀ କେହି ଦୁର୍ବୃତ୍ତ ଚୋରି କରିନେଇଥିଲେ । ଏ ସଂକ୍ରାନ୍ତରେ ବିଜୟ




ଭଟ୍ଟ ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥଲା । ପଚରାଉଚରା ପରେ ସେମାନେ ଚୋରି ଜିନିଷ କବାଡିଆ ରବି ଗୁପ୍ତାକୁ ବିକ୍ରି କରିଥିବା ସ୍ୱୀକାର କରିଥିଲେ । ପୋଲିସ ସମସ୍ତ ଚୋରି ଜିନିଷ ଜବତ କରିବା ସହ ସେମାନଙ୍କ ନାମରେ ମାମଲା ରୁଜୁ କରି ମଙ୍ଗଳବାର ବିଚାର ବିଭାଗୀୟ ହାଜତକୁ ପଠାଇଛି ।

# ମହିଳା ସ୍ୱାବଲମ୍ବନ ଓ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ପୂରଣକୁ ନେଇ ଜିଲ୍ଲା ପ୍ରଶାସନର ପଦକ୍ଷେପ



ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ମହିଳାଙ୍କ ସ୍ୱାବଲମ୍ବନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଜିଲ୍ଲା ପ୍ରଶାସନର ଏଇ ମଙ୍ଗଳମୟ,ଜନ ହିତକର ପଦକ୍ଷେପର ଦୀର୍ଘାୟୁ କାମନା କରିଛନ୍ତି ଜିଲ୍ଲାର ବହୁ ଶିକ୍ଷାବିତ ଓ ଶୁଭେଚ୍ଛୁ । ଜିଲ୍ଲାପାଳ ହେମକାନ୍ତ ସଞ୍ଜୟଙ୍କ ଦିଗଦର୍ଶନରେ ବାଙ୍ଗିରିପୋଷି ଠାରେ ନିଟ୍/ଜେଇଇ ପରୀକ୍ଷା ପାଇଁ ମାଗଣା କୋଚିଂ ଏବଂ ବଣକାଟିରେ ମହିଳାଙ୍କ ପାଇଁ ଫୁଲୋ ଝନୋ ପୋଷାକ ଉତ୍ପାଦନ ପ୍ରଶିକ୍ଷଣ କେନ୍ଦ୍ର ଆରମ୍ଭ କରାଯାଇଛି । ମେଧାବୀ ଛାତ୍ରଛାତ୍ରୀ ପାଇଁ ମାଗଣା ନିଟ୍/ଜେଇଇ କୋଚିଂ ଅନାଥ ଓ ଆଦିବାସୀ ମେଧାବୀ ଛାତ୍ରଛାତ୍ରୀ ଯେଉଁମାନେ ଡାକ୍ତରୀ ଓ ଇଞ୍ଜିନିୟରିଂରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ଏହି କୋଚିଂ କେନ୍ଦ୍ର ଗଢ଼ି ଦିଆଯାଇଛି । ଜିଲ୍ଲା ପ୍ରଶାସନ ଓ ଆଇଟିଡିଏ ଙ୍କ ସଂଯୋଜନାରେ ଚାଲିଛି ଉକ୍ତ ପ୍ରକଳ୍ପ । ମନ୍ତ୍ରୀ, ସାଂସଦ, ବିଧାୟକ ଓ ଜନପ୍ରତିନିଧିମାନେ ଏହି କେନ୍ଦ୍ରର ନିରୀକ୍ଷଣ କରି ଜିଲ୍ଲାପାଳଙ୍କ ପ୍ରୟାସକୁ ସାଧୁବାଦ ଦେଇଛନ୍ତି । ଜିଲ୍ଲାରେ ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଆର୍ଥିକ ବିକାଶ ସହ ଆଦିବାସୀ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷାର ଅଭିବୃଦ୍ଧି ପାଇଁ ଜିଲ୍ଲାପାଳଙ୍କ ପ୍ରଚେଷ୍ଟାରେ ବାଙ୍ଗିରିପୋଷିରେ ଆରମ୍ଭ ହୋଇଛି ପ୍ରଶିକ୍ଷଣ କେନ୍ଦ୍ର । ଜିଲ୍ଲାପାଳ ଏବଂ ସମ୍ବନ୍ଧିତ ଆଦିବାସୀ ଉନ୍ନୟନ ସଂସ୍ଥା ବାରିପଦାଙ୍କ ସଂଯୋଜନାରେ, ବଣକାଟିରେ ମହିଳାଙ୍କ ପାଇଁ ନିର୍ମାଣ ହୋଇଛି ଫୁଲୋ ଝନୋ ପୋଷାକ ଉତ୍ପାଦନ ପ୍ରଶିକ୍ଷଣ କେନ୍ଦ୍ର ଏବଂ ମେଧାବୀ ଛାତ୍ରଛାତ୍ରୀ ଯେଉଁମାନେ ଡାକ୍ତରୀ ଏବଂ ଇଞ୍ଜିନିୟରିଂରେ ଭବିଷ୍ୟତ ଗଢିବାକୁ ଚାହୁଁଛନ୍ତି ସେମାନଙ୍କୁ ନିଟ୍/ଜେଇଇ ପରୀକ୍ଷା ପାଇଁ ମାଗଣା କୋଚିଂ ଦିଆଯାଉଛି । ଆରମ୍ଭ ହୋଇଥିବା ବସ୍ତ୍ର ଉତ୍ପାଦନ ତଥା ସିଲାଇ ଶିକ୍ଷା କେନ୍ଦ୍ରକୁ, ମନ୍ତ୍ରୀ, ସାଂସଦ, ବିଧାୟକ, ଏବଂ ଜନପ୍ରତିନିଧି ଗସ୍ତ କରି ସେଠାକାର କାର୍ଯ୍ୟକାରିତାର ନିରୀକ୍ଷଣ ମଧ୍ୟ କରିଛନ୍ତି । ଛାତ୍ରଛାତ୍ରୀଙ୍କ ସହ ମିଶି ଏହି ଶିକ୍ଷାଦାନ ପଦ୍ଧତିକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ଅଧିକରୁ ଅଧିକ ଆଦିବାସୀ ଛାତ୍ରଛାତ୍ରୀ ଏଥିରେ ଲାଭାନ୍ୱିତ କିଭଳି ହୋଇପାରିବେ ସେ ବିଷୟରେ ଉପଦେଶ ଦେଇଛନ୍ତି ଏବଂ ଜିଲ୍ଲାପାଳଙ୍କୁ ମଧ୍ୟ ଏହି ଭଳି ଏକ ଅତି ଆବଶ୍ୟକୀୟ, ଉନ୍ନତିମୂଳକ ଓ ଯୁଗାନ୍ତକାରୀ ପଦକ୍ଷେପ ନେଇଥିବାରୁ ସାଧୁବାଦ ଜଣାଇଛନ୍ତି ।

### ଜନ କଲ୍ୟାଣକାରୀ ପଦକ୍ଷେପକୁ ନେଇ ପ୍ରକାଶ୍ୟ ମତାମତ




ଚିରାଚରିତ ଶିକ୍ଷା ବ୍ୟବସ୍ଥାରେ ଅନେକ ବିଷୟବସ୍ତୁ ଥିଲା ଯାହା ଜଣଙ୍କ ଜୀବନରେ ପରବର୍ତ୍ତୀ ସମୟରେ କୌଣସି କାମରେ ଲାଗୁନଥିଲା । ସମୟ ବଦଳୁଛି ଶିକ୍ଷା ବ୍ୟବସ୍ଥା ମଧ ବଦୁଳୁଛି ଓ ଜଣଙ୍କୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ଶିକ୍ଷା ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତଦନୁଯାୟୀ ଭାରତ ସରକାର, ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଉପରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛନ୍ତି । ସେହିପରି ଆମ ମୟୁରଭଞ୍ଜ ଜିଲ୍ଲାର ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାପ୍ରଶାସନ ଯୁବକଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ନେଉଥିବା ପଦକ୍ଷେପ ପ୍ରସଂସନୀୟ । ଫଳରେ ଆଗାମୀ ଯୁବପୀଢ଼ିଙ୍କ ଭବିଷ୍ୟତ ନିଶ୍ଚୟ ଉଜ୍ଜ୍ୱଳମୟ ହେବ ବୋଲି ମୁଁ ଆଶାବାଦୀ ।

**ସୋମନାଥ ସିଂ**




ପ୍ରଶାସନର ଏଭଳି ଯୁଗାନ୍ତକାରୀ ପଦକ୍ଷେପକୁ ମୁଁ ପ୍ରଶଂସା ନକରି ରହିପାରୁନାହିଁ । ପ୍ରଶାସନକୁ ଅଶେଷ ଧନ୍ୟବାଦ୍ ଦେବା ସହିତ ଏତିକି କହିବି, ଏହି ପଦକ୍ଷେପ ଯଦି ଲୋକଦେଖାଣିଆ ନହୋଇ ପ୍ରକୃତ ଉଦ୍ଦେଶ୍ୟ ବହନ କରିବ ତାହାଲେ ମୋ ଜିଲ୍ଲା ମଧ କେବଳ ଓଡ଼ିଶାରେ ନୁହେଁ ବରଂ ସାରା ଭାରତବର୍ଷରେ ପ୍ରତିଭାର ସୁରଭି ବିକଶିତ ହେବା ସହିତ ଜିଲ୍ଲାର ଗୌରବ ଅତୁଟ ରହିବ ।

**ଦୀଲ୍ଲୀପ ଦାସ**




ପ୍ରଶାସନର ଏଭଳି ଯୁଗାନ୍ତକାରୀ ପଦକ୍ଷେପ ନିଶ୍ଚୟରୁ ପ୍ରଶଂସାର ଯୋଗ୍ୟ । ମୁଁ ଜିଲ୍ଲାପାଳ ଏବଂ ସମ୍ବନ୍ଧିତ ପ୍ରଶାସନକୁ ଅଶେଷ ଧନ୍ୟବାଦ ଜଣାଇବା ସହିତ କହିବି, ଯଦି ଏହି ପଦକ୍ଷେପ ଲୋକ ଦେଖାଣିଆ ରହି ନଥାଏ ଏବଂ ପ୍ରକୃତ ଉଦ୍ଦେଶ୍ୟକୁ ସାର୍ଥକ କରି ପାରେ, ତାହାହେଲେ ମୟୂରଭଞ୍ଜ ଜିଲ୍ଲା କେବଳ ଓଡ଼ିଶାରେ ନୁହେଁ ବରଂ ସାରା ଭାରତରେ ଗୌରବର ଏକ ଦୃଷ୍ଟାନ୍ତ ସ୍ଥାପନ କରିପାରିବ । ଏହି ପଦକ୍ଷେପ ଦ୍ୱାରା ଆଦିବାସୀ ଓ ଅନାଥ ମେଧାବୀ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ନୂତନ ଦିଗ ଦେଖାଇବା ସହିତ ସମଗ୍ର ଜିଲ୍ଲାର ଉନ୍ନତିରେ ମଧ ଅସାଧାରଣ ଭୂମିକା ରଖିବ ।

**ନିରୋଜ ପୋଥାଳ**



କୁଜଙ୍ଗ, (ଭାସ୍କର ନ୍ୟୁଜ): ବିଶ୍ୱ 'ସ୍ୱଚ୍ଛତା ଦିବସ' ଅବସରରେ ଜଗତସିଂହପୁର ଜିଲ୍ଲା, କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ପାରାଦ୍ୱୀପଗଡ ଗ୍ରାମ ପଞ୍ଚାୟତର ନିହାରୁଣୀ (ଚାନ୍ଦିନୀ) ଗ୍ରାମରେ ଗୋଷ୍ଠୀ ଶୌଚାଳୟକୁ ମୁଖ୍ୟ ଅତିଥି ଭାବରେ ପାରାଦ୍ୱୀପଗଡ଼ ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ଗ୍ରାମରେ କୌଣସି ବ୍ୟକ୍ତି ବିଶେଷଙ୍କର ସ୍ୱିତବାନ ଘରବାଡ଼ି ସମ୍ପତ୍ତି ନଥିବାରୁ ବ୍ୟକ୍ତିଗତ ପାଇଖାନା ପ୍ରଦାନ କରିବା ସମ୍ଭବ ନହେବାରୁ ଉକ୍ତ ଗ୍ରାମର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହାର ସମାଧାନ ପାଇଁ ଗ୍ରାମବାସୀମାନେ ସରପଞ୍ଚ ସସ୍ମିତା ବେହେରାଙ୍କୁ ଜଣାଇଥିଲେ । ଗ୍ରାମବାସୀଙ୍କ ଅସୁବିଧାକୁ ଉପଲବ୍ଧି କରି ସରପଞ୍ଚ ଶ୍ରୀମତୀ ବେହେରା ଉକ୍ତ ଗ୍ରାମର ମଧ୍ୟ ଭାଗରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିଥିଲେ । ଆଜି ଏହାର ଶୁଭ ଉଦ୍‌ଘାଟନ କରାଗଲା । ଏହି ଆୟୋଜିତ କାର୍ଯ୍ୟକ୍ରମରେ କୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ଚୌଧୁରୀ, ଅଲେଖ ମହାରଥା, ମହେଶ୍ୱର ପାଇକ ଓ ବିଷ୍ଣୁପଦ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ । ସରପଞ୍ଚ ଶ୍ରୀମତୀ ବେହେରାଙ୍କ ଏପରି ଜନହିତକର କର୍ଯ୍ୟକୁ ଗ୍ରାମବାସୀଙ୍କ ପକ୍ଷରୁ ଉଚ୍ଚ ପ୍ରଶଂସା କରାଯାଇଛି ।

## ୨୪ ବିଦ୍ୟାଳୟ ବନ୍ଦ

# ପିଲାଙ୍କ ଭବିଷ୍ୟତ ଅନ୍ଧାର

ମାଲକାନାଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାର ଆଦିବାସୀ ଗାଁ ଧୀରେ ଧୀରେ ହେଉଛି ବିଦ୍ୟାଳୟ ଶୂନ୍ୟ । ଛାତ୍ର ଉପସ୍ଥାନ କମ୍ ଦର୍ଶାଇ ବନ୍ଦ କରାଯାଉଛି ବିଦ୍ୟାଳୟ । ଫଳରେ ପିଲାମାନେ ପାଠରୁ ମୁହଁମୋଡ଼ି ଚାଷ କାମ ନଚେତ ଗାଈ ଚରାଇବାକୁ ଯାଉଛନ୍ତି । ଅନେକ ପିଲା ଘର କାମରେ ବାପା ମା'ଙ୍କୁ ସାହାଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି। ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍‌ରେ ଏହି ସ୍ଥିତି ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି। ପାଖାପାଖି ୨୪୩ ଜଣ ପିଲାଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଇଛି । କାଲିମେଲା ବ୍ଲକ୍‌ର ବିଭିନ୍ନ ଆଦିବାସୀ ଗାଁରେ ୨୪ଟି ପ୍ରାଥମିକ ବିଦ୍ୟାଳୟ ବନ୍ଦ ହୋଇଯାଇଛି । ଏହିସବୁ ସ୍କୁଲରେ ନାମ ଲେଖାଇଥିବା ୨୪୩ଜଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କଥା ଚିନ୍ତା ନକରି ବିଦ୍ୟାଳୟ ବନ୍ଦ କରାଯାଇଛି । ଏଠାରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ବିଭିନ୍ନ ବିଦ୍ୟାଳୟରେ ଥଇଥାନ କରାଯାଇଥିବା ବେଳେ ପିଲାଙ୍କ କଥା ସରକାର ଭୁଲିଗଲେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି । ଆଦିବାସୀ ଅଧ୍ୟୁଷିତ ଗାଁଗୁଡ଼ିକରେ ଶିକ୍ଷା ବ୍ୟବସ୍ଥାର ଏହା ହେଉଛି ଅସଲ ଚିତ୍ର ଶିକ୍ଷା ବିଭାଗ ତଥ୍ୟ ଅନୁସାରେ, ବ୍ଲକ୍‌ର ବଟନିଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ୮ଜଣ, ଭାଲୁଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ୧୨ଜଣ, ବିଭାନପାଲ୍ଲୀ ନୂତନ ପ୍ରାଥମିକ ବିଦ୍ୟାଳୟରେ ୧୫ଜଣ, ଗୌଡ଼ଗୁଡ଼ା ନୂତନ ପ୍ରାଥମିକ ବିଦ୍ୟାଳୟରେ ୧୫ଜଣ, ଗୁଭନାମଗୁଡ଼ା ନୂତନ ପ୍ରାଥମିକ ବିଦ୍ୟାଳୟରେ ୧୫ଜଣ, ଜାଲିଗୁଡ଼ା ନୂତନ ପ୍ରାଥମିକ ବିଦ୍ୟାଳୟରେ ୭ଜଣ, କେନ୍ଦୁଗୁଡ଼ା ନୂତନ ପ୍ରାଥମିକ ବିଦ୍ୟାଳୟରେ ୧୨ଜଣ, କୋଡେଲଗୁଡ଼ା ନୂତନ ପ୍ରାଥମିକ ବିଦ୍ୟାଳୟରେ ୧୪ଜଣ, ଏମ୍‌ପିଭି ୭୬ ପ୍ରାଥମିକ ବିଦ୍ୟାଳୟ ରେ ୧୪ଜଣ, ଫେଙ୍କୁରାଇ ନୂତନ ପ୍ରାଥମିକ ବିଦ୍ୟାଳୟରେ ୧୪ଜଣ, ପୋତାଖାଲ କଲୋନି ପ୍ରାଥମିକ ବିଦ୍ୟାଳୟରେ ୧୫ଜଣ, ଭାମାଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ୧୪ଜଣ, ଫାର୍ମ କଲୋନି ପ୍ରାଥମିକ ବିଦ୍ୟାଳୟରେ ୧୯ଜଣ, ଏମ୍‌ପିଭି- ୨୨ ପ୍ରାଥମିକ ବିଦ୍ୟାଳୟରେ ୨୦ଜଣ, କୋରକୁଣ୍ଡି ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୫ଜଣ, ଗୁମକା ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୯ଜଣ, ଏମପିଭି- ୧୧୩ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୧୬ଜଣ, ସଂଗେଲ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୮ଜଣ, ଫୁଲକାନକୋଣ୍ଡା ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୫ଜଣ, ପେଦାଓ୍ୱାଡ଼ା ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଜଣେ, ଏମ୍‌ପିଭି-୨୦ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୫ଜଣ ପିଲା ନାମ ଲେଖାଇଥିଲେ। ଅନନ୍ତପାଲ୍ଲୀ ଓ ଗାଗରିମେଟଲା ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କେହି ପିଲା ନାମ ଲେଖାଇ ନଥିଲେ । ସରକାରଙ୍କ ଧାର୍ଯ୍ୟ ୨୦ଜଣ ଉପସ୍ଥାନ ନଥିଲେ ସ୍କୁଲ ବନ୍ଦ ନିଷ୍ପତ୍ତି ଯୋଗୁ ଏହିସବୁ ସ୍କୁଲରେ ବର୍ତ୍ତମାନ ତାଲା ଝୁଲୁଛି । ଏହିସବୁ ବିଦ୍ୟାଳୟ ଖୋଲିବା ପୂର୍ବରୁ ଶିକ୍ଷା ବିଭାଗ ଏଥିପ୍ରତି କାହିଁକି ଦୃଷ୍ଟି ଦେଇ ନଥିଲେ ବୋଲି ପ୍ରଶ୍ନ ଉଠିଛି । ଆଦିବାସୀ ଗାଁଗୁଡିକରେ ଶିକ୍ଷାର ବିକାଶ କରିବାକୁ ସରକାର ସ୍ଥିତି ନପରଖି ସ୍କୁଲ ଖୋଲିବାରୁ ଏବେ ରାଜ୍ୟ ରାଜକୋଷର କୋଟିକୋଟି ଟଙ୍କା ପାଣିରେ ପଡ଼ିଲା ବୋଲି କୁହାଯାଉଛି । ଶ୍ରେଣୀଗୃହ ନିର୍ମାଣ ସହ କୋଟିକୋଟି ଟଙ୍କାରେ ଅନ୍ୟ ଭିତ୍ତିଭୂମି ନିର୍ମାଣ ହୋଇଥିଲା । ଗାଁ ଗହଳିରେ ପାଠ ପଢ଼ିପାରୁ ନଥିବା ପିଲାଙ୍କ ଭବିଷ୍ୟତ ଗଢ଼ିବାକୁ ଏହିସବୁ ବିଦ୍ୟାଳୟ ଖୋଲା ଯାଇଥିଲା ।

## ଦେବୀ ନଦୀ ମୁହାଣରୁ ଟ୍ରଲର ଜବତ, ୬ ଅଟକ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ସମୁଦ୍ର ନିଷିଦ୍ଧାଞ୍ଚଳରେ ମାଛଧରା ଉପରେ କଟକଣା ଲାଗୁ ହୋଇଛି । କିନ୍ତୁ ସରକାରଙ୍କ କଟକଣା ଉଲ୍ଲଙ୍ଘନ କରି ଦେବୀ ନଦୀ ମୁହାଣ ନିଷିଦ୍ଧାଞ୍ଚଳରେ ସହ ସହ ଟ୍ରଲର ମାଛ ଧରୁଛନ୍ତି କିନ୍ତୁ ନିଷିଦ୍ଧାଞ୍ଚଳ ଜାରି ହେବାର ୧୯ଦିନ ମଧ୍ୟରେ ୩ଟି ଟ୍ରଲର ଜବତ କଲାଣି ବନବିଭାଗ । ପୁରୀ ଜିଲ୍ଲା ଅସ୍ତରଙ୍ଗ ବନବିଭାଗ ଦ୍ୱାରା ନିଷିଦ୍ଧାଞ୍ଚଳରୁ ମା' କାଳୀ ନାମକ ମାଛଧରା ଟ୍ରଲର ଜବତ ହୋଇଛି । ଜବତ ଟ୍ରଲର (ଆଇଏନ୍‌ଡି -ଓଆର୍ ୦୫ଏମ୍‌ଏମ୍ ୩୩୭)ର ମାଲିକ ନୂଆଗଡ ଅଞ୍ଚଳ ବୋଲି ସୂଚନା ମିଳିଛି । ଜବତ ଟ୍ରଲରରୁ ୬ଜଣ କ୍ରିଉ ମେମ୍ବରଙ୍କୁ ବନବିଭାଗ ଅଟକ ରଖିଛି । ନିଷିଦ୍ଧାଞ୍ଚଳ ଉକ୍ତ ଟ୍ରଲରଟି ମାଛ ମାରୁଥିବା ବେଳେ ମଙ୍ଗଳବାର ସକାଳ ୫ ଘଟିକାରେ ବନବିଭାଗ ଟିମ୍, ଟର୍ଟଲ ସ୍କ୍ୱାର୍ଡ ଉକ୍ତ ଟ୍ରଲରକୁ ଜବତ କରିଥିଲେ । ଟ୍ରଲର ଜବତ ସମୟରେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର, ବନକର୍ମଚାରୀ ମାନସ ରଞ୍ଜନ ବେହେରା, ସୁଭାଶିଷ ବିଶ୍ୱାଳ, ଭାବଗ୍ରାହୀ ସେଠୀଙ୍କ ସହ ୫ଜଣ କଇଁଛ ସୁରକ୍ଷା ଟିମ୍, ଏପିଆର୍ ଫୋର୍ସ ପାଟ୍ରୋଲିଂରେ ସାମିଲ ହୋଇଥିଲେ । ଜବତ ଟ୍ରଲରକୁ କୂଳକୁ ନିକଟକୁ ଆସିବା ପରେ ଉକ୍ତ ଟ୍ରଲରରୁ ଜବତ ମାଛ ବି କ୍ଲାସ ମାଛ ୨୬୦କିଗ୍ରା, କଙ୍କଡ଼ା ୫୦କିଗ୍ରା ଓ କଡ଼ି ଚିଙ୍ଗୁଡ଼ି ୭୦କିଗ୍ରା ଜବତ ହୋଇ ନିଲାମ ହୋଇଥିଲା । ନିଲାମ କାର୍ଯ୍ୟ ସମୟରେ ସାମୁଦ୍ରିକ ମତ୍ସ୍ୟ ବିଭାଗ ସହକାରୀ ମତ୍ସ୍ୟ ଅଧିକାରୀ ସତ୍ୟବ୍ରତ ଦାସ, ମାନସ ପରିଡାଙ୍କ ସହ ସାଗର ମିତ୍ର ବିଶ୍ୱଜିତି ବେହୁରା, କୃଷ୍ଣବିଶ୍ୱାଳ, ଅର୍ଜିତ ପ୍ରଧାନ ଉପସ୍ଥିତ ଥିଲେ । ଅଲିଭ ରିଡ୍‌ଲେ କଇଁଛଙ୍କ ଆଗମନ ଯୋଗୁଁ ସାମୁଦ୍ରିକ ମାଛଧରା ଉପରେ ବନବିଭାଗ ଓ ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ ନଭେମ୍ବର ପହିଲାରୁ କଟକଣା ଜାରି କରାଯାଇଛି।

## ଜିଲ୍ଲାସ୍ତରୀୟ କୁମ୍ଭାର ସମାଜର ବୈଠକ

କୁଜଙ୍ଗ, (ଭାସ୍କରନ ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁମ୍ଭାର ସମାଜର ଜିଲ୍ଲାସ୍ତରୀୟ ଏକ ବୈଠକ କୁଜଙ୍ଗ ବ୍ଲକ ଭୁତୁମୁଣ୍ଡାଇ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ କୁରାଳ ପଞ୍ଚମୀପର୍ବକୁ ଆଡମ୍ବର ସହିତ ପାଳନ କରିବା ଏବଂ କେନ୍ଦ୍ରାପଡ଼ାରେ ହେବାକୁ ଥିବା ଖଟଣି ଉତ୍ସବ ଏବଂ କୁମ୍ଭକାର ବାର୍ଷିକ ସମ୍ମିଳନୀ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ରାମଚନ୍ଦ୍ର ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଜିଲ୍ଲା ସଭାପତି ବ୍ରହ୍ମାନନ୍ଦ ରଣା, କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ରତ୍ନାକର ବେହେରା, ସମ୍ପାଦକ ବିଚିତ୍ରାନନ୍ଦ ବେହେରା, ଫକୀର ଚରଣ ବେହେରା, ଜୀବନ ରଣା, କେଶବ ରଣା, ଦେବେନ୍ଦ୍ର ସେନାପତି, ମଥୁରାନନ୍ଦ ବେହେରା, ଦିବାକର ବେହେରା, ସୁମନ୍ତ ରଣା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜଗତସିଂହପୁର ଜିଲ୍ଲାର ସବୁ ବ୍ଲକରେ ବୈଠକ କରାଯାଇ ସଂଗଠନକୁ ସୁଦୃଢ଼ କରିବା ସହିତ କୁରାଳ ପଞ୍ଚମୀ ଉତ୍ସବ ଏବଂ କୁମ୍ଭକାର ବାର୍ଷିକ ସମ୍ମିଳନୀକୁ ସଫଳ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

## ଓଏଏସ୍ ପାଇଥିବା ରଶ୍ମିତାଙ୍କୁ ସମ୍ବର୍ଦ୍ଧନା

ଏରସମା, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତର ଓରନାଳ ଗ୍ରାମର ଓଏଏସ୍ ପାଇଥିବା ରଶ୍ମିତା ଲେଙ୍କାଙ୍କୁ ଓରନାଳ ଗ୍ରାମବାସୀମାନଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଆୟୋଜିତ କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତର ସରପଞ୍ଚ ସୋନପ୍ରଭା ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ସାରଦା ପ୍ରସନ୍ନ ଜେନା, ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଏରସମା ପଞ୍ଚାୟତ ସରପଞ୍ଚ ସଚ୍ଚିଦାନନ୍ଦ ଦାସ, କୃଷ୍ଣଚନ୍ଦ୍ରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବଲ୍ଲଭାନନ୍ଦ ସ୍ୱାଇଁ, କୃଷ୍ଣଚନ୍ଦ୍ରପୁର ସେବା ସମବାୟ ସମିତିର ସଭାପତି ସମୀର ରଞ୍ଜନ ସ୍ୱାଇଁ, ଶିକ୍ଷାବିତ୍ ଲୋକନାଥ ମହାନ୍ତି, ମକରଧ୍ୱଜ ଆଇଟିଆଇ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଶ୍ରୀମତୀ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓରନାଳ ଗ୍ରାମର ବିଜୟ କୁମାର ନାୟକ, ଅଧିର କୁମାର ଭଟ୍ଟ, ସୌଭାଗ୍ୟ କୁମାର ସ୍ୱାଇଁ ଓ ଶଶିଭୂଷଣ ସ୍ୱାଇଁ ପ୍ରମୁଖଙ୍କ ସମେତ ଓରନାଳ ଗ୍ରାମବାସୀ ଓଏଏସ୍ ପାଇଥିବା ରଶ୍ମିତା ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଚିକିଟିରେ ଟ୍ରାଫିକ ଜାମ୍ ଥମିବାର ନାଁ ଧରୁନି

ଚିକିଟି, (ଭାସ୍କର ନ୍ୟୁଜ): ଏହି ପୌର ପରିଷଦର ବ୍ୟବସାଇକ ପ୍ରାଣକେନ୍ଦ୍ର ଚିକିଟୀ ପେଣ୍ଠ ଅଟେ ଓ ଏହି ବଜାର ଉପରେ ରାତି ପାହିଲେ ହଜାର ହଜାର ଲୋକ ନିଜର ଦୈନନ୍ଦିକ ଆବଶ୍ୟକ ନିମନ୍ତେ ନିର୍ଭର କରିଥାନ୍ତି ଓଏହି ବଜାରରେ ଲୋକେ ଶିକ୍ଷା,ବ୍ୟାଙ୍କ ସେବା ପାଇଁ ନିର୍ଭର କରୁଥିବା ବେଳେ ସବୁବେଳେ ଖାଲି ଗହଳି ପରିପୂର୍ଣ୍ଣ ହେବାରେ ଲାଗିଛି ଓଦିନକୁ ଦିନ ଲୋକଙ୍କ ଚାହିଦା ମେଣ୍ଟାଇବା ସକାଶେ ସମ ପରିମାଣରେ ଦୋକାନ ବଜାର ବଢ଼ିବାରେ ଲାଗିଥିବା ବେଳେ ରାସ୍ତା ପ୍ରଶସ୍ତିକରଣ ହୋଇ ପାରୁନଥିବା ଅତ୍ୟନ୍ତ ମୁଣ୍ଡ ବ୍ୟଥା କାରଣ ହୋଇଥିବା ଦେଖିବାକୁ ମିଳିଛି ଓସେହି ପରି ଚିକିଟୀ ପେଣ୍ଠ ର ମୁଖ୍ୟ ବଜାର ର ରାସ୍ତା ଟୀ ଅଣଅସାରିଆ ହୋଇ ରହିଛି ଓଦୁଇ ପଟେ ଦୋକାନ ବଜାର ଦୋକାନ ଆଗରେ ବାଇକ ଗହଳି ହୋଇ ରହିଥିବା ଦେଖିବାକୁ ମିଳୁଛି ଯାହା କି ଜାମ ର କାରଣ ଓଏତଦ ବ୍ୟତିତ ଦୋକାନୀ ମାନେ ନିଜର ପସରା ଦୋକାନ ବାହାରି ପକାଇ ବିକିବାରେ ଲାଗିଛନ୍ତି ଓଆଜକୁ କିଛି ଦିନ ତଳେ ପୁଲିସ ବିଭାଗ ର କିଛି କର୍ମଚାରୀ ମୁଖ୍ୟ ବଜାର ପାଖରେ ଜଗିଥିବା ହେତୁ କିଛି ମାତ୍ରାରେ ଜାମ କମିଥିବା ଦେଖିବାକୁ ମିଳିଥିଲା ଓଏବେ ଖାଲି ପେଣ୍ଠ ସେସ ରେ ଜଣେ ମାତ୍ର ହୋମ ଗାର୍ଡ କୁ ଜଗାଇ ପୁଲିସ ହାତ ଝାଡି ବସିଥିବା ଦେଖିବାକୁ ମିଳୁଛି ଓସେହିପରି ଏହି ଜାଗର ଜାମ କମାଇବା ସକାଶେ କୋଟି କୋଟି ଟଙ୍କା ଖରଚ କରି ଗୋଟିଏ ଆପରୋଚ ରୋଡ ବାହାର କରିଥିଲେ ମଧ୍ୟ ତାହା କିଛି କାମରେ ଲଗୁନଥିବା ଜଣା ଯାଉଛି ଓଉକ୍ତ ରାସ୍ତାଟି ର ଗତିବିଧି କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଜମିକିଣିବା ଓ ତାଙ୍କ ଜମିର ଫେସ ଭେଲୁ ବଢାଇବା ସକାଶେ ଉଦ୍ଦିଷ୍ଟ ହୋଇଛି ବୋଲି ଅନେକ ମତ ବ୍ୟକ୍ତ କରୁଛନ୍ତିଓଏହି ପରସ୍ଥିତି ସ୍ଥାନୀୟ ବିଧାୟକ ପ୍ରଥମ କରି ଉକ୍ତ ବିଷୟ ବିଧାନ ସଭାରେ ଉଠାଇ ଥିବା ଦେଖି ସାଧାରଣ ଜନତା କିଛି ଆଶ୍ୱତୀ ଅନୁଭବ କରିଥିଲେ ଓଏହି ଆଶ୍ୱସ୍ତି ଧୀରେ ଧୀରେ ଶିଥିଳତା ଦିଗକୁ ଗତି କରି ସମସ୍ତେ ନିଜ ନିଜର ମନାକୁ ବୁଝାଇ ସାରିଲେଣି ଓଦେଖାଯାଉ କେବେ ବିଧାୟକଙ୍କ କଥା ସତ ହେବ ନା ପୂର୍ବ ବିଧାୟକଙ୍କ ଭଳି ହେବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ଓଆଜକୁ କିଛି ଦିନ ହେଲା ପୁଲିସ ବିଭାଗ ତରଫରୁ ସନ୍ଧ୍ୟା ବେଳେ ସ୍ଥାନୀୟ ଫାଣ୍ଡି ଅଧିକାରୀଙ୍କ ଦ୍ୱାରା ଭିଡ ନିୟନ୍ତ୍ରଣ ସକାଶେ କିଛି କଡା ପଦକ୍ଷେପ ନିଆଯାଉ ଥିବା ବେଳେ ଭିଡ ସମୟରେ କୌଣସି ଅଧିକାରୀ କିମ୍ବା କର୍ମଚାରୀ ଭିଡକୁ ଆୟତ କରିବାକୁ ଦେଖା ମିଳୁନି ଓତେଣୁ କହିବାକୁ ଗଲେ ରାତିରେ ଫାଇନ ଦିନରେ ନିଦ ବୋଲି ମଧ୍ୟ ମତ ବାହାରୁଛି ଓ

## ନଭେମ୍ବରରେ ଜଳଭଣ୍ଡାର ସ୍ଥିତି ସଙ୍କଟ



ଭଞ୍ଜନଗର, (ଭାସ୍କର ନ୍ୟୁଜ): ଭଞ୍ଜନଗର ଜଳଭଣ୍ଡାର ବର୍ତ୍ତମାନ ଶୁଖିବାରେ ଲାଗିଛି । ଦୀର୍ଘ ଦିନ ଧରି ବର୍ଷା ନଥିବାରୁ ନଈ ନାଳ କେନାଲ ସବୁ ଏକ ପ୍ରକାର ଶୁଖିଲା ପଡ଼ିଛି। ପୂର୍ବରୁ ଗ୍ରୀଷ୍ମ ଦିନେ ଜଳଭଣ୍ଡାର ପାଣି ଶୁଖିବା ଦେଖିବାକୁ ମିଳୁଥିବା ବେଳେ ଚଳିତ ବର୍ଷ ନଭେମ୍ବର ମାସ ଅଧା ହୋଇଥିବା ବେଳେ ଜଳଭଣ୍ଡାର ଗୁଡିକରେ ପାଣି ଅଭାବ ପରିଲିକ୍ଷିତ ହୋଇଛି। ସ୍ଥିତି ଏଭଳି ହୋଇଛି କି ଯେ,ଜଳଭଣ୍ଡାର ଭିତରେ ବିଲୀନ ହୋଇଥିବା ଛେଦାଭୂମୀ ଗ୍ରାମର ବିଶ୍ୱନାଥ ସ୍ୱାମୀଙ୍କ ମନ୍ଦିର ଚୂଡ଼ା ଦୃଶ୍ୟମାନ ହେଉଛି । ଦୀର୍ଘ ୧୩୦ ବର୍ଷ ତଳେ ଏହାର ନିର୍ମାଣ ସମୟରେ ପାଣି ଭିତରେ ମନ୍ଦିର ରହିଥିଲା। ବର୍ତ୍ତମାନ ପ୍ରାୟ ୯୦ ପ୍ରତିଶତ ପାଣି ଖାଲି ହେବା ପରେ ପୁଣି ଏହି ମନ୍ଦିର ଦେଖା ଦେଇଛି । ଗତ ୨୦୨୧ ମସିହାରେ ଗ୍ରୀଷ୍ମ ଦିନରେ ଏଭଳି ମନ୍ଦିର ଉପର ଭାଗ ଦେଖିବାକୁ ମିଳିଥିଲା। ଏହି ଜଳ ଭଣ୍ଡାରରୁ ସିଧାସଳଖ ୧୩୪୮ ହେକ୍ଟେର ଅଞ୍ଚଳକୁ ଜଳସେଚନ କରାଯାଇ ପାରୁଥିବା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ରଶ୍ମିରଞ୍ଜନ ରଥ ପ୍ରକାଶ କରିଛନ୍ତି । ଏଥିସହ ଭଞ୍ଜନଗର ସହର ସମେତ ରଷିକୂଲ୍ୟା ସିଷ୍ଟମରେ ବ୍ରହ୍ମପୁର ସହରକୁ ପାନୀୟ ଜଳ ଯୋଗାଣରେ ମଧ୍ୟ ସହାୟକ ହେଉଛି । ଏହି ଜଳଭଣ୍ଡାର ଜଳଧାରଣ କ୍ଷମତା ବର୍ତ୍ତମାନ ୫୭୬୬ ହେକ୍ଟୋମିଟର ରହିଛି । ବର୍ତ୍ତମାନ ଏଠାରେ ୭୩୬.୩୫ ହେକ୍ଟୋମିଟର ପାଣି ଅର୍ଥାତ ମାତ୍ର ୧୩ ପ୍ରତିଶତ ପାଣି ଗଚ୍ଛିତ ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଜଳଭଣ୍ଡାର ଋଷକୂଲ୍ୟା ଜଳସେଚନ ଯୋଜନାରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ଜଣାପଡିଛି । ଜାନିବିଲି ଦେଇ ବ୍ରହ୍ମପୁରକୁ ପିଇବା ପାଣି ପଠାଯାଉଛି । ଏହି ଜଳଭଣ୍ଡାରୁ ବାହରୁଥିବା ପାଣି ମୁଖ୍ୟ କେନାଲ୍, ଭଞ୍ଜନଗର ମାଇନର, ବେଣାକୁନ୍ଦା ମାଇନର, ମନ୍ଦାର ମାଇନର ସହ ବିଭିନ୍ନ ସବ୍ ମାଇନରେ ଜଳସେଚିତ କରୁଛି । କୌଣସି ନଦୀ କିମ୍ବା ନାଳ ଏହା ସହ ସିଧାସଳଖ ସଂଯୋଗ ହୋଇନଥିବା ବେଳେ ଜଳଭଣ୍ଡାରକୁ ଘେରି ରହିଥିବା ପାହାଡ ପର୍ବତରୁ ପାଣି ବୋହି ଆସି ଏଠାରେ ଗଚ୍ଛିତ ହୋଇରହୁଛି । ଏଥିସହ ବଡନଦୀ ଉପରେ ଶୋରିଷମୂଳି ଠାରେ ଏକ ବ୍ୟରେଜ ନିର୍ମାଣ କରି ସେଠାରୁ ୧୦ କିମି ଲମ୍ବା କେନାଲ ଦ୍ୱାରା ଜଳ ଭଣ୍ଡାରରେ ପାଣି ଅଣାଯିବା ବ୍ୟବସ୍ଥା ରହିଛି । ସେଥିରେ ମଧ୍ୟ ପାରି ଶୁଖିଲା ପଡିଥିବା ଦେଖିବାକୁ ମିଳୁଛି । ଏହି କେନାଲ ଦ୍ୱାରା ମଧ୍ୟ ୮୧୧ ହେକ୍ଟର ଜମିକୁ ଜଳସେଚନ କରାଯାଇପାରୁଛି । ଏଥିସହ ଜଳଭଣ୍ଡାରୁ ଏକ୍‌ଜିଟ୍ କେନାଲ ସର୍ବାଧିକ ୧୭.୫୦ କ୍ୟୁମେକ୍ ଜଳ ନିଷ୍କାସନ କରିବା ବ୍ୟବସ୍ଥା ମଧ୍ୟ ସେହି ସମୟରେ କରାଯାଇଛି । ଏବେ ଦୀର୍ଘ ଦିନ ଧରି ବର୍ଷା ନଥିବାରୁ ବିଷମ ପରିସ୍ଥିତି ଦେଖା ଦେଇଛି ।

## ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ସଚେତନତା ଶିବିର

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ଶୀତ ଋତୁ ଆରମ୍ଭରେ ଅଲିଭ୍ ରିଡ୍‌ଲେ ଅଣ୍ଡାଦାନ ପାଇଁ ସମୁଦ୍ର କୂଳକୁ ଆସୁଥିବାରୁ ସେମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ପୀରଜାହାନିଆ ବନବିଭାଗ କାର୍ଯ୍ୟାଳୟରେ ଅସ୍ତରଙ୍ଗ ବନବିଭାଗ ଦ୍ୱାରା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର, ବନପାଳ ବବୁଲ ମଲ୍ଲିକ ଓ ପ୍ରଶିକ୍ଷକ ଶୋଭାକର ବେହେରାଙ୍କ ଉପସ୍ଥିତରେ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ କିପରି ପଦକ୍ଷେପ ଗ୍ରହଣ କରାଯାଇପାରିବ ସେ ନେଇ ବାର୍ତ୍ତା ପ୍ରଦାନ କରିଥିଲେ । ଅଣ୍ଡା ସଂଗ୍ରହ, ହାଚେରୀ ସୁରକ୍ଷିତ, କିପରି ଗର୍ତ୍ତକୁ ବାଲି ଘୋଡାଇବା, କଇଁଛ କେଉଁ ସ୍ଥାନରେ ଅଣ୍ଡା ଦେଇଛି କିପରି ଜାଣିବା, ଅଣ୍ଡାକୁ କିପରି ସୁରକ୍ଷିତ ସ୍ଥାନକୁ ଆଣିବା ସମ୍ପର୍କିତ ପ୍ରଶିକ୍ଷଣ ଦିଆଯିବା ପରେ ପୀରଜାହାନିଆ ସମୁଦ୍ର କୂଳବାଲିରେ ଅଭ୍ୟାସ କରାଯାଇଥିଲା । ଏହା ସହ ସମୁଦ୍ର କୂଳକୁ ସଫା ରଖିବା, ବେଆଇନ ଟ୍ରଲର ଚଳାଚଳ ଉପରେ ପଦକ୍ଷେପ ନେବା, ମାତ୍ରାଧିକ ଲାଇଟି ସମୁଦ୍ର ଆଡକୁ ମୁହଁ କରି ନ ଲଗାଇବା, ସମୁଦ୍ରକୁ ପ୍ଲାଷ୍ଟିକ ମୁକ୍ତ କରିବା ଉପରେ ସଚେତନ କରାଯାଇଥିଲା । ଅଲିଭ୍ ରିଡ୍‌ଲେ କଇଁଛ ଏକ ବିରଳ ପ୍ରଜାତିର କଇଁଛ ହୋଇଥିବାରୁ ସେମାନଙ୍କ ଭୂମିକା ପରିବେଶ ସୁରକ୍ଷା ଉପରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପ୍ରଶିକ୍ଷଣ ଶିବିରରେ ବନ କର୍ମଚାରୀ, କଇଁଛ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ବ୍ୟକ୍ତି ବିଶେଷ ତାଲିମ ଶିବିରରେ ଉପସ୍ଥିତ ଥିଲେ ।

## ବାହାଦୁରଗୁଡ଼ା ଅଙ୍ଗନବାଡ଼ି କେନ୍ଦ୍ରର ସୋଲାର ପ୍ଲେଟ୍ ଚୋରି

# ପାନୀୟଜଳ ପ୍ରକଳ୍ପ ଅଚଳ

ଖଇରପୁଟ, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ମାଡକାପଦର୍ ପଞ୍ଚାୟତ ଅନ୍ତର୍ଗତ ବାହାଦୁରଗୁଡ଼ା ଗ୍ରାମରେ ଥିବା ଅଙ୍ଗନଓ୍ୱାଡ଼ି କେନ୍ଦ୍ରରେ ପାନୀୟ ଜଳ ଯୋଗାଣ ପାଇଁ ଲଗାଯାଇଥିବା ତିନୋଟି ସୋଲାର ପ୍ଲେଟ୍ ମଧ୍ୟରୁ ଗୋଟିଏ ପ୍ଲେଟ୍ କିଛି ଦିନ ପୂର୍ବେ ଚୋରି ହୋଇଯାଇଛି । ଏହା ଫଳରେ ସେହିଦିନଠାରୁ ଏହି ପ୍ରକଳ୍ପଟି ଅଚଳ ହୋଇ ପଡିଥିବା ଦେଖାଯାଇଛି । ଫଳରେ ପ୍ରକଳ୍ପକୁ ନେଇ ପାନୀୟ ଜଳ ସମସ୍ୟା ଦେଖା ଦେଉଛି । ଏହା ପରେ ଗ୍ରାମବାସୀ ଓ ଅଙ୍ଗନଓ୍ୱାଡ଼ି କର୍ମୀ ଅନେକ ଗୁହାରି କରିବା ପରେ ବି ତାହାକୁ କାର୍ଯ୍ୟକ୍ଷମ କରାଯାଇପାରି ନାହିଁ କି ଦୋଷୀକୁ ଧରି ଦଣ୍ଡ ଦିଆଯାଇନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ଆଙ୍ଗନଓ୍ୱାଡ଼ି କେନ୍ଦ୍ରର ମାତ୍ର ୨୦ ମିଟର ଦୂରରେ ୧୯ ପିଲା ପଢୁଥିବା ଏକ ବିଦ୍ୟାଳୟ ଅବସ୍ଥିତ ଯାହାକି ଗ୍ରାମକୁ ସଂଯୋଗ କରୁଥିବା ଏକ କଂକ୍ରିଟ ରାସ୍ତା ଯୋଗୁ ପରସ୍ପର ଠାରୁ ଅଲଗା ପାଚେରୀରେ ରହିବାକୁ ବାଧ୍ୟ ହେଉଛନ୍ତି । ପ୍ରକଳ୍ପରେ ନିୟୋଜିତ ଠିକାଦାର ବିଦ୍ୟାଳୟ ପିଲାଙ୍କ ସ୍ୱାର୍ଥକୁ ଉପେକ୍ଷା କରି ନାମକୁମାତ୍ର ଏକ ପାଣି ଟ୍ୟାପ୍ ବିଦ୍ୟାଳୟ ବାହାରେ କାନ୍ଥରେ ହାଲୁକା ଭାବେ ଲଗାଇ ଦେଇଥିଲେ ଯାହାକି ବାହାର ପଟେ ଥିବାରୁ ପିଲାଙ୍କ କାମରେ ଲାଗିବା ପୂର୍ବରୁ ତାହା ଭାଙ୍ଗିଯାଇଛି ବୋଲି ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା କହିଛନ୍ତି । ଏହିପରି ଏକ ପ୍ରକଳ୍ପର ଲାଭ ଉଭୟ ବିଦ୍ୟାଳୟ ଓ ଅଙ୍ଗନଓ୍ୱାଡ଼ି ପିଲାଙ୍କୁ ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେବା କଥା କିନ୍ତୁ ଏହି ପ୍ରକଳ୍ପ ସ୍ଥାପନ କରାଯିବା ବେଳେ ବିଦ୍ୟାଳୟ ପିଲାଙ୍କ କଥା କର୍ତ୍ତୃପକ୍ଷ ଭୁଲିଗଲେ । ସେହି ପ୍ରକଳ୍ପର ପାଣି ବିଦ୍ୟାଳୟ ପିଲାମାନେ ମଧ୍ୟ ପାଇବାର ବ୍ୟବସ୍ଥା କରାଯିବାର ଥିଲା ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି । ସେହି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ସହିତ ବିଦ୍ୟାଳୟ ପିଲା କିପରି ଏହି ପ୍ରକଳ୍ପର ସେବା ପାଇପାରିବେ ସେ ଦିଗରେ ପାନୀୟଜଳ ଯୋଗାଣ ଓ ପଞ୍ଚାୟତିରାଜ ବିଭାଗ ଯୋଜନା କରି ପଦକ୍ଷେପ ନେଇ କୁନିକୁନି ପିଲାଙ୍କ ସହାୟ ହେବାକୁ ସାଧାରଣରେ ଦାବି ହେଉଛି ।

## ସିପିଏମ୍‌ର ଦରବୃଦ୍ଧି ବିରୋଧରେ ପ୍ରତିବାଦ ସଭା




ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ଦର ବୃଦ୍ଧି ପ୍ରାକୃତିକ ନୁହେଁ । ଏହା ମନୁଷ୍ୟକୃତ । ସରକାର ନୀତି ଯୋଗୁଁ ଦରବୃଦ୍ଧି ଘଟୁଛି । ପେଟ୍ରୋଲିୟମ ପଦାର୍ଥରୁ ସରକାର ଟିକସ୍ ଆକାରରେ ୩ଲକ୍ଷ ୫୦ ହଜାର କୋଟି ଆଦାୟ କରିବା ଯୋଗୁ ପରିବହନ ଖର୍ଚ୍ଚ ବଢୁଛି । ତେଣୁ ସବୁ ଜିନିଷର ଦାମ ବଢୁଛି । ସେହିଭଳି ସରକାର ଔଷଧ କମ୍ପାନୀଗୁଡିକୁ ଲାଭ ଦେବା ପାଇଁ କେତେକ ଔଷଧର ଦାମ ୫୦ ପତିଶତ ବୃଦ୍ଧି କରିବା ଓ ଅତ୍ୟଧିକ ଜିଏସ୍‌ଟି ଯୋଗୁଁ ଔଷଧଗୁଡ଼ିକର ଦର ବୃଦ୍ଧି ପାଇଛି । ସେଭଳି ଖାଦ୍ୟ ସାମଗ୍ରୀ ଓ ଅତ୍ୟାବଶ୍ୟକକୀୟ ସାମଗ୍ରୀ ଉପରୁ ସରକାରୀ ନିୟନ୍ତ୍ରଣ ହଟିବା ଯୋଗୁଁ ବଡ କମ୍ପାନୀଗୁଡ଼ିକ ମନଇଚ୍ଛା ଗ୍ରାହକଙ୍କୁ ଲୁଟୁଛନ୍ତି । ତେଣୁ ଦରବୃଦ୍ଧି ପାଇଁ ସରକାର ସମ୍ପୂର୍ଣ୍ଣ ଦାୟୀ । ସରକାର କେବଳ ପ୍ରଚାର ନକରି ଦର ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବା ପାଇଁ ପାର୍ଟି ପକ୍ଷରୁ ଦାବି କରାଯାଇଛି । ଦର ବୃଦ୍ଧି ନିୟନ୍ତ୍ରଣ ପର୍ଯ୍ୟନ୍ତ ପାର୍ଟି ପକ୍ଷରୁ ପ୍ରତିବାଦ କାର୍ଯ୍ୟକ୍ରମ ଜାରି ରହିବ ବୋଲି ପାର୍ଟି ପକ୍ଷରୁ କୁହାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ଚୌଧୁରୀ, ବାବୁଲା ନାୟକ, ମଧୁ ବେହେରା, ନୃସିଂହ ବ୍ରହ୍ମା, ଧର୍ମା ରାଓ, ଲୋକନାଥ ଖୁଣ୍ଟିଆ, ରାଜା ରାଓ, ରଞ୍ଜନ ପାତ୍ର ପ୍ରମୁଖ ପ୍ରତିବାଦ ସଭାରେ ବକ୍ତବ୍ୟ ରଖିଥିଲେ।

# ଅନିଶ୍ଚିତତାରେ ଅର୍ଦ୍ଧାଧିକ ପ୍ରକଳ୍ପ

- ଉନ୍ନୟନ କାମ ଆଗେଇପାରୁନି
- ଚିନ୍ତାରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳବାସୀ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ) : ସାଧାରଣ ନିର୍ବାଚନ ସରିବାର ୫ମାସ ବିତିଗଲାଣି । କୋଟି କୋଟି ଟଙ୍କାର ପ୍ରକଳ୍ପ ଏବେ ବନ୍ଦ ହୋଇ ପଡିଛି । ଅନିଶ୍ଚିତତା ମଧ୍ୟରେ ପ୍ରକଳ୍ପଗୁଡିକ ଥିବାରୁ ଏହା ହେବ ନ ହେବ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ସାଧାରଣରେ ସନ୍ଦେହ ଉପୁଜୁଛି । ସାଧାରଣ ନିର୍ବାଚନ ପୂର୍ବରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଶହ ଶହ କୋଟି ଟଙ୍କାର ଉନ୍ନୟନ କାର୍ଯ୍ୟ ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ଦିଆଯାଇଥିଲା । ଗ୍ରାମାଞ୍ଚଳର ବିକାଶ ଦିଗରେ ଏହା ସହାୟକ ହେବ ବୋଲି କୁହାଯାଇଥିଲା । ଦୀର୍ଘ ଦିନ ବିତିଥିଲେ ମଧ୍ୟ କିଛି ପ୍ରକଳ୍ପ ସରିଥିଲେ ମଧ୍ୟ ବିଲ୍ ହୋଇନାହିଁ। କେତେକ ପ୍ରକଳ୍ପ ଅଧପନ୍ତରିଆ ହୋଇ ପଡ଼ିରହିଛି ଆଉ କେଉଁଠି ରାଜନୈତିକ ଗୋଷ୍ଠୀ ବିବାଦ ଯୋଗୁଁ ଆରମ୍ଭ ହୋଇନାହିଁ । ବିଦ୍ୟାଳୟ, ମନ୍ଦିର, କ୍ଲବ ଘର, ଖେଳପଡିଆ, କଲ୍ୟାଣୀ ମଣ୍ଡପ, ମଠ ଘର, ଭୋଗ ମଣ୍ଡପ ଶହ ଗ୍ରାମାଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା । ହେଲେ ନିର୍ବାଚନର ୫ମାସ ପରେ ମଧ୍ୟ ଗ୍ରାମାଞ୍ଚଳରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ଆଗେଇ ପାରୁନାହିଁ । ସମସ୍ତ କାମ ଠପ୍ ହୋଇପଡ଼ିଛି । ସରକାର ଉକ୍ତ ଯୋଜନାର ଅର୍ଥ ଖର୍ଚ୍ଚ କରିବାକୁ କି ଫେରାଇ ଦେବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇନାହାନ୍ତି । ବ୍ଲକର ସରକାରୀ ଅଧିକାରୀଙ୍କ ନାମରେ କାମ ଥାଇ ଦଳୀୟ କର୍ମୀଙ୍କୁ କାମ କରିବାକୁ ଦିଆଯାଇଥିଲା । ସାଧାରଣ ନିର୍ବାଚନ ପୂର୍ବରୁ ଏହି ଅର୍ଥ ମିଳିଥିବାରୁ ସବୁ କାର୍ଯ୍ୟ କରିବା ସମ୍ଭବ ହୋଇପାରିନଥିଲା। ଫଳରେ ନିର୍ବାଚନ ଆଚରଣ ବିଧି ଲାଗିବାରୁ କାମ ବନ୍ଦ ରହିଥିଲା । ହେଲେ ସରକାର ପରିବର୍ତ୍ତନ ହେବା ପରେ ବ୍ଲକର କାମକୁ ସମୀକ୍ଷା କରାଯାଇଥିଲା। ହେଲେ ୫ମାସ ପରେ ମଧ୍ୟ କୌଣସି ନିଷ୍ପତ୍ତି ନ ହେବାରୁ ଏହି ଯୋଜନା ଅର୍ଥ ସେମିତି ପଡିରହିଛି । ହେଲେ ଏହି ଅର୍ଥ କାମ ହେବ କି ଫେରସ୍ତ ହେବ ସେ ନେଇ ସରକାରଙ୍କ ପକ୍ଷରୁ କୌଣସି ନିଷ୍ପତ୍ତି ହୋଇ ନଥିବାରୁ ଦ୍ୱନ୍ଦ୍ୱରେ ବ୍ଲକ ପ୍ରଶାସନ ଓ ଅନିଶ୍ଚିତତା ମଧ୍ୟରେ ଠିକାଦାର । ଏ ଦିଗରେ ସରକାର ସ୍ପଷ୍ଟ ଆଭିମୁଖ୍ୟ ପୋଷଣ କରିବା ପରେ ପ୍ରକଳ୍ପଗୁଡିକରୁ ଅନିଶ୍ଚିତତା ଦୂର ହେବ ବୋଲି ଆଶା କରାଯାଉଛି । ଅପରପକ୍ଷେ କାର୍ଯ୍ୟ ଗୁଡିକ ହେଉ ନଥିବାରୁ ବିକାଶ ବାଧାପ୍ରାପ୍ତ ହେବା ଦେଖାଯାଉଛି। କେବଳ ବିକାଶ ବାଧାପ୍ରାପ୍ତ ତାହା ନୁହେଁ କାମ କାହିଁକି ଆଗେଇ ପାରୁନି କିପରି ହେବ ସେ ନେଇ ଚର୍ଚ୍ଚା ଜୋର ଧରିଛି।

## ହୀରକ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ବ୍ରହ୍ମପୁର,(ଭାସ୍କର ନ୍ୟୁଜ ) : ରାଜ୍ୟର ଅତି ପୁରାତନ ଅଗ୍ରଣୀ ସାଂସ୍କୃତିକ ପ୍ରତିଷ୍ଠାନ 'ଜାତୀୟ ସଂଗୀତ କଲକେନ୍ଦ୍ର'ର ହୀରକ ଜୟନ୍ତି ପାଳନ ନିମନ୍ତେ ତୃତୀୟ ପ୍ରସ୍ତୁତି ବୈଠକ କଳାକେନ୍ଦ୍ର ପରିସରସ୍ଥ 'ଭଞ୍ଜ ମଣ୍ଡପ' ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶିକ୍ଷାପ୍ରଦୀପ ଦେବୀ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁ, ବନକୁସୁମ ସାହିତ୍ୟ ପ୍ରତିଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ କାଳିନ୍ଦୀ ଚରଣ ନାୟକ, ସଂଗୀତଜ୍ଞ ମାଧବ ଜେନା ପ୍ରମୁଖ ଅତିଥି ଭାବରେ ଯୋଗଦେଇ କଳାକେନ୍ଦ୍ର ଓଡ଼ିଶାର ସାଂସ୍କୃତିକ ଜାଗରଣରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥିବା ହେତୁ ତାର ହୀରକ ଜୟନ୍ତୀ ମଧ୍ୟ ସ୍ମରଣୀୟ ହେବ ଉଚିତ ବୋଲି ନିଜ ନିଜ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ । କଳାକେନ୍ଦ୍ର ସମ୍ପାଦକ ସ୍ୱର ଗୌରବ କୃଷ୍ଣ ପ୍ରସାଦ ସାବତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠାନର ଅନ୍ୟତମ ସଦସ୍ୟ କିରଣ କୁମାର ମହାନ୍ତି ଜୟନ୍ତୀ ଉପଲକ୍ଷେ କିଛି ସବ୍ କମିଟି ଘୋଷଣା କରିଥିଲେ । ଏହି ଅବସରରେ ସର୍ବଶ୍ରୀ ସୁବାସ ଚନ୍ଦ୍ର ସାହୁ ରୋଶନ୍, ଦୀନବନ୍ଧୁ ଶ୍ରୀପଲ୍ଲ, ନିତ୍ୟାନନ୍ଦ ପାଢ଼ୀ, ସୂର୍ଯ୍ୟ ନାରାୟଣ ପାତ୍ର, ମାନସ ରଞ୍ଜନ ଦାସ, ସଞ୍ଜା ସମାହିତ ପାଢ଼ୀ, ପ୍ରଦୀପ କୁମାର ପାଢ଼ୀ, ଉମାମଣୀ ସାବତ, ଅଞ୍ଜଳି ମହାରଣା, ନିହାରୀକା ସାହୁ ପ୍ରମୁଖ ବହୁ ସଦସ୍ୟ ହୀରକ ଜୟନ୍ତୀର ସାମ୍ଭାବ୍ୟ ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ । ପରିଶେଷରେ ଶ୍ରୁତି ସ୍ୱାଧୀନା ସାବତ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ବହୁ ସଦସ୍ୟ ଉପସ୍ଥିତ ଥିଲେ ।




ଡେରାବିଶ, (ଭାସ୍କର ନ୍ୟୁଜ) : ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଛକନା ଗ୍ରାମରେ ନାରୀକେଳ ଚାଷୀ କ୍ଷେତ୍ର ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ନାରିକେଳ ଉତ୍ପାଦକ ସଂଘର ମୁଖ୍ୟ ସନାତନ କରଙ୍କ ସଭାପତି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସ୍ଥିତ ନାରିକେଳ ଉନ୍ନୟନ ପରିଷଦର ଉନ୍ନୟନ ଅଧିକାରୀ ରବି ନାରାୟଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ନାରୀକେଳ ଉନ୍ନୟନ ପରିଷଦର କ୍ଷେତ୍ରାଧିକାରୀ କ୍ଷିତିଶ ପାଣି ଯୋଗଦେଇ ଉପସ୍ଥିତ ଚାଷୀମାନଙ୍କୁ ନଡ଼ିଆ ଚାଷର ଅତ୍ୟାଧୁନିକ ପ୍ରଣାଳୀ, ରୋଗପୋକ ନିୟନ୍ତ୍ରଣ ସହିତ ଜିଆଖତ ଚାଷର ପ୍ରଣାଳୀ ଓ ଏହି ଚାଷ କରି କିପରି ଚାଷୀମାନେ ଲାଭବାନ ହେବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁଜିତ ସାମନ୍ତରାୟ ଯୋଗ ଦେଇଥିଲେ। ନାରୀକେଳ ଚାଷୀ ରଶ୍ମିତା ପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ପ୍ରଦୀପ କୁମାର ଶତପଥି ଧନ୍ୟବାଦ ଅର୍ପଣ କରିଥଲେ। ଏହି କାର୍ଯ୍ୟକ୍ରମରେ ଡେରାବିଶ ବ୍ଲକ ଅନ୍ତର୍ଗତ ୩୦ଜଣ ନାରୀକେଳ ଚାଷୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ୱର୍ଣ୍ଣଲତା ସାମଲ, ସରସ୍ୱତୀ ପାତ୍ର, ନାରାୟଣ ତ୍ରିପାଠୀ, ଦେବବ୍ରତ ବଳ ପ୍ରମୁଖ ପରିଚାଳନା କରିଥିଲେ।

# ଗାଁ ମଶାଣିରୁ ଫେରିଲା ଶବ, ପୋଲିସର ତଦନ୍ତ ଜାରି




ଧର୍ମଗଡ(ଭାସ୍କର ନ୍ୟୁଜ) ଗାଁ ଶ୍ମଶାନ ଘାଟରୁ ଶବ ଫେରିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି । କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଅଧିନସ୍ଥ ଧାମନପୁର ଗାଁରେ ଏଭଳି ଘଟଣା ଘଟିଛି । ସୋମବାର ଅପରାହ୍ନ ୫ଟା ସମୟରେ ଗାଁର ଶ୍ରୀଧର ମଲ୍ଲିକଙ୍କ ମୃତ୍ୟୁ ହୋଇଥିଲା। ପରିବାର ଲୋକେ ବନ୍ଧୁ କୁଟୁମ୍ବ ସହିତ ଶବଦାହ କରିବା ପାଇଁ ଗାଁ ଶ୍ମଶାନ ଘାଟକୁ ନେଇଥିଲେ। ଠିକ୍ ଏତିକି ବେଳକୁ ହତ୍ୟା ଜନିତ ମୃତ୍ୟୁ ହୋଇଥିବା ପୋଲିସ ପାଖକୁ ଖବର ଆସିଥିଲା। ପୋଲିସ ତୁରନ୍ତ ଶ୍ମଶାନ ଘାଟକୁ ଯାଇ ଶବ ଜବତ କରିଥିଲା। ପରେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ନେଇଥିଲେ। ଅନ୍ୟପଟେ ମଦ ପିଇ ଶ୍ରୀଧର ମଲ୍ଲିକଙ୍କ ମୃତ୍ୟୁ ହୋଇଥିବା ମୃତକଙ୍କ ବଡ଼ପୁଅ ବିଦୁ ମଲ୍ଲିକ ଗୋଲାମୁଣ୍ଡା ଥାନାରେ ଏକ ଏତଲା ଦେଇଥିବା ସେ ପ୍ରକାଶ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ମଙ୍ଗଳବାର ଦିନ ଧର୍ମଗଡ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇଛି । ବ୍ୟବଚ୍ଛେଦ ପରେ ପୋଲିସ ମୃତ ଶରୀରକୁ ପରିବାରକୁ ହସ୍ତାନ୍ତର କରିଛି । ତେବେ ମୃତ୍ୟୁର କାରଣ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଘଟଣାର ସତ୍ୟତା ଜଣାପଡିବ ବୋଲି ଗୋଲାମୁଣ୍ଡା ଥାନା ଅଧିକାରିଣୀ ଶ୍ୱେତାପଦ୍ମା ସେଠ ଏବଂ ତଦନ୍ତକାରୀ ପୋଲିସ ରାଜେଶ ପରିଡା ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ହେଲେ ଏହା ହତ୍ୟା ଜନିତ ମୃତ୍ୟୁ ନା ସ୍ୱାଭାବିକ ମୃତ୍ୟୁ ନା ମଦ ଜନିତ ମୃତ୍ୟୁ ହୋଇଛି ସେନେଇ ସସ୍‌ପେନ୍ସ ଲାଗି ରହିଛି।

## ଘରୋଇ ସ୍କୁଲ ହଷ୍ଟେଲରେ ଛାତ୍ରଙ୍କ ମୃତ୍ୟୁ ଘଟଣା

# ଗଞ୍ଜାମ ଏସ୍‌ପିଙ୍କୁ ଭେଟିଲେ ଗ୍ରାମବାସୀ



ଛତ୍ରପୁର, (ଭାସ୍କର ନ୍ୟୁଜ୍) : ଘରୋଇ ସ୍କୁଲର ହଷ୍ଟେଲରେ ଛାତ୍ରଙ୍କୁ ଖାଦ୍ୟରେ ବିଷ ଦେଇ ମାରିଥିବା ଅଭିଯୋଗ ନେଇ ଗଞ୍ଜାମ ଏସପିଙ୍କୁ ଭେଟିଛନ୍ତି ଗ୍ରାମବାସୀ। ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ କମାପଲ୍ଲୀ ଗ୍ରାମବାସୀଙ୍କ ସୂଚନା ମୁତାବକ କଳାଯମୁନା ସାଇ ସରସ୍ୱତୀ ଶିଶୁ ମନ୍ଦିରରେ ପଞ୍ଚମ ଶ୍ରେଣୀରେ ପଢୁଥିବା ଛାତ୍ର କିରଣ ପ୍ରଧାନଙ୍କ ଗତ ଅଗଷ୍ଟ ମାସ ୨୫ ତାରିଖରେ ମୃତ୍ୟୁ ଘଟିଥିଲା, ହଷ୍ଟେଲରେ ଥିବା ସମୟରେ କିରଣଙ୍କ ପେଟ କାଟିବା ଯୋଗୁ ପ୍ରଥମେ ତାଙ୍କୁ ଛତ୍ରପୁର ଏବଂ ପରେ ବ୍ରହ୍ମପୁର ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଘଟଣା ପରେ ପୁଅକୁ ବିଷ ଦେଇ ମାରିଦେଇଥିବା ଅଭିଯୋଗ ଆଣିଥିଲେ ମୃତ କିରଣଙ୍କ ବାପା ପ୍ରହ୍ଲାଦ ପ୍ରଧାନ। ପୋଷ୍ଟମୋଟମ ରିପୋର୍ଟରେ ମଧ୍ୟ ବିଷ ଖାଇ ମୃତ୍ୟୁବରଣ ହୋଇଥିବା ଉଲ୍ଲେଖ ହୋଇଥିବା ବେଳେ ପୋଲିସ କାହିଁକି ଉକ୍ତ ଘଟଣାର ତଦନ୍ତ କରୁନାହିଁ ବୋଲି ଅଭିଯୋଗ କରିଛନ୍ତି ପରିବାର ଲୋକେ। ହଷ୍ଟେଲରେ ଅନ୍ୟଜଣେ ଛାତ୍ର ବିସ୍କୁଟରେ ବିଷ ଦେଇଥିବା ପରିବାର ଲୋକେ କହିଥିବା ବେଳେ ସ୍କୁଲ ଗେଟ୍ ନିକଟରୁ ଏକ ବିଷ ସିସି ମଧ୍ୟ ଜବତ ହୋଇଥିଲା। ହେଲେ ଉକ୍ତ ଘଟଣାକୁ ତିନି ମାସ ବିତି ଯାଇଥିଲେ ସୁଦ୍ଧା ପୋଲିସର ନିଷ୍କ୍ରିୟତା ନେଇ ପ୍ରଶ୍ନ ଉଠିଛି। ଏଣୁ ଉକ୍ତ ଘଟଣାର ଉପଯୁକ୍ତ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ଗଞ୍ଜାମ ଏସ୍‌ପିଙ୍କୁ ଭେଟି ଜଣାଇଛନ୍ତି ଗ୍ରାମବାସୀ।

# ଧକ୍କା ଦେଲା ଟ୍ୟାଙ୍କର ଜେଜେ ମୃତ ନାତୁଣୀ ଗୁରୁତର

ବଡ଼ଚଣା, (ଭାସ୍କର ନ୍ୟୁଜ୍) : ଆଜି ସକାଳ ୧୦ ଘଟିକା ସମୟରେ ବଡ଼ଚଣା ନିକଟସ୍ଥ ଖଇରା ପୋଲ ନିକଟରେ ଏକ ଟ୍ୟାଙ୍କର ଧକ୍କାରେ ଜେଜେଙ୍କ ମୃତ୍ୟୁ ହୋଇଥିବା ବେଳେ ନାତୁଣୀ ଗୁରୁତର ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ବଡ଼ଚଣା ଥାନା ଅନ୍ତର୍ଗତ କଡ଼େଇ ଗ୍ରାମର ପ୍ରମୋଦ ସାମଲ(୭୦) ନିଜ ସ୍କୁଟିରେ ନାତୁଣୀ ନିବେଦିତା(୧୪)ଙ୍କୁ ନିକଟସ୍ଥ ହୋଲି ଜେଜସ୍ ପବ୍ଲିକ ସ୍କୁଲକୁ ନେଇ ଯାଉଥିବା ସମୟରେ ଖଇରା ପୋଲ ନିକଟରେ ଶୌଚାଳୟ ଟ୍ୟାଙ୍କର ନମ୍ବର ଓଡି ୦୬ଇ ୭୬ ୪୫ ପଛପଟୁ ସ୍କୁଟିକୁ ଧକ୍କା ଦେଇଥିଲା ଫଳରେ ଜେଜେ ପ୍ରମୋଦ ତଳେ ପଡ଼ିଯାଇଥିଲେ ଓ ତାଙ୍କ ଉପରେ ଟ୍ୟାଙ୍କରଟି ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ମାତ୍ର ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ନାତୁଣୀ ନିବେଦିତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବାରୁ ସେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏହି ଦୁର୍ଘଟଣା ଖବର ପାଇ ବଡ଼ଚଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ୟାଙ୍କରକୁ ଜବତ କରି ତଦନ୍ତ ଜାରି ରଖିଛି। ପ୍ରମୋଦଙ୍କ ମୃତ୍ୟୁ ଖବର ମିଳିବା ପରେ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।

# ଗ୍ରାମୀଣ କ୍ୟାମ୍ପସ ନିର୍ମାଣ କାର୍ଯ୍ୟକୁ ବନ୍ଦ କଲେ ଗ୍ରାମବାସୀ



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍) : ଓଡ଼ିଶା ସରକାରଙ୍କ ଦ୍ୱାରା ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ତରଫରୁ ବଡ଼ଚଣା ବ୍ଲକ ଅନ୍ତର୍ଗତ ସିହା ଠାରେ ୭୫ଏକର ଜମିରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ୧୯୧୭ ମହିହା ଜୁଲାଇ ୩୧ ତାରିଖରେ ତତ୍କାଳୀନ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ଓ ଓଡ଼ିଶା ସରକାରଙ୍କ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ, ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ୱମେନ୍ଦ୍ର ମୋହନ ପଟ୍ଟନାୟକ ଓ ତତ୍କାଳୀନ ଯାଜପୁର ଜିଲ୍ଲାପାଳ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପାଞ୍ଚ ବର୍ଷ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରାଯାଇ ଶିକ୍ଷାଦାନ କରାଯିବା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ। ଯାହାଫଳରେ ଶିକ୍ଷାଦାନ କ୍ଷେତ୍ରରେ ବିଳମ୍ବ ହେଉଛି । ଏହି ନିର୍ମାଣ କାର୍ଯ୍ୟରେ ବାହାର ରାଜ୍ୟରୁ ତଥା ସ୍ଥାନୀୟ ଅଞ୍ଚଳରୁ ୬ ଶହରୁ ଉର୍ଦ୍ଧ୍ୱ ଶ୍ରମିକ ଶ୍ରମଦାନ କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ସରକାର ପରିବର୍ତ୍ତନ ହେବା ପରେ କେତକ ସ୍ଥାନୀୟ ଯୁବକ ଠିକାଦାରଙ୍କୁ ଚାନ୍ଦା ମାଗିବା ସହିତ ନିର୍ମାଣାଧୀନ କାର୍ଯ୍ୟ ପାଇଁ ଆବଶ୍ୟକୀୟ ସିମେଣ୍ଟ, ରଡ, ଇଟା, ଗୋଡ଼ି, ଚିପ୍ସ ଯୋଗାଇବା ପାଇଁ ଜିଦ୍ ଧରିଛନ୍ତି। ଏଥିରେ ଠିକାଦାର ରାଜି ନହେବାରୁ ଆଜି ନିକଟସ୍ଥ ଗ୍ରାମବାସୀ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ କରିଛନ୍ତି। ଗ୍ରାମ ନିକଟରେ ଥିବା ଗ୍ରାମଦେବତୀ ବୁଢ଼ୀ ଭୁଇଆ ମନ୍ଦିର ନିର୍ମାଣ ପାଇଁ ଗ୍ରାମବାସୀ ଠିକାଦାରଙ୍କୁ ଆନୁରୋଧ କରିଥିଲେ। ଠିକାଦାର ମନ୍ଦିର ନିର୍ମାଣ ପାଇଁ ରାଜି ହୋଇଥିଲେ। ମାତ୍ର ନିର୍ମାଣ କାର୍ଯ୍ୟ ବିଳମ୍ବ ହେବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିସହିତ ଉକ୍ତ ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦେବାକୁ ଦାବି କରିଥିଲେ। ଏହିସବୁ କାର୍ଯ୍ୟରେ ବିଳମ୍ବ ହେବା, ଠିକାଦାରଙ୍କ ଉପରେ ରାଜନୈତିକ ଚାପ ଯୋଗୁ ନିର୍ମାଣ କାର୍ଯ୍ୟ ଧୀର ମନ୍ଥର ଗତିରେ ଚାଲିଛି। ବିଶେଷ କରି ପ୍ରଶାସନିକ ଅଣଦେଖା ଓ ସ୍ଥାନୀୟ ରାଜନୈତିକ କର୍ମୀମାନଙ୍କ ହସ୍ତକ୍ଷେପ ଯୋଗୁ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି। ସ୍ଥାନୀୟ ଲୋକମାନଙ୍କର ବାରମ୍ବାର କାର୍ଯ୍ୟ ବନ୍ଦ କରିବା ଯୋଗୁ ନିର୍ମାଣ କାର୍ଯ୍ୟରେ ବାଧାସୃଷ୍ଟି ହେଉଛି। ଏଥିପ୍ରତି ଜିଲ୍ଲାପଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ପୋଲିସର ଅତର୍କିତ ଚଢ଼ାଉ, ୨ ଜୁଆଡି ଅଟକ

ଶୁଳିଆପଦା,(ଭାସ୍କର ନ୍ୟୁଜ୍): ଦିନକୁ ଦିନ ଶୁଳିଆପଦା ଅଞ୍ଚଳରେ ଅସାମାଜିକ ଲୋକଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବେଳେ ବିଭିନ୍ନ ସ୍ଥାନରେ ପ୍ରଶାସନର ଆଖିରେ ଧୂଳିଦେଇ ବେଆଇନ ଜୁଆଖେଳ ଚାଲୁଥିବାବେଳେ ଏ ଦିଗରେ ଶୁଳିଆପଦା ପୋଲିସର ତତ୍ପରତା ଦେଖିବାକୁ ମିଳିଛି। ବିଭିନ୍ନ ସମୟରେ ଏହି ଜୁଆଆଡ୍ଡା ଉପରେ ଚଢ଼ାଉ କରିବାକୁ ଯାଇ ପୋଲିସକୁ ବିଫଳ ହୋଇ ଫେରିବାକୁ ପଡିଥିବା ବେଳେ ଗତ ରାତିରେ ପୋଲିସକୁ ସଫଳତା ମିଳିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗତକାଲି ରାତିରେ ଜୁଆଖେଳ ଚାଲିଥିବା ବେଳେ ଶୁଳିଆପଦା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା, ଏଏସ୍ଆଇ ରସାନନ୍ଦ ମହାନ୍ତି ଓ ସହକର୍ମୀ ଅତର୍କିତ ଚଢ଼ାଉ କରି ୪ ହଜାର ୨ ଶହ ଟଙ୍କା ନଗଦ ସହିତ ଜୁଆ ଖେଳରେ ବ୍ୟବହୃତ ଗୋଟି, ପାଲି ଓ ଝୁଡି ଜବତ୍ କରିବା ସହିତ ୨ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଥିବା ବେଳେ କେସ୍ ନଂ.୧୫୯/୨୪ରେ ମାମଲା ରୁଜୁ ହୋଇଛି। ତେବେ ଅନ୍ୟ କେତେଜଣ ଖସିଯିବାରେ ସଫଳ ହୋଇଥିଲେ। ସୂଚନା ମୁତାବକ ଶୁଳିଆପଦା ବ୍ଲକ୍ ଚୁହାଟ ପଞ୍ଚାୟତ ଅଧିନ ନାଚଣା ଠାରେ ଫୁଟବଲ ଖେଳ, ଡାବୁଲ୍ ତାମସା ଓ ଆଦିବାସୀ ଯାତ୍ରା ଅନୁଷ୍ଠିତ ହୋଇଥିଲା। ତେଣୁ ସମାଗମକୁ ଆଖି ଆଗରେ ରଖି ସେଠାରେ ଜୁଆଖେଳର ଆୟୋଜନ ହୋଇଥିଲା। ବିଭିନ୍ନ ଅନୁଷ୍ଠାନର ଆୟୋଜକ ମାନେ ଜୁଆଡିମାନଙ୍କ ପାଖରୁ ଭଲ ଦୁଇ ପଇସା ଆଦାୟ କରୁଥିବା ବେଳେ ଏହି ଜୁଆଖେଳରେ ଅନେକ ଯୁବପିଢି ଆସକ୍ତ ହୋଇ ଅନେକ ଟଙ୍କା ଉଡାଇବା ସହିତ କୁସଙ୍ଗରେ ପଡି ନିଜର ଜୀବନକୁ ବିପଥଗାମୀ କରୁଥିବାର ନଜିର ରହିଛି। ନିଜେ ସର୍ବହରା ହେବା ସହିତ ପରିବାରରେ ମଧ୍ୟ ଅଶାନ୍ତି ଦେଖାଯାଇଛି। ଅଞ୍ଚଳର ସଚେତନ ନାଗରିକ ମାନେ ଜୁଆଖେଳକୁ ନାପସନ୍ଦ କରୁଥିବା ବେଳେ ସେମାନେ ନିରୁପାୟ ହୋଇ ପଡୁଛନ୍ତି।

# ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

ଡେରାବିଶ,(ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ରାହାସ ବିହାରୀ ସାମଲ (୭୦)ଙ୍କ ଗତକାଲି ରାତିରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ସାମଲ ରାଜ୍ୟ ସରକାରଙ୍କ ଖଣିଜ ସମ୍ପଦ ବିଭାଗରେ କାର୍ଯ୍ୟକରି ଅବସର ପରେ ନିଜ ଗ୍ରାମରେ ରହୁଥିଲେ । ଗତ ଶନିବାର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ମରଶରୀରକୁ ନିଜ ଗ୍ରାମକୁ ଆଣି ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲ । ତାଙ୍କ ବଡ଼ପୁଅ ଅନିରୁଦ୍ଧ ମୁଖାଗ୍ନି ଦେଇଥିଲେ। ସେ ଜଣେ ସାମାଜିକ ସଂଗଠକ ଥିଲେ। ତାଙ୍କ ମୃତ୍ୟୁଖବର ପାଇବା ପରେ ସ୍ଥାନୀୟ ସରପଞ୍ଚ ଅକ୍ଷୟ ସାହୁ, ରମାକାନ୍ତ ପରିଡ଼ା ପ୍ରମୁଖ ଶବଧାରରେ ଯୋଗ ଦେଇଥିଲେ ।

# ବିଦ୍ୟୁତ୍ ତାର ଚୋରକୁ କାବୁ କଲେ ଗ୍ରାମବାସୀ

ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ, ଡିହଡୋଳ ଛକରୁ ମହାବିରୋଡ ଅଞ୍ଚଳକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ଆମ୍ବପଳାସ ପଞ୍ଚାୟତ ଅଧୀନସ୍ଥ ଜାମୁନାଳି ଓ ବରକଟା ନାମରେ ୨ଟି ଉଭୟ ସାହିକୁ ୧୧ କେଭି ବିଦ୍ୟୁତ୍ ସଂଯୋଗ କରାଯାଇଛି । ସଂଯୋଗ ହୋଇଥିବା ବିଦ୍ୟୁତ୍ ତାରକୁ ଦୁର୍ବୃତ୍ତ ମାନେ ଚୋରି କରିବା ଦ୍ୱାରା ଅନ୍ଧାରରେ ରାତି ବିତାଉ ଥିବା ବେଳେ ସାହିରେ ରହିଥିବା ପାଠ ପଢୁଆଳ ପିଲାମାନେ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତତ୍ ସହିତ ୨ଟି ଯାକ ସାହି ଜଙ୍ଗଲ ଘେରରେ ରହିଥିବାରୁ ହିଂସ୍ର ଜୀବଜନ୍ତୁ ଓ ହାତୀ ମାନଙ୍କ ଭୟ ରହୁଛି। ଏପରି ସ୍ଥଳେ ସାହିକୁ ବିଦ୍ୟୁତ୍ ସଂଯୋଗ ନଥିବା ସୁଯୋଗ ନେଇ ଏକ କାର୍‌ରେ ଦୁର୍ବୃତ୍ତ ମାନେ ଆସି ତାର ଚୋରି କରିବାକୁ ଚେଷ୍ଟା ଚଳାଇଥିବା ବେଳେ ଗ୍ରାମବାସୀ ଜଣକୁ କାବୁ କରି ନେଇଥିଲେ। ଅନ୍ୟମାନେ ଘଟଣାସ୍ଥଳରୁ କାର୍ ଛାଡି ଦୌଡ଼ି ପଳାଇଥିଲେ। କାବୁ କରିଥିବା ଚୋରକୁ ଧରି ନେଇ କିଛି ସମୟ ପାଇଁ ପୂର୍ତ୍ତ ବିଭାଗ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ପୋଲିସ ଓ ବିଦ୍ୟୁତ୍ କର୍ମଚାରୀ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ଉକ୍ତ ସାହିକୁ ତୁରନ୍ତ ବିଦ୍ୟୁତ ଯୋଗାଇ ଦେବାକୁ ଅଡି ବସିଥିଲାବେଳେ, ପ୍ରତିଶ୍ରୁତି ପାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା ।

# ଗାଁରେ ମିଳୁନି କାମ, ସହରମୁହାଁ ଶ୍ରମଜୀବୀ



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ମନରେଗା ଯୋଜନାରେ କାମ ମିଳୁନଥିବାରୁ ବାଧ ହୋଇ ବହୁ ସଂଖ୍ୟାରେ ପୁରୁଷ ଓ ମହିଳା କାମ ଅନ୍ୱେଷଣରେ ପ୍ରତ୍ୟେକ ସୋମବାର କେନ୍ଦୁଝର ଡେଲି ମାର୍କେଟ ସମ୍ମୁଖକୁ ଆସୁଛନ୍ତି। ଯିଏ କାମ ନପାଇଲା ନିରାଶ ହୋଇ ଘରକୁ ଫେରୁଛନ୍ତି। ପୂର୍ବପରି ସହରରେ କାମ ମିଳୁନାହିଁ। ତଥାପି ଦୂରଦୂରାନ୍ତରୁ କିଏ ଗାଡି ଭଡା କରି ତ ଆଉ କିଏ ସାଇକେଲରେ ଆସୁଛନ୍ତି। କାମ ନ ପାଇଲେ ପୁଣି ମଙ୍ଗଳବାର ଦିନ ଆସୁଛନ୍ତି । ସେମାନଙ୍କ ପାଖରେ ଜବ୍‌କାର୍ଡ ଥିଲେ ମଧ୍ୟ ଗ୍ରାମରେ କାମ ମିଳୁ ନଥିବାରୁ ୨୫ରୁ ୩୦ କି.ମି. ଦୂର ସହରକୁ ସାଇକେଲ ବା ଗାଡିରେ କାମ ଅନ୍ୱେଷଣରେ ଆସିବାକୁ ପଡୁଛି। ଏଭଳି ଭାବେ ପ୍ରତି ସୋମବାର ଡେଲି ମାର୍କେଟ୍ ପାଖରେ ପାଖ ଅପେକ୍ଷାରେ ଛିଡା ହେଉଥିବା ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟ ଆଖପାଖ ବିଭିନ୍ନ ଗ୍ରାମ ବିଶେଷ କରି କାଞ୍ଜିପାଣି, ଅଞ୍ଜର, ବାୟାପଣ୍ଡାଧାର, ଶୁ ଆକାଟୀ, ବରଦାପାଳ, ଟିକରପଡା, ବେଲଦା, ପିପିଳିଆ, ରାଇସୁଆଁ, ପାଟଣା ବ୍ଲକର ଖିରେଇଟାଙ୍ଗିରୀ, ଭୁଲୁଦା, ବାଉଁଶୁଳୀ, ଭଅଁରପୁର, ରେଙ୍ଗାଳବେଡା, ଦାଶରଥିପୁର, ଚେମଣା, ଡାବରଚୁଆ ସଦର ବ୍ଲକର ନେଲୁଙ୍ଗ, ଗୋପାଳପୁର, ଜଡିପଦା, ବରଦାପାଳ ଆଦି ଆଦିବାସୀ ଗ୍ରାମାଞ୍ଚଳରୁ ଶତାଧିକ ଶ୍ରମିକ ଆସିଥାନ୍ତି। ବିଶେଷ କରି ଶ୍ରମିକଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ଅଧିକ ରହିଥାଏ। ବହୁ ପାଠପଢା ବାଳିକା ମଧ୍ୟ ଅର୍ଥ ଅଭାବ ଓ ପରିବାରର ଆର୍ଥିକ ଅନଟନକୁ ଦେଖି କାମ ଅନ୍ୱେଷଣରେ ସହରକୁ ଆସିଥାନ୍ତି । ଗାଡିଭଡା ଦେଇ ସମୟ ଖର୍ଚ୍ଚ କରି ସପ୍ତାହକ ପାଇଁ କାମ ଖୋଜିବାକୁ ଆସୁଥିବା ବେଳେ କାମ ମିଳିଲେ ଭଲ, ନଚେତ୍ ମନ ଦୁଃଖରେ ଘରକୁ ଫେରିଯାଇଥାନ୍ତି। ପୁଣି ପରବର୍ତ୍ତୀ ସୋମବାରକୁ ଅପେକ୍ଷା କରିଥାନ୍ତି। ଏଭଳି ବହୁ ବର୍ଷ ହେଲା ଖରା ବର୍ଷାରେ ଶ୍ରମଜୀବୀ ରାସ୍ତାକଡରେ ଛିଡା ହୁଅନ୍ତି। ସେମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ କୌଣସି ବିଶ୍ରାମ ବ୍ୟବସ୍ଥା କରାଯାଇ ନାହିଁ। ଏପରିକି ଅନେକ ସମୟରେ ଶ୍ରମିକମାନେ ଠକାମିର ଶିକାର ହେଉଛନ୍ତି। ସର୍ବନିମ୍ନ ମଜୁରୀ ମିଳୁନଥିଲେ ମଧ୍ୟ ଯାହା ମଜୁରୀ ମିଳୁଛି ତାକୁ ନେଇ ଘର ସଂସାର ଚଳାଇଥାନ୍ତି। ବାୟାପଣ୍ଡାଧାର ଗ୍ରାମରୁ ଆସିଥିବା ଯୁକ୍ତଦୁଇ ପାଠ ପଢୁଥିବା ସବିତା ଠାକୁର କହିଛନ୍ତି, ତାଙ୍କ ଭଳି ଅନେକେ ଅଭାବ ଅନଟନ ଯୋଗୁଁ ପାଠଛାଡି କାମ ଅନ୍ୱେଷଣରେ ଆସିଥାନ୍ତି। ଧନ୍ଦାମୂଳକ କାମ ଯୋଗାଇ ଦେଲେ ଉପକୃତ ହୋଇପାରନ୍ତେ। ସରକାର ମହିଳା ସଶକ୍ତୀକରଣ ପାଇଁ ବହୁ ଯୋଜନା କରୁଛନ୍ତି। କୁଶଳୀ, ଅଣକୁଶଳୀ ଆଦି ଭିତ୍ତିରେ ଘର ନିକଟରେ କାମ ଯୋଗାଇବା ପାଇଁ ପ୍ରଶାସନିକ ସ୍ତରରେ ବ୍ୟବସ୍ଥା କରାଯାଇଛି। ମାତ୍ର ଗ୍ରାମାଞ୍ଚଳରେ କାମ ନପାଇ ବହୁ ଗରିବ ଲୋକ ଦାଦନ ଖଟିବାକୁ ବାହାରକୁ ଯାଇ ନିର୍ଯାତିତ ହେଉଛନ୍ତି। ଅନେକ ମୃତ୍ୟୁ ମୁଖରେ ପଡୁଥିବା ନଜିର ମଧ୍ୟ ରହିଛି। ଏଭଳି ପରିସ୍ଥିତିରେ ଘର ଓ ପରିବାର ଚଳାଇବାକୁ ମହିଳାମାନଙ୍କୁ ଘର ବାହାରକୁ ଆସି ମୂଲମଜୁରୀ ପଡୁଥିବାରୁ ସରକାର ସେମାନଙ୍କ ଗାଁ କିମ୍ବା ପଞ୍ଚାୟତରେ କର୍ମନିଯୁକ୍ତି ବ୍ୟବସ୍ଥା କରିବା ଉଚିତ୍ ବୋଲି ମତପ୍ରକାଶ ପାଇଛି । ଜବ୍‌କାର୍ଡ ଥିବ ଶ୍ରମଜୀବୀଙ୍କ ନାମରେ ମଷ୍ଟରରୋଲ ପ୍ରସ୍ତୁତ କରି ଟଙ୍କା ତାଙ୍କ ଆକାଉଣ୍ଟକୁ ଟଙ୍କା ଆସିବା ପରେ ମଜୁରୀ ବାବଦ ଟଙ୍କା ଭାଗବଣ୍ଟା ହେଉଛି। ମନରେଗା ଯୋଜନାରେ ଅଧିକ କ୍ରୀୟାଶୀଳ କରାଗଲେ ସହରମୁହାଁ ଶ୍ରମଜୀବୀଙ୍କୁ ଅନେକ ମାତ୍ରାରେ ରୋକାଯାଇ ପାରନ୍ତ ବୋଲି ମତପ୍ରକାଶ ପାଇଛି।

# ଏବିଭିପି ପକ୍ଷରୁ ରାଣୀ ଲକ୍ଷ୍ମୀବାଈ ଜୟନ୍ତୀ ପାଳିତ



ଆସିକା,(ଭାସ୍କର ନ୍ୟୁଜ୍): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଘୁମୁସର ସାଂଗଠନିକ ଜିଲ୍ଲାର ଆସିକା ନଗର ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟରେ ନାରୀ ଜାତିର ପ୍ରତୀକ ରାଣୀ ଲକ୍ଷ୍ମୀବାଈଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ନିରଂଜନ ମହିଳା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଗଣେଶ୍ୱର ମାଝିଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଯୋଗ ଦେଇଥିଲେ। ସେହିଭଳି ମେକ ମାଇକେଲ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟରେ କଲେଜ ଅଧକ୍ଷ ଅଶ୍ୱିନୀ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲକ୍ଷ୍ମୀବାଈଙ୍କ ଉପରେ ଏକ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା। ତତ୍‌ସହିତ ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ରାଣୀ ଲକ୍ଷ୍ମୀବାଈଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ସ୍ମୃତିଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗ ସଂଯୋଜକ ଅନିଲ କୁମାର ସ୍ୱାଇଁ, ବିଭାଗ ସହ ସଂଯୋଜକ ହିମାଂଶୁ ଶେଖର ତ୍ରିପାଠୀ, ଘୁମୁସର ଜିଲ୍ଲା ସଂଯୋଜକ ରାହୁଲ ବେହେରା ଯୋଗଦେଇ ଲକ୍ଷ୍ମୀବାଈଙ୍କ ସ୍ୱାଧୀନତା ସଂଗ୍ରାମର ଗାଥା ସହିତ ମହିଳା ସଶକ୍ତିକରଣରେ ବର୍ତ୍ତମାନ ନାରୀର ଭୂମିକା ବିଷୟକୁ ଉପସ୍ଥାପନା କରିଥିଲେ।

## ରାଶିଫଳ

ବୁଧବାର, ୨୦ ନଭେମ୍ବର ୨୦୨୪




**ମେଷ:** ନିଜର ବୁଦ୍ଧି, ବିବେକ ଖଟାଇ ସମସ୍ୟାର ସମାଧାନ କରିପାରିବେ। ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ। ବ୍ୟବସାୟ ସମ୍ବନ୍ଧୀୟ ସମସ୍ତ ଜରୁରୀ କାର୍ଯ୍ୟ ଓ ଆବଶ୍ୟକ ଅର୍ଥ ଆଦାନ ପ୍ରଦାନ ସୁଚାରୁରୂପେ ହେବ।




**ବୃଷ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ସହ ସୁସମ୍ପର୍କ ରହିବା ଫଳରେ ଉତ୍ସାହିତ ହେବେ। କେତେକ ଦୀର୍ଘ ଯୋଜନା ସଫଳ କାରଣରୁ ମନ ଭଲ ରହିବ। ପରିବାରରେ ଖୁସିର ବାତାବରଣ ସ୍ଥାୟି ରହିବ।



**ମିଥୁନ:** ଗୃହରେ ଧର୍ମକାର୍ଯ୍ୟ ଓ ଧର୍ମାନୁଷ୍ଠାନରେ ଯୋଗଦାନ କରି ପ୍ରଶଂସା ପାଇବେ । ପରିବାରର ଉନ୍ନତି ପାଇଁ ପ୍ରୟାସରତ ହେବେ । ଖାଦ୍ୟପେୟରେ ନୀତିନିୟମ ରକ୍ଷା କରିବା ସହିତ ମନକୁ ଶାନ୍ତ ରଖି ପାରିଲେ ସ୍ୱାସ୍ଥ୍ୟ ଠିକ୍ ରହିବ।



**କର୍କଟ:** ସାମାଜିକ ଅନୁଷ୍ଠାନରେ ଯୋଗ ଦେବାର ସୁଯୋଗ ମିଳିବ। ବ୍ୟବସାୟୀମାନେ ଯେତେ ଅଧିକ ପରିଶ୍ରମ କରିବେ ସେତେ ଅଧିକ ଲାଭ ପାଇବେ । ବାଦବିବାଦ, ପ୍ରତିଯୋଗିତା ପରୀକ୍ଷା ଓ ସାକ୍ଷାତକାରରେ ଉଚ୍ଚ ପ୍ରଶଂସିତ ହେବେ । ପରୀକ୍ଷା ପ୍ରତିଦ୍ୱନ୍ଦ୍ୱିତାରେ ସଫଳ ହେବେ।



**ସିଂହ:** ଶୁଭ ସମାଚାର ମିଳିବ ଓ ନିଜ ଲୋକ ସାହାଯ୍ୟ କରିବେ । ସ୍ୱାସ୍ଥ୍ୟରେ ଉନ୍ନତି ହୋଇ ଶରୀର ସୁସ୍ଥ ରହିବା ସହ ବିରୋଧୀମାନଙ୍କ ମୁଣ୍ଡ ତଳକୁ ହେବ । ବ୍ୟବସାୟୀମାନେ ସାଧୁ ଓ ସଚ୍ଚୋଟ ଭାବେ କର୍ମ ଯୋଗକୁ ଶ୍ରେଷ୍ଠତା କରି ସମ୍ମାନ ଓ ପ୍ରତିଷ୍ଠାର ଅଧିକାରୀ ହେବେ।



**କନ୍ୟା:** ସହକର୍ମୀମାନଙ୍କର ସମର୍ଥନ ଏବଂ ସହଯୋଗ ଯୋଗୁ ସୁନାମ ଅର୍ଜନ କରିବେ । ଉଚ୍ଚ ସମ୍ଭାବନାର ଆଶା ଆଶ୍ୱାସନା ଲାଭ କରି ମାନସିକ ଶାନ୍ତି ଅନୁଭବ କରିବେ । ପାରିବାରିକ କ୍ଷେତ୍ରରେ ଆଲୁଅ ଅନ୍ଧାରର ଲୁଚକାଳି ଖେଳର ଅବସାନ ହେବ ।



**ତୁଳା:** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯାଇ ମାନସିକ ସ୍ଥିତି ଭଲ ରହିବ । ଯଥା ସମ୍ଭବ ପ୍ରକୃତିସ୍ଥ ରହି ଅଳ୍ପ ପରିଶ୍ରମରେ ଅଧିକ ଲାଭର ଉପଭୋକ୍ତା ହେବେ । ସାର୍ବଜନୀନ ଓ ବ୍ୟକ୍ତିଗତ ସମ୍ପର୍କରେ ବିକଶିତ ହେବା ସହ ଆତ୍ମନିର୍ଭରଶୀଳ ହେବେ ।




**ବିଛା:** ସମସ୍ତଙ୍କ ପ୍ରତି ସକରାତ୍ମକ ଚିନ୍ତା ଆଗକୁ ବଢିବାରେ ସାହାଯ୍ୟ କରିବ । ପାରିବାରିକ ଜୀବନରେ ସୁବିଧା ବାଦକୁ ଆପଣେଇ ନେଇ ସଫଳ ହେବେ। ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାମୂଳକ କାର୍ଯ୍ୟରେ କୃତିତ୍ୱ ଲାଭ କରିବେ । ସ୍ୱାସ୍ଥ୍ୟ ଦିଗରୁ ବିଶେଷ ସତର୍କ ରହିବା ଉଚିତ୍ ଓ ଯାନବାହାନ ସମ୍ବନ୍ଧୀୟ ସମସ୍ୟା ଦେଖା ଦେଇପାରେ ।



**ଧନୁ:** ସେବାକାରୀମାନଙ୍କ ସହଯୋଗରେ ସମ୍ମାନଜନକ ସ୍ଥିତି ପରିଲକ୍ଷିତ ହେବ । ପ୍ରତିଯୋଗିତାମୂଳକ କାର୍ଯ୍ୟରେ କୃତିତ୍ୱ ଲାଭ କରିବା ସହ ଉଚ୍ଚଶିକ୍ଷା ପ୍ରଚେଷ୍ଟାରେ ସଫଳ ହେବେ। ଜୀବନରେ ଭରପୁର ଆନନ୍ଦ ଉଠେଇବେ। ବନ୍ଧୁବାନ୍ଧବମାନେ ଆର୍ଥିକ କ୍ଷେତ୍ରରେ ସାହାଯ୍ୟ ସହଯୋଗ କରିବେ ।



**ମକର:** ସାମ୍ବାଦିକମାନଙ୍କ ସମସ୍ତ କ୍ଷେତ୍ରରେ ସଫଳତା ମିଳିବ। ଛାତ୍ରଛାତ୍ରୀଙ୍କ ଅଧ୍ୟୟନ କ୍ଷେତ୍ରରେ ସୁନାମ ଅର୍ଜନ କରିବା ସହ ବିଦ୍ୟା କ୍ଷେତ୍ରରେ ପ୍ରତିଭାର ବିକାଶ ହେବ। ପାଖରେ ଥିବା ସାଥୀ ଓ ପ୍ରିୟଜନଙ୍କୁ ଆର୍ଥିକ ସାହାଯ୍ୟ କରିବାକୁ ବାଧ ହେବେ । ଦୂରଯାତ୍ରା କରି ହଇରାଣ ହରକତ ହେବାକୁ ପଡିପାରେ।



**କୁମ୍ଭ:** ସରକାରୀ କାର୍ଯ୍ୟରେ ସଫଳତା ମିଳିବା ସହ ବିଦେଶ ଯାତ୍ରାରେ ଲାଭବାନ୍ ହେବେ । ଜନସେବା ଦ୍ୱାରା ସାମାଜିକ ସ୍ଥିତି ଓ ମାନସମ୍ମାନ ବଜାୟ ରହିବ । ଦୂରଯାତ୍ରାରେ ବିବାଦମୁକ୍ତ ନିରୁପଦ୍ରବ ଜୀବନଚର୍ଯ୍ୟା ମଧ୍ୟେ ସମୟ ବିତିବ । ରାଜନୈତିକ କ୍ଷେତ୍ରରେ ଯଶ, ମାନ ପ୍ରତିଷ୍ଠା ବୃଦ୍ଧି ହେବ।



**ମୀନ:** ସାମାଜିକ ସ୍ତରରେ ନିଜର ଉପସ୍ଥିତି ବୃଦ୍ଧି ପ୍ରୟୋଗ କରି କାର୍ଯ୍ୟ ହାସଲ କରିବେ । ପ୍ରକାଶନ, ସଂଗଠନ, ଅନୁସନ୍ଧାନ କାର୍ଯ୍ୟରେ ଲାଭ ପାଇବେ । ପରସ୍ପରକୁ ସାହାଯ୍ୟ ସହଯୋଗ କରି ଉତ୍ତମ ଯୋଜନାବଦ୍ଧ ହେବାର ସମ୍ଭାବନା ଅଛି । ପରିବାରରେ ଅପ୍ରିତିକର ପରିସ୍ଥିତି ଦେଖା ଦେଲେ ମଧ୍ୟ ତାହା କୌଶଳକ୍ରମେ ସମାଧାନ କରିବେ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ମହାନଦୀ କୋଇଲା ଖଣି ଇବ ଭ୍ୟାଲି କ୍ଷେତ୍ର ଡିଏଭି ପବ୍ଲିକ୍ ସ୍କୁଲଠାରେ ଦୁଇଦିନିଆ ପୁସ୍ତକ ମେଳା ଓ ଗଳ୍ପ କଥନ କାର୍ଯ୍ୟକ୍ରମ ସୋମବାର ଦିନ ଉଦ୍ଘାଟିତ ହୋଇଯାଇଛି । ଏମସିଏଲ ଇବ୍ ଭ୍ୟାଲି କ୍ଷେତ୍ର ମହାପ୍ରବନ୍ଧକ ଅଧ୍ୱ କିଶୋର ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହିତ ଛାତ୍ରଛାତ୍ରୀଙ୍କ ଜୀବନରେ ପୁସ୍ତକ ପଠନର ଆବଶ୍ୟକତା ବିଷୟରେ ମତ ବ୍ୟକ୍ତ କରିଥିଲେ । ଏହି ପୁସ୍ତକ ମେଳାକୁ ଅକ୍ସଫୋର୍ଡ ବୁକ୍ ଷ୍ଟୋରର କର୍ମକର୍ତ୍ତାମାନେ ସମସ୍ତ ପୁସ୍ତକ ଯୋଗାଇବା ସହ ଛାତ୍ରଛାତ୍ରୀ ମାନେ କିପରି ଅନୁପ୍ରାଣିତ ହୋଇ ପୁସ୍ତକ କିଣିବେ ସମସ୍ତ ବ୍ୟବସ୍ଥା କରିଛନ୍ତି । ଅନ୍ୟପଟେ ଗଳ୍ପ କଥନ କାର୍ଯ୍ୟକ୍ରମରେ ବିଖ୍ୟାତ ଗଳ୍ପ କଥିକା କପିଳା ନାଗପାଲ ସୁନ୍ଦର, ଶିକ୍ଷଣୀୟ ଓ ଚିତାକର୍ଷକ ଗଳ୍ପ ମାଧ୍ୟମରେ ବିଦ୍ୟାର୍ଥୀ କିପରି ଉଚ୍ଚାକାଂକ୍ଷୀ ହେବେ ସେନେଇ ଆହ୍ୱାନ ଦେଇଥିଲେ । ବିଦ୍ୟାଳୟ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନ ଓ ନିରୀକ୍ଷଣରେ ପୁସ୍ତକ ମେଳା ଓ ଗଳ୍ପ କଥନ କାର୍ଯ୍ୟକ୍ରମ ସୂଚାରୁ ରୂପେ ପରିଚାଳିତ ହୋଇଯାଇଛି । ୧୮ ଓ ୧୯ ତାରିଖ ଅନୁଷ୍ଠିତ ଦୁଇଦିନିଆ ପୁସ୍ତକ ମେଳା ଓ ଗଳ୍ପ କଥନ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

# ପ୍ରଚାର ପ୍ରସାର ଅଭାବରୁ ବହୁ ହିତାଧିକାରୀ ବଞ୍ଚିତ



ସଇଁତଲା(ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ସଇଁତଲା ପଞ୍ଚାୟତ ପରିସରରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପେନ୍ଦ୍ର ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କିନ୍ତୁ ବିଭାଗୀୟ ପଞ୍ଚାୟତ ଅଧିକାରୀଙ୍କ ଅବହେଳା ଓ ଅପାରଗତା ଯୋଗୁଁ ପ୍ରଚାର ପ୍ରସାର ଠିକ ଭାବରେ ହୋଇ ନ ଥିବାରୁ ଅଧିକାଂଶ ହିତାଧିକାରୀ ଅଭିଯୋଗ ଶୁଣାଣିରେ ବଞ୍ଚିତ ହୋଇଛନ୍ତି । ଯାହାଫଳରେ ପଞ୍ଚାୟତ ଉନ୍ନୟନ ଅଧିକାରୀ ଶୁଣାଣୀ ସମ୍ପର୍କରେ ଠିକ ସମୟରେ ସୂଚନା ଦେଇ ନ ଥିବା ଯୋଗୁଁ ଏଭଳି ଅବ୍ୟବସ୍ଥା ଦେଖା ଦେଇଥିବା ଦେଖିବାକୁ ମିଳିଛି । ଉକ୍ତ ବୈଠକରେ ପିଇଓ ପଞ୍ଚାୟତକୁ ବିଳମ୍ବରେ ଆସିବା ଯୋଗୁଁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମାଝୀ ଦୀର୍ଘ ସମୟ ଧରି ପଞ୍ଚାୟତ ଗୃହ ବସି ରହିଥିଲେ । ସାଢେ ୧୨ ପରେ ଜନ ଶୁଣାଣି ଅଭିଯୋଗ ଆରମ୍ଭ ହୋଇଥିଲା। ଏଥିରେ କା ଭାଁ କିଛି ହିତାଧିକାରୀ ଅଭିଯୋଗ ଧରି ଅଧିକାରୀଙ୍କୁ ଆପତ୍ତି କରିଥିଲେ । ଏହି ବୈଠକରେ ଶିବ ମନ୍ଦିର ଓ ସାଇରାମପଡାରେ ଡ୍ରେନ ସମସ୍ୟା ରହିଥିବା ବେଳେ ଲୋକେ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଯାହା ଫଳରେ ଉଭୟ ପଡାରେ ଡ୍ରେନ ନିର୍ମାଣ ପାଇଁ ପଡାବାସୀ ଦାବୀ କରିଛନ୍ତି । ଏପରିକି ସଇଁତଲା ଠାରେ ଏକ ଷ୍ଟାଡିୟମ ନିର୍ମାଣ କରିବା ପାଇଁ ୟଙ୍ଗ ୟୁଥ କ୍ଲବ ଲିଖିତ ଅଭିଯୋଗ କରିଛନ୍ତି । ସେହିପରି ଆବାସ ଯୋଜନା ଗୃହ ନିର୍ମାଣ କରିବା ଦୀର୍ଘ ଦିନ ବିତି ଯାଇଥିଲେ ସୁଦ୍ଧା ପାଉଣା ମିଳିନାହିଁ ବୋଲି ସମାରୁ ଧରୁଆ ଅଭିଯୋଗ କରିଥିବା ବେଳେ ୩୬ ଗୋଟି ଆବାସ ଯୋଜନା, ଷ୍ଟଲ ଗୃହ, ଜମି ଉନ୍ନତି, ରେସନ କାର୍ଡ ଓ ଛେଳି ଗୁହାଳ ପାଇଁ ଜଣେ ଲେଖାଏଁ ହିତାଧିକାରୀ ଅଭିଯୋଗ କରିଛନ୍ତି । ଯାହାଫଳରେ ହିତାଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଉକ୍ତ ପଞ୍ଚାୟତ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ପଞ୍ଚାୟତର ଅଧିକାଂଶ ଜଳ ଯୋଗାଣ ପାଇପ ଫାଟି ଆଁ କରିଥିବାରୁ ଶୀଘ୍ର ମରାମତି ଦାବୀ ଲିଖିତ ଅଭିଯୋଗ କରିଛନ୍ତି । ଉକ୍ତ ଶୁଣାଣି ସମୟରେ ଅଧିକାଂଶ ବିଭାଗୀୟ ଅଧିକାରୀଙ୍କ ଦେଖା ଦର୍ଶନ ମିଳି ନ ଥିଲା। ଯାହାଫଳରେ ହିତାଧିକାରୀ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ବୈଠକରେ ସରପଞ୍ଚ ସୁବ୍ରତ ନାଗ, ସାମାଜିକ ସୁରକ୍ଷା ଅଧିକାରୀ ଭାନୁ ପ୍ରତାପ ଭୋଇ , ବିଏଲସି ଡୁଲଣା ବାଗ, ଏପିଓ ବନଜାବାସିନୀ ଦାଶ, ଉଦ୍ୟାନ ବିଭାଗ ଦେବବ୍ରତ ନାୟକ, ପ୍ରାଣୀ ଚିକିତ୍ସା ଅଧିକାରୀ ମୁକେଶ ଶବର , କାର୍ଯ୍ୟ ନିର୍ବାହୀ ଅଧିକାରୀ ରୁଦ୍ରାକ୍ଷ ଥପା , ଗ୍ରାମ୍ୟ କୃଷି କର୍ମଚାରୀ ଲକ୍ଷପତି ଭୋଇ , ୱାଟର ସେଟ ବିଭାଗର ପ୍ରଦୂଷ ସାହୁ , ରାଜ କୁମାର ଧରୁଆ ସମେତ ବିଭାଗୀୟ କର୍ମଚାରୀମାନେ ସାମିଲ ଥିଲେ । ଏହି ଶୁଣାଣୀରେ ୪୭ ଜଣ ହିତାଧିକାରୀ ଆବେଦନ କରିଥିଲେ ।

### ■ କୋଡ଼ିଙ୍ଗାର ମହମ୍ମଦ ରୋଜିଙ୍କ ଆକାଉଣ୍ଟରୁ ଲୁଟ୍ ଘଟଣା

# ଦୁଇ ସାଇବର ଲୁଟେରା ଗିରଫ




କୋଷାଗୁମୁଡ଼ା,(ଭାସ୍କର ନ୍ୟୁଜ୍): ଦୁଇ ସାଇବର ଲୁଟେରାଙ୍କୁ ଗିରଫ କରି କୋଡ଼ିଙ୍ଗା ଓ କୋଷାଗୁମୁଡ଼ା ପୋଲିସ ନବରଙ୍ଗପୁର କୋର୍ଟ ଚାଲାଣ କରିଛି। ବିଶେଷ ସୂଚନା ପ୍ରକାରେ ବିଗତ ଜୁଲାଇ ୮ତାରିଖରେ (୩୮) ନାମକ ଜଣେ ବ୍ୟକ୍ତି ଙ୍କ ଏକ୍ସିସ ବ୍ୟାଙ୍କ ଏକାଉଣ୍ଟ ନଂ୯୧୯୦୨୦୦୫୬୩୧୬୪୩୧ ରୁ ଜୁଲାଇ ୬ତାରିଖ ଦିନ ଅପରାହ୍ଣ ୨:୫୯ରେ ୪୦ହଜାର,୯ହଜାର ଏବଂ ୫୦ହଜାର ଟଙ୍କା ତିନିଥର କରି ଉଠାଣ କରିବା ମେସେଜ ନିଜ ମୋବାଇଲ(୮୯୧୭୫୬୫୪୮୦)କୁ ଆସିଥିଲା । ମେସେଜ ଦେଖି ରୋଜି ତୁରନ୍ତ ସାଇବର ସେଲ ର ୧୯୩୦ ହେଲ୍ପ ନମ୍ବରରେ ଫୋନ କରି ଟଙ୍କା ଉଠାଣ ବିଷୟରେ ସୂଚନା ଦେଇଥିଲେ। ସାଇବର ସେଲ ରେ ୩୨୪୦୭୨୪୦୦୧୯୭୩୫ ନମ୍ବର ରେ ଅଭିଯୋଗ ରେଜିଷ୍ଟ୍ରେସନ ହୋଇଥିଲା । ପରେ ରୋଜି ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ନବରଙ୍ଗପୁର ଆରୋକ୍ଷକ ଅଧିକାରୀ ମିହୀର ପଣ୍ଡାଙ୍କ ନିର୍ଦ୍ଦେଶ ପ୍ରକାରେ କୋଷାଗୁମୁଡ଼ା ଥାନା ପାପଡାହାଣ୍ଡି ଥାନା ଓ ନବରଙ୍ଗପୁରରୁ ଏକ ସୋସିଆଲ ଟିମ ଗଠନ କରି ଭୁବନେଶ୍ୱରର ତମାଣ୍ଡ ଥାନା ଅଞ୍ଚଳରୁ ଦୁଇ ସାଇବର ଲୁଟେରାଙ୍କୁ କାବୁ କରିଥିଲେ। କୋଷାଗୁମୁଡ଼ା ଥାନାଧିକାରୀ ଶ୍ରୀ ନାୟକ କେସ ନମ୍ବର ୧୨୬/୨୪ ରେ ଦଫା ୩୧୮(୪) ବିଏନ ଏସ/ ୬୬(ଡି) ରେ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଥିଲେ । ଯାହାକି ଅନୁସନ୍ଧାନ ପରେ ସୋମବାର ଦିନ ମାଲକାନଗିରି ଜିଲ୍ଲାର ବାଲିମେଳାରୁ ସତ୍ୟସାଇ ଜେନାମଣି(୨୭) ଓ ନବରଙ୍ଗପୁର ଜିଲ୍ଲାର ଡ଼ାବୁଗାଁରୁ ହୀରାଲାଲ ଭତ୍ରା(୨୭) ଙ୍କୁ ଗିରଫ କରି ନବରଙ୍ଗପୁର କୋର୍ଟ ଚାଲାଣ କରାଯାଇଛି । ଏହିପରିପ୍ରେକ୍ଷୀରେ ରେ କୋଷାଗୁମୁଡ଼ା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ ଦାୟିତ୍ୱ ନେଇଥିଲେ ଓ କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର, ପାପଡାହାଣ୍ଡି ଏସ୍ଡିପିଓ ମିନାକ୍ଷୀ ଠାକୁର, ଡ଼ିଏସପି ଉଲ୍ଲାସ ମାଝୀ ନବରଙ୍ଗପୁର ଉପସ୍ଥିତ ରହି ଅଭିଯୁକ୍ତଙ୍କୁ ଡାକ୍ତର ମାଇନା କରି ନବରଙ୍ଗପୁର କୋର୍ଟ ଚାଲାଣ କରିଥିଲେ। ଏହି ସାଇବର ଲୁଟେରା ଭୁବନେଶ୍ୱର ରେ ଏକ ସାଇବର ହବ କରି ରାଜ୍ୟ ଓ ରାଜ୍ୟ ବାହାରେ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ରୁ ଲକ୍ଷାଧିକ ଟଙ୍କା ଗାଏବ କରୁଥିବା ଜଣାପଡ଼ିଛି । ଏହି ସାଇବର ଲୁଟେରାଙ୍କ ସହ ଆଉ କିଏ କିଏ ସମ୍ପୃକ୍ତ ତାହା ଉପରେ ପୋଲିସ ପକ୍ଷରୁ ଅଧିକ ଅନୁସନ୍ଧାନ ଜାରି ରହିଛି। ତୁରନ୍ତ ସେହିମାନେ ମଧ୍ୟ ଅତି ଶୀଘ୍ର ଗିରଫ ହେବେ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି ।

# ନାଫେଡର ମକା ମଣ୍ଡି ଉଦ୍ଘାଟିତ

### ■ ଏମ୍ଏସ୍ପି ବଢ଼ାଇବାକୁ ଚାଷୀଙ୍କ ଦାବି



ଉମରକୋଟ(ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାରଙ୍କ ସଂସ୍ଥା ନାଫେଡ୍ ପକ୍ଷରୁ ଆଜି ନବରଙ୍ଗପୁର ଜିଲ୍ଲାର ଉମରକୋଟ, ଝରିଗାଁ ଓ ରାଇଘର ଠାରେ ମକା ମଣ୍ଡି ଉଧଘାଟିତ ହେଇ ଯାଇଛି। ଆଜି ଉମରକୋଟର ଆର ସି ଏମଏସ ୟାର୍ଡ ରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନାଫେଡ୍ର ସହକାରୀ ପ୍ରବନ୍ଧକ ଗୋବିନ୍ଦ ମୁର୍ମୁ ଏହାର ଉଦ୍ଘାଟନ କରିଥିଲେ। ଅପରପକ୍ଷରେ ନାଫେଡ ଠାରୁ ଘରୋଇ ବ୍ୟବସାୟୀମାନେ ଅଧିକ ଦାମରେ ମକା କ୍ରୟ କରୁଥିବାରୁ ତୁରନ୍ତ କେନ୍ଦ୍ର ସରକାର ମକାର ସହାୟକ ମୂଲ୍ୟକୁ ବୃଦ୍ଧି କରିବା ପାଇଁ ଦାବୀ କରିଛନ୍ତି। ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ମକା ର ସହାୟକ ଦର କ୍ୱିଣ୍ଟାଲ ପିଛା ୨୨୨୫ ଟଙ୍କା ଥିବାବେଳେ ଘରୋଇ ବ୍ୟବସାୟୀମାନେ ୨୩୦୦ ଟଙ୍କା ରେ ଜମିରୁ କିଣିକି ନେଇଯାଉଛନ୍ତି। ମାସକ ତଳେ ଘରୋଇ ବ୍ୟବସାୟୀ ମାନେ ୨୫୦୦/ ଟଙ୍କା ରୁ କିଣିବା ଆରମ୍ଭ କରିଥିଲେ। ତେବେ ମକାର ସହାୟକ ଦରକୁ କେନ୍ଦ୍ର ସରକାର ବଢାଇବା ପାଇଁ ଉମରକୋଟ ଅଞ୍ଚଳର ବିଶିଷ୍ଟ ଚାଷୀ ଭୋଗି ସେଠି ଦାବି କରିଛନ୍ତି ନ ହେଲେ କେନ୍ଦ୍ର ସରକାରଙ୍କ ମଣ୍ଡି କୁ ମକା ଆସିବା ଅସମ୍ଭବ ହେଇଯିବ କାରଣ ଚାଷୀଙ୍କୁ ଯେଉଁଠି ଅଧିକ। ଟଙ୍କା ମିଳିବ ସେଠି ବିକ୍ରି ପାଇଁ ବାଧ ହେବ ବୋଲି ଶ୍ରୀସେଠି କହିଛନ୍ତି। ଅପରପକ୍ଷେ ନାଫେଡର ସହକାରୀ ପ୍ରବନ୍ଧକ ଗୋବିନ୍ଦ ମୁର୍ମୁ କହିଛନ୍ତି ମକାର ସହାୟକ ଦର ନିର୍ଦ୍ଧାରଣ କରିବା କେନ୍ଦ୍ର ସରକାରଙ୍କ ନୀତି ଅଟେ। ଚାଷୀଙ୍କୁ ଯେଉଁଠି ଅଧିକ ଟଙ୍କା ମିଳିବ ସେଠି ମକା ବିକ୍ରି କରିବ। କିନ୍ତୁ ଏହି ମଣ୍ଡି ବ୍ୟବସାୟୀଙ୍କ ଉପରେ ଅଙ୍କୁଶ ଲାଗିବ। ବ୍ୟବସାୟୀ କ୍ୱିଣ୍ଟାଲ ପିଛା ୨୨୨୫ ରୁ କମରେ କ୍ରୟ କରି ପାରିବ ନାହିଁ। ଯଦି କ୍ରୟ କରେ ଚାଷୀ ମାନେ ନାଫେଡ ମଣ୍ଡିରେ ମକା ବିକ୍ରି କରିପାରିବେ ବୋଲି ଶ୍ରୀ ମୁର୍ମୁ କହିଛନ୍ତି। ଆଜିର ଏହି ଉତ୍ସବରେ ନାଫେଡ ର ବିଶେଷଜ୍ଞ ଦଳ ସମେତ ଭୋଗି ସେଠି, ଆପନା ସେଠି, ଜଗନ୍ନାଥ ପାଳ, ହିତେଶ କୁମାର ଜେନା, କୈଳାଶ ନାୟକ ଓ କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ତେବେ କେନ୍ଦ୍ର ସରକାର ଏହି ମକା ମଣ୍ଡି ଖୋଲିବା ଦ୍ୱାରା ବ୍ୟବସାୟୀଙ୍କ ଉପରେ ଅଙ୍କୁଶ ଲାଗିବ ଓ ଚାଷୀଙ୍କ ପାଇଁ କବଚ ସଦୃଶ ହେଇ ପାରିବ।

## ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୟନ୍ତୀ ପାଳିତ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗତକାଲି ହରିଶ ଚନ୍ଦ୍ର ବକ୍ସିପାତ୍ରଙ୍କ ୯୧ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଅଛି । ଏଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଏଥିସହ ବରିଷ୍ଠ ନେତା ଯୋଗଦେଇଥିଲେ ସେମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡିର ବିଧାୟକ ଶ୍ରୀ ରୁପେଶ କୁମାର ପାଣିଗ୍ରାହୀ ବି ଯୋଗଦେଇଥିଲେ । ହରିଶ ଚନ୍ଦ୍ର ବକ୍ସିପାତ୍ରଙ୍କ ଜୟନ୍ତୀ ଉତ୍ସବରେ ବିଭିନ୍ନ ପ୍ରକାର ନେତାଙ୍କୁ ହରିଶ ଚନ୍ଦ୍ର ବକ୍ସିପାତ୍ର ସ୍ମାରକପତ୍ରରେ ସମ୍ମାନିତ କରାଯାଇଥିଲା

### ଆଦିବାସୀଙ୍କ ଜମି ହଡପ୍ ଘଟଣା ||||||||||||||||

# କେବେ ଧରାପଡ଼ିବେ ଫେରାର୍ ରେଜିଷ୍ଟ୍ରାର୍ !

ବରଗଡ(ଭାସ୍କର ନ୍ୟୁଜ): ବରଗଡ଼ ଜିଲ୍ଲାରେ ଆଦିବାସୀ ହରିଜନଙ୍କ ଜମି ହଡ଼ପ ଦୁର୍ନୀତିର ଚେର ଲମ୍ବିଛି । ବର୍ତ୍ତମାନ ସୁଦ୍ଧା ନଅ ଜଣ ଧରାପଡିବା ଫଳରେ ଅତୀତରେ ଜମି ଦଲାଲଙ୍କ ଭୂସ୍ୱର୍ଗ ପାଲଟିଥିବା ବରଗଡ଼ର ସବରେଜିଷ୍ଟ୍ରାର ଓ ତହସିଲ କାର୍ଯ୍ୟାଳୟର ଦୁର୍ନୀତିଗ୍ରସ୍ତ କର୍ମଚାରୀ ଓ ଜମି ଦଲାଲଙ୍କ ନିଦ ହଜିଯାଇଛି । ବରଗଡ଼ ପୋଲିସ ଧରପଗଡରେ ଭୁବନେଶ୍ୱରରୁ ସମ୍ପୃକ୍ତ ଦଲାଲମାନଙ୍କୁ ଧରିବା ପରେ ମଧ୍ୟ ସବରେଜିଷ୍ଟ୍ରାର ଅବସରପ୍ରାପ୍ତ ଶ୍ରୀସେଠଙ୍କୁ ଧରିବାରେ ବିଫଳ ହୋଇଥିବା ସର୍ବତ୍ର ଚର୍ଚ୍ଚା ହୁଏ । ନିଜର ଅବସରର ଠିକ ତିନି ଚାରି ଦିନ ପୂର୍ବରୁ ସବରେଜିଷ୍ଟ୍ରାରରୁ ତିରିଶ ଟି ପଟା ଉପରେ କିଭଳି ଚଞ୍ଚକତା କରି ଦସ୍ତଖତ କରି ଅବସର ନେଲେ ଏବଂ ତାଙ୍କ ଠାରୁ ଦାୟିତ୍ୱ ନେଇଥିବା ବର୍ତ୍ତମାନର ସବରେଜିଷ୍ଟ୍ରାର ଏ ଉପରେ କିଭଳି ପ୍ରଶ୍ନ ଉଠାଇଲେ ନାହିଁ ବୋଲି ଅଭିଯୋଗ ହୁଏ। ବରଗଡ଼ ଜିଲ୍ଲାରେ ଜିରା ନଦୀ ବାଲି ହେଉକି ଜମି ହଡ଼ପ ଘଟଣା ପର୍ଦ୍ଦାଫାସ ଆଗକୁ ହେବ କିମ୍ବା ଅଧିକାରୀମାନେ ଚୁପ ରହିବେ ତାହା ସମୟ କହିବ ବୋଲି ଆଲୋଚନା ହୁଏ । ପୂର୍ବ ସବ୍ରେଜିଷ୍ଟ୍ରାର ଏଭଳି ଦୁର୍ନୀତିଗ୍ରସ୍ତ ଥିଲେ ବୋଲି କଣ ଉପରିସ୍ଥ ବିଭାଗ ତଥା ସେହି ସମୟର ବିଧାୟକ ଜାଣି ନଥିଲେ ବୋଲି ପ୍ରଶ୍ନ ଉଠେ। ।

# ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ବେଲପାହାଡ (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲା ବେଲପାହାଡ଼ ରେଫରୀ ଆସୋସିଏସନ୍ ଓ ନେହେରୁ ଯୁବା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ନିଶା ନିବାରଣ ଏବଂ ପଦାର୍ଥର ଅପବ୍ୟବହାର ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବେଲପାହାଡ଼ ଗୁମାଡେରାସ୍ଥିତ ନବ ଦାସ ଫାଉଣ୍ଡେସନ ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଝାରସୁଗୁଡ଼ା ନେହେରୁ ଯୁବା କେନ୍ଦ୍ରର ବରିଷ୍ଠ ଅଧିକାରୀ ମରିଉସୁନ ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ପୌର କାଉନସିଲର କହ୍ନେଇ ଚରଣ ସେଠ, ଝାରସୁଗୁଡ଼ା ନେହେରୁ ଯୁବା କେନ୍ଦ୍ରର ଏପିଏ ସୁନିତା ସୋନିଆ, କ୍ରୀଡ଼ା ସଂଗଠକ ହମିଦ କୁମାର ମହାପାତ୍ର, ବୃକ୍ଷର ବନ୍ଧୁ ଅନୁଷ୍ଠାନର ପ୍ରତିଷ୍ଠାତା ଜେନାମଣି ସେଠ, ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ଗିରିଶ ଚନ୍ଦ୍ର ଜୟପୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରୋଜ କିଶାନ, ସଞ୍ଜିବ ମହନ୍ତ, କଳାକାର ନାଗ ଉପସ୍ଥିତ ଥିଲେ। ବେଲପାହାଡ଼ ରେଫରୀ ଆସୋସିଏସନର ସଭାପତି ରାମ ସେନ୍ଦ୍ରିଆ, ଉପସଭାପତି ମହେନ୍ଦ୍ର ବରର୍ଡ୍ଡି, ସମ୍ପାଦକ ରମଣୀ ମାଝୀ, କୋଷାଧକ୍ଷ କାର୍ତ୍ତିକେଶ୍ୱର ଦାସଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଆସୋସିଏସନର ସଦସ୍ୟ ହିତେଶ ବରର୍ଡ୍ଡି, ସୁରେନ୍ଦ୍ର ସାହୁ, ଭୁବନେଶ୍ୱର ହାତୀ, ଉମାକାନ୍ତ କିଶାନ, ରଞ୍ଜିତ କିଶାନ, ରାଜେଶ ଛତ୍ରିଆ, ଦିଲୀପ କିଶାନ, ଅନୀଲ ରଣା, ତିନ୍ତସ ବାରୁ, ଲୋକେନ୍ଦ୍ର ଚୌହାନ, ଟିକାରାମ ନାଏକ ସହଯୋଗ କରିଥିଲେ। ସମସ୍ତ ସଦସ୍ୟେ ଶେଷରେ ନିଶା ନିବାରଣକୁ ଏକ ଶପଥ ଗ୍ରହଣ କରିଥିଲେ। ସ୍ୱେଚ୍ଛାସେବୀମାନେ ଘର ଘର ବୁଲି ଲୋକଙ୍କୁ ନିଶା ନିବାରଣ ଏବଂ ପଦାର୍ଥର ଅପବ୍ୟବହାର ଉପରେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ କରାଯାଇଛି ।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର



କୋରୁକୋଣ୍ଡା (ଭାସ୍କର ନ୍ୟୁଜ): ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ପାପରମେଟଲା ପଞ୍ଚାୟତଠାରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧକ୍ଷତାରେ ପିଡି ନରେଶ ଶବର, ଅତିରିକ୍ତ ଏସପି ତପନ କୁମାର ରଥ, ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡ଼ା, ପିଏ ଆଇଟିଡିଏ ଜୟଶ୍ରୀ, ଜିଲ୍ଲା ମୁଖ୍ୟ ପଶୁ ସମ୍ପଦ ଅଧିକାରୀ, ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ, ଆରଡବ୍ଲୁଏସଏସର କାର୍ଯ୍ୟନିର୍ବାହୀ ଅଧିକାରୀ, ବିଦ୍ୟୁତ ବିଭାଗର ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ମୁଖ୍ୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶିବିରରେ ମୋଟ ୮୦ଟି ଅଭିଯୋଗର ଶୁଣାଣି କରିଥିଲେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ । ଏହାପରେ ଜିଲ୍ଲାପାଳ ସ୍ୱାଭିମାନ ଅଞ୍ଚଳରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ବୁଲି ଦେଖିବା ସହ ଅଗ୍ରଗତି ସଂପର୍କରେ ପଚାରି ବୁଝିଥିଲେ। ଚାଲିଥିବା କାମ ସବୁ ଯଥାଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଜନ ଶୁଣାଣି ଶିବିରକୁ ପାପରମେଟଲା ପିଇଓ ରମେଶ ଆୟାର, ଏଇ ପବିତ୍ର ମୋହନ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ ।

## ପରିତ୍ୟକ୍ତ ଅବସ୍ଥାରେ ଲାଲ ବାହାଦୂର ଶାସ୍ତ୍ରୀ ମିନି ପାର୍କ




ଖଡ଼ିଆଳ(ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ପିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନମ୍ବର ୧ ,ଖଡ଼ିଆଳ ଚନାବେଡା ହସ୍ପିଟାଲ ରାସ୍ତାକଡରେ ଥିବା ଲାଲ ବାହାଦୁର ଶାତ୍ରୀ ମିନି ପାର୍କ ର ଅବସ୍ଥା ନ କହିଲେ ଭଲ। ଲୋକେ ପ୍ରତ୍ୟେକ ଦିନ ସକାଳେ ଓ ସଞ୍ଜ ରେ ମହିଳା, ପୁରୁଷ, ଯୁବକ, ସ୍କୁଲ ଛାତ୍ରଛାତ୍ରୀ ଆସି ବ୍ୟାୟାମ କରୁଛନ୍ତି। ହେଲେ ମିନି ପାର୍କର ଚାରି ପାଖରେ ଅଳିଆ ଆବର୍ଜନା, ଘାସ, ଲତା ବୁଦା ରେ ବର୍ତ୍ତୀ। ଆଲୁଅ ଖମ୍ବ ଲାଗିଛି, ଖମ୍ବରେ ବଲ ଲାଗିଛି ହେଲେ ଲାଇଟ ଜଳୁନାହିଁ। ପାର୍କରେ ଥିବା ବ୍ୟାୟାମ ସାମଗ୍ରୀ ଭାଙ୍ଗିବାରେ ଲାଗିଲାଣି.। ଲୋକଙ୍କ ବସିବା ପାଇଁ ସିମେଣ୍ଟର ବେଞ୍ଚର ବ୍ୟବସ୍ଥା ଥିଲେ ହେଁ ଭାଙ୍ଗି ରୁଚି ଗଲାଣି। କିଛିଟା ଭଲ ଥିଲେ ମଧ୍ୟ ଲୋକେ ବସି ପାରୁନାହାନ୍ତି। କାରଣ ଅଳିଆ ଆବର୍ଜନା ହୋଇ ଧୂଳିସାତ ହୋଇ ପଡିଛି। କିଛି ମୂର୍ତ୍ତି ପୁତୁଲା ଅପରିଷ୍କାର ହୋଇ ପଡିଛି। ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ରେ ଯେତେ ବି ପାର୍କ, ମିନିପାର୍କ, ଯାହାବି ତିଆରି ହେଉଛି ତାର ରକ୍ଷାଣାବେକ୍ଷଣ ଆଦୌ କରୁନାହାନ୍ତି। ତେଣୁ ମିନି ପାର୍କ ଅବସ୍ଥା ଖରାପ। ଲତା ବୁଦା ଥିବାରୁ ପାର୍କ ଭୀରତକୁ ବିଷଧର ସାପ, ସରୀସୃପ ପଶିଆସୁଛି। ତେଣୁ ସାଧାରଣରେ ଦାବୀ ହେଉଛି ଯେ ମିନି ପାର୍କର ଆଲୁଅ ଜଳେଇବା, ଚାରିଆଡେ ସଫା କରିବା, ଭାଙ୍ଗିଯାଇଥିବା ବ୍ୟାୟାମ ସାମଗ୍ରୀକୁ ତୁରନ୍ତ ମରାମତି କରିବା, ପାର୍କରେ ଲାଗିଥିବା ଫଟୋ ସେଲଫି ପଏଣ୍ଟ କୁ ସଫା କରିବା ସହ ପାର୍କ ଭିତରେ ପିଇବା ପରେ ପାଣିର ବ୍ୟାବସ୍ଥା କରିବାକୁ ଦାବି ହେଉଛି। ଏନେଇ ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିକାରୀ ସ୍ୱାଧୀନ କେତନ ମହାରଣାଙ୍କୁ ପଚାରିବାରୁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।

# ଜମି ବିବାଦକୁ ନେଇ ଫୁଟିଲା ଗୁଳି

ଝାରସୁଗୁଡ଼ା(ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ସଦର ଥାନା ଅଧୀନ ବମ୍ବେ ଛକ ଅଞ୍ଚଳରେ ଜମିବାଡ଼ି ବିବାଦକୁ ନେଇ ଗୁଳି ଫୁଟିଛି। ଏହି ଘଟଣାରେ ବାପ-ପୁଅକୁ ସଦର ଥାନା ପୋଲିସ୍ ଅଟକ ରଖିଛି। ଅଟକ ବାପ-ପୁଅ ହେଲେ, ରାମଜୀ ସିଂ ଏବଂ ତାଙ୍କ ପୁଅ ଅଭିଷେକ ଚନ୍ଦ୍ର ସିଂ । ସୂଚନାନୁଯାୟୀ, ରାମଜୀ ଏବଂ ବିକାଶ ଅଗ୍ରୱାଲଙ୍କ ମଧ୍ୟରେ ଜମି ବିବାଦ ରହିଥିଲା । ସୋମବାର ସନ୍ଧ୍ୟାରେ ବିକାଶ ଅଗ୍ରୱାଲ ଜମିକୁ ରାସ୍ତା ନେବା ପାଇଁ ଏକ ଜେସିବି ପଠାଇଥିଲେ। ଏନେଇ ରାମଜୀ ଓ ବିକାଶଙ୍କ ମଧ୍ୟରେ ପୁଣି ବିବାଦ ଦେଖାଦେଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରାମଜୀ ନିଜ ଲାଇସେନ୍ସପ୍ରାପ୍ତ ବନ୍ଧୁକରେ ଫାଙ୍କା ତିନି ଦୁଇ ରାଉଣ୍ଡ ଗୁଳି ଚାଳନା କରିଥିଲେ। ଉଭୟଙ୍କ ମଧ୍ୟରେ ବିବାଦ ଜୋରଦାର ହେବା ସହ ଗୁଳି ଚାଳନା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିଲା। ସ୍ଥାନୀୟ ଲୋକଙ୍କ ସୂଚନା ପରେ ସଦର ପୋଲିସ ଘଟଣାସ୍ଥଳକୁ ପହଞ୍ଚି ରାମଜୀ ସିଂ ଏବଂ ତାଙ୍କ ପୁଅ ଅଭିଷେକକୁ ଅଟକ ରଖିବା ସହ ଅଧିକ ତଦନ୍ତ ଜାରି ରହିଛି। ରାମଜୀ ମହାନଦୀ କୋଲ୍ଫିଲଡ ଲିମିଟେଡ୍ର ଅବସରପ୍ରାପ୍ତ ମହାପ୍ରବନ୍ଧକ। ୧୯୮୫ ମସିହାରେ ଆତ୍ମରକ୍ଷା ପାଇଁ ସେ ଝାରଖଣ୍ଡ ରାଜ୍ୟର ହଜାରୀବାଗରୁ ଏହି ବନ୍ଧୁକ ଲାଇସେନ୍ସ ପ୍ରାପ୍ତ କରିଥିଲେ । ଝାରସୁଗୁଡ଼ା ଜିଲ୍ଲାକୁ ସେ ଆସିବା ପରେ ବନ୍ଧୁକର ଲାଇସେନ୍ସ ମଧ୍ୟ ଝାରସୁଗୁଡ଼ାକୁ ଟ୍ରାନ୍ସଫର ହୋଇଥିବା ଏସ୍ଡିପିଓ ସୂଚନା ଦେଇଛନ୍ତି।

# ସ୍ୱାଭିମାନ ଅଞ୍ଚଳରେ ମଶାରୀ ବଣ୍ଟନ




କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍): ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳ ସମେତ ୧୮ଟି ପଞ୍ଚାୟତରେ ମଶାରୀ ବଣ୍ଟନ ଶୁଭାରମ୍ଭ ହୋଇଛି। ମାଲକାନଗିରି ସିଡିଏମ୍ଓ ବ୍ରଜବନ୍ଧୁ ଦାସଙ୍କ ନିର୍ଦ୍ଦେଶ ଓ କୁଡୁମୁଲୁଗୁମା ମେଡିକାଲ ଅଫିସର ମହେଶ କୁମାର ପତି, ଭିବିଟି ଅଜିତ କୁମାର ଦଳେଇ, ବିପିଏମ୍ ପବିତ୍ର ମୋହନ ଗୌଡ଼, ଭିବିଡିଟି ଦୀପକ କୁମାର ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନଭେମ୍ବର ମାସ ୭ତାରିଖ ଦିନ ଜିଲ୍ଲାସ୍ତରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଆଜି ବଡ଼ପଦର ପଞ୍ଚାୟତର ପଣସଗନ୍ଧି ଗ୍ରାମ ଠାରେ ଜାନବାଇ ମେଡିକାଲ ଅଫିସର ପ୍ରେମଚାନ୍ଦ ପ୍ରଧାନ, ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହି ମଶାରି ବଣ୍ଟନ କରିଥିଲେ। ପ୍ରତ୍ୟେକ ପଞ୍ଚାୟତର ପ୍ରତ୍ୟେକ ଘରେ ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀ ପହଞ୍ଚି ମଶାରି ବଣ୍ଟନ କରିବେ ବୋଲି ସୂଚନା ମିଳିଛି।

### ନାବାଳିକା ମୃତ୍ୟୁ ମାମଲା ||||||||||||||||

# ଆଶାକର୍ମୀ ନିର୍ଦ୍ଦୋଷରେ ଖଲାସ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲା ମୋଟୁ ଥାନା ଅଞ୍ଚଳର ଜଣେ ନାବାଳିକା ମୃତ୍ୟୁ ମାମଲାର ଶୁଣାଣିକରି ସୋମବାର ମାଲକାନଗିରି ଏଡିଜେଙ୍କ କୋର୍ଟରେ ରାୟ ପ୍ରକାଶ ପାଇଛି । ବିଚାରପତି ଶାନ୍ତନୁ କୁମାର ଦାସ ମାମଲାର ଶୁଣାଣିକରି ଅଭିଯୁକ୍ତ ଆଶାକର୍ମୀ ରେଖାରାଣୀ ମୁଖାର୍ଜୀଙ୍କୁ ନିର୍ଦ୍ଦୋଷ ରେ ଖଲାସ କରିଛନ୍ତି। ପ୍ରକାଶ ଏହିକି, ମୋଟୁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କର ଏମ୍ପିଭି ୨୩ ଗ୍ରାମର ଜଣକ ସହ ପ୍ରେମ ସମ୍ପର୍କ ଥିଲା। ତା- ୨୦/୦୩/୨୪ ରେ ନାବାଳିକା ଙ୍କ ଦେହ ହଠାତ୍ ଅସୁସ୍ଥ ହେବାରୁ ତାଙ୍କ ମା' ଏମ୍ଭି ୯୬ ଗ୍ରାମ ଆଶାକର୍ମୀ ରେଖାରାଣୀଙ୍କୁ ଦେଖାଇବାରୁ ସେ ଗର୍ଭବତୀ ଥିବା କହି ନଷ୍ଟ କରିବା ପାଇଁ ଔଷଧ ଦେଇ ୫ ହଜାର ଟଙ୍କା ମାଗିଥିଲେ। ନାବାଳିକା ଔଷଧ ଖାଇବା ପରେ ତା-୨୫/୦୩/୨୪ ରେ ପୁନର୍ବାର ତାଙ୍କ ଦେହ ଅସୁସ୍ଥ ହେବାରୁ ଏମ୍ଭି ୭୯ ସ୍ୱାସ୍ଥ୍ୟକେନ୍ଦ୍ର କୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହାକୁ ନେଇ ନାବାଳିକାଙ୍କ ପରିବାରବର୍ଗ ଆଶାକର୍ମୀ ରେଖାରାଣୀ ଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ । କେଶ ନଂ. ୬୨/୨୪ ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାକୁ ଆଧାର କରି ପୋଲିସ ତଦନ୍ତ ସହ ରେଖାରାଣୀଙ୍କୁ ଗିରଫ କରିଥିଲା। ଦୀର୍ଘ ୬ ମାସ ପରେ ଏହି ମାମଲାର ଶୁଣାଣି କରାଯାଇ ୧୪ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ରେଖାରାଣୀଙ୍କୁ ସୋମବାର ଦିନ ନିର୍ଦ୍ଦୋଷରେ ଖଲାସ କରାଯାଇଛି ଓ ଆଶାକର୍ମୀଙ୍କ ପକ୍ଷରୁ ଆଇନଜୀବୀ କୈଳାସ ପଟ୍ଟନାୟକ ମାମଲାର ପରିଚାଳନା କରିଥିଲେ ।



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ବଙ୍ଗୋପସାଗରରେ ଆସୁଛି ଆଉ ଏକ ଲଘୁଚାପ। ଏ ନେଇ ସୂଚନା ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର। ଆସନ୍ତା ୨୧ ତାରିଖ ସୁଦ୍ଧା ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। କ୍ରମେ ଏହା ଘନୀଭୂତ ହୋଇ ୨୩ ତାରିଖରେ ଲଘୁଚାପର ରୂପ ନେବ। ଏହାପରେ ଏହା ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଅବପାତର ରୂପ ନେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଏବେ ଏହି ଲଘୁଚାପର ପ୍ରଭାବ କିଭଳି ରହିବ ସେ ନେଇ ପାଣିପାଗ ବିଭାଗ କିଛି ସ୍ପଷ୍ଟ କରିନାହିଁ । ଅନ୍ୟପଟେ ଝାରସୁଗୁଡ଼ା, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ହେବାର ସମ୍ଭାବନା ରହିଛି। ରାଜ୍ୟରେ ରାତିର ପାରଦ ଧିରେ ଧିରେ ଖସିବାରେ ଲାଗିଛି। ସେହିପରି ଶୀତର ପ୍ରକୋପ ମଧ୍ୟ ବୃଦ୍ଧି ପାଉଛି। ଘରୁ ବାହାରିଲେ କୋହଲା ପବନ ଲାଗି ରହୁଛି। ରାତି ଯେତେ ବଢୁଛି, ତାପମାତ୍ରା ସେହି ପରିମାଣର ଖସିବାରେ ଲାଗିଛି। ବିଶେଷକରି ଆଭ୍ୟନ୍ତରୀଣ ଓଡ଼ିଶାରେ ଶୀତର ପ୍ରକୋପ ଅଧିକ ରହିଛି। ତେବେ ବିଭାଗ କହିଛି ଯେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର କୌଣସି ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ ।



## ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଏବଂ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଶୁଭାରମ୍ଭ

# କୃଷି ଆଧାରିତ ଅର୍ଥନୀତି ଜିଲ୍ଲା ହେବ ଦେବଗଡ଼: ଧର୍ମେନ୍ଦ୍ର

ଧୋବଲିପଥର (ଭାସ୍କର ନ୍ୟୁଜ): କୃଷି ପ୍ରଧାନ ଜିଲ୍ଲା ଦେବଗଡ଼ରେ ପାରମ୍ପରିକ ଚାଷ ସହ ଦୁଗ୍ଧ ଚାଷ, ମତ୍ସ୍ୟ ଚାଷ ଓ ପଶୁପାଳନର ଅନେକ ସମ୍ଭାବନା ଅଛି। ଆଗାମୀ ଦିନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଦେବଗଡକୁ କୃଷି ଆଧାରିତ ଅର୍ଥନୀତି ଜିଲ୍ଲାରେ ପରିଣତ କରିବା ପାଇଁ ବ୍ୟାପକ ଯୋଜନା କରାଯିବ ବୋଲି ମଙ୍ଗଳବାର ଦେବଗଡ଼ ଧୋବଲିପଥର ଠାରେ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଏବଂ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ଶୁଭାରମ୍ଭ କରିବା ଅବସରରେ କହିଛନ୍ତି ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜି ହେଉଛି ବାମଣ୍ଡା ରାଜା ସାର୍ ବାସୁଦେବ ସୁଢଳଦେବଙ୍କ ପୁଣ୍ୟତିଥି । ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସେ ହେଉଛନ୍ତି ଅନ୍ୟତମ କର୍ଣ୍ଣଧାର । ଆଜି ସେଭଳି ଦିନରେ ଦେବଗଡ଼ରେ ଲୋକଙ୍କ ଗମନାଗମନକୁ ଅଧିକ ସୁଗମ କରିବା ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ପ୍ରାୟ ୪୩.୫ କୋଟି ଟଙ୍କା ମୂଲ୍ୟର ସଡ଼କ ଓ ଅନ୍ୟାନ୍ୟ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ହେବା ଖୁସିର ବିଷୟ । ଦେବଗଡ ହେଉଛି ଏକ କୃଷି ପ୍ରାଧାନ୍ୟ ଜିଲ୍ଲା । ଆଜି ପ୍ରାୟ ୩୨ ଲକ୍ଷ ଟଙ୍କା ବ୍ୟୟରେ ଏଠାରେ ଦୈନିକ ୨,୦୦୦ ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ପ୍ରତିଷ୍ଠା ହୋଇଛି । ଏହା ଦ୍ୱାରା ଦେବଗଡ଼ରେ ପ୍ରତିଦିନ ୧୦,୦୦୦ ଲିଟର ଦୁଗ୍ଧ ଉତ୍ପାଦନ ସଂଗୃହିତ ହୋଇପାରିବ । ଏହି ସବୁ ଦୁଗ୍ଧ ସମ୍ବଲପୁର ଗୋଶାଳାକୁ ଯିବ । ରାଜ୍ୟ ସରକାର ଆଗାମୀ ଦିନରେ ଗୋଶାଳା ଓମଫେଡ ପ୍ଲାଣ୍ଟର ସମ୍ପ୍ରସାରଣ ସହ ସେହି ପ୍ଲାଣ୍ଟରୁ ପାଉଡର କ୍ଷୀର, ଦହି, ଚକୋଲେଟ୍, ପନିର ସମେତ କ୍ଷୀରରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିବାର ଯୋଜନା ରଖିଛନ୍ତି । ଓଡ଼ିଶା ସରକାରଙ୍କ ଦ୍ୱାରା ସବୁ ପଞ୍ଚାୟତରେ ଦୁଗ୍ଧ ସମବାୟ ସମିତି ଗଠନ ହେବ । ଦୁଗ୍ଧ ଚାଷୀମାନଙ୍କ ପଇସା ସିଧାସଳଖ ବ୍ୟାଙ୍କ୍ ଖାତାକୁ ଡିବିଟି ମାଧ୍ୟମରେ ଆସିବ । ଏହା ଦ୍ୱାରା ଦେବଗଡ ସମେତ ସମ୍ବଲପୁର ଓ ଆଖପାଖ ଅଞ୍ଚଳର ଚାଷୀଙ୍କ ଆୟ ଦୁଇଗୁଣିତ ହେବ । ଆଜିର ପଦକ୍ଷେପ ଦେବଗଡ଼ ଜିଲ୍ଲାରେ ଦୁଗ୍ଧ ଉତ୍ପାଦନ କ୍ଷମତା ବୃଦ୍ଧି ସହ ଦୁଗ୍ଧ ଚାଷୀଙ୍କ ଆର୍ଥିକ ସମ୍ବଳକୁ ସଶକ୍ତ କରିବ ବୋଲି ସେ କହିଛନ୍ତି । ଯେବେ ଯେବେ ଦିଲ୍ଲୀରେ ବିଜେପି ସରକାର ହୋଇଛି ସେହି ସମୟର ଦେବଗଡ଼ ଜିଲ୍ଲାର ବିକାଶ ହୋଇଛି । ଦେବଗଡ଼ରେ ଅଣ୍ଡର୍ ପାସ୍ ନିର୍ମାଣ କାର୍ଯ୍ୟ ନେଇ ସ୍ଥାନୀୟ ଲୋକଙ୍କର ଯେଉଁ ଦାବି ରହିଛି, ସେ ବିଷୟରେ ଏନଏଚଏଆଇ ଅଧିକାରୀ ମାନଙ୍କ ସହିତ ଆଲୋଚନା କରାଯିବ । ଦେବଗଡ ଜିଲ୍ଲାକୁ କୃଷି ଆଧାରିତ ଅର୍ଥନୀତି ଜିଲ୍ଲାରେ ପରିଣତ କରିବା ପାଇଁ ବ୍ୟାପକ ଯୋଜନା କରାଯିବ । ଏଠାରେ ଆମ୍ବ, ପଣସ, ତରୁଭୁଜ, ପୋଟଳ, ବାଇଗଣ, ବିଲାତି ବାଇଗଣ, ଫୁଲଚାଷ, ଲେମ୍ବୁର ଉତ୍ପାଦନ ବୃଦ୍ଧି ପାଇବ । ପର୍ଯ୍ୟଟନ, କ୍ରୀଡ଼ା କ୍ଷେତ୍ର ସହ ବୌଦ୍ଧିକ କ୍ଷମତା ସମ୍ପନ୍ନ ଦେବଗଡ଼ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତିବଦ୍ଧ । ଶ୍ରୀ ପ୍ରଧାନ ଅଭିଭାଷଣରେ ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନା ଯଥା ସୁଭଦ୍ରା, 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ସ୍କୁଲରେ ଡ୍ରପ୍ ଆଉଟ ରୋକିବାକୁ 'ମାଧୋ ସିଂହ ହାତ ଖର୍ଚ୍ଚ' ଯୋଜନା ସହ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି ହେବା ଉପରେ ଆଲୋକପାତ କରିଥିଲେ । ଉଲ୍ଲେଖନୀୟ ଯେ, ଆଜିର କାର୍ଯ୍ୟକ୍ରମରେ ଦେବଗଡ଼ରେ ୪.୫୧ କୋଟି ଟଙ୍କା ବ୍ୟୟରେ ତାବଡାରୁ ବିଜବେରୀଣି ରାସ୍ତା ଓ ପ୍ରାୟ ୩ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟରେ ଜାମୁପଦରୁ ସିରିଗିଡ଼ା ରାସ୍ତାର ଶୁଭାରମ୍ଭ ହୋଇଛି। ଏହାବ୍ୟତୀତ ୨ କୋଟି ବ୍ୟୟରେ ଡିପିଆରସି ଭବନ, ପ୍ରାୟ ୨୦ କୋଟି ବ୍ୟୟରେ ଟିକିରାପୋଷୀ ନଦୀ ଉପରେ ବ୍ରୀଜ ନିର୍ମାଣ, ପ୍ରାୟ ୧୦ କୋଟି ବ୍ୟୟରେ ପିଏସ ରୋଡରୁ ବାଲିଡିହି ରାସ୍ତା କାମ, ପ୍ରାୟ ୧ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ପିଡବ୍ଲୁଡିରୁ ସିଆରିହୁଲି ରାସ୍ତା କାମ ଓ ପ୍ରାୟ ୭ କୋଟି ବ୍ୟୟରେ ରୁଗୁଡାକୁଦରରୁ କଲାଡ଼ୁ ରାସ୍ତା କାମର ଶିଳାନ୍ୟାସ ହୋଇଛି । ଏହି ଅବସରରେ ଶ୍ରୀ ପ୍ରଧାନ ଗୋସେବା ସହ ମା' ପାଇଁ ଗଛଟିଏ' ଅଭିଯାନରେ ବୃକ୍ଷରୋପଣ କରିଥିଲେ । ଏହି ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ଓଡ଼ିଶା ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାୟକ ଓ ଦେବଗଡ଼ ବିଧାୟକ ପ୍ରମୁଖ ଉପସ୍ଥିତ ଥିଲେ ।




## ଭୋଟ୍ ପାଇଁ ଟଙ୍କା ବାଣ୍ଟିଥିବା ଅଭିଯୋଗ
## ବିନୋଦ ତାୱ୍ଡେଙ୍କ ବିରୁଦ୍ଧରେ ମାମଲା ରୁଜୁ

ନୂଆଦିଲ୍ଲୀ: ମହାରାଷ୍ଟ୍ର ବିଜେପି ସାଧାରଣ ସମ୍ପାଦକ ବିନୋଦ ତାୱ୍ଡେଙ୍କ ବିରୁଦ୍ଧରେ ମାମଲା ରୁଜୁ କଲେ ନିର୍ବାଚନ ଆୟୋଗ। ଭୋଟ୍ ପାଇଁ ଟଙ୍କା ବାଣ୍ଟିଥିବା ଅଭିଯୋଗ ଆସିବା ପରେ ନିର୍ବାଚନ ଆୟୋଗ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛନ୍ତି। ବହୁଜନ ବିକାଶ ଅଗାଡି (ବିଭିଏ) ତାୱ୍ଡେ ପାଲଘର ଜିଲ୍ଲାରେ ଟଙ୍କା ବାଣ୍ଟିଥିବା ଅଭିଯୋଗ କରିଥିଲା। ବିଧାନସଭା ନିର୍ବାଚନ ପାଇଁ ଭୋଟିଂ ହେବାର ଗୋଟିଏ ଦିନ ପୂର୍ବରୁ ବିଜେପି ବିରୁଦ୍ଧରେ ଏପରି ସାଙ୍ଘାତିକ ଅଭିଯୋଗ ଆସିଥିଲା। ବିଭିଏ ଭିଡିଓ ସେଆର କରି ଏହି ଅଭିଯୋଗ ଆଣିବାର କିଛି ସମୟ ପରେ ନିର୍ବାଚନ ଆୟୋଗ ତାୱ୍ଡେଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛନ୍ତି। ପ୍ରକାଶ ଥାଉକି, ବିଭିଏ ବିଧାୟକ ହିତେନ୍ଦ୍ର ଠାକୁର ବିଜେପି ନେତା ତଥା ସାଧାରଣ ସମ୍ପାଦକ ବିନୋଦ ତାୱ୍ଡେ ଏବଂ ନାଲସପୋରାର ବିଜେପି ପ୍ରାର୍ଥୀ ରାଜନ ନାଏକଙ୍କର ଏକ ଭିଡିଓ ଜାରି କରିଥିଲେ। ଉଭୟ ପାଲଘର ଜିଲ୍ଲାର ଏକ ହୋଟେଲରେ ଆଲୋଚନା କରିବା ସମୟରେ ତାୱ୍ଡେ ୫ କୋଟି ଟଙ୍କା ଦେଇଥିବା ଦଳ ଅଭିଯୋଗ କରିଛି। ଭାଇରାଲ ଭିଡିଓରେ ଦେଖାଯାଉଛି ଯେ, ବିଜେପି କର୍ମୀ ଏକ ବ୍ୟାଗରୁ ନଗଦ ଟଙ୍କା ନେଉ ଥିବାବେଳେ ତାୱ୍ଡେ କିଛି ଦୂରରେ ବସିଛନ୍ତି। ସେମାନେ ତାଙ୍କ ସହ ଫଟୋ ଏବଂ ଭିଡିଓ ସୁଟ୍ କରିବାକୁ ଆସିବା ସମୟରେ ବ୍ୟାଗଟି ତାଙ୍କର ନୁହେଁ ବୋଲି ତାୱ୍ଡେ କହୁଥିବା ଦେଖିବାକୁ ମିଳୁଛି। ଭିଡିଓ ଭାଇରାଲ ସତ୍ତ୍ୱେ ଏସବୁ ଅଭିଯୋଗକୁ ବିନୋଦ ତାୱ୍ଡେ ଖଣ୍ଡନ କରି ଥିବାବେଳେ ନିର୍ବାଚନ ଆୟୋଗ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛନ୍ତି। ଆସନ୍ତାକାଲି ମହାରାଷ୍ଟ୍ର ନିର୍ବାଚନ ପାଇଁ ଭୋଟ୍ ପଡିବ। ୨୩ରେ ଭୋଟ୍ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

**AFFIDAVIT**

By Virtue of an affidavit before the Notary, Chhatrapur, Ganjam on 12.11.2024, I Koili Krishna Kumar, S/o- Koili Raghunadham resident of House No-5-1-8, Main Road, Ichhapuram, District- Srikakulam, Andhrapradesh, declares that my son's actual name is Koili Kranthi Kanay & my wife's actual name is K. Lavanya, but in Birth Certificate of my son has been wrongly recorded as Koili Kranti Kanay & K. Labanya respectively instead of Koili Kranthi Kanay & K. Lavanya. Koili Kranthi Kanay & Koili Kranti Kanay is same as well as K. Lavanya & K. Labanya is same. This affidavit is to be used as & when required.

## ଫୁଲଝରୀ ଗ୍ରାମରେ ଝାଡ଼ଖଣ୍ଡି ହାତୀପଲ

ବାରିପଦା(ଭାସ୍କର ନ୍ୟୁଜ): ପଶ୍ଚିମବଙ୍ଗ ଏବଂ ଓଡିଶା ସୀମାନ୍ତ ଜଙ୍ଗଲ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜର ଫୁଲଝରୀ ଗ୍ରାମରେ ଆଜି ୪୫ ଟିକିଆ ଏକ ହାତୀପଲ ପ୍ରବେଶ କରିଥିବା ସୂଚନା ମିଳିଛି। ତେବେ ବର୍ଷତମାମ ହାତୀ ଉପଦ୍ରବ ଜାରି ରହିଥିବା ବେଳେ ହାତୀ ପ୍ରବେଶକୁ ରୋକିବା ପାଇଁ ସରକାର ବିଭିନ୍ନ ଉପାୟ ଅବଲମ୍ବନ କରୁଥିଲେ ମଧ୍ୟ ପ୍ରତିବର୍ଷ ବହୁ ଧନଜୀବନ ନଷ୍ଟ ହୋଇ ଚାଲିଛି। ପ୍ରତିବର୍ଷ ଧାନ ଫସଲ ଅମଳ ହେବା ସମୟରେ ହାତୀ ଉପଦ୍ରବ ବଢିବା ସହିତ ବିଭିନ୍ନ ସମୟରେ ହାତୀ ମଣିଷ ଲଢେଇରେ ବହୁ ଜୀବନ ମଧ୍ୟ ନଷ୍ଟ ହେବାର ନଜିର ରହିଛି ।

**कार्यालय अधीक्षण अभियंता,**
**लोक निर्माण विभाग, रायपुर मण्डल क्रमांक 2 (छत्तीसगढ़)**

-:: ई-प्रोक्युरमेंट निविदा सूचना ::-
(प्रथम आमंत्रण)

दिनांक :- 14.11.2024

निम्नांकित कार्यों हेतु ऑनलाईन निविदा "डी" श्रेणी एवं अधिक श्रेणी के ठेकेदारों हेतु निविदा आमंत्रित की जाती है। निविदा डाउनलोड करने की अंतिम तिथि 03.12.2024 है।

| एन.आई.टी. क्र./ निविदा क्र. | कार्य का नाम | कार्य की अनुमानित लागत (लाख में) |
|---|---|---|
| 1 | 2 | 3 |
| NIT NO. 390 Tender no. 161237 | बलौदाबाजार अनुविभाग अंतर्गत शासकीय डी. के. महाविद्यालय भवन बलौदाबाजार में अतिरिक्त कक्ष का निर्माण कार्य । | रू. 110.65 लाख |
| NIT NO. 391 Tender no. 161238 | भाटापारा अनुविभाग अन्तर्गत डिग्री कॉलेज भवन सिमगा एवं आई.टी. आई. भवन हथबंद का वार्षिक मरम्मत एवं रंगाई पोताई का कार्य । | रू. 25.94 लाख |
| NIT NO. 392 Tender no. 161239 | जिला गरियाबंद के राजिम में न्यायिक कर्मचारियों के लिए 07 नग एच-टाईप आवासीय गृह का निर्माण कार्य । | रू. 69.29 लाख |

उपरोक्त निर्माण कार्यो की निविदा की सामान्य शर्तें, धरोहर राशि, विस्तृत निविदा विज्ञप्ति निविदा दस्तावेज व अन्य जानकारी ई-प्रोक्योरमेंट बेब पोर्टल https://eproc.cgstate.gov.in अथवा विभागीय वेबसाइट https://eproc.cgstate.gov.in से डाउनलोड की जा सकती है। (राशि रू. 100.00 के नान ज्यूडिशियल स्टाम्प पर निर्धारित प्रपत्र में शपथ-पत्र एवं न्यूनतम राशि रू. 10.00 के नान ज्यूडिशियल स्टाम पर एनेक्जर-3 का शपथ पत्र, बिडकेपेसीटी उपलब्धता बाबत जानकारी एवं अन्य जानकारी एनआईटी के 2.10 में संलग्न संशोधित प्रपत्रानुसार प्रस्तुत करें। ) निविदा में होने वाले समस्त संशोधन का प्रकाशन केवल उपरोक्त वेबसाइट पर किया जावेगा, पृथक से समाचार पत्रों में प्रकाशन नहीं किया जावेगा ।

Credible Chhattisgarh
विश्वसनीय छत्तीसगढ़

अधीक्षण अभियंता
लो.नि.वि रायपुर मण्डल क्रं.-2 (छ.ग.)
आपकी थी चाह, हमने बनाई राह

G-242503844/6

## କପିଳାସ ଅଭୟାରଣ୍ୟ ନିକଟରେ ଆୟୋଜିତ ହେବ ହାଫ୍ ମାରାଥନ୍

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍ଏମ୍) ପକ୍ଷରୁ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ସହଯୋଗିତାରେ ୨୦୨୫ ଜାନୁଆରୀ ୧୧ରେ ଅନୁଷ୍ଠିତ ହେବ । ଏହି ହାଫ ମାରାଥନ, ପ୍ରତିଯୋଗିତାକୁ ସୁଦୃଢ଼ କରିବା ସହିତ ପ୍ରାକୃତିକ ସମ୍ପଦରେ ସମୃଦ୍ଧ କପିଳାସ ଅଞ୍ଚଳରେ ହାତୀ ଓ ଜୈବ ବିବିଧତାର ସଂରକ୍ଷଣର ପ୍ରସାର କରି ଏହାକୁ ପର୍ଯ୍ୟଟନ ଓ ରୋଜଗାରର ଏକ ବିଶ୍ୱସ୍ତରୀୟ ହବ୍‌ରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ମାରାଥନ ସୁସ୍ଥ ଜୀବନଶୈଳୀ, ଫିଟନେସ୍ ଏବଂ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବକୁ ଉତ୍ସାହିତ କରିବ। ଏଥିରେ ତିନି ପ୍ରକାର ଦୌଡ଼ ରହିଛି: ୧୯ ବର୍ଷରୁ ଅଧିକ ବୟସ୍କଙ୍କ ପାଇଁ ୨୧ କିମି ଓ ୧୦ କିମି ଦୌଡ଼ ଏବଂ ୧୪-୧୯ ବର୍ଷ ବୟସ ପର୍ଯ୍ୟନ୍ତ କିଶୋର-କିଶୋରୀଙ୍କ ପାଇଁ ୫ କିମି ଦୌଡ଼। ବିଶ୍ୱବ୍ୟାପୀ ମାରାଥନ୍ ଏବଂ ଦୂର ଦୌଡ଼କୁ ପ୍ରତିନିଧିତ୍ୱ କରୁଥିବା ମୋନାକୋସ୍ଥିତ ବିଶ୍ୱସ୍ତରୀୟ ଅନୁଷ୍ଠାନ ଆସୋସିଏସନ୍ ଅଫ୍ ଇଣ୍ଟରନ୍ୟାସନାଲ୍ ମାରାଥନ୍ ଆଣ୍ଡ ଡିଷ୍ଟାନସ ରେସ୍ ପକ୍ଷରୁ ଏହାକୁ ସାର୍ଟିଫିକେଟ୍ ଦିଆଯାଇଛି। ୨୧ କିଲୋମିଟର, ୧୦ କିଲୋମିଟର ଓ ୫ କିଲୋମିଟର ଦୌଡ଼ ବର୍ଗର ଶ୍ରେଷ୍ଠ ୩୦ ବିଜେତାଙ୍କୁ ୯.୬ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଅଂଶଗ୍ରହଣକାରୀମାନେ ୨୦୨୪ ଡିସେମ୍ବର ୧୫ ପର୍ଯ୍ୟନ୍ତ ଅଫିସିଆଲ୍ ୱେବସାଇଟ୍ ମାଧ୍ୟମରେ ନାମ ପଞ୍ଜୀକରଣ କରିପାରିବେ। ୪,୦୦୦ ଅଂଶଗ୍ରହଣକାରୀଙ୍କ ପାଇଁ ସୀମିତ ସ୍ଲଟ୍ ରଖାଯାଇଛି। ୨୧ କିଲୋମିଟର ଦୌଡ଼ ପାଇଁ ପଞ୍ଜୀକରଣ ଶୁଳ୍କ ୪୦୦ ଟଙ୍କା, ୧୦ କିଲୋମିଟର ଦୌଡ଼ ପାଇଁ ୩୦୦ ଟଙ୍କା ଏବଂ ୫ କିଲୋମିଟର ଦୌଡ଼ ପାଇଁ ୧୫୦ଟଙ୍କା ରହିଛି। ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ଏକ ଗୁଡି ବ୍ୟାଗ୍ ମିଳିବ, ଯେଉଁଥିରେ ଟି-ସାର୍ଟ, ବିଆଇବି ଚିପ୍ ଏବଂ ଜଳଖିଆ କୁପନ ରହିବ। ଟାଟା ଷ୍ଟିଲ୍ କପିଳାସ ହାଫ୍ ମାରାଥନ୍ ୨୦୨୫ରେ ମୋଟ ୯.୬୪ ଲକ୍ଷ ଟଙ୍କାର ନଗଦ ପୁରସ୍କାର ସହ ୩୦ ଜଣ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯିବ। ୨୧ କିଲୋମିଟର ଦୌଡ଼ ପାଇଁ ଉଭୟ ପୁରୁଷ ଓ ମହିଳା ବର୍ଗରେ ବିଜେତାଙ୍କୁ ୧ ଲକ୍ଷ ଟଙ୍କାର ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯିବ। ଆନ୍ତର୍ଜାତିକ ମାନଦଣ୍ଡ ପୂରଣ କରିବା ପାଇଁ ଏହି ଦୌଡ଼ରେ ଟାଇମିଂ ମ୍ୟାଟ୍, ଆରଏଫଆଇଡି ଚିପ୍, ରୁଟ୍‌ରେ ସ୍ପ୍ଲିଟ୍ ଟାଇମିଂ ମ୍ୟାଟ୍, ଟ୍ରାକିଂ କ୍ୟାମେରା ଏବଂ ୱାଇ-ଫାଇ ନେଟୱାର୍କ ସମେତ ଉନ୍ନତ ଜ୍ଞାନକୌଶଳ ଉପଲବ୍ଧ ହେବ। ସମଗ୍ର ଦେଶରେ ସମାନ କାର୍ଯ୍ୟକ୍ରମ ଆୟୋଜନ କରିବାରେ ପାରଦର୍ଶିତା ଥିବା ଜାତୀୟସ୍ତରର ଏଜେନ୍ସିଗୁଡିକ ଏହାର ଅଗ୍ରଗତିର ତଦାରଖ କରିବେ।

## ପୋଖରୀରେ ବୁଡି ଯୁବକ ମୃତ

ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନା ଅଞ୍ଚଳରେ ଜଣେ ଯୁବକ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ହେଲେ ମୋରଡା ପଞ୍ଚାୟତ ପଳାଶବଧା ଗ୍ରାମର ଉତ୍ତମ କୁମାର ମହାନ୍ତ(ଟିକୁଲୁ ) । ସୂଚନା ମୁତାବକ, ଟିକୁଲୁ ଆଜି ପୂର୍ବାହ୍ନ ଏଗାରଟା ସମୟରେ ଘରୁ ବାହାରକୁ ଯାଇ ଆଉ ଫେରି ନଥିଲେ । ତେବେ ଗ୍ରାମବାସୀ ଓ ଘର ଲୋକେ ଖୋଜାଖୋଜି କରିବାରୁ ଗାଁ ପାଖ ପୋଖରୀ ଆଡିରେ ଟିକୁଲୁଙ୍କ ଗାମୁଛା ଓ ଜୋତା ଥିବାର ଦେଖିବାକୁ ପାଇଥିଲେ । ଯାହାକୁନେଇ ସନ୍ଦେହ ହେବାରୁ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀ ଭିତରକୁ ଯାଇ ଖୋଜାଖୋଜି କରିବାରୁ ପାଣିରେ ବୁଡ଼ି ରହିଥିବା ଟିକୁଲୁଙ୍କୁ ପାଣିରୁ ଉଦ୍ଧାର କରି ପ୍ରଥମେ ବାରମାଇଲସ୍ଥିତ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏକମାତ୍ର ପୁଅ ଟିକୁଲୁଙ୍କ ମୃତ୍ୟୁ ପରିବାରରେ ସାଙ୍ଗକୁ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି କରିଥିବା ଦେଖିବାକୁ ମିଳିଛି ।




ସିଙ୍ଗାପୁରଠାରେ ୟୁସିସିଆଇଏଲର ସଭାପତି ଡକ୍ଟର ପ୍ରବୋଧ ମହାନ୍ତି ଏବଂ ୟୁସିସିଆଇଏଲର ସଦସ୍ୟ ପଙ୍କଜଲୋଚନ ମହାନ୍ତି ଏମ୍ଏସ୍ଏମଇ ବିକାଶ ସଂପର୍କୀତ ଭିଜନ ଡକ୍ୟୁମେଣ୍ଟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରୁଛନ୍ତି।

C-1046

ପୌରପରିଷଦ କାର୍ଯ୍ୟାଳୟ : ଜୟପୁର
**OFFICE OF THE MUNICIPAL COUNCIL: JEYPORE**
Phone No. : 06854-231098, e-Mail: ulbjeypore@gmail.com
Letter No: 5268 Date: 16.11.2024

**ବିଜ୍ଞାପନ**

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜୟପୁର ପୌର ପରିଷଦ ଦ୍ୱାରା ବିଜ୍ଞପ୍ତି ଜାରି କରାଯାଇଛି ଯେ ଜୟପୁର ଜୟପୁର ପୌରାଞ୍ଚଳକୁ ବାହ୍ୟ ପରିମଳ ମୁକ୍ତମୁକ୍ତ (ODF++)ସହର ଘୋଷଣା କରିଯିବ । ଆଗକୁ କୌଣସି ବ୍ୟକ୍ତି ବିଶେଷଙ୍କୁ ଖୋଲାରେ ମଳ ତ୍ୟାଗ କରିବା ପାଇଁ ଦିଆଯିବ ନାହିଁ । ଯଦି କୌଣସି ବ୍ୟକ୍ତି ଖୋଲାରେ ମଳ ତ୍ୟାଗ କରିବା ଦେଖାଯାଏ ତାଙ୍କ ଠାରୁ 5 [illegible] ' ପାଇଖାନାରୁ ବାହାରୁଥିବା ମଳମୁତ୍ର କୁ ପରିଷଦର ଡ୍ରେନ ମଧ୍ୟକୁ କିମ୍ବା ଖୋଲା ଜାଗାରେ [illegible] ଠାରୁ 500/- ଟଙ୍କା ଜରିମାନା ଆଦାୟ କରାଯିବ ।

ସରକାର ଉପରକ୍ତ ପଦକ୍ଷେପ ଉପରେ କୌଣସି ବ୍ୟକ୍ତିଙ୍କର ଯଦି କିଛି ଆପତ୍ତି/ପ୍ରସ୍ତାବ ଥାଏ ତେବେ ଏହି ବିଜ୍ଞାପନ ପ୍ରକାଶ 15 ଦିନ ମଧ୍ୟରେ ଆହ୍ୱାନ କରାଯାଇଛି ।

କାର୍ଯ୍ୟକାରୀ ଅଧିକାରୀ
ଜୟପୁର ପୌର ପରିଷଦ

OIPR 13079/11/0013/2425

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପରମାଣୁ ହମଲାର...

ବାଇଡେନ ପ୍ରଶାସନ ରୁଷ ଓ ୟୁକ୍ରେନ ଯୁଦ୍ଧ ଉପରେ ଏକ ବଡ଼ ନିଷ୍ପତ୍ତି ନେଇଛି। ରୁଷ ପକ୍ଷରୁ କୁହାଯାଇଛି ଯେ ଯୁଦ୍ଧରେ ୟୁକ୍ରେନର ପରାଜୟ ସୁନିଶ୍ଚିତ। କିଭ୍‌କୁ ପଶ୍ଚିମ ଦେଶଗୁଡ଼ିକ ସମର୍ଥନ କଲେ ମଧ୍ୟ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ଯୁଦ୍ଧ ଜାରି ରହିଛି ଏବଂ ଖୁବ୍‌ଶୀଘ୍ର ଏହା ଶେଷ ହେବ। କିଭ୍ ବିରୁଦ୍ଧରେ ମିଲିଟାରୀ ଅପରେସନକୁ କେହି ରୋକିପାରିବେ ନାହିଁ ବୋଲି ରୁଷ ପକ୍ଷରୁ କୁହାଯାଇଛି।

### ଏୟାର କ୍ୱାଲିଟି...

ମେଡ଼ିକାଲ ଏମର୍ଜେନ୍ସି ସ୍ଥିତି। ଧୂଳି ଓ ଧୂଆଁରୁ ମୁକ୍ତି ପାଇବା ପାଇଁ ଏବେ ମାତ୍ର ଗୋଟିଏ ବିକଳ୍ପ ହେଉଛି କୃତ୍ରିମ ବର୍ଷା। ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହସ୍ତକ୍ଷେପ କରିବା ଉଚିତ ବୋଲି ଶ୍ରୀ ରାୟ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କୃତ୍ରିମ ବର୍ଷା ଉପରେ ଏକ ବୈଠକ କରିବାକୁ ମଧ୍ୟ ସେ ଦାବି ଉପସ୍ଥାପନ କରିଛନ୍ତି।

### ଚାଲିଗଲା ୬ ଜୀବନ...

ଫଳରେ ଡ୍ରାଇଭର ଗାଡ଼ିରୁ ନିୟନ୍ତ୍ରଣ ହରାଇଥିଲେ। ଏଥିସହ ଦ୍ରୁତଗତିରେ ଯାଇ ଟ୍ରକ୍‌ରେ ଗାଡ଼ିଟି ପିଟି ହୋଇଯାଇଥିଲା। ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କରସିଂ ଧାମି ଏହି ଘଟଣାରେ ଗଭୀର ଶୋକପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଗୁରୁତର ଜଣଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ସଂକଟାପନ୍ନ ଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ପୋଲିସ ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

### ତଦନ୍ତ ଆରମ୍ଭ କଲା...

ତଦନ୍ତ ଆରମ୍ଭ କରିଛି। ନିର୍ମାଣ ହୋଇଥିବା ଘର ଉଚ୍ଛେଦ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ପ୍ରକାଶଥାଉକି ଶ୍ରୀମନ୍ଦିର ପ୍ରଶାସନ ଜାଣିବାକୁ ପାଇଥିଲା ଯେ ମାଟିପୋତା ମୌଜାରେ ମହାପ୍ରଭୁଙ୍କ ଜମି ବେଆଇନଭାବେ ଜବରଦଖଲ କରାଯାଇ ବିକ୍ରି କରାଯାଉଛି। ଏଠାରେ ୧୦୯ଟି ପ୍ଲଟ୍‌ର ମୋଟ ୬୪ ଏକର ଜମି ଜବରଦଖଲ ତଥା ବେଆଇନ ଭାବେ ବିକ୍ରି ହୋଇଥିବା ଶ୍ରୀମନ୍ଦିର ପ୍ରଶାସନ ଜାଣିବାକୁ ପାଇଥିଲା। ଏହି ଘଟଣା ଲୋକ ଲୋଚନକୁ ଆସିବା ପରେ ସେବାୟତ ଓ ପୁରୀବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

### ନିବେଶକାରୀଙ୍କ...

ଆଲୋଚନା ମୁଖ୍ୟତଃ ହୋଇଥିଲା। ଏହାପରେ ପରିବହନ ମନ୍ତ୍ରଣାଳୟରେ ଅନୁଷ୍ଠିତ ଏକ ବୈଠକରେ ଓଡ଼ିଶାର ପ୍ରତିନିଧି ଦଳ ବୈଷୟିକ ଶିକ୍ଷା ଏବଂ ଶିକ୍ଷାସେବା ପ୍ରତିଷ୍ଠାନ ପରିଦର୍ଶନ କରି ଦକ୍ଷତା ବିକାଶ ଉପରେ ଧ୍ୟାନ କେନ୍ଦ୍ରୀତ କରିଥିଲେ। ଇଣ୍ଟରପ୍ରାଇସ୍ ସିଙ୍ଗାପୁର ଏବଂ ଫିକିଦ୍ୱାରା ଆୟୋଜିତ ଏକ ରାଉଣ୍ଡଟେବୁଲ ବୈଠକରେ ଓଡ଼ିଶାର ପ୍ରତିନିଧି ମଧ୍ୟ ଅଂଶଗ୍ରହଣ କରିଥିଲେ। ଯେଉଁଠାରେ ସେମାନେ ଭିତ୍ତିଭୂମି, ଉତ୍ପାଦନ ଏବଂ ଆଇଟି ଭଳି ପ୍ରମୁଖ କ୍ଷେତ୍ରରେ ଅଭିଜ୍ଞତା ହାସଲ ମଧ୍ୟ କରିଥିଲେ। ଏହି ବୈଠକରେ ଯୋଗ ଦେଇଥିବା ପ୍ରମୁଖ କମ୍ପାନୀଙ୍କ ମଧ୍ୟରେ ଆଗ୍ରୋ କର୍ପ ଇଣ୍ଟରନ୍ୟାସନାଲ, ଆରିୟାନ ପ୍ରୋ ପେମେଣ୍ଟ ସଲ୍ୟୁସନ, ଇଷ୍ଟକମ୍, ଇଲିକ୍ସି ଟେକ୍ନୋଲୋଜି, ଏଭରଭୋଲ୍ଟ ଗ୍ରୀନ ଏନର୍ଜୀ, ଗ୍ରୋମାଟିକ୍ସ, ଆଇଟିଇ ଶିକ୍ଷାଦେବା, ସୁରବାନା ଦୁରାଙ୍ଗ ଏବଂ ୟୋଙ୍ଗନାମ୍ ଇଞ୍ଜିନିୟରିଂ ପି.ଟି. ପ୍ରାଇଭେଟ୍ ଲିମିଟେଡ୍ ସହ ଆଲୋଚନା ହୋଇଥିଲା। ଏଥିସହ ଲିଣ୍ଡେ, ଭେନା ଏନର୍ଜୀ, କ୍ୟାପିଟାଲ ଲ୍ୟାଣ୍ଡ, ଏଭରସନ ଗ୍ରୁପ୍, ଭୋକଅପ୍, ଇନ୍ଦୋରାମା, ମାଇକ୍ରୋନ ପରି ବିଶ୍ୱସ୍ତରୀୟ ନେତାଙ୍କ ସହ ମଧ୍ୟ ଗୋଟିଏ ପରେ ଗୋଟିଏ ବୈଠକ ଅନୁଷ୍ଠିତ ହୋଇଥିଲା। କେମିକାଲ୍ସ ଏବଂ ପେଟ୍ରୋ କେମିକାଲ୍ସ, ମେଟାଲ ଏବଂ ମେଟାଲ ଡାଉନସ୍ଟ୍ରିମ୍, ଆଇଟି, ଆଇଟିଏସ୍, ଟେକ୍ସଟାଇଲ ଏବଂ ପୋଷାକ ପରି କ୍ଷେତ୍ରଗୁଡ଼ିକରେ ଓଡ଼ିଶାକୁ କିପରି ଅଧିକ ପୁଞ୍ଜି ଆସିବ ସେ ନେଇ ଆଲୋଚନା ହୋଇଥିଲା। ଏହି ପ୍ରତିନିଧି ଦଳ ବନ୍ଦର ପରିଚାଳନା ଏବଂ ଲଜିଷ୍ଟିକ୍‌ରେ ଜ୍ଞାନ ଆରୋହଣ ପାଇଁ ପୋର୍ଟ ସିଙ୍ଗାପୁର ପ୍ରାଧିକରଣ ପରିଦର୍ଶନ କରିଥିଲେ। ରୋଡ ଶୋ'ରେ ବିଶିଷ୍ଟ ଶିଳ୍ପପତି, ନିବେଶକଙ୍କ ସମେତ ୩୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଆମର ସିଙ୍ଗାପୁର ଗସ୍ତ ଅତ୍ୟନ୍ତ ସଫଳ ହୋଇଛି। ବିଗତ ତିନିଦିନ ମଧ୍ୟରେ ଆମର ଶିଳ୍ପପତିମାନଙ୍କ ସହ ଆମର ଆଲୋଚନା ହେବା ସହ ଉନ୍ନତ ବନ୍ଦର ଏବଂ ଶିଳ୍ପାଞ୍ଚଳ ପରିଦର୍ଶନ କରିଛୁ। ଓଡ଼ିଶାର ବିକାଶ ପାଇଁ ମୂଲ୍ୟବାନ ଜ୍ଞାନ ମଧ୍ୟ ହାସଲ କରିଛୁ। ଏକ ବିକଶିତ ଭାରତ ଆଡକୁ ଏହି ପରିବର୍ତ୍ତନଶୀଳ ଯାତ୍ରାର ଅଂଶ ହେବାପାଇଁ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ-୨୦୨୫ରେ ଯୋଗ ଦେବାକୁ ସେ ସମସ୍ତ ନିବେଶକାରୀଙ୍କୁ ଆମନ୍ତ୍ରଣ କରିଥିଲେ।

## ଲକ୍ଷ୍ମୀପୁର ବସ୍‌ଷ୍ଟାଣ୍ଡରୁ ବାଇକ୍ ଚୋରି

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ସୋମବାର ରାତି ରେ ଲକ୍ଷ୍ମୀପୁର ବସ ଷ୍ଟାଣ୍ଡର ବଜାର ଥିବା ଏକ ଦୋକାନ ସମ୍ମୁଖରୁ ଏକ ପଲସର ବାଇକ ଚୋରୀ ହୋଇଥିବା ଥାନା ରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଶିବ ଶଙ୍କର ଚୌଧୁରୀ ନାମକ ଯୁବକ ଯିଏକି ବଜାର ଉପରେ ସହଜ ସେବା କେନ୍ଦ୍ରର ମାଲିକ ଗତକାଲି ରାତ୍ର ରେ ନିଜର ପଲସର ବାଇକ ଓଡି ୧୮ ଏଫ ୭୦୬୮ କୁ ଦୋକାନ ସମୁଖରେ ରଖି ଦୋକାନ ଭିତରେ ସୋଇଥିଲେ। ସକାଳେ ଦେଖିବା ବେଳକୁ ପଲସର ବାଇକ ଟି ନଥିଲା, ଆଖ ପାଖ ରେ ଖୋଜିବା ପରେ ବାଇକ ନପାଇବା ପରେ ଲକ୍ଷ୍ମୀପୁର ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କୁ ଆଧାର କରି ଥାନା ରେ ଏକ ଚୋରୀ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖାଯାଇଥିବା ଆଇଆଇସି ସୁଜ୍ଞାନୀ ସାହୁ ପ୍ରକାଶ କରିଛନ୍ତି। ବଜାର ଉପରେ ରାତିରେ ପେଟ୍ରୋଲିଙ୍ଗ ହେବା ସହ ଗୁର୍ଖା ମଧ୍ୟ ପ୍ରହରା ଦଉଛି, ଏପରିକି ପୋଲିସ ତରଫରୁ ସିସି ଟିଭି ର କ୍ୟାମେରା ବ୍ୟବସ୍ଥା ମଧ୍ୟ ରହିଛି, ତଥାପି ଚୋରୀ ହଉଥିବା ରୁ ଅନେକ ଲୋକେ ବର୍ତ୍ତମାନ ନିଜ ନିଜ ମୋଟରସାଇକେଲ ଘର ଦାଣ୍ଡରେ କିପରି ରଖିବେ ତାହାକୁ ନେଇଁ ଦ୍ୱନ୍ଦ୍ୱ ରେ ରହିଛନ୍ତି। ପୋଲିସ ତରଫରୁ ଅଧିକ ପେଟ୍ରୋଲିଙ୍ଗ ବ୍ୟବସ୍ଥା କରାଯିବା ସକାଶେ ଦାବୀ ହୋଇଛି।

## ଗଞ୍ଜେଇ ଜବତ: ୩ କୋର୍ଟ ଚାଲାଣ

ଭାପୁର (ଭାସ୍କର ନ୍ୟୁଜ): ଗଞ୍ଜେଇ ରାଜ୍ୟ ବାହାର କୁ ଚୋରା ଚାଲାଣ ବେଳେ ଫତେଗଡ ପୋଲିସ ୩ ଜଣଙ୍କୁ ମାଡିବସି ୨୯୨/୨୪ ରେ ମାମଲା ରୁଜୁ କରିବା ସହିତ ସେମାନଙ୍କୁ ଗିରଫ କରି କୋର୍ଟ ଫରୱାର୍ଡ କରିଥିବା ଥାନା ସୂତ୍ରରୁ ପ୍ରକାଶ । ଘଟଣାରୁ ପ୍ରକାଶ, ମଙ୍ଗଳବାର ଦିନ ୧୧ଟା ସମୟରେ ଫତେଗଡ ପୋଲିସ ବିଶେଷସୂତ୍ରରୁ ଖବର ପାଇଥିଲେ, ବାହାଡା ଛକ ରୁ ଏକ ଅଟୋ ରେ ୨ ଜଣ ଯୁବକ ଚୋରା ଗଞ୍ଜେଇ ଭର୍ତ୍ତି କରି ଜଟଣୀ ରେଲଷ୍ଟେସନ ଯାଉଛନ୍ତି ଏବଂ ସେଠାରୁ ଟ୍ରେନରେ ଚେନ୍ନାଇ ଯିବ । ପୋଲିସ ଖବର ପାଇଲାପରେ, ଭାପୁର ବିଟ୍ ହାଉସ୍ ଅଧିକାରୀ ସଞ୍ଜୟ କୁମାର ପରିଡ଼ା,ଏସ୍.ଆଇ. ଅଶୋକ କୁମାର ଜେନା ସଦଳବଳେ ଅଟୋ କୁ ଭାପୁର ବାଇପାସ୍ ରାସ୍ତା ଜଙ୍କସନ୍ ନିକଟରେ ଜବତ କରି ଥାନାକୁ ଆଣିଲେ । ଅଟୋ ଯାଞ୍ଚ ବେଳେ ଭିତରୁ ୧୭.୭୦୦ କେଜି ଗଞ୍ଜେଇ ଜବତ ସହ ଚୋରା ଚାଲାଣକାରି ବାହାଡା ଗ୍ରାମର ଧନୁ ଦଳେଇ , ମନୋଜ ନାୟକ ଏବଂ ଜଟଣୀ କୁସୁମାଟି ଗ୍ରାମର ଅଟୋ ଚାଳକ ସତ୍ୟନାରାୟଣ ସାହୁ କୁ ଗିରଫ କରି ଜେଲ ହାଜତକୁ ପଠା ଯାଇଥିବା ଥାନା ସୂତ୍ରରୁପ୍ରକାଶ ।

**NOTIFIED AREA COUNCIL, KESINGA** C-1041

"e" Procurement Notice No. 3093 / NAC(K) Dt.18.11.2024

Tender ID No. 2024_ORULB_107189-1

The Notified Area Council, Kesinga invites online bid in double cover system through e-procurement.

| | | |
|---|---|---|
| Name of the work | : | Supply of labour for day to day sanitation works like road sweeping, drain cleaning, bush cutting and garbage lifting of all wards (except ward no 03) out of 12 nos. of ward of Kesinga NAC |
| Approx. value of work | : | Rs.13933272.00 |
| Period of availability of tender for online Bidding | : | From 19.11.2024 10.00 A.M.to 03.12.2024 up to 05.00 P.M. |
| Date & Time of opening | : | 07.12.2024 at 11.00 A.M. |
| Agency /Firm | : | Registered Firms / Service Providers / State Govt. / Govt. Registered Organization |
| **Submission of original document** 1.Xerox copy of all documents as per DTCN check list with self attested. | : | By Regd. Post / Speed post up to 5.00 P.M. on 06.12.2024 |

Further details can be seen from the website: www.tendersodisha.gov.in

Sd/-Executive officer,
N.A.C., Kesinga

OIPR 13109/11/0012/2425

GOVERNMENT OF ODISHA,
"e"-PROCUREMENT NOTICE
**OFFICE OF THE NOTIFIED AREA COUNCIL, BALLIGUDA**
**Tender Call Notice**
NO 1526 Date14.11.2024 C-1019
E-mail: eonacballiguda@yahoo.in

Bid Identification No. EO_BLG.N_01_2024-25

The Executive Officer, NAC, Balliguda, Dist - Kandhamal inviting percentage rate bid in **online mode** for the works as detailed in the table from eligible contractors for civil work as detailed in the table below:

1. Name of Work : As per D T C N
2. No of Work : 04
3. Tender Cost : As per D T C N
4. Class of Contractor : As per DTCN
5. Period & time of completion : As per DTCN
6. Available of Bid Document in the Website : From Dt 20.11.2024, 1.00 PM to Dt. 28.11.2024 Up to 5.00 PM.
7. Date of opening of Bid : Dt 29.11.2024 at 11.30 AM
8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

Sd/- Executive Officer
NAC, Balliguda

OIPR 13097/11/0004/2425



ଆନ୍ଧ୍ରପ୍ରଦେଶ: ସ୍ୱେଚ୍ଛାକୃତ ଅବସର ତଥା ଟିଟିଡି କିମ୍ବା ବଦଳି। ଏ ଦୁଇଟି ମଧ୍ୟରୁ ଗୋଟିଏ ବାଛିବାକୁ ହେବ। ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିରରେ କାମ କରୁଥିବା ଅଣ ହିନ୍ଦୁ କର୍ମଚାରୀଙ୍କ ପାଇଁ ଏଭଳି କିଛି ଆସିଛି ନିର୍ଦ୍ଦେଶ। ଏହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଏଠାରେ ନୂଆ ଭାବେ ଗଠିତ ତିରୁମାଲା ତିରୁପତି ଦେବସ୍ଥାନମ୍ ମନ୍ଦିରରେ କାର୍ଯ୍ୟ କରୁଥିବା ଅଣ-ହିନ୍ଦୁ କର୍ମଚାରୀଙ୍କ ପାଇଁ ଏକ ପ୍ରସ୍ତାବ ପାରିତ କରିଛି। ଏହି ପ୍ରସ୍ତାବ ଅନୁଯାୟୀ ମନ୍ଦିର ବୋର୍ଡରେ କାର୍ଯ୍ୟ କରୁଥିବା ଅଣ-ହିନ୍ଦୁ କର୍ମଚାରୀ ସ୍ୱେଚ୍ଛାକୃତ ଅବସର ଗ୍ରହଣ କିମ୍ବା ଆନ୍ଧ୍ରପ୍ରଦେଶର ଅନ୍ୟ ସରକାରୀ ବିଭାଗକୁ ସ୍ଥାନାନ୍ତରିତ ହେବା ମଧ୍ୟରେ ବାଛିବାକୁ ପଡ଼ିବ। ତିରୁମାଲା ତିରୁପତି ଦେବସ୍ଥାନମ୍‌ର ନୂଆ ଅଧ୍ୟକ୍ଷ ବିଆର ନାଇଡୁ ଏହି ନିଷ୍ପତ୍ତି ନିଆଯାଇଥିବା ନେଇ ସ୍ପଷ୍ଟ କରିଛନ୍ତି। ତେବେ ମନ୍ଦିର ବୋର୍ଡରେ କାର୍ଯ୍ୟ କରୁଥିବା ଅଣ-ହିନ୍ଦୁ କର୍ମଚାରୀଙ୍କ ପ୍ରକୃତ ସଂଖ୍ୟା ପ୍ରକାଶ କରିବାକୁ ସେ ମନା କରି ଦେଇଛନ୍ତି। ସୂଚନାନୁସାରେ, ଟିଟିଡିର ନୂତନ ନିଷ୍ପତ୍ତି ବୋର୍ଡର ୭୦୦୦ ସ୍ଥାୟୀ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୩୦୦ କର୍ମଚାରୀଙ୍କୁ ପ୍ରଭାବିତ କରିବ। ୧୪୦୦୦ ଚୁକ୍ତିଭିତ୍ତିକ କର୍ମଚାରୀ ମଧ୍ୟ ଟିଟିଡିରେ କାମ କରୁଛନ୍ତି। ଏ ନିଷ୍ପତ୍ତି ସମ୍ବିଧାନର ଧାରା ୧୬(୫) ଉପରେ ଆଧାରିତ। ସମ୍ବିଧାନର ଏହି ଧାରା ଧାର୍ମିକ ପ୍ରକୃତିର ଅନୁଷ୍ଠାନକୁ ସେମାନଙ୍କ ଧର୍ମର ସଦସ୍ୟଙ୍କୁ ନିଯୁକ୍ତି ଦେବାର ଅଧିକାର ଦେଇଥାଏ।

## ‘ସାଗରମନ୍ଥନ’ର ସଫଳତା ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ରାଜଧାନୀରେ ଆୟୋଜିତ ପ୍ରଥମ ସାମୁଦ୍ରିକ କାର୍ଯ୍ୟକ୍ରମ - ସାଗରମନ୍ଥନ, ମହାସାଗରର ବିତର୍କର ସଫଳ ଆୟୋଜନ ବିଷୟରେ ତାଙ୍କର ବାର୍ତ୍ତା ଦେଇଛନ୍ତି ମାନବ ଜାତିର ଏକ ସମୃଦ୍ଧ ଭବିଷ୍ୟତ ପାଇଁ ସହମତି ସୃଷ୍ଟି କରିବା ପାଇଁ ସାଗରମନ୍ଥନର ସଫଳତା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ। ନାଇଜେରିଆରେ କ୍ୟାମ୍ପ ଅଫିସରୁ ପଠାଯାଇଥିବା ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଭାରତ ମହାସାଗର ହେଉ କିମ୍ବା ଭାରତ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ, ଏକ ମୁକ୍ତ, ଖୋଲା ଏବଂ ସୁରକ୍ଷିତ ସାମୁଦ୍ରିକ ନେଟୱର୍କ ପାଇଁ ଆମର ସ୍ୱପ୍ନ ସମଗ୍ର ବିଶ୍ୱରେ ପ୍ରତିଫଳିତ ହେଉଛି। ‘ଭାରତ ପ୍ରଶାନ୍ତ ମହାସାଗର ପ୍ରୟାସ’ ସାମୁଦ୍ରିକ ସମ୍ପଦକୁ ରାଷ୍ଟ୍ରର ଅଭିବୃଦ୍ଧିର ଏକ ପ୍ରମୁଖ ସ୍ତମ୍ଭ ଭାବରେ ପରିକଳ୍ପନା କରିଛି। ମହାସାଗର ଉପରେ ଏହି ଆଲୋଚନା ନିୟମ ଭିତ୍ତିକ ବିଶ୍ୱ ଶୃଙ୍ଖଳାକୁ ଆହୁରି ସୁଦୃଢ଼ କରିବା ସହ ରାଷ୍ଟ୍ରଙ୍କ ମଧ୍ୟରେ ଶାନ୍ତି, ବିଶ୍ୱାସ ଏବଂ ଦକ୍ଷତା ବୃଦ୍ଧି କରିଥାଏ। ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ପ୍ରୟାସ କରୁଥିବା ବେଳେ ଅନ୍ତର୍ନିହିତ, ଭାଗିଦାରୀ ଏବଂ ସମୁଦ୍ରର ଗୁରୁତ୍ୱପୂର୍ଣ୍ଣ ଭାବେ ଏକ ସମୃଦ୍ଧ ଭବିଷ୍ୟତ ଗଠନ ପାଇଁ ସାଗରମନ୍ଥନ ଭଳି ଫୋରମ ଅମୂଲ୍ୟ ଅଟେ। ସମୁଦ୍ର ବନ୍ଦର ସହର ଲୋଥାଲ ଏବଂ ଧୋଲାବିରା, ଚୋଲ ବଂଶର ବହନ, ଛତ୍ରପତି ଶିବାଜୀ ମହାରାଜଙ୍କ ମହାନ ସେନା। ମହାସାଗର ରାଷ୍ଟ୍ର ଏବଂ ସମାଜ ପାଇଁ ଏକ ଅଂଶୀଦାର ଐତିହ୍ୟ ଏବଂ ଅନ୍ତର୍ଜାତୀୟ ବାଣିଜ୍ୟର ଜୀବନରେଖା ଅଟେ। ଆଜି ସମୁଦ୍ର ସହ ଜାତିର ସୁରକ୍ଷା ଓ ସମୃଦ୍ଧି ନିବିଡ଼ ଭାବେ ଜଡ଼ିତ। ସମୁଦ୍ରର ସମ୍ଭାବନାକୁ ସ୍ୱୀକାର କରି ଭାରତର ସାମୁଦ୍ରିକ ସାମର୍ଥ୍ୟକୁ ସୁଦୃଢ଼ କରିବା ପାଇଁ ଅନେକ ପରିବର୍ତ୍ତନମୂଳକ ପଦକ୍ଷେପ ନିଆଯାଇଛି।

## କେମିକାଲ ଆଳୁ ଖାଉଥିଲେ ସାବଧାନ, ହୋଇପାରେ ସ୍ୱାସ୍ଥ୍ୟହାନୀ

ନୂଆଦିଲ୍ଲୀ: ବର୍ତ୍ତମାନ ସୁଦ୍ଧା ଆପଣ ଅନଳ ବୃଦ୍ଧି, ପନିପରିବା ସତେଜ ରଖିବା, ଲାଉ, କଖାରୁ ଆଦି ଶୀଘ୍ର ବଢ଼ିବା ଏବଂ ଫଳ ପାଚିବା ପାଇଁ ରାସାୟନିକ ପଦାର୍ଥ ବ୍ୟବହାର କରିବା ବିଷୟରେ ଆପଣ ନିଶ୍ଚୟ ଶୁଣିଥିବେ। କିନ୍ତୁ ଆପଣ ରାସାୟନିକ ପଦାର୍ଥ ମାଧ୍ୟମରେ ପୁରୁଣା ଆଳୁକୁ ନୂଆ କରିବା ବିଷୟରେ ଶୁଣିଛନ୍ତି କି, ଯଦି ତାହା ନୁହେଁ ତେବେ ଅଧିକ ଲାଭର ଲୋଭରେ ବ୍ୟବସାୟୀମାନେ ଆଳୁ ବଦଳରେ ବିଷ ବେଚୁଛନ୍ତି। ବଜାରରେ ବିକ୍ରି ହେଉଥିବା ସମସ୍ତ ନୂତନ ଆଳୁ ମଧ୍ୟରୁ ୮୦ ପ୍ରତିଶତ ହେଉଛି ରାସାୟନିକ ପଦାର୍ଥ ସହିତ ପୁରୁଣା ଆଳୁ ପ୍ରସ୍ତୁତ କରି ନୂଆ ଭଳି ପ୍ରସ୍ତୁତ କରାଯାଉଛି। ତାଙ୍କୁ କହିବା କଥା ହେଲା ଆଳୁ ଅମଳ ପାଇଁ ଆହୁରି ମାସେ ଦେଢ଼ମାସ ସମୟ ଥିବାବେଳେ ଏବେ ବଜାରରେ କିଛି ପରିମାଣରେ ନୂଆ ଆଳୁ ମିଳିଲାଣି। ତେବେ କୁହାଯାଉଛି କି ଏହା ନୂଆ ଆଳୁ ନୁହେଁ ବରଂ ପୁରୁଣାକୁ ନୂଆ କରି ବିକ୍ରି କରାଯାଉଛି। ଲାଭ ଖୋର ବ୍ୟବସାୟୀମାନେ ପୁରୁଣା ଆଳୁକୁ ରାତିରେ ୧୪-୧୫ ଘଣ୍ଟା ଆମୋନିଆ ପାଣିରେ ଭିଜାଇ ରଖିବା ପରେ ଏହାର ପତଳା ଅଂଶ ଛାଡ଼ିଯାଏ ଏବଂ ଏହା ନୂଆ ଆଳୁ ପରି ଦେଖାଯାଏ। ଯାହାକୁ ବ୍ୟବସାୟୀମାନେ ଚଢ଼ା ଦରରେ ବିକ୍ରି କରନ୍ତି। ତେବେ ଏହି କେମିକାଲ ଆଳୁ ଖାଇବା ଦ୍ୱାରା ଶରୀରରେ ଏହାର ଅନେକ କୁପ୍ରଭାବ ପଡ଼ିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି। ସେମାନଙ୍କ ମତରେ ଏହି ଆମୋନିଆ ପାଣିରେ ପଡ଼ିଥିବା ଆଳୁ ଖାଇଲେ ବ୍ରେନ ଉପରେ ଏହାର ପ୍ରଭାବ ପଡ଼େ, ଲିଭର ଅକାମୀ ହୋଇଯାଇଥାଏ, ଛୋଟ ପିଲାଙ୍କର କିଡନୀ ବି ଫେଲ ହେବାର ସମ୍ଭାବନା ଥାଏ। ଏହା ଅତ୍ୟଧିକ ପରିମାଣ ହେଲେ ଜୀବନ ମଧ୍ୟ ଯାଇପାରେ।

## ଡ. ବିବେକ ଦେବରାୟଙ୍କ ସ୍ମୃତିଚାରଣ କଲେ ପିଏମ୍‌ଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ପରଲୋକଗତ ଡକ୍ଟର ବିବେକ ଦେବରାୟଙ୍କ ଜୀବନ ଓ କାର୍ଯ୍ୟର ସ୍ମୃତିଚାରଣ କରିବା ପାଇଁ ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀର ଆକାଶବାଣୀ ରଙ୍ଗ ଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ପୂର୍ବରୁ ଡକ୍ଟର ଦେବରାୟଙ୍କ ବିୟୋଗରେ ଶୋକ ପ୍ରକାଶ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ସେ ଜଣେ ମହାନ ବିଦ୍ୱାନ ଥିଲେ, ଅର୍ଥନୀତି, ଇତିହାସ, ସଂସ୍କୃତି, ରାଜନୀତି, ଆଧ୍ୟାତ୍ମିକତା ଆଦି ବିଭିନ୍ନ କ୍ଷେତ୍ରରେ ତାଙ୍କର ଭଲ ଜ୍ଞାନ ଥିଲା। ନିଜ କାର୍ଯ୍ୟ ମାଧ୍ୟମରେ ସେ ଭାରତର ବୌଦ୍ଧିକ ଦୃଶ୍ୟପଟରେ ଏକ ଅବିସ୍ମରଣୀୟ ଛାପ ଛାଡ଼ିଯାଇଛନ୍ତି। ଡକ୍ଟର ଦେବରାୟ ଜଣେ ବହୁମୁଖୀ ପ୍ରତିଭାଧାରୀ ବ୍ୟକ୍ତିତ୍ୱ ଥିଲେ ଯିଏ ପ୍ରାଚୀନ ଭାରତୀୟ ଗ୍ରନ୍ଥ ଉପରେ କାମ କରିବାକୁ ଉପଭୋଗ କରୁଥିଲେ ଏବଂ ଏହାକୁ ଯୁବବର୍ଗଙ୍କ ପାଇଁ ଉପଲବ୍ଧ କରାଇଥିଲେ। ତାଙ୍କର ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ସ୍ୱର୍ଗତ ଦେବରାୟଙ୍କ ସହିତ କାମ କରିବାର ପୁରୁଣା ଦିନଗୁଡ଼ିକ ବିଷୟରେ ସ୍ମୃତିଚାରଣ କରିଥିଲେ। ଡକ୍ଟର ମିଶ୍ର କହିଥିଲେ, ସେମାନେ ନୀତି ନିର୍ଦ୍ଧାରଣ କରିବା କ୍ଷେତ୍ରରେ କାମ କରୁଥିଲେ ଏବଂ ଅର୍ଥବ୍ୟବସ୍ଥାରେ ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରୁଥିଲେ ତଥା ସେଗୁଡ଼ିକର ସମାଧାନ କିପରି ହୋଇପାରିବ ସେ ନେଇ ବିଚାରବିମର୍ଶ କରୁଥିଲେ। ସ୍ୱର୍ଗତ ଦେବରାୟଙ୍କ ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଭାବେ ଅଭିହିତ କରି ଡକ୍ଟର ମିଶ୍ର କହିଥିଲେ ଯେ, ସ୍ୱର୍ଗତ ଦେବରାୟଙ୍କ ବୌଦ୍ଧିକ ଜ୍ଞାନର ପରିସର ଅର୍ଥନୀତି ଠାରୁ ଆରମ୍ଭ କରି ସଂସ୍କୃତ ସାହିତ୍ୟ, ଇତିହାସ ଏବଂ ଅନ୍ୟାନ୍ୟ ବିଭିନ୍ନ କ୍ଷେତ୍ରକୁ ପରିବ୍ୟାପ୍ତ ହୋଇଥିଲା। ଡ. ମିଶ୍ର ଗୁରୁତ୍ୱାରୋପ କରି କହିଥିଲେ ଯେ ଡ. ଦେବରାୟ ପ୍ରକୃତରେ ଦୂରଦୃଷ୍ଟି ଓ ମାନବୀୟ ମୂଲ୍ୟବୋଧର ଏକ ପରମ୍ପରା ଛାଡ଼ି ଯାଇଛନ୍ତି ଯାହା ଭବିଷ୍ୟତ ପିଢ଼ିକୁ ପ୍ରେରଣା ଯୋଗାଇବ।

## ଭାରତୀୟ ସେନାରେ ରହିବେନି ନେପାଳୀ ଗୋର୍ଖା !

ନୂଆଦିଲ୍ଲୀ: ଭାରତର ପୂର୍ବତନ ସେନାଧ୍ୟକ୍ଷ ଫିଲ୍ଡ୍ ମାର୍ସାଲ ଶାମ୍ ମାନେକସା ଥରେ କହିଥିଲେ ଯେ ଯଦି ଜଣେ କହୁଛି ଯେ ସେ ମୃତ୍ୟୁକୁ ଭୟ କରେ ନାହିଁ, ତେବେ ସେ ମିଛ କହୁଛି ଅଥବା ସେ ଜଣେ ଗୋର୍ଖା। ଭାରତୀୟ ସେନାରେ ଗୋର୍ଖାମାନଙ୍କ ସ୍ଥାନ ସ୍ୱତନ୍ତ୍ର। ସେମାନଙ୍କ ଅନେକ ବୀରତ୍ୱର ଗାଥା ରହିଛି।



ଭାରତୀୟ ସେନାରେ ଦୁଇ ପ୍ରକାରର ଗୋର୍ଖା ଅଛନ୍ତି, ଗୋଟିଏ ବର୍ଗ ହେଉଛନ୍ତି ନେପାଳରୁ ଆସୁଥିବା ଗୋର୍ଖା ଓ ଅନ୍ୟ ବର୍ଗଟି ହେଉଛି ଭାରତୀୟ ଗୋର୍ଖା। କିନ୍ତୁ ଭାରତୀୟ ସେନାରେ ଧୀରେ ଧୀରେ ନେପାଳୀ ଗୋର୍ଖାଙ୍କ ଆଗମନ କମିବାରେ ଲାଗିଛି ଓ କୁହାଯାଉଛି ଯେ ଆସନ୍ତା ୧୦ ବର୍ଷରେ ଭାରତୀୟ ସେନାରେ କୌଣସି ନେପାଳୀ ଗୋର୍ଖା ନଥିବେ। ଏହା ସହିତ ଗତ ୨୦୦ ବର୍ଷର ଏକ ଗୌରବୋଜ୍ଜ୍ୱଳ ପରମ୍ପରାର ଅନ୍ତ ଘଟିବ। ଭାରତୀୟ ସେନାକୁ ନେପାଳୀ ଗୋର୍ଖା ନଆସିବାର କାରଣ ହେଉଛି ଭାରତୀୟ ସେନାର ଅଗ୍ନିବୀର ସ୍କିମ୍। ଏତେ କମ୍ ସମୟ ପାଇଁ ଭାରତୀୟ ସେନାରେ ଯୋଗ ଦେବାକୁ ଚାହୁଁନାହାନ୍ତି ନେପାଳୀ ଯୁବକ। ସେମାନେ ପୂର୍ବର ବ୍ୟବସ୍ଥା ଅନୁସାରେ ଭାରତୀୟ ସେନାରେ ଯୋଗ ଦେବାକୁ ଚାହୁଁଛନ୍ତି। ଏଥିପାଇଁ ଅଗ୍ନିବୀର ସ୍କିମ ଆରମ୍ଭ ହେବା ପରଠାରୁ ନେପାଳରେ ଭାରତୀୟ ସେନାର କୌଣସି ନିଯୁକ୍ତି ରାଲି ଆୟୋଜନକୁ ନେପାଳ ସରକାର ଅନୁମତି ଦେଉନାହାନ୍ତି। ଗୋଟିଏ ପଟେ ନେପାଳରୁ କୌଣସି ଗୋର୍ଖା ଆସୁନଥିବା ବେଳେ ବର୍ତ୍ତମାନ ସେବାରତ ଗୋର୍ଖାମାନେ ଅବସର ନେବାରେ ଲାଗିଛନ୍ତି। ଏପରି ସ୍ଥିତି ଲାଗିରହିଲେ ଆସନ୍ତା ୧୦ ବର୍ଷରେ ଭାରତୀୟ ସେନାରେ କୌଣସି ନେପାଳୀ ଗୋର୍ଖା ନଥିବେ।

## ସିଆରପିଏଫ୍ ପରିସରରେ ନିମ ଚାରାରୋପଣ କଲେ ବିଷ୍ଣୁଦେବ




ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର ‘ଏକ୍ ପେଡ୍ ମା’ କେ ନାମ୍’ ଅଭିଯାନରେ ବସ୍ତରର ସିଆରପିଏଫ୍ ବାଟାଲିୟନ୍ ୨୪୧ ପରିସରରେ ନିମ ଚାରାରୋପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଯେ, ଏହି ଅଭିଯାନ ପରିବେଶ ପ୍ରଦୂଷଣରୁ ରାଜ୍ୟକୁ ରକ୍ଷା କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରୟାସରେ ସମସ୍ତେ ପ୍ରେରିତ ହୋଇ ଏକ ପେଡ୍ ମା’ କେ ନାମ ଅଭିଯାନରେ ଚାରାରୋପଣ ପାଇଁ ଆହ୍ୱାନ ଦେଇଥିଲେ। ଶ୍ରୀ ସାଏ କହିଥିଲେ ସମସ୍ତେ ଯଦି ମିଳିମିଶି ଚାରାରୋପଣ କରିବେ, ତେବେ ପରିବେଶରେ ସନ୍ତୁଳନ ରହିପାରିବ। ସେ ଆହୁରି କହିଥିଲେ ଯେ, ପରିବେଶକୁ ସୁରକ୍ଷିତ ରଖିବା ଏବଂ ପରବର୍ତ୍ତୀ ପିଢ଼ିକୁ ଏ ନେଇ ପ୍ରେରଣା ଯୋଗାଇବା ଏକ ଉପହାର ସଦୃଶ ହେବ। ଉଲ୍ଲେଖଯୋଗ୍ୟ ଯେ, ଶ୍ରୀ ସାଏ ବସ୍ତର ବିକାଶ ପ୍ରାଧିକରଣ ବୈଠକ ପରେ ହଠାତ୍ ବସ୍ତର ସିଆରପିଏଫ୍ ବାଟାଲିୟନ୍ ପରିସରକୁ ଯାଇ ଚାରାରୋପଣ କରିଥିଲେ। ଏହି ସମୟରେ ସିଆରପିଏଫ୍‌ର ସମସ୍ତ ଯବାନ ଉପସ୍ଥିତ ଥିଲେ।

## ବିଶ୍ୱ ମୃତ୍ତିକା ସମ୍ମିଳନୀକୁ ସମ୍ବୋଧିତ କଲେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ




ନୂଆଦିଲ୍ଲୀ: କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନ ମଙ୍ଗଳବାର ନୂଆଦିଲ୍ଲୀର ପୁସାରେ ଆୟୋଜିତ ବିଶ୍ୱ ମୃତ୍ତିକା ସମ୍ମିଳନୀ ୨୦୨୪କୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି ଯେ ଭାରତୀୟ ସଂସ୍କୃତିର ମୌଳିକ ମନ୍ତ୍ର ହେଉଛି ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଏକ ମିଳିତ ଚେତନାରେ ବିଶ୍ୱାସ। ଆମ ଋଷିମାନେ ଶିକ୍ଷା ଦେଇଛନ୍ତି ଯେ ସମସ୍ତଙ୍କ ମଧ୍ୟରେ କେବଳ ଗୋଟିଏ ସାର୍ବଜନୀନ ଚେତନା ଅଛି; ତେଣୁ ସମଗ୍ର ପୃଥିବୀ ଗୋଟିଏ ପରିବାର ଏବଂ ଆମେ ସମସ୍ତଙ୍କୁ ନିଜର ଭଳି ବ୍ୟବହାର କରିବା ଉଚିତ୍। ଏହି ଚେତନା କେବଳ ମନୁଷ୍ୟ ମଧ୍ୟରେ ସୀମିତ ନୁହେଁ ବରଂ ପଶୁଙ୍କ ପାଇଁ ମଧ୍ୟ ବ୍ୟାପିଥାଏ। ମାଟିରେ ମଧ୍ୟ ଏହା ରହିଛି ବୋଲି ସେ କହିଛନ୍ତି ଏବଂ ମାଟି ଜୀବହୀନ ନୁହେଁ ବରଂ ଜୀବନ୍ତ ବୋଲି ଗୁରୁତ୍ୱାରୋପ କରିଛନ୍ତି। ଆଜି ସମଗ୍ର ବିଶ୍ୱ ମାଟିର ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ। ଏହି ପୃଥିବୀ କେବଳ ଆମର ନୁହେଁ; ଏଥିରେ ପଶୁ ଓ ଉଦ୍ଭିଦଙ୍କର ମଧ୍ୟ ଅଧିକାର ରହିଛି। ଅଧିକ ଉତ୍ପାଦନକାରୀ ଫସଲ ଏବଂ ସେମାନଙ୍କ ପ୍ରଜାତି, ଉନ୍ନତ ଜଳସେଚନ କୌଶଳ ଏବଂ ଆଧୁନିକ କୃଷି ପ୍ରଣାଳୀ ଗ୍ରହଣ କରିବା ଦ୍ୱାରା ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ ହୋଇଛି। ଏହା ପରେ ରେନବୋ ବିପ୍ଳବ ଉଦ୍ୟାନ କୃଷି, ଦୁଗ୍ଧ, ଜଳଚାଷ, କୁକୁଡ଼ା ଏବଂ ଅନ୍ୟାନ୍ୟ କ୍ଷେତ୍ର ମାଧ୍ୟମରେ କୃଷିକୁ ଆହୁରି ବିବିଧ କରିଥିଲା ଏବଂ କୃଷିକୁ ଭାରତୀୟ ଅର୍ଥବ୍ୟବସ୍ଥାର ଏକ ମୁଖ୍ୟ ସ୍ତମ୍ଭରେ ପରିଣତ କରିଥିଲା। ଭାରତ ଏବେ ବାର୍ଷିକ ୩୩୦ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରୁଛି, ଯାହା ବିଶ୍ୱ ଖାଦ୍ୟ ବାଣିଜ୍ୟରେ ଉଲ୍ଲେଖନୀୟ ଯୋଗଦାନ ଦେଉଛି ଏବଂ ରପ୍ତାନି ଆୟରେ ୫୦ ବିଲିୟନ ଡଲାର ସୃଷ୍ଟି କରୁଛି। କାର୍ଯ୍ୟକ୍ରମରେ ନୀତି ଆୟୋଗ ସଦସ୍ୟ ପ୍ରଫେସର ରମେଶ ଚାନ୍ଦ, ଉଦ୍ଭିଦ ପ୍ରଜାତି ଓ କୃଷକ ଅଧିକାର ସୁରକ୍ଷା ପ୍ରାଧିକରଣର ଅଧ୍ୟକ୍ଷ ଡ. ତ୍ରିଲୋଚନ ମହାପାତ୍ର, ଡିଏଆରଇ ଓ ଆଇସିଏଆରର ପୂର୍ବତନ ସଚିବ ତଥା ଆଇସିଏଆର ଡିଜି ଡ. ହିମାଂଶୁ ପାଠକ, ଆଇସିଏଆରର ସଚିବ ତଥା ଆଇସିଏଆରର ମହାନିର୍ଦ୍ଦେଶକ ତଥା ଆଇଏସ୍‌ଏସ୍‌ଏସ୍‌ର ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

# ବାଣିଜ୍ୟ



ମୁମ୍ବାଇ: ଦେଶର ଅଗ୍ରଣୀ ଇଲେକ୍ଟ୍ରିକ୍ ଯାନ ନିର୍ମାତା ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ଲିମିଟେଡ୍ ପକ୍ଷରୁ ଭାରତର ଅଗ୍ରଣୀ ଦୁଇଚକିଆ ଯାନ ସର୍ଭିସ୍ ଶୃଙ୍ଖଳା ସ୍ପିଡ୍‌ଫୋର୍ସ ସହିତ ସହଯୋଗିତା ସ୍ଥାପନ କରାଯାଇଛି। ଏହି ସହଯୋଗିତାର ଲକ୍ଷ୍ୟ ହେଉଛି ଜୟ ଇ-ବାଇକ୍ ଗ୍ରାହକଙ୍କ ଲାଗି ବିକ୍ରି ପରବର୍ତ୍ତୀ ସେବା ଅନୁଭୂତିରେ ଉନ୍ନତି ଆଣିବା ଓ ଜାତୀୟ ସ୍ତରରେ ଉପସ୍ଥିତିକୁ ୧୦୦୦ରୁ ଅଧିକ ଟଚ୍‌ପଏଣ୍ଟକୁ ବଢ଼ାଇବା। ସ୍ପିଡ୍‌ଫୋର୍ସର ୩୫୦ରୁ ଅଧିକ ସ୍ଥାନରେ ଟଚ୍‌ପଏଣ୍ଟ ଥିବାବେଳେ ପ୍ରତି ଆଉଟ୍‌ଲେଟ୍ ପିଛା ମାସିକ ହାରାହାରି ୧୫୦ ଯାନର ସର୍ଭିସିଂ ହେଉଛି। ସହଯୋଗିତା ଜରିଆରେ ପ୍ରତି ମାସରେ ୫୦,୦୦୦ରୁ ଅଧିକ ଗ୍ରାହକଙ୍କ ପାଖରେ ପହଞ୍ଚିବାକୁ ଜୟ ଇ-ବାଇକ୍ ଲକ୍ଷ୍ୟ ରଖିଛି। ଏଥି ସହିତ ସ୍ପିଡ୍‌ଫୋର୍ସ ଆଉଟ୍‌ଲେଟ୍‌ରେ ଜୟ ଇ-ବାଇକ୍‌ର ସ୍ପେୟାର ପାର୍ଟସ୍, ଲୁବ୍ରିକ୍ୟାଣ୍ଟ ଓ ବୈଷୟିକ ସହାୟତା ସୁବିଧା ରହିବ ଯାହା ଦ୍ୱାରା ଗ୍ରାହକମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମରାମତି ସୁବିଧା ପାଇପାରିବେ। ଏହି ସହଯୋଗିତା ଦେଶର ଉତ୍ତରପୂର୍ବ ଭାରତର ଗ୍ରାହକମାନେ ବିଶେଷ ଭାବେ ଉପକୃତ ହେବେ। ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟିର ଅଧ୍ୟକ୍ଷ ତଥା ପରିଚାଳନ ନିର୍ଦ୍ଦେଶକ ଯତିନ୍ ଗୁପ୍ତେ କହିଛନ୍ତି ଯେ, ଆମ ସହଯୋଗୀଙ୍କୁ ସମର୍ଥନ ଓ ନୂତନ ବଜାରକୁ ସମ୍ପ୍ରସାରଣ ଜରିଆରେ ଜୟ ଇ-ବାଇକ୍ ଅନୁଭୂତିରେ ଉନ୍ନତି ଆଣିବାକୁ ଆମେ ପ୍ରତିବଦ୍ଧ ରହିଛୁ। ସ୍ପିଡ୍‌ଫୋର୍ସର ନିର୍ଦ୍ଦେଶ କପିଲ ଭିଣ୍ଡି କହିଛନ୍ତି ଯେ, ସାରା ଭାରତରେ ଇଭି ସେବାର ସମ୍ପ୍ରସାରଣ କରି କାର୍ବନ ନିର୍ଗମ କମ୍ କରିବାରେ ୱାର୍ଡୱିଜାର୍ଡ ସହ ଯୋଡ଼ି ହୋଇଥିବାରୁ ଆମେ ଅତ୍ୟନ୍ତ ଉତ୍ସାହିତ।

## ଏସ୍‌ବିଆଇ ପକ୍ଷରୁ ହର୍ନିମାନ୍ ସର୍କଲ୍ ଶାଖାର ଶତବାର୍ଷିକୀ ପାଳିତ




ନୂଆଦିଲ୍ଲୀ: ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁମ୍ବାଇସ୍ଥିତ ହର୍ନିମାନ୍ ସର୍କଲ୍ ଶାଖାର ଶତବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଅର୍ଥ ଓ କର୍ପୋରେଟ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଏକ ୧୦୦ ଟଙ୍କିଆ ସ୍ମାରକୀ ମୁଦ୍ରା ଉନ୍ମୋଚନ କରିଛନ୍ତି। ଏଥି ସହ ସେ ଦି ଇଭଲ୍ୟୁସନ୍ ଅଫ୍ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପଞ୍ଚମ ସଂସ୍କରଣକୁ ଉନ୍ମୋଚନ କରିଛନ୍ତି ଯେଉଁଥିରେ ବ୍ୟାଙ୍କର ୧୯୮୧ରୁ ୧୯୯୬ ପର୍ଯ୍ୟନ୍ତର ଯାତ୍ରାର ଦସ୍ତାବିଜ ରହିଛି। ଏହି ଅବସରରେ ଆର୍ଥିକ ସେବା ବିଭାଗର ସଚିବ ଏମ ନାଗରାଜୁ ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଭାରତର ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ, ଏସବିଆଇର ଉଲ୍ଲେଖନୀୟ ଯାତ୍ରା, ଏହାର ଆଇକନିକ ଶାଖାର ଶତବାର୍ଷିକୀ ଉତ୍ସବରେ ପରିଣତ ହୋଇଛି ଯାହା ଅଭିବୃଦ୍ଧି ଏବଂ ସେବାର ଏକ ଅସାଧାରଣ ପରମ୍ପରାକୁ ପ୍ରତିଫଳିତ କରୁଛି। ଡେବିଟ୍ କାର୍ଡ ଖର୍ଚ୍ଚରେ ଏସବିଆଇର ଅଂଶ ୨୫%, ମୋବାଇଲ, ବ୍ୟାଙ୍କିଙ୍ଗ୍ କାରବାରରେ ୨୨% ଏବଂ ଏଟିଏମ୍‌ରେ ୨୯% ରହିଛି। ଏସବିଆଇର ଅବଦାନ ପରିସଂଖ୍ୟାନଠାରୁ ବହୁ ଦୂରରେ ରହିଛି- ଏହା ଅତ୍ୟାଧୁନିକ ଡିଜିଟାଲ ଜ୍ଞାନକୌଶଳ ବ୍ୟବହାର କରି ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ସୁନିଶ୍ଚିତ କରି ଭାରତର ବ୍ୟାଙ୍କିଙ୍ଗ୍ ଦୃଶ୍ୟପଟକୁ ପରିବର୍ତ୍ତନ କରିଛି। ଆଧୁନିକତା ସହ ପରମ୍ପରାକୁ ଯୋଡ଼ିବାର ଯାତ୍ରା ଐତିହ୍ୟ ଶାଖାର ସଂରକ୍ଷଣରେ ପ୍ରତିଫଳିତ ହେଉଥିବା ବେଳେ ୟୋନୋ ଭଳି ଏହାର ପ୍ରମୁଖ ଡିଜିଟାଲ ପ୍ଲାଟଫର୍ମ ବିଶ୍ୱସ୍ତରରେ ଭାରତର ଫିନଟେକ୍ ଦକ୍ଷତାକୁ ପ୍ରଦର୍ଶିତ କରୁଛି। ଜନଧନ ଯୋଜନା, ପିଏମ ସୁରକ୍ଷା ଯୋଜନା ଏବଂ ଅଟଳ ପେନସନ ଯୋଜନା ଭଳି ପଦକ୍ଷେପରେ ଏସବିଆଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ଦେଶର ଦୁର୍ଗମ କୋଣ ଅନୁକୋଣରେ ମଧ୍ୟ ନାଗରିକଙ୍କ ପାଖରେ ବ୍ୟାଙ୍କ ସେବା ପହଞ୍ଚାଇବାରେ ସଫଳତାକୁ ଦର୍ଶାଉଛି। ଏସ୍‌ବିଆଇର ଅଧ୍ୟକ୍ଷ ସି.ଏସ୍ ସେଟ୍ଟି କହିଛନ୍ତି ଯେ, ଏସ୍‌ବିଆଇ ଏହାର ଗୌରବମୟ ପରମ୍ପରାକୁ ପ୍ରତିଫଳିତ କରୁଥିବା ବେଳେ ଆମେ ଭାରତର ଆର୍ଥିକ ଅଭିବୃଦ୍ଧିର ଏକ ମୂଳଦୁଆ ହୋଇ ଗର୍ବ ଅନୁଭବ କରୁଛୁ, ଅର୍ଥନୈତିକ ପ୍ରଗତିକୁ ପ୍ରୋତ୍ସାହିତ କରୁଛୁ ଏବଂ ପୁନଃ ପରିକଳ୍ପିତ କରିଥିବା ପରିବର୍ତ୍ତନଶୀଳ ବ୍ୟାଙ୍କିଙ୍ଗ୍ ଉଦ୍ଭାବନର ଅଗ୍ରଣୀ ରହିଛୁ।

## ରୟାଲ ୱେଡ଼ିଂ ଟ୍ରେଜର୍ସର ଶୁଭାରମ୍ଭ

ନୂଆଦିଲ୍ଲୀ: ଲୁଇ ଫିଲିପ୍, ଆଦିତ୍ୟ ବିର୍ଲା ଫ୍ୟାସନ ଆଣ୍ଡ ରିଟେଲ ଲିମିଟେଡ଼ର ଅଂଶବିଶେଷ ଭାବରେ ଭାରତର ଏକ ଅଗ୍ରଣୀ ପ୍ରିମିୟମ ପୁରୁଷ ପରିଧାନ ବ୍ରାଣ୍ଡର ରୟାଲ ୱେଡ଼ିଂ ଟ୍ରେଜରସ ସମ୍ଭାରର ଶୁଭାରମ୍ଭ ଅତି ଗର୍ବର ସହିତ ଘୋଷଣା କରୁଛି ଯାହାକି ଆଧୁନିକ ବର ପାଇଁ ପ୍ରସ୍ତୁତ ଯେ କି ସମସାମୟିକ ଷ୍ଟାଇଲକୁ ଗ୍ରହଣ କରୁଥିବା ବେଳେ ପାରମ୍ପରିକ ଷ୍ଟାଇଲକୁ ଆଦରି ନେବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ଏହି ସମ୍ଭାର ବ୍ରାଣ୍ଡର ଅଦ୍ୱିତୀୟ କଳାକୃତିକୁ ଉତରାଧିକାରୀ ସୂତ୍ରର ଏକ ପ୍ରମାଣ ତଥା ଆଧୁନିକତାକୁ ପରିମାର୍ଜିତ କରିବା ସହିତ ଆଜିର ବର ଏହାକୁ ନେଇ ସୁନିଶ୍ଚିତ ହେବା ସହିତ ଏହା ଏହି ବିଶେଷ ଦିବସରେ ସେମାନଙ୍କର ବିଶ୍ୱାସ ଏବଂ ସୌନ୍ଦର୍ଯ୍ୟତାକୁ ବୃଦ୍ଧି କରିପାରିଛି। ଫରିଦା କଲିଆଦାନ, ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ, ଲୁଇ ଫିଲିପ୍, ଏହି ସମ୍ଭାର ଉପରେ ମନ୍ତବ୍ୟ ରଖି କହିଛନ୍ତି, ଲୁଇ ଫିଲିପ୍‌ରେ ଆମେ ବିବାହକୁ ବ୍ୟକ୍ତିଗତ ଅଭିବ୍ୟକ୍ତି



ଉର୍ଦ୍ଧ୍ୱକୁ ଯାଇ ପାରମ୍ପରିକ ଉପରେ ବିଶ୍ୱାସ କରୁ। ଏହି ସମ୍ଭାରର ପ୍ରସ୍ତୁତି ଭାବନାକୁ ସମ୍ମାନ ଦେବା ସହିତ ବିବାହ ବେଦୀକୁ ଯାଉଥିବା ବର ପାଇଁ ଶୋଭାବର୍ଦ୍ଧନ ତଥା ଉପଯୁକ୍ତତାର ମିଶ୍ରଣ, ମହାନତା ତଥା ସମସାୟିକ ଫ୍ୟାସନକୁ ଉଜ୍ଜିବୀତ କରିପାରିଛି। ସେହିମାନେ ଯେଉଁମାନେ କି ନିଖୁଣ ଐତିହ୍ୟ ତଥା ସମସାମୟିକ ସୁନ୍ଦରତା ଉପେର ଇଚ୍ଛା ପ୍ରକଟ କରିଥାନ୍ତି ଏହି ସମ୍ଭାର ସେମାନଙ୍କୁ ଟୁ-ପିସ୍ ଏବଂ ଥ୍ରୀ-ପିସ୍ ସୁଟ୍ ତଥା ଉତ୍ସବମୁଖରିତ ସାଟର୍ରେ ଅକ୍ଷୟତାକୁ ପ୍ରଦାନ କରିପାରିବ। ଏହି ପରିପାଟିର ସ୍ୱାଦ ବ୍ରାଣ୍ଡଟିକୁ ଏକ କ୍ଲାସିକ୍ ଦକ୍ଷତାପୂର୍ଣ୍ଣ ପୋଷାକର ନୂତନ ସମ୍ଭାର ତଥା ଅଭିନବ ଗଠନ ଦେବା ସହିତ ବରଟିକୁ ଏଥିପାଇଁ ଅତ୍ୟାଧୁନିକ ଭାବେର ସଜାଇ ପାରିବ। ଏହି ସମ୍ଭାରେର ରହିଥିବା ରଙ୍ଗର ପରିଭାଷା ଗାଢ଼ ରୟାଲ ବ୍ଲୁ ଏବଂ ଭରପୁର ସବୁଜଠାରୁ ନେଇ କ୍ଲାସିକାଲ ଆଇଭରି ଏବଂ ସ୍ୱର୍ଣ୍ଣ ରଙ୍ଗର ଭାଷା ରହିଥିବା ବେଳ ଏଥିରେ ଉଭୟ ଗାଢ଼ ଏବଂ ପାରମ୍ପରିକ ବିବାହ ଫ୍ୟାସନଯୁକ୍ତ କଳା ଫୁଟି ଉଠିଥିବା ବେଳେ ଏହା ଉଭୟ ମହାନତା ଏବଂ ସମୟହୀନ ଅନୁଭୂତି ପରିପ୍ରକାଶ କରିପାରିବ।

## ଟାଟା ପାୱାର ପକ୍ଷରୁ ରାଜ୍ୟସ୍ତରୀୟ ଉର୍ଜା ମେଳା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶକ୍ତି ସଂରକ୍ଷଣ ଏବଂ ସ୍ୱଚ୍ଛ ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଟାଟା ପାୱାର ପକ୍ଷରୁ ଭୁବନେଶ୍ୱରରେ ପ୍ରଥମ ରାଜ୍ୟସ୍ତରୀୟ ଉର୍ଜାମେଳା ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମଗ୍ର ଓଡ଼ିଶାର ୪୭୦ରୁ ଅଧିକ ଛାତ୍ରଛାତ୍ରୀ ସାମିଲ ହୋଇଛନ୍ତି। ଜାତୀୟ ଶକ୍ତି ସଂରକ୍ଷଣ ସପ୍ତାହ ପାଳନ ଅବସରରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମ ଟାଟା ପାୱାରର କ୍ଲବ ଏନର୍ଜୀ ପଦକ୍ଷେପର ଏକ ଅଂଶ। ଓଡ଼ିଶା ଉର୍ଜାମେଳାରେ ବିଜ୍ଞାନ ପ୍ରଦର୍ଶନୀ, ବେଷ୍ଟ ଆଉଟ୍ ଅଫ୍ ୱେଷ୍ଟ ମଡେଲ, ଚିତ୍ରାଙ୍କନ, କୁଇଜ୍ ଏବଂ ପ୍ରବନ୍ଧ ପ୍ରତିଯୋଗିତା ସମେତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଛାତ୍ରଛାତ୍ରୀମାନଙ୍କୁ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଦକ୍ଷ ପରିବେଶ ପରିଚାଳନା, ସମ୍ବଳର ଗୁରୁତ୍ୱ ଏବଂ ଅଭିନବ ଉପାୟ ଗ୍ରହଣ କରିବାକୁ ଉତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଟାଟା ପାୱାରର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ତଥା ସ୍ଥାୟୀତ୍ୱ ଓ ସିଏସ୍‌ଆର ମୁଖ୍ୟ ହିମାଲ ତିୱାରୀଙ୍କ ସମେତ ପଦ୍ମଶ୍ରୀପ୍ରାପ୍ତ ସାବରମତୀ ଟିକି ଏବଂ ୟୁନିସେଫ୍, ୟୁଏନ୍‌ଡିପି, ଟାଟା ଷ୍ଟିଲ୍, ଆଇଏଚ୍‌ସିଏଲ୍, ଟିସିଏସ୍ ଏବଂ ଟାଟା ଷ୍ଟ୍ରାଇଭର ପ୍ରତିନିଧିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଆଦିତ୍ୟ ବିର୍ଲା ଗ୍ରୁପ୍, ଏଲ୍‌ଟିଆଇ ମାଇଣ୍ଡଟ୍ରି, ଜେଏସ୍‌ଏଲ୍, ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ୍ ଏବଂ ଲାଇଟ୍ ହାଉସ୍ ଫାଉଣ୍ଡେସନ୍ ଭଳି କର୍ପୋରେଟ୍ ଏବଂ ଏନ୍‌ଜିଓମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ହିମାଲ ତିୱାରୀ କହିଛନ୍ତି ଯେ, ଟାଟା ପାୱାରର ମିଶନର ମୂଳରେ ସ୍ଥାୟିତ୍ୱ ରହିଛି। ଉର୍ଜାମେଳା ଜରିଆରେ ଆମେ ଏକ ସବୁଜ, ସମାବେଶୀ ଭବିଷ୍ୟତ ଗଠନ କରିବା ପାଇଁ ଯୁବପିଢ଼ିଙ୍କୁ ସଶକ୍ତ କରୁଛୁ।

## ଖାନ୍ ଏକାଡେମୀର ଏଆଇ ଟୁଲ୍ ଖାନ୍ମିଗୋ ଆରମ୍ଭ

ନୂଆଦିଲ୍ଲୀ: ଯେକୌଣସି ସ୍ଥାନରେ ଯେକୌଣସି ସ୍ଥାନରେ ଯେକୌଣସି ବ୍ୟକ୍ତିଙ୍କୁ ଦେୟମୁକ୍ତ, ବିଶ୍ୱସ୍ତରୀୟ ଶିକ୍ଷା ପ୍ରଦାନ ପାଇଁ ପ୍ରତିଶ୍ରୁତିବଦ୍ଧ ଥିବା ଖାନ୍ ଏକାଡେମୀ, ୧୪ ନଭେମ୍ବର ୨୦୨୪ରୁ ଭାରତର ସମସ୍ତ ଶିକ୍ଷକଙ୍କ ପାଇଁ ମାଗଣା, ଏଆଇ ଚାଳିତ ଟୁଲ୍ ଖାନ୍ମିଗୋ ଲଞ୍ଚ୍ କରିବାକୁ ଘୋଷଣା କରିଛି। ଏହି ଶୁଭାରମ୍ଭ ଅବସରରେ ଶିକ୍ଷକମାନେ ଦେୟମୁକ୍ତ ଭାବରେ ଖାନ୍ମିଗୋକୁ ଶିକ୍ଷା ସହାୟକ ଭାବେ ବ୍ୟବହାର କରିପାରିବେ। ଏହା ଉଭୟ ଇଂରାଜୀ ଏବଂ ହିନ୍ଦୀରେ ଉପଲବ୍ଧ ଅଟେ, ଏବଂ ଖାନ୍ମିଗୋ ଏକ ଏଆଇ ଶିକ୍ଷା ସହାୟକ ଅଟେ ଏବଂ ଶିକ୍ଷାର୍ଥୀଙ୍କ ପାଇଁ ଏକ ପ୍ରଶିକ୍ଷକ ଅଟେ ଯାହାକୁ ଶିକ୍ଷକଙ୍କ ଦକ୍ଷତା ଏବଂ ଛାତ୍ରଛାତ୍ରୀଙ୍କ ଶିକ୍ଷଣକୁ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି।

Khan Academy

ଖାନ୍ ଏକାଡେମୀ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶିକା ସ୍ୱାତୀ ବାସୁଦେବନ ଖାନ୍ମିଗୋର ଉନ୍ମୋଚନ ଅବସରରେ କହିଛନ୍ତି, ଶିଶୁ ଦିବସର ବିଶେଷ ଅବସରରେ ଆମେ ସାରା ଭାରତର ଶିକ୍ଷକଙ୍କ ପାଇଁ ଖାନ୍ମିଗୋକୁ ଦେୟମୁକ୍ତ ଭାବରେ ଉପଲବ୍ଧ କରାଇଥିବାରୁ ଆନନ୍ଦିତ। ଆମେ ବିଶ୍ୱାସ କରୁ ଶିକ୍ଷକମାନେ ପ୍ରତ୍ୟେକ ପିଲାଙ୍କ ସାମର୍ଥ୍ୟକୁ ଉନ୍ମୋଚନ କରିବାର ଚାବିକାଠି ଅଟନ୍ତି ଏବଂ ଖାନ୍ମିଗୋ ପ୍ରଦାନ କରି ଆମେ ଶିକ୍ଷକଙ୍କୁ ସଶକ୍ତ କରୁଛୁ ଯାହା ଦ୍ୱାରା ପ୍ରତ୍ୟେକ ଶିକ୍ଷାର୍ଥୀ ଏକ ବ୍ୟକ୍ତିଗତ ଏବଂ ପ୍ରଭାବଶାଳୀ ଶିକ୍ଷଣ ଅଭିଜ୍ଞତା ପାଇବେ। ଆମର ଲକ୍ଷ୍ୟ ହେଉଛି ପ୍ରଯୁକ୍ତି ବିଦ୍ୟାର ଉପଲବ୍ଧତାର ପ୍ରତିବନ୍ଧକକୁ ଭାଙ୍ଗିବା, ଯାହା ଦ୍ୱାରା ଶିକ୍ଷକମାନେ ଭାରତର ପିଲାଙ୍କୁ ସେମାନଙ୍କର ପୂର୍ଣ୍ଣ ସାମର୍ଥ୍ୟରେ ପହଞ୍ଚିବା ପାଇଁ ପ୍ରେରଣା ଏବଂ ସହାୟତା କରିପାରିବେ।

## କୋଟାରେ ଛାତ୍ରଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଭକ୍ତି ଏବଂ ମୂଲ୍ୟବୋଧର ଏକ ନିଆରା ପର୍ବ




କୋଟା: ରବିବାର ଦିନ କ୍ୟାରିୟର ଏବଂ କେୟାର ସିଟି, ଶିକ୍ଷା କାଶୀ, କୋଟାରେ ଦିନଟି ପୁଣି ସ୍ମରଣୀୟ ହୋଇଗଲା। ଏଠାରେ ସର୍ବଶ୍ରେଷ୍ଠ ପ୍ରଶିକ୍ଷଣ, ଭକ୍ତି ଏବଂ କୋଚିଂ ଛାତ୍ରମାନଙ୍କ ପାଇଁ ମୂଲ୍ୟଗୁଡିକ ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍ ଦ୍ୱାରା ଆୟୋଜିତ ହୋଇଥିଲା। ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ ଏବଂ ଗଣିତ ପ୍ରଶ୍ନରେ ବ୍ୟସ୍ତ ରହି କୋଟା କୋଚିଂର ଛାତ୍ରମାନେ ରବିବାର ଦିନ ଏକ ଭିନ୍ନ ରଙ୍ଗରେ ବୁଡି ରହିଥିବାର ନଜର ଆସିଥିଲେ। ବିଜ୍ଞାନ ଛାତ୍ରମାନେ ଆଧ୍ୟାତ୍ମିକ ଭାବନାରେ ବୁଡି ରହିଥିଲେ। କୋଟା ଇନ୍ଦ୍ରପ୍ରଥା ଇଣ୍ଡଷ୍ଟ୍ରିଆଲ୍ ଏରିଆର ରୋଡ୍ ନମ୍ବର ୧ରେ ଅବସ୍ଥିତ ଆଲେନ୍ ଉତ୍କଳ ଭାଟିକା ଠାରେ ଆଲେନ୍ ସଂସ୍କାର ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଯାହାଙ୍କୁ ଶ୍ରୀ ଶ୍ରୀ ଘନଶ୍ୟାମାଚାର୍ଯ୍ୟଜୀ ମହାରାଜ ମୂଲ୍ୟବୋଧରୁ ସଫଳତା ପର୍ଯ୍ୟନ୍ତ ମାର୍ଗଦର୍ଶନ ଦେଇଥିଲେ। ବିଜ୍ଞାନ ଏବଂ ଆଧ୍ୟାତ୍ମିକତାର ମିଳନର କୋଟାରେ ଏହା ଏକ ନିଆରା ବିଦ୍ୟାଳୟ ଥିଲା, ଯେଉଁଥିରେ ଭବିଷ୍ୟତର ଡାକ୍ତର ଏବଂ ଇଞ୍ଜିନିୟରମାନେ ଭଜନରେ ନାଚିଲେ ଏବଂ ଜୀବନର ମୂଲ୍ୟବୋଧର ମହତ୍ତ୍ୱକତ ବୁଝିବା ପାଇଁ ମାର୍ଗଦର୍ଶନ ଗ୍ରହଣ କଲେ। ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଲକ୍ଷ ଲକ୍ଷ ଛାତ୍ରଙ୍କ ଦ୍ୱାରା ସଂସ୍କାର ମହୋତ୍ସବଙ୍କୁ ଲାଇଭ୍ ଦେଖାଯାଇଥିଲା। ଇଞ୍ଜିନିୟର ଏବଂ ଡାକ୍ତର ଭାବରେ କ୍ୟାରିୟର କରିବାକୁ ଅଧ୍ୟୟନ କରୁଥିବା ଦେଶର ହଜାର ହଜାର ଛାତ୍ରଙ୍କ ପାଇଁ ଏହି ଦିନ ସ୍ମରଣୀୟ ହୋଇଥିଲା। ଏହି ଅବସରରେ ଆଲେନ୍ ନିର୍ଦ୍ଦେଶକ ଡ. ଗୋବିନ୍ଦ ମହେଶ୍ୱରୀ, ରାଜେଶ ମହେଶ୍ୱରୀ, ଡକ୍ଟର ନବୀନ ମହେଶ୍ୱରୀ ଏବଂ ଡକ୍ଟର ବ୍ରିଜେଶ ମହେଶ୍ୱରୀ ଉପସ୍ଥିତ ଥିଲେ।

## ଆମାଜନ୍ ଡଟ୍ ଇନ୍ ପକ୍ଷରୁ କ୍ରିଏଟର୍ ସେଣ୍ଟ୍ରାଲ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ: ଭାରତରେ କଣ୍ଟେଣ୍ଟ କ୍ରିଏଟରଙ୍କୁ ସଶକ୍ତ କରିବା ଲାଗି ଏକ ବ୍ୟାପକ ପ୍ଲାଟଫର୍ମ କ୍ରିଏଟର ସେଣ୍ଟ୍ରାଲ୍‌କୁ ଆମାଜନ୍ ଡଟ୍ ଇନ୍ ପକ୍ଷରୁ ଶୁଭାରମ୍ଭ କରାଯାଇଛି ଯାହା କ୍ରିଏଟରଙ୍କୁ ବୈଷୟିକ ଜଟିଳତା ବିଷୟରେ ବିଶେଷ ଚିନ୍ତା ନକରି ନିଜର ସୃଜନଶୀଳତା ଉପରେ ଧ୍ୟାନ ଦେବାକୁ ସଶକ୍ତ କରିବ। ଆମାଜନ୍ ଇନଫ୍ଲୁଏନ୍‌ସର୍ ପ୍ରୋଗ୍ରାମ୍ ସହ ଯୋଡି ହୋଇଥିବା ୫୦,୦୦୦ରୁ ଅଧିକ କ୍ରିଏଟରଙ୍କ ଲାଗି ଆସନ୍ତା କିଛି ସପ୍ତାହ ମଧ୍ୟରେ କ୍ରିଏଟର୍ ସେଣ୍ଟ୍ରାଲ୍‌ର ଶୁଭାରମ୍ଭ କରାଯିବ। କ୍ରିଏଟର ସେଣ୍ଟ୍ରାଲ୍ ଜରିଆରେ ଆମାଜନ୍ ଆପ୍‌ରେ କ୍ରିଏଟର୍‌ମାନେ ଆଇଡିଆ ତାଲିକା, ଫଟୋ ଓ ଭିଡିଓ ଆଦି ପ୍ରସ୍ତୁତ କରି ତାହାକୁ ନିଜର ବ୍ୟକ୍ତିଗତ ଷ୍ଟୋରରେ ଅପ୍‌ଲୋଡ୍ କରିପାରିବେ। ଏ ସମ୍ପର୍କରେ ଆମାଜନ୍‌ର ଭାରତ ଓ ଉଦୀୟମାନ ବଜାରର ସପିଂ ଅଭିଯାନର ନିର୍ଦ୍ଦେଶକ ଜାହିଦ୍ ଖାନ୍ କହିଛନ୍ତି ଯେ, ଭାରତୀୟ କଣ୍ଟେଣ୍ଟ କ୍ରିଏଟରଙ୍କୁ ସଶକ୍ତ କରିବା ଲାଗି ପ୍ରସ୍ତୁତ କରାଯାଇଥିବା ଏକକ ପ୍ଲାଟଫର୍ମ ହେଉଛି ସେଣ୍ଟ୍ରାଲ୍ କ୍ରିଏଟର।

## ଖଣ୍ଡଗିରିରେ ଖୋଲିଲା ଷ୍ଟାଇଲ ବଜାର୍‌ର ନୂତନ ଷ୍ଟୋର୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ଖଣ୍ଡଗିରିଠାରେ ପ୍ରଥମ ଥର ଷ୍ଟାଇଲ ବଜାର୍‌ର ନୂତନ ଷ୍ଟୋର୍ ଖୋଲିଯାଇଛି, ଯେଉଁଠାରେ କି ପୁରୁଷ, ମହିଳା ଓ ଶିଶୁମାନଙ୍କ ପାଇଁ ବିଶାଳ ରେଞ୍ଜର ଷ୍ଟାଇଲିଶ୍ ପୋଷାକ ମିଳୁଛି। ତାହାବି ଆକର୍ଷଣୀୟ ଉପହାର ସହିତ। ଆହୁରି ମଧ୍ୟ ଅନେକ ପ୍ରକାରର ଘରକରଣା ଉପକରଣ ସହ ଗୃହ ସାଜସଜ୍ଜାର ମଧ୍ୟ ଅନେକ ସାମଗ୍ରୀ ମିଳୁଛି। ଏଠାରେ ୯୯୯ର କିଣାକିଣିରେ ଲକି ଡ୍ରର ସୁଯୋଗ ମିଳୁଛି ଯେଉଁଥିରେ କି ଆପଣମାନେ ଜିତିପାରିବେ ବାଇକ୍, ସ୍କୁଟି, ଟିଭି, ଫ୍ରିଜ୍, ତଥା ସୁନା ଓ ଚାନ୍ଦିର କଏନ୍ ଜିତିବାର ସୁଯୋଗ ପାଇପାରିବେ। ଆହୁରି ମଧ୍ୟ ୯୯୯/-ଖରିଦ କଲେ ଏକ କପ୍ ସେଟ୍ ସମ୍ପୂର୍ଣ୍ଣ ମାଗଣା ମିଳିବ। ୧୯୯୯/-ଖରିଦ କଲେ ୪୯୯ର ହୋମ୍ ଫୋକସ୍ ଟାଓଲ୍ ସେଟ୍ ୯୯ମିଳିବ, ୩୯୯୯-ଖରିଦ କଲେ ୯୯୯ର ହୋମ୍ ଫୋକସ୍ ବେଡ୍ ସିଟ୍ ୧୯୯/-ମିଳିବ, ୪୯୯୯/-ଖରିଦ କଲେ ୧୧୦୦୦/-ଭିଆଇପି ହାର୍ଡ଼ ଟ୍ରୋଲି ୯୯୯/-ମିଳିବ। ମଙ୍ଗଳବାର ମା’ ବାରଭୂଜା ମାର୍କେଟ କମ୍ପ୍ଲେକ୍ସ ନିକଟରେ ଥିବା ଷ୍ଟାଇଲ ବଜାରର ଉଦ୍‌ଘାଟନୀ ଉତ୍ସବରେ କମ୍ପାନୀ ନିର୍ଦ୍ଦେଶକ ଭଗବାନ ପ୍ରସାଦ, ମନୋରଂଜନ ପରିଡା ଏରିଆ ମ୍ୟାନେଜର୍, ଷ୍ଟାଇଲ୍ ବଜାର ଷ୍ଟୋର ମ୍ୟାନେଜର ଶୁଭମ୍ କୁମାର ସାହୁ, ବିଶିଷ୍ଟ ସମାଜସେବୀ ଅବସରପ୍ରାପ୍ତ ଓଏଏସ ଦିବାକର ଦାସ, ଗୋବିନ୍ଦ ପଟେଲ, ଓଡିଶୀ ନୃତ୍ୟଶିଳ୍ପୀ ପ୍ରତିଭା ପଣ୍ଡା, ଦିଲ୍ଲୀପ ଦାସ, ପ୍ରମୋଦ କୁମାର ଦାସ ଉପସ୍ଥିତ ଥିଲେ।



ନୂଆଦିଲ୍ଲୀ: ଆଇପିଏଲ ୨୦୨୫ ମେଗା ନିଲାମ ୨୪ ଓ ୨୫ ନଭେମ୍ବରରେ ସାଉଦି ଆରବର ଜେଦାହରେ ଆୟୋଜିତ ହେବ। ଏହା ପୂର୍ବରୁ ଫ୍ରାଞ୍ଚାଇଜରମାନେ ରିଟେନ କରିଥିବା ଖେଳାଳିଙ୍କ ନାମ ଘୋଷଣା କରି ସାରିଛନ୍ତି। ରିଷଭ ପନ୍ତ ଓ ଶ୍ରେୟାଶ ଆୟାରଙ୍କ ଏଥର ନିଲାମରେ ବେଶ ଚାହିଦା ରହିବ ବୋଲି ଅନୁମାନ କରାଯାଉଛି। ପନ୍ତଙ୍କ ଆକ୍ରମଣାତ୍ମକ ବ୍ୟାଟିଂ ଓ ୱିକେଟ କିପିଂ ଦକ୍ଷତା ତାଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରୁଛି। ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ରିଟେନ ନକରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ସେହିପରି ଚାମ୍ପିୟନ କେକେଆର ମଧ ଶ୍ରେୟାଶଙ୍କୁ ରିଟେନ କରି ନାହିଁ। ଉଭୟ ଖେଳାଳି ୨୫ କୋଟି ମାର୍କ ଛୁଇଁବେ ବୋଲି ଆଶା କରାଯାଉଛି। ଆଇପିଏଲ ୨୦୨୪ରେ ମିଚେଲ ଷ୍ଟାର୍କଙ୍କୁ କେକେଆର ୨୪.୭୫ କୋଟିରେ କିଣି ରେକର୍ଡ କରିଥିଲା। ଇଂଲଣ୍ଡର ଜୋସ ବଟଲର ଓ କେଏଲ ରାହୁଲଙ୍କୁ ନେବା ପାଇଁ ଫ୍ରାଞ୍ଚାଇଜରଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇପାରେ। ମହମ୍ମଦ ସାମୀଙ୍କୁ ନେବା ପାଇଁ ଅଧିକାଂଶ ଟିମ ଆଗ୍ରହୀ ଥିଲେ ମଧ ବାରମ୍ବାର ଆଘାତ ସମସ୍ୟା ତାଙ୍କୁ ଅସୁବିଧାରେ ପକାଇପାରେ ବୋଲି ଅନୁମାନ କରାଯାଉଛି। ଏବେ ସେ ନିଜକୁ ଫିଟ ଘୋଷିତ କରିଥିବାରୁ ତାଙ୍କୁ ନେବା ପାଇଁ ଦୁଇରୁ ତିନି ଟି ଟିମ ବେଶ ଆଗ୍ରହୀ ଅଛନ୍ତି ।

## ଆଇପିଏଲ୍ ୨୦୨୫: ଆର୍‌ସିବିର ନୂଆ ବୋଲିଂ କୋଚ୍ ହେଲେ ଓଁକାର



ନୂଆଦିଲ୍ଲୀ : ୨୦୨୫ ଆଇପିଏଲ ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓଁକାର ସାଲଭିଙ୍କୁ ବୋଲିଂ କୋଚ ଭାବେ ନିଯୁକ୍ତ କରିଛି। ମୁମ୍ବାଇ ରଣଜୀ ଟ୍ରଫି ଓ ଇରାନୀ କପ୍ ନିକଟରେ ଜିତିଥିଲା। ଏହି ସମୟରେ ଓଁକାର ମୁମ୍ବାଇ ଟିମର ମୁଖ୍ୟ କୋଚ୍ ରହିଥିଲେ। ତାଙ୍କ ତତ୍ତ୍ୱାବଧାନରେ ମୁମ୍ବାଇ ଭଲ ପ୍ରଦର୍ଶନ କରିଥିବାରୁ ଆରିସିବି ତାଙ୍କୁ ବୋଲିଂ କୋଚ ଭାବେ ଦାୟିତ୍ୱ ଦେଇଛି। ଘରୋଇ କ୍ରିକେଟରେ ବେଶ ପରିଚିତ ଓଁକାର ୨୦୨୪ରେ କୋଲକାତା ନାଇଟ ରାଇଡର୍ସ ସହ ମଧ ଆସିସଷ୍ଟାଣ୍ଟ କୋଚ ଭାବେ କାମ କରିଥିଲେ। ଆଇପିଏଲରେ ତାଙ୍କର ଅଭିଜ୍ଞତା ରହିଥିବାରୁ ଆରସିବି ତାଙ୍କୁ ୨୦୨୫ର ବୋଲିଂ କୋଚ୍ ଦାୟିତ୍ୱ ଦେଇଛି। ଆରସିବି ପକ୍ଷରୁ କୁହାଯାଇଛି ଯେ ‘ବର୍ତ୍ତମାନ ମୁମ୍ବାଇର ମୁଖ୍ୟ କୋଚ ଭାବେ କାମ କରୁଥିବା ଓଁକାର ସାଲଭିଙ୍କୁ ଆରସିବିର ବୋଲିଂ କୋଚ କରାଯାଇଛି। ଗତ ୮ ମାସ ମଧ୍ୟରେ ଓଁକାର ରଣଜୀ ଟ୍ରଫି, ଇରାନୀ ଟ୍ରଫି ଓ ଆଇପିଏଲ ଟ୍ରଫି ଜିତିଛନ୍ତି। ଘରୋଇ ଋତୁର ଡ୍ୟୁଟି ଶେଷ ହେବା ପରେ ସେ ଆମ ସହ ଯୋଡ଼ି ହେବାକୁ ବେଶ ଉତ୍ସାହି।’ ବର୍ତ୍ତମାନ ରଣଜୀ ସିଜିନର ପ୍ରଥମ ହାଫ ଶେଷ ହୋଇଛି। ଜାନୁଆରୀ ୨୩ରୁ ଦ୍ୱିତୀୟାର୍ଦ୍ଧ ଆରମ୍ଭ ହେବ। ଏହି ସିଜିନ ଶେଷ ହେବା ପରେ ଓଁକାର ଆରସିବିରେ ସାମିଲ ହେବେ। ଓଁକାର ସୟିଦ ମୁସ୍ତାକ ଅଲୀ ଟି-୨୦ ଟୁର୍ଣ୍ଣାମେଣ୍ଟ ବେଳେ ମଧ ମୁମ୍ବାଇ ଦାୟିତ୍ୱରେ ରହିଥିଲେ। ଓଁକାରଙ୍କ ସାନ ଭାଇ ହେଉଛନ୍ତି ପୂର୍ବତନ କ୍ରିକେଟର ଅଭିଷ୍କାର ସାଲଭି। ୨୦୦୫ରେ ଓଁକାର ରେଳବାଇ ପାଇଁ ମାତ୍ର ଗୋଟିଏ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିଲେ। କିନ୍ତୁ ନିଜର କୋଚିଂ ବଳରେ ସେ ସମସ୍ତଙ୍କୁ ପ୍ରଭାବିତ କରିପାରିଛନ୍ତି। ମୁମ୍ବାଇ କ୍ରିକେଟ ଆସୋସିଏସନ ତାଙ୍କୁ ୨୦୨୫ ଯାଏ କୋଚ ଭାବେ କାର୍ଯ୍ୟ କରିବା ପାଇଁ ଚୁକ୍ତି କରିଛି।

### ପନ୍ତଙ୍କୁ ନେଇ ଗାଭାସ୍କରଙ୍କ ଟିପ୍ପଣୀ

## ଟଙ୍କା ପାଇଁ ଛାଡିଛନ୍ତି ଦିଲ୍ଲୀ କ୍ୟାପିଟାଲ୍ସ





ନୂଆଦିଲ୍ଲୀ: ଆଇପିଏଲ ୨୦୨୫ ପାଇଁ ହେବାକୁ ଥିବା ନିଲାମୀ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ଏହାର ରିଟେନସନ୍ ତାଲିକା ଜାରି କରିଛି। ଏଥିରେ ଦଳର ପୂର୍ବତନ ଅଧିନାୟକ ରଷଭ ପନ୍ତଙ୍କ ନାମ ନଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ପନ୍ତ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବା ସହ ଅଧିକ ଦିନ ଧରି ଟିମ ସହିତ ଜଡିତ ଥିଲେ। ଏହାକୁ ନେଇ ସୁନୀଲ ଗାଭାସ୍କର ଷ୍ଟାର ସ୍ପୋର୍ଟ୍ସ ସୋସିଆଲ ମିଡିଆରେ କହିଥିଲେ ଯେ, ପନ୍ତ ଟଙ୍କା ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ଛାଡିଛନ୍ତି। ଏହା ଖୁବ ଭାଇରାଲ ହୋଇଥିଲା। ଶେଷରେ ନିଜେ ରଷଭ ଏହି ଭିଡିଓରେ କମେଣ୍ଟ କରି ଜବାବ ଦେଇଛନ୍ତି। ଏବେ ପନ୍ତ କାହିଁକି ଦଳ ଛାଡିଲେ ସେ ସମ୍ପର୍କରେ ଏବେ ମୁହଁ ଖୋଲିଛନ୍ତି । ସୁନୀଲ ଗାଭାସ୍କର ଅର୍ଥ ନେଇ ବିବାଦ ଉପୁଜିଥିବା କହିଥିଲେ । ପନ୍ତ ରିଟେନଶନରେ ଏକ ନମ୍ବର ସ୍ଥାନରେ ରହିବାକୁ ଚାହୁଁଥିଲେ। ଫ୍ରାଞ୍ଚାଇଜର ରାଜି ନ ହେବାରୁ ସେ ଓହରି ଯାଇଥିଲେ। ଏବେ ପନ୍ତ କହିଛନ୍ତି ଏହା ସମ୍ପୂର୍ଣ୍ଣ ଭାବେ ମିଥ୍ୟା । ଅର୍ଥ ନେଇ କୌଣସି ପ୍ରକାରର ବିବାଦ ଉପୁଜି ନାହିଁ। ପ୍ରକୃତ କାରଣ ଖୁବ ଶୀଘ୍ର ଆପଣମାନେ ଜାଣିପାରିବେ ବୋଲି କହିଛନ୍ତି। ଆଇପିଏଲ ୨୦୧୬ରୁ ପନ୍ତ ଦିଲ୍ଲୀ ଟିମ ସହିତ ଜଡିତ ଅଛନ୍ତି । ଏପରିକି ସେ ଆଇପିଏଲ ପଦାର୍ପଣ ଏହି ଟିମ ପକ୍ଷରୁ କରିଥିଲେ। ୨୦୨୧ ପନ୍ତଙ୍କୁ ଦିଲ୍ଲୀ ଦଳର ଅଧିନାୟକ ନିଯୁକ୍ତ କରିଥିଲା। କାର ଦୁର୍ଘଟଣା ପରେ ପନ୍ତ ଗୋଟିଏ ସିଜନ ଖେଳିପାରି ନ ଥିଲେ। ସମ୍ପୂର୍ଣ୍ଣ ଭାବେ ଫିଟ ହେବା ପରେ ଦିଲ୍ଲୀ ଟିମ ପୂନର୍ବାର ତାଙ୍କୁ ଦଳର ଅଧିନାୟକ ନିଯୁକ୍ତ କରିଥିଲା। ପନ୍ତ ଏବେ ଆଇପିଏଲ ୨୦୨୫ ମେଗା ନିଲାମୀରେ ସାମିଲ ହୋଇଛନ୍ତି। ତେବେ ଆଉ ଗୋଟିଏ ସପ୍ତାହ ପରେ ହେବାକୁ ଥିବା ନିଲାମରେ ସମସ୍ତ ଦଳ ପନ୍ତଙ୍କ ପଛରେ ମୋଟ ଅଙ୍କର ଟଙ୍କା ଲଗାଇବେ ବୋଲି ଆଶା କରାଯାଉଛି। କିନ୍ତୁ ସମସ୍ତ ଫ୍ରାଞ୍ଚାଇଜ ପାଖରେ ଥିବା ଟଙ୍କାକୁ ଦେଖିଲେ ପଞ୍ଜାବ କିଙ୍ଗ୍ସ, ଲକ୍ଷ୍ନୌ ସୁପର ଜାଏଣ୍ଟସ୍ କିମ୍ବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁରେ ସେ ସାମିଲ ହେବାର ସମ୍ଭାବନା ରହିଛି। ଏପରିକି ସେ ପୁଣିଥରେ ଦିଲ୍ଲୀକୁ ଫେରିବା ଏଡ଼ାଇ ଦିଆଯାଇପାରିବ ନାହିଁ।

### ବାରବାଟୀ ଦିନିକିଆ ମ୍ୟାଚ୍

## କମିଲା ଟିକେଟ୍ ଦର

କଟକ (ଭାସ୍କର ନ୍ୟୁଜ୍) : ଫେବ୍ରୁଆରୀ ୯ରେ ବାରବାଟୀରେ ଭାରତ-ଇଂଲଣ୍ଡ ମଧ୍ୟରେ ଦିନିକିଆ ମ୍ୟାଚ୍ ଅନୁଷ୍ଠିତ ହେବ। ଓଡ଼ିଶା କ୍ରିକେଟ ସଂଘ ପକ୍ଷରୁ ଟିକେଟ ମୂଲ୍ୟ ଧାର୍ଯ୍ୟ କରାଯାଇଥିଲା। ଯାହାକୁ ନେଇ ରାଜ୍ୟବ୍ୟାପୀ କ୍ରିକେଟ୍ ଦର୍ଶକ ଏବଂ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ସଂଘ ପକ୍ଷରୁ ଟିକେଟ ମୂଲ୍ୟ ହ୍ରାସ କରାଯାଇଛି। ସର୍ବନିମ୍ନ ୧୦୦ ଟଙ୍କା ଟିକେଟ ଦର ହ୍ରାସ କରିଛି ଓଡ଼ିଶା କ୍ରିକେଟ ସଂଘ। ଗ୍ୟାଲେରୀ ୧ ଓ ୩ ପାଇଁ ଟିକେଟ ୧୨୦୦ରୁ ୧୧୦୦ ଟଙ୍କାକୁ ହ୍ରାସ କରିଛି ଓସିଏ। ଗ୍ୟାଲେରୀ ୫ ପାଇଁ ଟିକେଟ ମୂଲ୍ୟ ୧୫୦୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଏହାକୁ ୧୨୦୦ ଟଙ୍କା କରାଯାଇଛି। ଗ୍ୟାଲେରୀ ୨ ଓ ୪ ପାଇଁ ପୂର୍ବରୁ ୧୦୦୦ ଟଙ୍କା ଧାର୍ଯ୍ୟ ଟିକେଟ ମୂଲ୍ୟକୁ ୯୦୦ ଟଙ୍କାକୁ ହ୍ରାସ କରାଯାଇଛି। ସେହିଭଳି ପୂର୍ବରୁ ୮୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ଗ୍ୟାଲେରୀ ୭ ପାଇଁ ଟିକେଟ ମୂଲ୍ୟ ୭୦୦ ଟଙ୍କା ରଖାଯାଇଛି। ସେହିପରି ସ୍ପେଶାଲ୍ ଏନକ୍ଲୋଜର୍ ୭ ହଜାରରରୁ ହଜାରେ ଟଙ୍କା କମାଇ ଏହାକୁ ୬ ହଜାର ଟଙ୍କା କରାଯାଇଛି। ଏସି ଗ୍ୟାଲେରୀ ବକ୍ସ ଟିକେଟ ପୂର୍ବରୁ ୯ ହଜାର ଧାର୍ଯ୍ୟ କରାଯାଇଥିଲା, ଏହାକୁ ୮ ହଜାର ରଖାଯାଇଛି। ତେବେ କର୍ପୋରେଟ ବକ୍ସ ପାଇଁ ପୂର୍ବ ନିର୍ଦ୍ଧାରିତ ୨୦ ହଜାର ଟଙ୍କା ଓ ନ୍ୟୁ ପ୍ୟାଭିଲିୟନ ପାଇଁ ୧୦ ହଜାର ଟଙ୍କା ଟିକେଟ ଦରକୁ ଅପରିବର୍ତ୍ତିତ ରଖା ଯାଇଥିବା ନେଇ ଓସିଏ ପକ୍ଷରୁ କୁହାଯାଇଛି।

### ୟୁନିକ୍ କପ୍ ଟୁର୍ଣ୍ଣାମେଣ୍ଟ୍

## ଫାଇନାଲ୍‌ରେ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ




କେନ୍ଦୁଝର (ଭାସ୍କର ନ୍ୟୁଜ୍) : ୟୁନିକ୍ କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ କେନ୍ଦୁଝର ସହରସ୍ଥିତ ଷ୍ଟାଡିୟମ ପଡିଆଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ୟୁନିକ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପଞ୍ଚମ ସଂସ୍କରଣର ତୃତୀୟ ଦିବସର ଖେଳରେ ଭୁବନେଶ୍ୱର ପ୍ରଗତି ସ୍ପୋଟିଙ୍ଗ କ୍ଲବ କଟକର ୟୁନିଅନ ସ୍ପୋଟିଙ୍ଗ କ୍ଲବ ବିପକ୍ଷରେ ୧୭ ରନରେ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ପ୍ରଗତି ସ୍ପୋଟିଙ୍ଗ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦଳ ୩୧.୪ ଓଭର ବ୍ୟାଟିଂ କରି ସମସ୍ତ ୱିକେଟ ହରାଇ ୧୨୩ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲେ। ଦଳ ପକ୍ଷରୁ ସୁମନ ଦାସ ୨୭ ବଲର ସମ୍ମୁଖୀନ ହୋଇ ସର୍ବାଧିକ ୨୬ ରନ ସଂଗ୍ରହ କରିଥିବାବେଳେ କୁବେର ସାହୁ ୧୯ ନିଖିଳ ମହାନ୍ତି ୧୮ ଏବଂ ଲିପୁ ନାୟକ ୧୧ ରନ କରିଥିବାବେଳେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କରେ ପହଞ୍ଚି ପାରି ନଥିଲେ। ପ୍ରତିପକ୍ଷ ଦଳର ପଙ୍କଜ ସେନାପତି ୩୦ ରନ ବିନିମୟରେ ୪ଟି ଏବଂ ବିନାୟକ ସାହୁ ୨୨ ରନ ବିନିମୟରେ ୨ଟି ୱିକେଟ ହାସଲ କରିଥିଲେ। ଏହାର ଜବାବରେ ୩୫ ଓଭର ଖେଳି ୩.୫୪ ହାରରେ ରନ ସଂଗ୍ରହ କରି ମ୍ୟାଚ ଜିତିବା ୟୁନିଅନ ସ୍ପୋଟିଙ୍ଗ କଟକ ପାଇଁ ଏକ କଷ୍ଟସାଧ ବ୍ୟପାର ନଥିଲେ ମଧ ସେମାନେ ୨୬.୩ ଓଭର ଖେଳି ସମସ୍ତ ୱିକେଟ ହରାଇ ମାତ୍ର ୧୦୬ ରନ କରି ୧୭ ରନରେ ପରାଜୟ ସ୍ୱୀକାର କରିଥିଲେ। ଦଳ ପକ୍ଷରୁ ପଙ୍କଜ ସେନାପତି ୩୬ଟି ବଲର ସମ୍ମୁଖୀନ ହୋଇ ୨୯ ରନ, ଆଦିତ୍ୟ ରାୟ ୨୭ ଏବଂ ବିନାୟକ ସାହୁ ୧୪ ରନ ସଂଗ୍ରହ କରିଥିବାବେଳେ ଅନ୍ୟ କେହି ଦୁଇ ଅଙ୍କରେ ପହଞ୍ଚି ପାରିନଥିଲେ। ପ୍ରଗତି ସ୍ପୋଟିଙ୍ଗର ସାର୍ଥକ ସୌରଭ କୁମାର ୨୨ ରନ ଦେଇ ୪ଟି ଏବଂ ସାଇ ସୁବ୍ରତ ଜେନା ୨୨ ରନ ଦେଇ ଦୁଇଟି ୱିକେଟ ହାସଲ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଓସିଏର ବରିଷ୍ଠ ଖେଳାଳି ଦୀପକ କୁମାର ସେଠୀ, ଚିନ୍ମୟାନନ୍ଦ ସାହୁ ଓ ମନ୍ମଥ ପେରେଇ ପ୍ରଗତି ସ୍ପୋଟିଙ୍ଗର ସାର୍ଥକ ସୌରଭ କୁମାରଙ୍କୁ ପ୍ରଦାନ କରିଥିଲେ। ଆଜିର ମ୍ୟାଚରେ ଓସିଏ ପକ୍ଷନେଲ ଅମ୍ପାୟାର ଆଶୁତୋଷ ପାଣି ଏବଂ ଦୁର୍ଗା ପ୍ରସାଦ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିବାବେଳେ କିରଣ ମନୋହର ମହାନ୍ତି ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଭାଷ୍ୟକାର ବୁବୁ ସିହ୍ନା ଖେଳର ଧାରା ବିବାରଣୀ ପ୍ରଦାନ କରିଥିବା ବେଳେ ମ୍ୟାଚର ସିଧା ପ୍ରସାରଣ ୟୁ ଟ୍ୟୁବ ଚାନେଲ ୧୦୦ ନଟ ଆଉଟରେ ପ୍ରସାରଣ କରାଯାଇଥିଲା। ବୁଧବାର ବିଶ୍ରାମ ଦିବସ ହୋଇଥିବାବେଳେ ଦର୍ଶକ ମାନଙ୍କ ପାଇଁ ଜିଲ୍ଲାର ବରିଷ୍ଠ କ୍ରିକେଟ ଖେଳାଳି ମାନଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ।

## ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିଙ୍କୁ ସମ୍ବର୍ଦ୍ଧନା



ବାରିପଦା (ଭାସ୍କର ନ୍ୟୁଜ୍) : ଭୁବନେଶ୍ୱର ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଚାମ୍ପିୟନ ମାନଙ୍କୁ ବାରିପଦାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଉତ୍କଳ କରାଟେ ସ୍କୁଲ୍ ବାରିପଦା ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସଭାପତି ଭାବେ ଆସନ ଅଳଙ୍କୃତ କରିଥିବା ୨୫ନଂ ୱାର୍ଡ଼ କାଉନସିଲର ଦେବାଶିଷ ପାତ୍ର, ସମ୍ପାଦକ ଯଦୁନାଥ ନାୟକ, ପ୍ରଶିକ୍ଷକ ସେନ୍‌ସି ରୋନକ୍ ପଟ୍ଟନାୟକ, ସେନସି ପ୍ରଦୀପ କୁମାର ଦେ ପ୍ରମୁଖ ସମ୍ବର୍ଦ୍ଧିତ କରିବା ସହିତ ଶୁଭେଚ୍ଛା ଜଣାଇଥିଲେ। ରାଜ୍ୟସ୍ତରୀୟ ସବଜୁନିୟର୍ ପ୍ରତିଯୋଗିତାରେ ବାରିପଦା ଉତ୍କଳ କରାଟେ ସ୍କୁଲରୁ ୧୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୫ଜଣ ଉଚ୍ଚକୋଟୀର ପ୍ରଦର୍ଶନ କରି କୃତିତ୍ୱ ଲାଭ କରିବା ସହିତ ଜିଲ୍ଲା ପାଇଁ ସୁନାମ ଅର୍ଜନ କରିଥିଲେ। ସେମାନେ ହେଲେ ୬ବର୍ଷ ବାଳକ ବିଭାଗରେ ଏସ୍.ପି ରିହାନ୍, ଦ୍ୱିତୀୟ ୭ବର୍ଷ ବାଳକା ବିଭାଗରେ ପ୍ରିୟାଂଶୀ ରାଉତରାୟ, ଦ୍ୱିତୀୟ ୧୦ବର୍ଷ ବାଳକ ବିଭାଗର ସତ୍ୟପ୍ରକାଶ ବେହେରା, ୧୦ବର୍ଷ ବାଳିକା ବିଭାଗର ପ୍ରିତୀ ସ୍ନିଗ୍ଧା ବିଶ୍ୱାଳ, ୧୩ବର୍ଷ ବର୍ଗ ବାଳକ ବିଭାଗର ଓମ୍ ପ୍ରକାଶ ଦେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିପାଇଁ ଆହ୍ୱାନ୍ ନାୟକ, କଷବ୍ ସିଦ୍ଦିକ, ମକବୁଲ୍ ହାସିନ୍, ସାନଭୀ ପାଢ଼ୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଜାହାନ ପବ୍ଲିକ ସ୍କୁଲ୍‌ରେ କ୍ରିକେଟ ପ୍ରତିଯୋଗିତା: ନବମ ଶ୍ରେଣୀର ବାଜିମାତ୍



କାକଟପୁର (ଭାସ୍କର ନ୍ୟୁଜ୍) : କାକଟପୁର ଜାହାନ ପବ୍ଲିକ ସ୍କୁଲର କ୍ରିକେଟ ପ୍ରତିଯୋଗିତା ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପଛ ପଟେ ଥିବା ମଙ୍ଗଳା ମିନି ଷ୍ଟାଡ଼ିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମ୍ୟାଚକୁ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶିକା ସୁମିତ୍ରା ଘୋଷ ଫିତା କାଟି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବାବେଳେ ନବମ ଶ୍ରେଣୀ ଓ ଦଶମ ଶ୍ରେଣୀ ଛାତ୍ର ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ପ୍ରଥମେ ଦଶମ ଶ୍ରେଣୀର ଅଧିନାୟକ ଟସ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲେ। ଦଶମ ଶ୍ରେଣୀର ଖେଳାଳି ମାନେ ନିର୍ଦ୍ଧାରିତ ୮ ଓଭରରେ ୯ ୱିକେଟ ବିନିମୟରେ ୪୨ ରନ କରିଥିବାବେଳେ ନବମ ଶ୍ରେଣୀର ଖେଳାଳି ମାନେ ମାତ୍ର ୬.୪ ଓଭରରେ ୭ ୱିକେଟ ହରାଇ ବିଜୟଲାଭ କରିଥିଲେ। ଦଳ ପକ୍ଷରୁ ଭରଦ୍ୱାଜ ପରିଡା ସର୍ବାଧିକ ୨୮ ରନ କରି ମ୍ୟାନ ଅଫ ଦି ମ୍ୟାଚ ଆଖ୍ୟା ଅର୍ଜନ କରିଥିବାବେଳେ ଦଶମ ଶ୍ରେଣୀ ପକ୍ଷରୁ ଶକ୍ତି ପ୍ରସାଦ ଦାସଙ୍କୁ ମ୍ୟାନ ଅଫ ଦି ସିରିଜ ଘୋଷଣା କରାଯାଇଥିଲା। କ୍ରୀଡା ଶିକ୍ଷକ କଳିଙ୍ଗ ପ୍ରସାଦ ନାୟକ, ଇଂରାଜୀ ଶିକ୍ଷକ ପ୍ରେମ ଶଙ୍କର ପୁଜାରି, ଗଣିତ ଶିକ୍ଷକ ସତ୍ୟରଞ୍ଜନ ଶତପଥୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଚମ୍ପିୟାନ ଦଳକୁ ନିର୍ଦ୍ଦେଶିକା ଶ୍ରୀମତୀ ଘୋଷ ଟ୍ରଫି ପ୍ରଦାନ କରିଥିବାବେଳେ ସ୍କୁଲର ପ୍ରିନ୍ସିପାଲ ମମତା ମହାପାତ୍ର, ଶିକ୍ଷୟିତ୍ରୀ ମଧୁସ୍ମିତା ପଡ଼ିଆରୀଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

## ଟାଇକୋଣ୍ଡୋ ପ୍ରତିଯୋଗିତାରେ ଖେଳାଳିଙ୍କ ଅପୂର୍ବ ସଫଳତା: ଛୁଟୁଛି ଶୁଭେଚ୍ଛାର ସୁଅ



ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା ୫ମ ରାଜ୍ୟସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗୀତାରେ ନିମାପଡ଼ାର ଟାଇକୋଣ୍ଡୋ ଖେଳାଳୀଙ୍କ ଅପୂର୍ବ ସଫଳତା ହାସଲ କରିଛନ୍ତି। ଏହାକୁ ନେଇ କୋଚ୍ ଓ ଖେଳାଳୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ମିଳିଥିବା ସୂଚନା ଅନୁଯାୟୀ, ବରହମପୁର ହିଲିପାଟଣାସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଓଡ଼ିଶାର ରାଜ୍ୟ ଚମ୍ପିଆନ୍‌ସିପ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ବିଧାୟକ ଯୋଗ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୫ଶହ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ନିମାପଡ଼ାର ଅମିତ୍ ଟାଇକୋଣ୍ଡୋ ଏକାଡ଼େମୀର ୧୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ୬ଟି ସ୍ୱର୍ଣ୍ଣ ପଦକ, ୪ଟି ରୌପ୍ୟ ପଦକ, ୩ଟି ବ୍ରୋଞ୍ଜ ପଦକ ହାସଲ କରି ନିମାପଡ଼ାର ଗୌରବ ଅର୍ଜନ କରିଛନ୍ତି । ସ୍ୱର୍ଣ୍ଣ ପଦକ ବିଜେତା ହେଲେ ତାନିସ୍କା ଦାସ, ସାଗର ଦାସ, ଶ୍ରୀୟା ସୁବୁଦ୍ଧି, ସୋନାଲି ନାୟକ, ସୂର୍ଯ୍ୟ ସୌରଭ ଦାଶ, ବୈଶାଖୀ ପଲେଇ। ରୌପ୍ୟ ପଦକ ବିଜେତା ସାଇସ୍ମୃତି ପରିଡ଼ା, ସୌମ୍ୟ ରଂଜନ ପଲତା, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ସୌମ୍ୟଶ୍ରୀ ବାରିକ ସେହିପରି ବ୍ରୋଞ୍ଜ ପଦକ ବିଜେତା ଆକାଶ ଦାଶ, ଶିବାନୀ ରାୟ ମହାନ୍ତି ଓ ଶିବ ପ୍ରସାଦ ପାଣିଗ୍ରାହୀ । ଅମିତ୍ ଟାଇକୋଣ୍ଡୋ ପ୍ରଶିକ୍ଷକ ଅମିତ୍ କୁମାର ରାଉତ ଓ ଟିମ୍ ମ୍ୟାନେଜର କୃଷ୍ଣଚନ୍ଦ୍ର ଦାଶ, ସୁରେଶ ଚନ୍ଦ୍ର ଦାଶ, ମୃତ୍ୟୁୟ ଦାଶ, ମିଂମାଶୁ ଶେଖର ପ୍ରଧାନ, ପ୍ରାର୍ଥ ସାରଥୀ ରାଉତ, ନିର୍ମଳ ମିଶ୍ର, ପ୍ରଶାନ୍ତ ସାହୁ ଛାତ୍ରଛାତ୍ରୀମାନଙ୍କୁ ଅଭିବାଦନ ଜଣାଇଛନ୍ତି।

### ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତା

## ବାଲିମେଳା ଛାତ୍ରଙ୍କ ଲକ୍ଷ୍ନୌ ଗସ୍ତ




ବାଲିମେଳା (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ମସେ ଖରା ରାଜ୍ୟ ତରଫରୁ ଜାତୀୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଅଂଶ ଗ୍ରହଣ ନେବାକୁ ଯାତ୍ରା ଆରମ୍ଭ କରିଛନ୍ତି। ଚଳିତ ବର୍ଷ କେଉଁଝରଠାରେ ଅନୁଷ୍ଠିତ ହେଇଥିବା ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ମାଲକାନଗିରି ଜିଲ୍ଲା ତରଫରୁ ଅଂଶ ଗ୍ରହଣ କରି ବିଦ୍ୟାଳୟ ଓ ଜିଲ୍ଲା ପାଇଁ ଲଗାତର ତୃତୀୟ ବର୍ଷ ସଟପୁଟ ଫିଙ୍ଗାରେ ସ୍ୱର୍ଣ୍ଣ ଏବଂ ଡିସ୍କସ ଫିଙ୍ଗାରେ କାଂସ୍ୟ ହାତେଇଥିଲେ। ବର୍ତ୍ତମାନ ରାଜ୍ୟ ତରଫରୁ ଜାତୀୟ ବିଦ୍ୟାଳୟ ସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଭାଗ ନେବାକୁ ଗତକାଲି ଯାତ୍ରା କରିଛନ୍ତି। ତାଙ୍କ ସହିତ ବିଦ୍ୟାଳୟର ଖେଳ ଶିକ୍ଷକ ଭାଗିରଥି ସାହୁ ମଧ ଯାଇଛନ୍ତି। ପ୍ରଥମେ କଳିଙ୍ଗ ଷ୍ଟାଡିଅମଠାରେ ପ୍ରଶିକ୍ଷଣ ଶିବିର ଭାଗ ନେଇ ପରେ ଉତ୍ତରପ୍ରଦେଶରେ ଲକ୍ଷ୍ନୌଠାରେ ଥିବା ଗୁରୁ ଗୋବିନ୍ଦ ସିଂ ଷ୍ଟାଡିଅମଠାରେ ଜାତୀୟସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଆସନ୍ତା ୨୬ ତାରିଖରେ ଅଂଶ ଗ୍ରହଣ କରିବେ। ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ, ଜିଲ୍ଲା ବିଜ୍ଞାନ ସୁପ୍ରଭାଇଜର ସରୋଜ କୁମାର ରାଉତ, ଏମଭି ୨୭ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ନାୟକ, ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶିଳା କୁମାରୀ ହିଆଲ ଓ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀମାନେ ମସେକୁ ଶୁଭେଚ୍ଛା ଜଣାଇଛନ୍ତି।

### ବର୍ଡର-ଗାଭାସ୍କର ଟ୍ରଫି

## ଚୂଡାନ୍ତ ଦଳକୁ ନେଇ ଦ୍ୱନ୍ଦ୍ୱରେ ଟିମ୍ ଇଣ୍ଡିଆ

ପର୍ଥ: ନଭେମ୍ବର ୨୨ରୁ ବର୍ଡର-ଗାଭାସ୍କର ଟ୍ରଫି ଖେଳାଯିବ। ପର୍ଥ ଟେଷ୍ଟରେ ଭାରତ ୩ ପେସର କିମ୍ବା ୨ ସ୍ପିନର ଖେଳାଇବ ସେ ନେଇ ଦ୍ୱନ୍ଦ୍ୱରେ ରହିଛି। ନିୟମିତ ଅଧିନାୟକ ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ଯଶପ୍ରୀତ ବୁମରାହ ଦଳର ନେତୃତ୍ୱ ନେବେ। ରୋହିତ ଏବଂ ଶୁଭମନ ଗିଲ ପ୍ରଥମ ଟେଷ୍ଟରେ ଖେଳିବେ ନାହିଁ । କେଏଲ ରାହୁଲ ଓପନିଂ କରିବେ ଏବଂ ଦେବଦତ ପାଡିକଲ ଓ ଧ୍ରୁବ ଜୁରେଲ ୬ଷ୍ଠ ସ୍ଥାନରେ ବ୍ୟାଟିଂ କରିବେ ବୋଲି ଆଶା କରାଯାଉଛି । ଧ୍ରୁବ ଓ ସର୍ଫରାଜ ଖାଁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱୀତା ହେବ ବୋଲି ଅନୁମାନ କରାଯାଉଛି । ବିରାଟ କୋହଲି ଓ ରିଷଭ ପନ୍ତ ୪ ଏବଂ ୫ ନମ୍ବର ସ୍ଥାନରେ ଖେଳିବେ। ଅଲରାଉଣ୍ଡର ଭାବେ ନୀତିଶ କୁମାର ରେଡ୍ଡୀଙ୍କୁ ସୁଯୋଗ ମିଳିପାରେ । ରବିଚନ୍ଦ୍ରନ ଅଶ୍ୱୀନ ଖେଳିବା ଏକପ୍ରକାର ନିଶ୍ଚିତ। ବୁମରାହଙ୍କ ବୋଲିଂ ପାର୍ଟନର କିଏ ହେବ। ହର୍ଷିତ ରାଣାଙ୍କ ନିକଟରେ ଅଭିଜ୍ଞତା ନ ଥିଲେ ମଧ ସେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି । ମହମ୍ମଦ ସିରାଜ, ଆକାଶଦୀପ ଓ ପ୍ରସିଦ୍ଧ କ୍ରିଷ୍ଣା ମଧ ପ୍ରଭାବୀ ବୋଲିଂ ପ୍ରଦର୍ଶନ ଜାରୀ ରଖିଛନ୍ତି। ପିଚକୁ ଭଲ ଭାବେ ଅନୁଧ୍ୟାନ କରିବା ପରେ ଚୂଡାନ୍ତ ଏକାଦଶ ଘୋଷଣା କରାଯିବ ବୋଲି ଟିମ ମ୍ୟାନେଜମେଣ୍ଟ ପକ୍ଷରୁ କୁହାଯାଇଛି ।


## ଉମରକୋଟ ପ୍ରିମିୟର ଲିଗ୍‌ର ଉଦ୍‌ଯାପନୀ ଉତ୍ସବ: ଜୟପୁର ଚାମ୍ପିଅନ୍




ଉମରକୋଟ (ଭାସ୍କର ନ୍ୟୁଜ୍) : ଉମରକୋଟ ପ୍ରିମିୟର ଲିଗ୍‌ର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଏକ ରୋମାଞ୍ଚକାରୀ ମ୍ୟାଚର ଶେଷ ବଲରେ ଗତବର୍ଷର ଟାଇଟେଲ ବିଜେତା ସୁରୀୟା ୧୧ର ବୋଲରଙ୍କୁ ଛକା ମାରି ଜୟପୁର ଏଭିନିଙ୍ଗ ୧୧ ଫାଇନାଲରେ ପ୍ରବେଶ କରିଥିଲା। ଆଜି କିନ୍ତୁ ପ୍ରଥମରୁ ମାହୋଲ କିଛି ଅଲଗା ଥିଲା। ଅବିଭକ୍ତ କୋରାପୁଟ ଅଞ୍ଚଳରେ ହେଉଥିବା ସବୁଠାରୁ ବଡ କ୍ରିକେଟ ମହୋତ୍ସବର ଚାମ୍ପିଅନ ହୋଇଛି। ମଙ୍ଗଳବାର ଜୟପୁର ଇଭିନିଙ୍ଗ ୧୧ ଟସ ହାରି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ରେ ୨୩୮ ରନ ସଂଗ୍ରହ କରିଥିଲା। ପରେ ବୋଲିଂ ଆରମ୍ଭରୁ ପୁରୀ ୱାରିଆର ଉପରେ ଚାପ ପକାଇ ଥିଲା ଜୟପୁର ଇଭିନିଂ ୧୧। ୨୦ ଓଭରରେ ବିଶାଳ ୨୩୯ ରନ ଲକ୍ଷର ପିଛା କରି ପରେ ୧୪୫ ରନରେ ଅଲଆଉଟ ହୋଇ ୯୩ ରନରେ ଏହି ଫାଇନାଲ ମ୍ୟାଚରେ ହାରି ଯାଇଥିଲା ପୁରୀ ୱାରୀୱାର ଟିମ। ଫଳରେ ଉମରକୋଟ ପ୍ରିମିଅର ଲିଗର ସପ୍ତମ ସଂସ୍କରଣରେ ନୂଆ ଚାମ୍ପିୟନ ହୋଇଛି ଜୟପୁର ଏଭିନିଙ୍ଗ ୧୧ କ୍ଲବ। ଏତେ ବଡ଼ ଆୟୋଜନର ସମ୍ପୂର୍ଣ୍ଣ ଶ୍ରେୟ ୟୁପିଏଲର ଉପ ସଭାପତି ଚନ୍ଦନ ବେହେରା, ସମ୍ପାଦକ ଅଭିଲାଷ ପଟ୍ଟନାୟକ ଓ କୋଷାଧକ୍ଷ ତପନ ପାତ୍ରଙ୍କ ସମେତ ଭାଷ୍ୟକାର ତେଜରାଜ ଠାକୁର ଓ ନୀଳକଣ୍ଠ ସାନ୍ତାଙ୍କ ସମେତ ଅନ୍ୟ ସ୍ୱେଚ୍ଛାକୃତ ସଦସ୍ୟମାନଙ୍କୁ ଦେଇଛନ୍ତି ସଭାପତି ସୁଧାଂଶୁ ଦାସ। ୟୁପିଏଲ୍‌ର ଉଦ୍‌ଯାପନି ଉତ୍ସବରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି କାର୍ଯକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଥିଲେ। ଜିଲ୍ଲା କ୍ରୀଡା ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ସାଂସଦ ପ୍ରତିନିଧି ରାମ ନାୟକ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ମୁନିସିପାଲଟି ଅଧକ୍ଷା ଶ୍ରୀମତୀ ରାଧା ଭତ୍ରା, ପୂର୍ବତନ ବିଜ୍ଞାପିତ ପରିଷଦର ଚ୍ୟାୟରମେନ ପି, ରାବଣା ରାଓ, ଝଡେଶ୍ୱର ମହାନ୍ତି, ଓ ଜିଲା ପରିସଦର ଉପାଧକ୍ଷ, ଗୁରୁକୃପା ଏଡୁକେସନଲ ଚାରିଟେବୁଲ ଟ୍ରଷ୍ଟ ଅଧକ୍ଷ ମୋନାଜ ପାଢ଼ୀ ଯୋଗଦେଇଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା



ଗାଢ଼ ଶରୀର ପାଇଁ ନିହାତି ଆବଶ୍ୟକ । ଏହା ଆମ ଶରୀରକୁ ରିପାୟାର୍ କରିବାରେ ସହାୟକ ହୋଇଥାଏ । ନିଦ ଦ୍ୱାରା କେବଳ ମୋଟାପଣ, ହୃଦରୋଗ ଭଳି ରୋଗରୁ ମୁକ୍ତି ମିଳେନି ବରଂ ରୋଗ ହେଲେ ଖୁବ୍ ଶୀଘ୍ର ଠିକ୍ ହେବାରେ ମଧ୍ୟ ସାହାଯ୍ୟ ମିଳିଥାଏ । ନିଦର ଚାରୋଟି ଷ୍ଟେଜ୍ ରହିଛି । ଯଦି ଆପଣ ୮ ଘଣ୍ଟା ଶୋଉଛନ୍ତି ତାହେଲେ ଏଥିରେ ୨୦ ପ୍ରତିଶତ ଅର୍ଥାତ୍ ୯୬ ମିନିଟ୍ ଗାଢ଼ ନିଦ ବା ଆରଇଏମ୍ ଆବଶ୍ୟକ । ଏନେଇ ବୈଜ୍ଞାନିକ ମାନେ ମତ ପ୍ରକାଶ କରିଛନ୍ତି । ସେଲ୍ ଫୋନ୍, କମ୍ପ୍ୟୁଟର ପରି ଇଲେକ୍ଟ୍ରୋନିକ୍ ଉପକରଣ ଗୁଡ଼ିକରୁ ସ୍ୱଳ୍ପ ୱେଭ୍ ଲେନ୍ଥ ନିର୍ଗତ ହୋଇଥାଏ । ଏହି ବ୍ଲୁ ଲାଇଟ୍ ସନ୍ଧ୍ୟାରେ ଆସୁଥିବା ନିଦ ହରମୋନ୍ ମେଲାଟୋନିନ୍ କୁ କମ୍ କରିଥାଏ । ଏହି ସ୍ଲୋ ୱେଭ ଓ ନିଦ୍ରା ଯିବା ସମୟକୁ କମ୍ କରିଥାଏ । ପ୍ରଥମ ଚକ୍ର: ନନ୍ ରାପିଡ୍ ଆଇ ମୁଭମେଣ୍ଟ ଅର୍ଥାତ୍ ଏନଆରଇଏମ୍ ଷ୍ଟେଜ୍ ଆପଣ ଶୋଇବା ମାତ୍ରେ ଏହି ଅବସ୍ଥା ଆରମ୍ଭ ହୁଏ । ଏହି ପର୍ଯ୍ୟାୟ ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ ଚାଲିଥାଏ ।

ଦ୍ୱିତୀୟ ଚକ୍ର: ଏନଆରଇଏମ୍ ଷ୍ଟେଜ୍-୨- ନିଦର ଏହି ଅବଧି ସାରାରାତିର ନିଦର ୫୦ ପ୍ରତିଶତ ହୋଇଥାଏ । ଏଥିରେ ସ୍ଲୋୱେଭ ଅର୍ଥାତ୍ ଡେଲଟା ତରଙ୍ଗ ଛାଡ଼ିବା ଆରମ୍ଭ କରିଥାଏ । ତୃତୀୟ ଚକ୍ର: ଏନଆରଇଏମ୍ ଷ୍ଟେଜ୍-୩- ନିଦର ଏହି ଷ୍ଟେଜ୍ କୁ ଗାଢ଼ ନିଦ କୁହାଯାଇଥାଏ । ଏହା ଶରୀରର ରିକଭରୀ ଏବଂ ବିକାଶ ପାଇର୍ ଖୁବ୍ ମହତ୍ୱପୂର୍ଣ୍ଣ ।





## କାହିଁକି ପାଦରେ ପିନ୍ଧାଯାଏ ନାହିଁ ସୁନା, ଜାଣନ୍ତୁ ଏହା ପଛରେ ଥିବା ପୌରାଣିକ ତତ୍ତ୍ୱ

*ହିନ୍ଦୁ ଧର୍ମରେ ଅନେକ ପରାମ୍ପରା ପ୍ରଚଳିତ ହୋଇଥାଏ। ଏହି ସବୁ ପରାମ୍ପରା ମଧ୍ୟରୁ ଗୋଟିଏ ହେଉଛି ଯେ ମହିଳାମାନଙ୍କୁ ନିଜ ପାଦରେ ସୁନାର ଗହଣା ପିନ୍ଧିବା ଉଚିତ ନୁହେଁ। କଣ ଆପଣ ଜାଣନ୍ତି ଏହାକୁ କାହିଁକି ବାରଣ କରାଯାଇଛି ? ଯଦି ଆପଣ ଏହା ଜାଣି ନାହାନ୍ତି ତେବେ ଆଜି ଆମେ ଆପଣଙ୍କୁ ଜଣାଇବୁ କାହିଁକି ପାଦରେ ସୁନାର ଅଳଙ୍କାର ପିନ୍ଧିବା ଉଚିତ ନୁହେଁ।*

ହିନ୍ଦୁ ଧର୍ମରେ କୁହାଯାଏ ଯେ ଭଗବାନ ବିଷ୍ଣୁଙ୍କୁ ସୁନା ବହୁତ ପ୍ରିୟ ଥିଲା। ଏମିତି କୁହାଯାଏ ଯେ ସୁନାର ଗହଣା ଧାରଣ କରିବା ଦ୍ୱାରା ଭଗବାନ ବିଷ୍ଣୁ ପ୍ରସନ୍ନ ହୋଇଥାନ୍ତି ଏବଂ ନିଜ ଭକ୍ତଙ୍କର ସମସ୍ତ ସମସ୍ୟା ଦୂର କରିଦେଇଥାନ୍ତି। କିନ୍ତୁ ସୁନାର ଗହଣାକୁ ନାଭିର ତଳକୁ ଧାରଣ କରିବା ଉଚିତ ନୁହେଁ। କୁହାଯାଏ ଯେ ଏମିତି କରିବା ଦ୍ୱାରା ବିଷ୍ଣୁଙ୍କୁ ଅପମାନ ହୋଇଥାଏ। ଏମିତି କରୁଥିବା ବ୍ୟକ୍ତିଙ୍କୁ ବିଷ୍ଣୁଙ୍କର କୃପା ମିଳି ନଥାଏ ଏବଂ ତାଙ୍କୁ ବହୁତ ପ୍ରକାରର ସମସ୍ୟାକୁ ସାମ୍ନା କରିବାକୁ ପଡିଥାଏ।

■ ହଳଦିଆ ରଙ୍ଗ ଲକ୍ଷ୍ମୀଙ୍କର ବହୁତ ପସନ୍ଦ। ସୁନାର ରଙ୍ଗ ହଳଦିଆ ହେବା କାରଣରୁ ସୁନାର ସଂଯୋଗ ଲକ୍ଷ୍ମୀଙ୍କ ସହିତ ମଧ୍ୟ ରହିଛି। ଲକ୍ଷ୍ମୀଙ୍କୁ ଧନର ଦେବୀ ବୋଲି କହନ୍ତି। କୁହାଯାଏ ଯେ ଲକ୍ଷ୍ମୀଙ୍କର କୃପା ହେଲେ ଧନ ପ୍ରାପ୍ତି ହୋଇଥାଏ। ଏଥିପାଇଁ ସୁନାର ଅଳଙ୍କାର ନାଭି ତଳକୁ ଧାରଣ କରିବା ଉଚିତ ନୁହେଁ। ଏପରି କରିବା ଦ୍ୱାରା ଲକ୍ଷ୍ମୀ ମାତା କ୍ରୋଧିତ ହୋଇଯାନ୍ତି। ମାତା ଲକ୍ଷ୍ମୀ କ୍ରୋଧିତ ହୋଇଗଲେ ବ୍ୟକ୍ତିଙ୍କୁ ଆର୍ଥିକ ସମସ୍ୟାକୁ ସାମ୍ନା କରିବାକୁ ପଡିଥାଏ। ଆପଣଙ୍କୁ ଜଣାଇବାକୁ ଚାହିଁବୁ ଯେ ପାଦରେ ଚାନ୍ଦିର ଅଳଙ୍କାର ପିନ୍ଧିବାକୁ ବହୁତ ଶୁଭ ବୋଲି ଧରାଯାଏ। ଚାନ୍ଦିର ଶୀତଳତା ମିଳିଥାଏ। ଏହି ଶୀତଳତା ବ୍ୟକ୍ତିଙ୍କୁ ମାନସିକ ରୂପରେ ଶାନ୍ତି ରହିବାରେ ସାହାଯ୍ୟ କରିଥାଏ। ପାଦରେ ଚାନ୍ଦିର ଅଳଙ୍କାର ଧାରଣ କରିବା ଦ୍ୱାରା କଥା କଥାରେ କ୍ରୋଧ ଆସିବା ବନ୍ଦ ହୋଇଯାଇଥାଏ।

■ ଜ୍ୟୋତିଷ ଅନୁସାରେ ଚାନ୍ଦିର ଗହଣା ଧାରଣ କରିବା ଦ୍ୱାରା ବ୍ୟକ୍ତିଙ୍କର ଚନ୍ଦ୍ରମା ମଜବୁତ ହୋଇଥାଏ। ଏଥିରୁ ବ୍ୟକ୍ତିଙ୍କୁ ନିଜ ଜୀବନରେ ସୁଖ-ଶାନ୍ତି ଏବଂ ସୁବିଧା ମିଳିଥାଏ।



## ସକାଳେ ବାସି ମୁହଁରେ ପାଣି ପିଇଲେ ମିଳେ ଫାଇଦା

*ସକାଳେ ବାସି ମୁହଁ ରେ ପାଣି ଧୋଇଲେ କଣ କଣ ଲାଭ ହେବ । ତାହା ସମ୍ପର୍କ ରେ ଜାଣିବା । ପାଣି ଆମ ଜୀବନ ପାଇଁ ବୋହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । କିନ୍ତୁ ଆପଣ ଜାଣନ୍ତି କି ସକାଳେ ବାସି ମୁହଁ ରେ ପିଇବା ଦ୍ୱାରା ଆମ ପାଟିରେ ଯେଉଁ ଲାଳ ରହିଥାଏ,ତାହା ପେଟକୁ ଚାଲିଯାଇଥାଏ । ଏବଂ ତାହା ଆମକୁ ଅନେକ ରୋଗ ରୁ ବଞ୍ଚାଇଥାଏ । ଲାଳ ଯାହା ଆମ ପାଟିରୁ ତିଆରି ହୋଇଥାଏ ।ଏହା ଆମ ଶରୀରରେ ଆଣ୍ଟି ସେପ୍ଟିକ୍ ରୂପେ କାର୍ଯ୍ୟ କରିଥାଏ ।*

■ ଯାହା ଆମ ଶରୀର ରୁ ଅନେକ ରୋଗ ଦୂର କରିଥାଏ । ପାଣି ଆମ ଶରୀରରୁ ଅନେକ ରୋଗ କୁ ଦୁର କରିଥାଏ । ସୁସ୍ଥ ରଖିଥାଏ । ବାସି ମୁହଁ ରେ ପାଣି ପିଇବା ର ଫାଇଦା ଜାଣିଲେ ଆପଣ ମଧ୍ୟ ଚମକି ଉଠିବ । ଚାଲନ୍ତୁ ଜାଣିବା ପାଣିକୁ କେଉଁ ସମୟରେ ବା କେତେ ମାତ୍ର ରେ ପିଇବା ଉଚିତ୍ । ପାଣି ପିଇବାର ସଠିକ୍ ଉପାୟ ଆପଣଙ୍କୁ ସୁସ୍ଥ ରଖିଥାଏ ।

■ ସକାଳେ ବାସି ମୁହଁରେ ପାଣି ପିଇବା ଦ୍ୱାରା ଶରୀରର ଭିତର ଅଙ୍ଗ ଗୁଡ଼ିକ ଅଧିକ ଚଳପ୍ରଚଳ ରହିବ । ଚେହେରାରେ ଗ୍ଲୋ ମଧ୍ୟ ଦେଖାଯାଏ । ଶରୀର ମଧ୍ୟରେ ଥିବା ବିଷାକ୍ତ ପଦାର୍ଥ ଦୂରେଇ ଯାଇଥାଏ । ଯାହା ଦ୍ୱାରା ଆମ ଶରୀର ରେ ରକ୍ତ ପରିମାଣ ବଢ଼ିଯାଇଥାଏ । ହାଟଆଟାକ ଭଳି ସମସ୍ୟା ଠାରୁ ମୁକ୍ତି ପାଇଥାଏ। ତାପମାତ୍ରା ଠିକ୍ ରହିଥାଏ । ଏହା ହାଟଆଟାକ ଠାରୁ ମୁକ୍ତି ଦେଇଥାଏ ।

■ ଗାଧେଇବା ପୂର୍ବରୁ ଗୋଟେ ଗ୍ଲାସ୍ ପାଣି ପିଇବା ଦ୍ୱାରା ବ୍ଲଡ଼ ପ୍ରେସରରୁ ମୁକ୍ତି ମିଳିଥାଏ । ସନ୍ଧ୍ୟାରେ ଜଳଖିଆ ଖାଇବା ପୂର୍ବ ରୁ ଗୋଟେ ଗ୍ଲାସ୍ ପାଣି ପିଇବା ଉଚିତ୍ ଯାହା ଦ୍ୱାରା ଖାଦ୍ୟ ର ପୂର୍ଣ୍ଣ ହଜମ ହୋଇଥାଏ । ଅଧିକ ଖାଇପରିବେ ନାହିଁ ମୋଟପାନରୁ ମୁକ୍ତି ପାଇବେ । ମୁଣ୍ଡ ବିନ୍ଧା ସମୟରେ ଅଧିକରୁ ଅଧିକ ପାଣି ପିଅନ୍ତୁ । ଯାହା ଦ୍ୱାରା ମୁଣ୍ଡ ବ୍ୟଥା କମିବ । ଏହି ସମୟରେ ସଠିକ୍ ଭାବେ ପାଣି ପିଅନ୍ତୁ ଶରୀର ସୁସ୍ଥ ରଖନ୍ତୁ



## ବାହା ହେବେ କିର୍ତ୍ତୀ ସୁରେଶ

ଚଳିତ ବର୍ଷ ଟିଭି ଇଣ୍ଡଷ୍ଟ୍ରିରୁ ଆରମ୍ଭ କରି ଫିଲ୍ମ ଇଣ୍ଡଷ୍ଟ୍ରି ପର୍ଯ୍ୟନ୍ତ ଅନେକ କଳାକାର ଏବଂ ଅଭିନେତ୍ରୀ ବିବାହ କରିଛନ୍ତି । ବର୍ଷ ଶେଷରେ ଫିଲ୍ମ ଇଣ୍ଡଷ୍ଟ୍ରିର ଆଉ ଏକ ସୁନ୍ଦରୀ ବିବାହ କରିବାକୁ ଯାଉଛନ୍ତି । ନିକଟରେ ନାଗା ଚୈତନ୍ୟ ଏବଂ ଶୋଭିତାଙ୍କ ବିବାହ କାର୍ଡ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। କିନ୍ତୁ ଏବେ ଯେଉଁ ଅଭିନେତ୍ରୀଙ୍କ ବିବାହ କଥା ଆମେ କହୁଛୁ, ତାହା ସତରେ ଆପଣଙ୍କୁ ଆଶ୍ଚର୍ଯ୍ୟ କରିବ । ଆମେ ଯେଉଁ ଅଭିନେତ୍ରୀଙ୍କ କଥା କହୁଛୁ ସେ ଶିଶୁ କଳାକାର ଭାବରେ ନିଜର କ୍ୟାରିଅର୍ ଆରମ୍ଭ କରିଥିଲେ । ତାଙ୍କର ପ୍ରଥମ ଚଳଚ୍ଚିତ୍ର ୨୦୦୦ ମସିହାରେ ଆସିଥିଲା । ଏହା ପରେ ସେ ୨୦୧୩ରେ ଲିଡ୍ ଆକ୍ଟ୍ରେସ୍ ଭାବରେ ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି କରିଥିଲେ ଏବଂ ଖୁବଶୀଘ୍ର ପ୍ରସିଦ୍ଧ ହୋଇଥିଲେ । ବର୍ତ୍ତମାନ ଫିଲ୍ମ ଇଣ୍ଡଷ୍ଟ୍ରିର ଶ୍ରେଷ୍ଠ ଅଭିନେତ୍ରୀମାନଙ୍କ ତାଲିକାରେ ତାଙ୍କ ନାମ ସ୍ଥାନ ପାଇଛି । ତେବେ ଆମେ କହୁଛୁ ୩୨ ବର୍ଷ ବୟସ୍କା କିର୍ତ୍ତୀ ସୁରେଶଙ୍କ କଥା, ଯିଏ ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିର ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଜଣାଶୁଣା । ଜାତୀୟ ପୁରସ୍କାର ବିଜେତା ଅଭିନେତ୍ରୀ କିର୍ତ୍ତୀ ସୁରେଶ ଶୀଘ୍ର ବିବାହ କରିବାକୁ ଯାଉଛନ୍ତି । ଖବର ଅନୁଯାୟୀ କିର୍ତ୍ତୀ ଚଳିତ ବର୍ଷ ଶେଷରେ ଅର୍ଥାତ୍ ଆସନ୍ତା ମାସ ୧୧ ଏବଂ ୧୨ ଡିସେମ୍ବରରେ ଗୋଆରେ ନିଜ ଘନିଷ୍ଠ ବନ୍ଧୁ ଏବଂ ପରିବାର ଲୋକଙ୍କୁ ସାମିଲ କରି ବିବାହ କରିବେ । କୁହାଯାଉଛି ଯେ ସେ ତାଙ୍କ ପିଲାଦିନର ବନ୍ଧୁ ଆଣ୍ଟନି ଥାଟିଲଙ୍କୁ ବିବାହ କରୁଛନ୍ତି । ଆଣ୍ଟନି କୋଚିରେ ପଢୁଥିବାବେଳେ କିର୍ତ୍ତୀ ଏବଂ ଆଣ୍ଟନିଙ୍କ ପ୍ରଥମ ସାକ୍ଷାତ ହୋଇଥିଲା । ଖବର ଅନୁଯାୟୀ ଗତ ୧୫ ବର୍ଷ ଧରି ଉଭୟ ପରସ୍ପରକୁ ଡେଟ୍ କରୁଥିଲେ ଏବଂ ବର୍ତ୍ତମାନ ଉଭୟ ବିବାହ କରିବାକୁ ଯାଉଛନ୍ତି । ଏହି ଦମ୍ପତି ଗତ କିଛି ବର୍ଷ ଧରି ନିଜ ସମ୍ପର୍କକୁ ବ୍ୟକ୍ତିଗତ ରଖିଥିଲେ । ସେମାନଙ୍କ ବିବାହରେ କେବଳ ଘନିଷ୍ଠ ପରିବାର ଏବଂ ଖାସ୍ ବନ୍ଧୁମାନଙ୍କୁ ନିମନ୍ତ୍ରଣ ଦିଆଯିବ ବୋଲି ଜଣାଯାଇଛି । ରିପୋର୍ଟ ଅନୁଯାୟୀ ଏହି ଦମ୍ପତି ଖୁବ୍ ଶୀଘ୍ର ନିଜ ବିବାହ ବିଷୟରେ ଅଫିସିଆଲି ଭାବେ ଘୋଷଣା କରିପାରନ୍ତି ।



## ଜାନୁଆରୀ ୧୭ ରେ ଥିଏଟରକୁ ଆସିବ 'ଏମର୍ଜେନ୍ସି'

ବଲିଉଡ୍ କ୍ୱିନ୍ ତଥା ମଣ୍ଡି ସାଂସଦ କଙ୍ଗନା ରଣାୱତ ଫ୍ୟାନ୍ଙ୍କୁ ଖୁସି ଖବର ଦେଇଛନ୍ତି । ତାଙ୍କ ଅପ୍କମିଙ୍ଗ ଫିଲ୍ମ "ଏମର୍ଜେନ୍ସି'କୁ ଶେଷରେ ରିଲିଜ୍ ଡେଟ୍ ମିଳିଛି । ଗତ ଅକ୍ଟୋବର ୧୭ ତାରିଖରେ ସେନ୍ସର ବୋର୍ଡ ପକ୍ଷରୁ ଫିଲ୍ମକୁ କ୍ଲିନ୍ ଚିଟ୍ ମିଳିଥିଲା । ଏହା ପରେ କଙ୍ଗନା ସୋସିଆଲ ମିଡିଆ ମାଧ୍ୟମରେ ଫ୍ୟାନ୍ଙ୍କୁ ସେନ୍ସର ପ୍ରମାଣପତ୍ର ମିଳିବା ବିଷୟରେ ସୂଚନା ଦେଇଥିଲେ । ତା'ପରଠୁ ଫିଲ୍ମର ରିଲିଜ୍ ତାରିଖ ଘୋଷଣାକୁ ଅପେକ୍ଷା କରିଥିଲେ ଫ୍ୟାନ୍ । ସଦ୍ୟ ରିପୋର୍ଟ ଅନୁସାରେ, ୨୦୨୫, ଜାନୁଆରୀ ୧୭ ତାରିଖରେ ଥିଏଟରକୁ ଆସିବ 'ଏମର୍ଜେନ୍ସି' । ବେଶ ଲମ୍ବା ସମୟ ଧରି କଙ୍ଗନାଙ୍କ 'ଏମର୍ଜେନ୍ସି'କୁ ନେଇ ବିବାଦ ଲାଗି ରହିଥିଲା । ଶିଖ ସଂଗଠନଗୁଡ଼ିକର ପ୍ରତିବାଦ ପରେ ଫିଲ୍ମର ରିଲିଜ୍କୁ ସ୍ଥଗିତ ରଖାଯାଇଥିଲା । ଶିଖ ସଂଗଠନ ଅଭିଯୋଗ କରିଥିଲେ, ଫିଲ୍ମରେ ସେମାନଙ୍କ ସମାଜର ଭୁଲ ଛବି ପ୍ରଦର୍ଶିତ ହୋଇଛି । ଗତ ଅଗଷ୍ଟ ୧୪ ତାରିଖରେ ଟ୍ରେଲର ରିଲିଜ୍ ପରେ ଫିଲ୍ମଟି ବିବାଦ ଘେରକୁ ଆସିଲା । ପଞ୍ଜାବରେ ଫିଲ୍ମ ବିରୋଧରେ ପ୍ରତିବାଦ ସହିତ ବ୍ୟାନ୍ ଦାବି ଜୋର ଧରିଥିଲା । ସେନ୍ସର ବୋର୍ଡ ପ୍ରଥମେ ଫିଲ୍ମକୁ ପ୍ରମାଣପତ୍ର ଦେଇଥିଲା କିନ୍ତୁ ଶିଖ ସମୁଦାୟର ବିରୋଧ ଓ ମଧ୍ୟପ୍ରଦେଶ ହାଇକୋର୍ଟରେ ପ୍ରତିବାଦ ମାମଲାକୁ ଗମ୍ଭୀର କଲା । ପ୍ରମାଣପତ୍ର ପ୍ରଦାନ ପୂର୍ବରୁ ଶିଖଙ୍କ ଅଭିଯୋଗ ଉପରେ ଧ୍ୟାନ ଦେବାକୁ ହାଇକୋର୍ଟ ସେନ୍ସର ବୋର୍ଡକୁ ନିର୍ଦ୍ଦେଶ ଦେଲେ । ଅନ୍ୟପକ୍ଷେ, ପ୍ରମାଣପତ୍ର ନ ମିଳିବାରୁ ଫିଲ୍ମ ନିର୍ମାତା ବମ୍ବେ ହାଇକୋର୍ଟର ଦ୍ୱାରସ୍ଥ ହେଲେ । ଏ ନେଇ ସେନ୍ସର ବୋର୍ଡ ଏକ କମିଟି ଗଠନ କରି ଫିଲ୍ମର କିଛି ବିବାଦୀୟ ଦୃଶ୍ୟରେ ପରିବର୍ତ୍ତନ ଲାଗି କଙ୍ଗନାଙ୍କୁ ପରାମର୍ଶ ଦେଲା । ଏ ସମସ୍ତ ପ୍ରକ୍ରିୟା ପରେ ଫିଲ୍ମକୁ ଶେଷରେ ସେନ୍ସର ବୋର୍ଡ ପକ୍ଷରୁ କ୍ଲିନ୍ ଚିଟ୍ ମିଳିଲା । 'ଏମର୍ଜେନ୍ସି'ରେ ଦିବଂଗତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ଭୂମିକାରେ ଅଭିନୟ କରିଛନ୍ତି କଙ୍ଗନା । ଫିଲ୍ମର ନିର୍ଦ୍ଦେଶନା ଓ ପ୍ରଯୋଜନା ଦାୟିତ୍ୱ ମଧ୍ୟ ସେ ତୁଲାଇଛନ୍ତି । ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି ଅନୁପମ ଖେର, ଶ୍ରେୟସ ତଲପଡ଼େ, ମହିମା ଚୌଧରୀ ।

## ନୟନତାରାଙ୍କୁ ସପୋର୍ଟ କଲେ ଜାହ୍ନବୀ





ବିବାଦ ମଧ୍ୟରେ ନୟନତାରାଙ୍କୁ ସପୋର୍ଟ କଲେ ଜାହ୍ନବୀ କପୁର, କହିଲେ-ସେ ସାହସି ମହିଳା ସାଉଥ୍ ଲେଡି ସୁପରଷ୍ଟାର୍ ନୟନତାରା । ତାଙ୍କ ଡକ୍ୟୁମେଣ୍ଟାରୀ 'ନୟନତାରା: ବିଓଣ୍ଡ୍ ଫେରି ଟେଲ୍' ପାଇଁ ବର୍ତ୍ତମାନ ଚର୍ଚ୍ଚାରେ ଅଛନ୍ତି। ନିକଟରେ ଏହା ୧୮ ନଭେମ୍ବରରେ ନେଟଫ୍ଲିକ୍ସରେ ପ୍ରିମିୟର୍ ହୋଇଥିଲା । ଏହି ଡକ୍ୟୁମେଣ୍ଟାରୀରେ, ନୟନତାରାଙ୍କ ଜୀବନର ବିଶେଷ ମୂହୁର୍ତ୍ତ ତଥା କ୍ୟାରିୟର ସଫଳତା ଏବଂ ତାଙ୍କ ବ୍ୟକ୍ତିଗତ ଜୀବନ ସହିତ ଜଡିତ କିଛି ଦର୍ଶାଯାଇଛି । ତେବେ ଏହାକୁ ନେଇ ନୟନତାରା-ଧନୁଷଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଏହି ବିବାଦ ଆରମ୍ଭ ହୋଇଥିଲା ଯେତେବେଳେ ଧନୁଷ ନୟନତାରାଙ୍କ ନେଟଫ୍ଲିକ୍ସ ଡକ୍ୟୁମେଣ୍ଟାରୀକୁ ବିନା ଅନୁମତିରେ ତାଙ୍କ ଚଳଚ୍ଚିତ୍ର 'ନାନୁମ୍ ରାଉଡି ଧାନ'ର କିଛି ଗୀତ ଏବଂ ଦୃଶ୍ୟ ଦେଖାଇଥିବାର ଅଭିଯୋଗ କରିଥିଲେ। ଏଥିପାଇଁ ଧନୁଷ ୧୦ କୋଟି ଟଙ୍କା କ୍ଷତିପୂରଣ ମାଗିଥିଲେ ଏବଂ ଏହାର ଏକ ଆଇନଗତ ବିଜ୍ଞପ୍ତି ମଧ୍ୟ ରହିଥିଲା। ଏହା ପରେ ନୟନତାରା ଧନୁଷଙ୍କୁ ଏକ ଓପନ ଲେଟର ଲେଖିଥିଲେ, ଏହାର ଉତ୍ତରରେ ଧନୁଷଙ୍କ ଓକିଲ ଏକ ବିବୃତ୍ତି ପ୍ରଦାନ କରିଥିଲେ ଯେଉଁଥିରେ ନୟନତାରା ଏବଂ ନେଟଫ୍ଲିକ୍ସକୁ ୨୪ ଘଣ୍ଟା ମଧ୍ୟରେ ଏହାକୁ ହଟାଯାଉ। ଯେତେବେଳେ ନୟନତାରା ଧନୁଷଙ୍କ ନାମରେ ଏକ ଚିଠି ଲେଖିଥିଲେ, ଦକ୍ଷିଣର ଅନେକ ବଡ ଅଭିନେତ୍ରୀ ତାଙ୍କୁ ସମର୍ଥନ କରିଥିଲେ । ବର୍ତ୍ତମାନ ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁର ମଧ୍ୟ ତାଙ୍କ ସମର୍ଥନରେ ଆଗକୁ ଆସି ଅଭିନେତ୍ରୀଙ୍କୁ ଜଣେ 'ଶକ୍ତିଶାଳୀ ମହିଳା' ବୋଲି କହିଛନ୍ତି। ନିକଟରେ ନୟନତାରାଙ୍କ ଡକ୍ୟୁମେଣ୍ଟାରୀର ପୋଷ୍ଟର ସେୟାର କରିବାବେଳେ ଜାହ୍ନବୀ କ୍ୟାପସନରେ ଲେଖିଛନ୍ତି,' ଜଣେ ମହିଳା ନିଜକୁ ଅଧିକ ଶକ୍ତିଶାଳୀ କରିବା ଅପେକ୍ଷା ଅଧିକ ପ୍ରେରଣାଦାୟକ କରିବା ଉଚିତ୍ '। ତାଙ୍କର ଏହି ପୋଷ୍ଟ ଖୁବ୍ ଭାଇରାଲ ହେଉଛି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: ପ୍ରବୋଷ ପଟ୍ଟନାୟକ
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର






କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ରାଇସୁଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାଇସୁଆଁ ଠାରେ ନେହେରୁ ଯୁବକେନ୍ଦ୍ର କେନ୍ଦୁଝର ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ଉଦ୍‌ଯାପନୀ ସଭାରେ କଲେଜର ତର୍କଶାସ୍ତ୍ର ଅଧ୍ୟାପକ ସଞ୍ଜୟ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ । ଡି ଏମ୍ ଏଫ କେନ୍ଦୁଝର ଜାଗୃତି ନିଶା ନିବାରଣ ପରାମର୍ଶଦାତା ବିଷ୍ଣୁପ୍ରସାଦ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୁବ ସମାଜ ପାଇଁ ନିଶା ଅସାଧ କର୍କଟ ଭଳି ରୋଗକୁ ଆମନ୍ତ୍ରଣ କରିବା ସହ ସମାଜକୁ କଳୁଷିତ କରେ ବୋଲି ମତ ପ୍ରକାଶ କରିଥିଲେ । ଡି.ଏମ୍. ଏଫ. ଜାଗୃତି ନିଶାମୁକ୍ତି ଚିକିତ୍ସା ଓ ଥଇଥାନ କେନ୍ଦ୍ର କେନ୍ଦୁଝର ଶୁଭଶ୍ରୀ ସୁନ୍ଦର ରାଇ,ଦିନେଶ କୁମାର ଦଳେଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଶା ନିରାକରଣ କରିବା ପାଇଁ ସଚେତନତାର ଆବଶ୍ୟକତା ରହିଛି ଏବଂ ନିଶା ସମ୍ପୂର୍ଣ୍ଣ ନିରାକରଣ ପଦ୍ଧତି ଉପରେ ଆଲୋକପାତ କରିଥିଲେ । ସଭା ମଧ୍ୟରେ କଲେଜର ସମସ୍ତ ଛାତ୍ରୀ ଏବଂ କର୍ମଚାରି ସଚେତନତା ର ଶପଥ ପାଠ କରିଥିଲେ । ନେହରୁ ଯୁବ କେନ୍ଦ୍ର ର ଜାତୀୟ ଯୁବ ସ୍ୱେଚ୍ଛାସେବୀ ରୁନା ନାଏକ ସଭା ପରିଚାଳନା ଓ ଅତିଥିଙ୍କୁ ସ୍ୱାଗତ କରି ପରିଚୟ ପ୍ରଦାନ ମଧ୍ୟ କରିଥିଲେ କ୍ଷ କାର୍ଯ୍ୟକ୍ରମ ରେ ଉତ୍ସର୍ଗ କ୍ଲବ ର ସଦସ୍ୟ ସମେତ କଲେଜ ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ କ୍ଷ ଶେଷରେ ପ୍ରଶାନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## 'ୱାଡି' ବନୀକରଣ ନାମରେ ହରିଲୁଟ୍, ପଡିଆ ପଡିଛି ଏକର ଏକର ଜମି



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ସମାଜର ମୁଖ୍ୟ ସ୍ରୋତରେ ସାମିଲ ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୱାଡି ଯୋଜନାରେ ସାମିଲ କରାଯାଇଛି । ତେବେ ଏହି ଯୋଜନାରେ ସଠିକ୍ ତଦାରଖ ଅଭାବରୁ ଏହା କେନ୍ଦୁଝର ଜିଲ୍ଲାରେ ଫେଲ ମାରିଛି । ଆଦିବାସୀଙ୍କ ଜମିରେ ସରକାର ଫଳ ଗଛ ଓ ପନିପରିବା ଗଛ ଲଗାଇ ଚାଷୀଙ୍କୁ ହସ୍ତାନ୍ତର କରିବା ଏହାର ଲକ୍ଷ୍ୟ । ଏହି ବୃକ୍ଷରୁ ଉତ୍ପାଦିତ ଫଳ ଚାଷୀ ବିକ୍ରୀ କରି ନିଜର ଗୁଜୁରାଣ ମେଣ୍ଟାଇବେ । ହେଲେ ଏହି ଯୋଜନାରେ ସ୍ୱେଚ୍ଛାସେବୀ ମାଲେମାଲ ହେଉଥିବା ବେଳେ ଜମି ହରାଇବା ପରେ ଚାଷୀଙ୍କ ଜୀବନ ଜୀବିକା ବୁଡି ଯାଇଛି । କାଗଜ କଲମରେ ଫଳଗଛ ଲଗାଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସରକାର ଠାରୁ କୋଟି କୋଟି ଟଙ୍କାର ବିଲ୍ ନେଇଥିବା ବେଳେ ଜମି ଗୁଡିକରେ ଏବେ ଗୋରୁ ଚରୁଛନ୍ତି । କେନ୍ଦୁଝର ଜିଲ୍ଲାରେ ଅନେକ ୱାଡି ପ୍ରକଳ୍ପରେ କୋଟି କୋଟି ଟଙ୍କା ସରକାର ବ୍ୟୟ କରିଛନ୍ତି । ହେଲେ ବାସ୍ତବରେ କେତେ ଆଦିବାସୀ ଏହି ଯୋଜନାରୁ ଲାଭବାନ ହୋଇଛନ୍ତି ତଦନ୍ତ କରାଯିବାକୁ ଦାବି ହୋଇଛି । ଜିଲ୍ଲାର ହରିଚନ୍ଦନପୁର ଓ ବାଂଶପାଳ ବ୍ଲକରେ ହଜାର ହଜାର ହେକ୍ଟର ଜମିରେ ନାବାର୍ଡ ସହାୟତାରେ ୱାଡି ଯୋଜନା କାର୍ଯ୍ୟକାରୀ କରାଯାଇଛି । ସେଥିମଧ୍ୟରୁ ହରିଚନ୍ଦନପୁର ବ୍ଲକର ବୁଢାଖମଣ ଗ୍ରାମରେ ୪୮୪ ଏକର ଜମିରେ ଲଗାଯାଇଥିବା ଗଛର ନାମଗନ୍ଧ ନାହିଁ । ପୂର୍ବରୁ ଏହି ଜମିରେ ଚାଷ କରି ନିଜର ଗୁଜୁରାଣ ମେଣ୍ଟାଉଥିବା ପ୍ରାୟ ୫୦୩ ଆଦିବାସୀ ପରିବାର ଅନେକଙ୍କ ଜୀବନ ଜୀବିକା ବିପନ୍ନ ହୋଇପଡିଛି । ପ୍ରମାଣକୁ ନଷ୍ଟ କରିବା ପାଇଁ ସୂଚନା ଫଳକକୁ ଭାଙ୍ଗି ଦିଆଯାଇଛି । ବଡଖମଣ ପାହାଡ ତଳେ ଗରିବ ଆଦିବାସୀମାନେ ନିଜର ଜମିରେ ବର୍ଷରେ ଦୁଇଥର ଫସଲ ଉତ୍ପାଦନ କରୁଥିଲେ । ଧାନ ଚାଷ ସହିତ ରାଶି, ବିରି ପ୍ରଭୃତି ଚାଷ କରି ଗୁଜୁରାଣ ମେଣ୍ଟାଉଥିଲେ । ଏହି ଆଦିବାସୀମାନଙ୍କୁ ପ୍ରଲୋଭିତ କରି ସେମାନଙ୍କ ଜମି ହସ୍ତାନ୍ତର କଲେ ଫଳଗଛ ଲଗାଇଲେ ଅଧିକ ରୋଜଗାର କରିବେ ବୋଲି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକ ବୁଝାଇଥିଲେ । ଫଳରେ ବଡଖମଣ ଗ୍ରାମର ସ୍ୱାତିଷ୍ଟ ଆମ୍ବ ଓ କାଜୁ ଗଛ ଲଗାଇବାକୁ ୫୦୩ ଆଦିବାସୀ ପରିବାରର ୪୮୪ ଏକର ଜମିରେ ୫ ବର୍ଷ ତଳେ ଗଛ ଗଲାଇଥିଲେ । ଲୋକମାନେ ମଧ୍ୟ ଅଧିକ ରୋଜଗାର କରିବା ଆଶାରେ ଜମିକୁ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଦେବା ପରେ ଏହି ଜମିରେ ୨୯୦୫୯ଟି କାଜୁ ଓ ଆମ୍ବ ଗଛ ଲଗାଇଥିଲେ ବୋଲି ବଡଖମଣ ଗ୍ରାମର ପିତାମ୍ବର ଜୁଆଙ୍ଗ ସୂଚନା ଅଧିକାର ତଥ୍ୟ ବଳରେ ଜାଣିବାକୁ ପାଇଛନ୍ତି । ନାବାର୍ଡ ପକ୍ଷରୁ ଉକ୍ତ ତଥ୍ୟରେ ଏକର ପିଛା ୧୦ ହଜାର ୮୫୩ ଟଙ୍କା ବ୍ୟୟ କରାଯାଇଥିବା ବେଳେ ୬ ବର୍ଷ ଗଛର ରକ୍ଷଣା ବେକ୍ଷଣ ପାଇଁ ପ୍ରତ୍ୟେକ ପରିବାରକୁ ୪୪୯୮୦ ଟଙ୍କା ପ୍ରଦାନ କରାଯାଇଛି ବୋଲି ଉଲ୍ଲେଖ ରହିଛି । ୨୯୦୫୯ଟି ଗଛ ମଧ୍ୟରୁ ୩୮୧୮ଟି ଗଛ ମରିଯିବା ପରେ ୨୫୨୪୧ ଗଛ ବଞ୍ଚିଥିବା ଦର୍ଶାଯାଇଛି । ମାତ୍ର ବାସ୍ତବରେ କେତେ ଗଛ ବଞ୍ଚିଛି ତାହା ଅନୁଧ୍ୟାନ କରିବା ପରେ ସୂଚନା ଅଧିକାର ତଥ୍ୟରେ ମଧ୍ୟ ବିଭ୍ରାନ୍ତିକର ସୂଚନା ଦିଆଯାଇଥିବା ସ୍ପଷ୍ଟ ହୋଇଛି ବଡଖମଣ ଗ୍ରାମରେ ଲାଗିଥିବା ଗଛ ମଧ୍ୟରୁ ପ୍ରାୟ ୧୦ ପ୍ରତିଶତ ଗଛ ଏବେ ଜୀବିତ ଥିବା ଅଭିଯୋଗ ହୋଇଛି । ଗଛ ଗୁଡିକ ଅତି ଦୁର୍ବଳ ଯୋଗୁଁ ବଢିପାରିନି । ଏପଟେ ଜମିରେ ଆଦିବାସୀମାନେ ଧାନ, ବିରି, ମୁଗ, ରାଶି ପ୍ରଭୃତି ଚାଷ କରୁଥିବା ବେଳେ ଏବେ ତାହା ମଧ୍ୟ ସମ୍ଭବ ହୋଇପାରୁନି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଛ ଲଗାଇବା ପରେ ଏହାର ରକ୍ଷଣା ବେକ୍ଷଣ ଖର୍ଚ୍ଚ ଦିଗ ପ୍ରତି ଧ୍ୟାନ ଦେଇନଥିବାରୁ ଗଛ ମରିଯାଇଛି ବୋଲି ଗ୍ରାମବାସୀ କହିଛନ୍ତି । ଏହି ୱାଡି ଯୋଜନାରେ ପାଖପାଖି କୋଟିଏ ଟଙ୍କା ବିନିଯୋଗ ହୋଇଥିବା ଗ୍ରାମବାସୀ କହିଥିବା ବେଳେ ଏବେ ତାହା ଆଦିବାସୀଙ୍କ କାମରେ ଲାଗିବା ବଦଳରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଲେମାଲ ହେଉଥିବା ବଡଖମଣ ଗ୍ରାମର ଅନେକ ଜୁଆଙ୍ଗ ଲୋକ ମତବ୍ୟକ୍ତ କରିଛନ୍ତି । ତେବେ ୱାଡି ଯୋଜନା ଆଦିବାସୀଙ୍କୁ ସ୍ୱାବଲମ୍ବୀ କିରବା ପାଇଁ ନା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସ୍ୱାର୍ଥ ପାଇଁ କରାଯାଉଛି ତାହା ଚର୍ଚ୍ଚାର ବିଷୟ ହୋଇଛି । ଖାଲି ଏହି ଗୋଟିଏ ନୁହେଁ ଜିଲ୍ଲାରେ ୩ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ କୋଟି କୋଟି ଟଙ୍କା ନାବାର୍ଡ ସହାୟତାରେ ବୃକ୍ଷରୋପଣ ନାମରେ ବ୍ୟାପକ ଦୁର୍ନୀତି କରିଥିବା ଅଭିଯୋଗ ହୋଇଛି । ଗତ ସରକାର ସମୟରେ ପ୍ରଶାସନ ଉପରେ ଚାପ ପକାଇ ବୃକ୍ଷରୋପଣ ନାମରେ ଜିଲ୍ଲା ଓ ଜିଲ୍ଲା ବାହାରେ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ କୋଟି କୋଟି ଟଙ୍କାର ବିଲ୍ ନେଇଛନ୍ତି । ତେବେ ଏହାର ସମୀକ୍ଷା ନ ହୋଇ ବିଲ ପଇଠ କରାଯାଇଛି । ଯାହାର ତଦନ୍ତ ହେଲେ ଦୁର୍ନୀତି ଲୋକ ଲୋଚନକୁ ଆସିପାରିବ ବୋଲି ସ୍ଥାନୀୟ ଅଂଚଳର ଲୋକ କହିଛନ୍ତି ।

## ଅନ୍ତର୍ଜାତୀୟ ପ୍ରତିଯୋଗିତା ପ୍ରଥମ ହେଲେ ଓଡ଼ିଆ ଶିଳ୍ପୀ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଜୟପୁରଠାରେ ରାଜସ୍ଥାନ ଲଳିତକଳା ଏକାଡେମୀ ଓ ଅନ୍ତରଙ୍ଗ କଳା ଆଭାର ମିଳିତ ସହଯୋଗରେ ଆୟୋଜିତ 'ଅନ୍ତର୍ଜାତୀୟ କଳା ପର୍ବ କ୍ରାୟୋନସ -୨୪' ଚିତ୍ର ପ୍ରତିଯୋଗୀତାରେ ଓଡ଼ିଶାର ଯୁବ ଶିଳ୍ପୀ ଅଶୋକ ମହାକୁର ପ୍ରଥମ ହୋଇ ଓଡ଼ିଶାର ଟେକ ରଖିଛନ୍ତି ।ଏହି ପ୍ରତିଯୋଗିତାରେ ଭାରତର ୧୭ଟି ରାଜ୍ୟରୁ ଓ ଭାରତ ବାହାରୁ ମୋଟ ୨୦୦ ଜଣ ଯୁବ ଶିଳ୍ପୀ ଅଂଶଗ୍ରହଣ କରିଥିଲେ ।ଅଶୋକଙ୍କ ଚିତ୍ର 'ଦ ଟେଷ୍ଟ ଅଫ ନୋଲେଜ -୧୪' ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।ପ୍ରକାଶ ଥାଉ କି ଅଶୋକ ଭୁବନେଶ୍ୱର ଧଉଳି ଚାରୁକଳା ମହାବିଦ୍ୟାଳୟର ପୂର୍ବତନ ଛାତ୍ର ।ଏବେ ସେ ଦିଲ୍ଲୀରେ ରହି ନିଜ କଳା ସାଧନା ଜାରି ରଖିଛନ୍ତି । ତାଙ୍କ ଏହି ସଫଳତାରେ ମହାବିଦ୍ୟାଳୟର ଅଧକ୍ଷ ଡ଼. ପଞ୍ଚାନନ ସାମଲ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି ।

## ମେଡିକାଲ ଗୃହର ଶିଳା ନ୍ୟାସ କଲେ ବିଧାୟକ



କୋରେଇ (ଭାସ୍କର ନ୍ୟୁଜ୍) : ମଙ୍ଗଳବାର କୋରେଇ ବ୍ଲକ ବନ୍ଧାଳୋ ପଞ୍ଚାୟତର ଦୁଲାଖା ପାଟଣା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ ଏକ କୋଟି ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ସରପଞ୍ଚ ବିଷ୍ଣୁ ଚରଣ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ କୋରେଇର ବିଧାୟକ ଆକାଶ ଦାସ ନାୟକ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବନ୍ଧାଳୋ ସମିତି ସଭ୍ୟା ଶ୍ରାବଣୀ ମହାକୁଡ଼, ବିଜେପି ରାଜ୍ୟ ପରିଷଦ ନେତା ପ୍ରକାଶ ଧଳ, ବରୁଣ୍ଡେଇର ପୂର୍ବତନ ସରପଞ୍ଚ ଉଦୟ ନାଥ ପରିଡା, ତୁଳତୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୀପ୍ତି ମୟୀ କୁଅାଁର, ବିଜେପି ଖରସ୍ରୋତା ମଣ୍ଡଳର ସଭାପତି ପ୍ରମୋଦ ସାହୁ, ବନ୍ଧାଳୋର ଯୁବ ନେତା ଜଗବନ୍ଧୁ ଯେନା ଯୋଗଦେଇଥିବା ବେଳେ ପ୍ରଥମେ ବିଧାୟକଙ୍କ ଦ୍ୱାରା ଶିଳା ନ୍ୟାସ କରାଯିବା ପରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ବିଧାୟକ ବନ୍ଧାଳୋ ପଞ୍ଚାୟତରୁ କୋରେଇର ବିକାଶ ଆରମ୍ଭ ହେଲା ଓ ଏହି ପଞ୍ଚାୟତକୁ ଏକ ବିକଶିତ ପଞ୍ଚାୟତରେ ପରିଣତ କରାଯିବ ବୋଲି କହିଥିଲେ ।

## ଗୌଡ଼ ସମାଜର ଶୌର୍ଯ୍ୟ ଦିବସ



ନନ୍ଦାହାଣ୍ଡି (ଭାସ୍କର ନ୍ୟୁଜ୍) : ନନ୍ଦାହାଣ୍ଡି ବ୍ଲକ୍ ଡଙ୍ଗର ଭେଜା ଅନ୍ତର୍ଗତ ସରୁଗୁଡାଠାରେ ସୋମବାର ଦିନ ଯାଦବ (ଗୌଡ଼) ସମାଜର ଏକ ବୈଠକ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ସରୁଗୁଡ଼ାସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଠାରେ ମେଗା ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା । ସମାଜର ଯୁବାବର୍ଗଙ୍କ ଠାରୁ ମୋଟ ୨୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଅପରାହ୍ନରେ ସ୍ଥାନୀୟ ଶହୀଦ ପରିବାରଙ୍କ ଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରି କାଳୀ ମନ୍ଦିର ପ୍ରାଙ୍ଗଣରେ ବୈଠକ ଅନୁଷ୍ଠିତ ହୋଇଥିଲା । ୧୯୪୨ ଅଗଷ୍ଟ କ୍ରାନ୍ତିରେ ଯାଦବ ସମାଜର ଶହୀଦ ହୋଇଥିବା ଶ୍ୟାମ ସୁନ୍ଦର ଗୌଡ଼, ଡମ୍ବରୁ ଧର ଦାସ ଓ ଘେନୁଆ ଗୌଡଙ୍କ ପରିବାରରୁ ଏହି ମଶାଲ ବାହାରିଥିଲା । ବୈଠକରେ ଜିଲ୍ଲା ଯାଦବ ମହାସଭାର ଜିଲ୍ଲା ସଭାପତି ଜ୍ୟୋତି ରଞ୍ଜନ କଂସ, କାର୍ଯ୍ୟକାରୀ ସଭାପତି ଦେବଦାସ ମହାଙ୍କୁଡ, କୋଷାଧ୍ୟକ୍ଷ ଦୈତାରି ମାଝୀ, ଯୁବ ସଭାପତି ନବକିଶୋର ଗୌଡ଼, ସମେତ ବିଭିନ୍ନ ପଦାଧିକାରୀ ହରି ଗୌଡ଼, କୃଷ୍ଣ ଚନ୍ଦ୍ର ନାୟକ, ହରି ନାୟକ ଓ ନନ୍ଦାହାଣ୍ଡି ବ୍ଲକ୍ ସ୍ତରୀୟ ଧନୁର୍ଜୟ ଗୌଡ଼, ଈଶ୍ୱର ଗୌଡ଼ , ଲଛମନ ଗୌଡ଼, ସୁଶାନ୍ତ ଗୌଡ଼, ଦେବେନ୍ଦ୍ର ଗୌଡ଼ ତଥା ତେନ୍ତୁଳିଖୁଣ୍ଟି ଓ ଝରିଗାଁର କର୍ମକର୍ତ୍ତା ସହ ସମାଜର ଶତାଧିକ ଲୋକ ଉପସ୍ଥିତ ରହି ଥିଲେ ।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା

ତିହିଡ଼ (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ସ୍ତରୀୟ ବିଜ୍ଞାନମେଳା ବାରୋ ପଞ୍ଚାୟତ ଅଧୀନ ଦହପାଣିଆ ସରକାରୀ ହାଇସ୍କୁଲ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବ୍ଲକ ଶିକ୍ଷାଧିକାରୀ ଶୁଭସ୍ମିତା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ମୁଖ୍ୟ ବକ୍ତା ଭାବେ ଭଦ୍ରକ ସ୍ୱୟଂ ଶାଶିତ ମହାବିଦ୍ୟାଳୟ ବିଜ୍ଞାନ ବିଭାଗ ଅଧ୍ୟାପକ ଡ. ପଦ୍ମନାଭ ପତ୍ରୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଉପଜିଲାପାଳ ଶ୍ୟାମଳ କୁମାର ରାୟ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ବିଧାୟକଙ୍କ ପ୍ରତିନିଧି ସରୋଜ ଦାସ, ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଡ. ଅମୂଲ୍ୟ କୁମାର ସେନାପତି, ଧାମନଗର ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ମଳିକ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଉର୍ମିଳା ଗୋଛାୟତ, ସରପଞ୍ଚ ଉଦ୍ଧବ ଚରଣ ନାୟକ, ସମିତିସଭ୍ୟା ବିଷ୍ଣୁପ୍ରିୟା ପତି, ଏବିଇଓ ଦାମୋଦର ଜେନା, ରତ୍ନାକର ସାହୁ, ଲକ୍ଷ୍ମୀପ୍ରିୟା ମାଝୀ, ବିଜ୍ଞାନ ସଂଯୋଜିକା ରଶ୍ମୀରେଖା ସୂତାର, ସରୋଜ କୁମାର ଦାସ, ପ୍ରଧାନ ଶିକ୍ଷକ ସନତ କୁମାର ବେହେରା, ସ୍କୁଲ ପରିଚାଳନା କମିଟି ସଭାପତି ସୋମନାଥ ମଳିକ ପ୍ରମୁଖ ଯୋଗ ଦେଇ ସୂକ୍ଷ୍ମ ସ୍ତରକୁ ଯାଇ ବିଜ୍ଞାନକୁ ବିଶ୍ଳେଷଣ କଲେ ଜଣେ ଭଲ ବୈଜ୍ଞାନିକ ହୋଇପାରିବ ବୋଲି କହିଥିଲେ । ପ୍ରଧାନ ଶିକ୍ଷକ ମନ୍ମଥ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ଗିରିଧାରୀ ଚାନ୍ଦ ବେଦ ପାଠ କରିଥିଲେ । ସ୍କୁଲର ଛାତ୍ରୀମାନେ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ । ଏହି ବିଜ୍ଞାନ ମେଳାରେ ୧୨୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଏହି ପ୍ରକଳ୍ପ ମଧ୍ୟରୁ ୭ଟି ପ୍ରକଳ୍ପକୁ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଥିଲା । ଶିକ୍ଷକ ସଂଘ ସଭାପତି ମାୟାଧର ସାହୁ, ସମ୍ପାଦକ ରମାକାନ୍ତ ଦାସ, ସଂଗଠନ ସମ୍ପାଦକ ଶ୍ରୀନାଥ ମଳିକ, ପ୍ରଧାନ ଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର, ଲକ୍ଷ୍ମୀଧର ପତି, ବିଶ୍ୱନାଥ ପଣ୍ଡା, ଶିକ୍ଷକ ଡ. କାଳୀପଦ ଦାସ, ସରୋଜ କୁମାର ଓଝା, ଦେବୀଦତ୍ତ ଦାସ, ବଂଶୀଧର ଦାସ, ଦେବବ୍ରତ ଶତପଥି, ସଂଜୟ କୁମାର ପାଣ୍ଡା, ପ୍ରଭାସ କୁମାର ପଣ୍ଡା, ପରମେଶ୍ୱର ମଳିକ ପ୍ରମୁଖଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷାକର୍ମୀ ଓ ସିଆରସିମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ




ରାୟଗଡ଼ (ଭାସ୍କର ନ୍ୟୁଜ୍) : ମଙ୍ଗଳବାର ରେଳବାଇ ପଡ଼ିଆରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ ହୋଇଯାଇଛି । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କାଡ୍ରାକା ଆପଲସ୍ୱାମି, ବିଧାୟକ ରାୟଗଡ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ । ରାଜ୍ୟ ସରକାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିକାଶ ନିମନ୍ତେ ସବୁ ପ୍ରକାର ଯୋଜନା କରୁଛନ୍ତି । ଏହାଦ୍ୱାରା ଲୋକମାନଙ୍କର ଆୟ ଦ୍ୱିଗୁଣିତ ହେବା ସଙ୍ଗେ ସଙ୍ଗେ ସେମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ମୁଖ୍ୟ ଅତିଥି ମତ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୀଳମାଧବ ହିକକା,ବିଧାୟକ, ବିଷମ କଟକ ଓ ସତ୍ୟଜିତ ଗମାଙ୍ଗ, ବିଧାୟକ, ଗୁଣୁପୁର ମତ୍ସ୍ୟ ଓ ପ୍ରାଣୀ ପାଳନକୁ ବ୍ୟବସାୟ ଭିତ୍ତିରେ ଗ୍ରହଣ କରି ବେକାରୀ ସମସ୍ୟାକୁ ଦୂରୀଭୂତ କରାଯାଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରସ୍ୱତୀ ମାଝୀ, ଅଧ୍ୟକ୍ଷା ଜିଲ୍ଲା ପରିଷଦ ରାୟଗଡ଼ ମତ୍ସ୍ୟ ଓ ପ୍ରାଣୀ ପାଳନ କରି ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିହାର ରଞ୍ଜନ କହଁର, ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ, ରାୟଗଡ଼ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ମତ୍ସ୍ୟ, ଦୁଗ୍ଧ, ଅଣ୍ଡା ଓ ମାଂସ ଉତ୍ପାଦନ କ୍ଷେତ୍ରରେ ସେମାନଙ୍କ ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ସମିତି ରାୟଗଡ଼, କୋଲନରା, କାଶିପୁର, ରାମନାଗୁଡ଼ା ଓ କଲ୍ୟାଣସିଂପୁରର ଅଧକ୍ଷ/ ଅଧକ୍ଷା ମାନେ ଉପସ୍ଥିତ ଥିଲେ । ଏହାସହିତ ଜିଲ୍ଲା ପରିଷଦ ସଭ୍ୟ କ ଓ ଖ ଜୋନ ରାୟଗଡ ଯୋଗଦାନ କରିଥିଲେ । ଉକ୍ତ ସଭାରେ ଡାକ୍ତର ଦେବରାଜ ନାୟକ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ରାୟଗଡ଼ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଉକ୍ତ ସଭାରେ ସଭାପତି ପାରୁଲ୍ ପଟୱାରୀ, ଜିଲ୍ଲାପାଳ ତଥା ଜିଲ୍ଲା ନ୍ୟାୟଧିସ ରାୟଗଡ଼ ମତ୍ସ୍ୟ ଓ ପ୍ରକ୍ଷଣୀସମ୍ପଦ ବିକାଶ ବିଭାଗର ତୃଣ ମୂଳ ସ୍ତରର କର୍ମକର୍ତ୍ତାଙ୍କର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ଉକ୍ତ ମେଳାରେ ବିଶେଷ ଆକର୍ଷଣ ସ୍ୱରୂପ ଜୀବନ୍ତ ମତ୍ସ୍ୟ ଓ ବିଭିନ୍ନ ପ୍ରାଣୀମାନଙ୍କ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ସରକାରଙ୍କର ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ୩୧ଟି ଷ୍ଟଲର ପ୍ରଦର୍ଶନ କରାଯାଇଥିଲା । ଏହାସହିତ ଗୋ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ସଫଳ ପ୍ରାଣୀ ପାଳକ ଚାଷୀ ହିସାବରେ ସଂଘମିତ୍ରା ପାଡ଼ୀ, ରାୟଗଡ ଓ ଖଗପତି ନାୟକ କାଶିପୁର ଏବଂ ଜିଲ୍ଲାର ସଫଳ ମତ୍ସ୍ୟ ଚାଷୀ ହିସାବରେ କାଞ୍ଚାକା କ୍ରିଷ୍ଣା କଲ୍ୟାଣସିଂପୁର୍ ଓ ଲକ୍ଷ୍ମଣ ବେହେରା କୋଲନରାଙ୍କୁ ଉପଢୌକନ ସହିତ ପାଞ୍ଚ ହଜାର ଟଙ୍କା ପ୍ରଦାନ କରାଯାଇଥିଲା, ତତ୍ ସହିତ ବ୍ଲକ ସ୍ତରରେ ପ୍ରାଣୀ ପାଳକ ଚାଷୀ ହିସାବରେ କୃଷ୍ଣ ଚନ୍ଦ୍ର ହିଆଲ ବିଷମ କଟକ ଓ ମତ୍ସ୍ୟ ଚାଷୀ ହିସାବରେ ଯୋଗେନ୍ଦ୍ର ଡୁବୁକା, ଚନ୍ଦ୍ରପୁରଙ୍କୁ ସମ୍ମାନିତ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ ଚାଷୀ ବିଶେଷଜ୍ଞ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଡାକ୍ତର ମନୋଜ କୁମାର ପଟ୍ଟନାୟକ ଯୁଗ୍ମ ନିର୍ଦ୍ଦେଶକ, ପ୍ରାଣୀ ରୋଗ ଗବେଷଣା ପ୍ରତିଷ୍ଠାନ, କଟକ ଯୋଗଦାନ କରି 'ଘାସ ଚାଷ ମାଧ୍ୟମରେ ଗୋପାଳନ ଏକ ଲାଭ ଜନକ ବ୍ୟବସାୟ' ଶୀର୍ଷକ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ବିଶେଷଜ୍ଞ ହିସାବରେ ଡାକ୍ତର ପରାଗ ଆଚାର୍ଯ୍ୟ ବୈଜ୍ଞାନିକ ଆର୍‌ଆର୍‌ଟିଏସ୍ ଭବାନୀ ପାଟଣା ଯୋଗଦାନ କରି ଗୋଶାଳା ମାଧ୍ୟମରେ ପ୍ରାଣୀ ମଙ୍ଗଳ କାର୍ଯକ୍ରମ ଶୀର୍ଷକ ଉପରେ ଆଲୋଚନା କରିଥିଲେ । ତତ୍‌ସହିତ ପ୍ରସନ୍ନ ପଟ୍ଟନାୟକ ଉପ ନିର୍ଦ୍ଦେଶକ ମତ୍ସ୍ୟ ବିଭାଗ କଟକ 'ମତ୍ସ୍ୟ ପାଳନ କ୍ଷେତ୍ରରେ ସରକାରୀ ଯୋଜନା ମାଧ୍ୟମରେ ଚାଷୀ ମାନଙ୍କର ଅର୍ଥ ନୈତିକ ଅଭିବୃଦ୍ଧି' ଶୀର୍ଷକ ଏବଂ ପ୍ରିତମ ତ୍ରିପାଠୀ, ସହକାରୀ ପ୍ରାଧ୍ୟାପକ ସେଞ୍ଚୁରିୟାନ ବିଶ୍ୱ ବିଦ୍ୟାଳୟ, ଗଜପତି, 'ମତ୍ସ୍ୟ ପାଳନ କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ବ୍ୟବହାର' ଶୀର୍ଷକ ଉପରେ ଆଲୋକପାତ କରିଥିଲେ । ଶେଷରେ ସରକାରଙ୍କର ବିଭିନ୍ନ ଯୋଜନାକୁ ଲୋକାଭିମୁଖୀ କରିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ସର୍ବ ଶେଷରେ ଜ୍ଞାନ ରଞ୍ଜନ ସେଠୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ ରାୟଗଡ଼ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସର୍ବେଶ୍ୱର ଜେନାଙ୍କ ବିୟୋଗରେ ସ୍ମୃତିସଭା

ଭାପୁର (ଭାସ୍କର ନ୍ୟୁଜ୍) : ଭାପୁର ବ୍ଲକ ବଡସହରା ପଞ୍ଚାୟତ ଜାମୁସାହି ଗ୍ରାମର ସର୍ବେଶ୍ୱର ଜେନା (ଅପର)ଙ୍କର ଆକସ୍ମିକ ବିୟୋଗ ପରେ ସୋମବାର ତାଙ୍କର ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ଜେନା ଜଣେ ସୁନାମଧନ୍ୟ ନାଟ୍ୟ ନିର୍ଦ୍ଦେଶକ ଭାବେ ବେଶ ସୁନାମ ଅର୍ଜନ କରିଥିଲେ । ଗତକାଲି ତାଙ୍କର ଏକାଦଶାହ ଅବସରରେ ତାଙ୍କ ଜାମୁସାହି ସ୍ଥିତ ବାସଭବନରେ ସ୍ମୃତି ସଭାର ଆୟାଜନ ହୋଇ ଯାଇଥିଲା । ଜାମୁସାହି ଗ୍ରାମର ଶିଶୁକବି ଜୟକୃଷ୍ଣ ବାରିକଙ୍କ ସଭାପତିତ୍ୱରେ ଏକ ସଭାରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ତଥା ବଡସହରା ପଞ୍ଚାୟତର ପୂର୍ବତନ ସରପଞ୍ଚ ମାଟିଆ ସ୍ୱାଇଁ, ଶାଳପଡ଼ା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଗିତିକାନ୍ତ ପଣ୍ଡା, ଶିକ୍ଷକ ସହଦେବ ପଲେଇ, ସହପାଠୀ ସୁରେଶ କୁମାର ପଣ୍ଡା, ବଳରାମ ସ୍ୱାଇଁଙ୍କ ସମେତ ଗଡଖୋଲ ଏବଂ ଗୋହିରିଆପଡା ତଥା ଆଖପାଖର ଶିଷ୍ୟ ମାନେ ତାଙ୍କର ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ଜେନା ଜଣେ ଅମାୟିକ ତଥା ଉଚ୍ଚ କୋଟିର ନାଟ୍ୟ ନିର୍ଦ୍ଦେଶକ ଭାବେ ବେଶ ସୁନାମ ଅର୍ଜନ କରିଥିଲେ । ନିଜ ନିର୍ବାଚନ ମଣ୍ଡଳୀ ବ୍ୟତିରେକ ବାହାର ଜିଲ୍ଲାରେ ନାଟ୍ୟ ନିର୍ଦ୍ଦେଶନା ଦେଇ ସେ ସଫଳତା ହାସଲ କରିଥିଲେ । ନିଜ ଗ୍ରାମରେ ନୂତନ ଭାବେ ଗଢି ଉଠିଥିବା ଆଞ୍ଚଳିକ ଚାରୁଦେବି ହାଇସ୍କୁଲର ସେ ଦିତୀୟ ବର୍ଷର ଛାତ୍ରଭାବେ ୧୯୮୫ ମସିହାରେ ମାଟ୍ରିକ ପରୀକ୍ଷା ଦେଇଥିଲେ । ତାଙ୍କର ପତ୍ନୀ ବାସନ୍ତୀ ଦେଇ ସ୍ଥାନୀୟ ବାଲିଆପଟା ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କର ବଡ଼ପୁଅ ଶ୍ରୀକାନ୍ତ ଏବଂ ସାନପୁଅ ଶୁଶାନ୍ତ ଦୁଇପୁଅ ଏହି ସଭାରେ ଉପସ୍ଥିତ ଥିଲେ । ତାଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳଯାଇଛି ।

## ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଦିବସ ପାଳିତ



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁଆଳୋ ପଞ୍ଚାୟତ ପରମହଂସପୁର ଗ୍ରାମରେ ମଙ୍ଗଳବାର ଦିନ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି ପବନସୂତ ବୀର ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଦିବସ । ଏହି ଅବସରରେ କଳସ ଯାତ୍ରା କରାଯାଇ ମନ୍ଦିର ପ୍ରାଙ୍ଗଣରେ ସ୍ଥାପନ କରାଯାଇଥିଲା । ଦିନତମାମ ମନ୍ଦିରରେ ପୂଜାର୍ଚ୍ଚନା, ନାମ ସଙ୍କୀର୍ତ୍ତନ ଓ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳିରେ ପରିବେଶ ପ୍ରକମ୍ପିତ ହୋଇଯାଇଥିଲା । ମନ୍ଦିର ପ୍ରତିଷ୍ଠା ଲାଗି ପୂଜାର୍ଚ୍ଚନା ସ୍ଥଳରେ ଗ୍ରାମର ଶିବରାମ ବରାଳ ଓ ତାଙ୍କ ସହଧର୍ମିଣୀ ମଞ୍ଜୁଶ୍ରୀ ବରାଳା କର୍ତ୍ତା ରହିଥିବା ବେଳେ ରାସୋଳ ଅଞ୍ଚଳର ବିଭୂତି ଭୂଷଣ ପାଳ ଓ ତାଙ୍କ ସହଯୋଗୀ ପୂଜକ ମାନେ ପୂଜା ଦାୟିତ୍ୱ ନିର୍ବାହ କରିଥିଲେ । ଗ୍ରାମର ସୁଜିତ୍ କୁମାର ନାୟକ ଓଗେର ପଦ୍ମ ଚରଣ ସାହୁ ଓ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଦିବସ ଆଡମ୍ବର ସହକାରେ ପାଳିତ ହୋଇଥିଲା । ଏଥିଲାଗି ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା ।

### କଳିଙ୍ଗ ବାଲିଯାତ୍ରା ଉପଲକ୍ଷେ ନୌକା ଚାଳନା ପ୍ରତିଯୋଗିତା

## ଅଂଶ ଗ୍ରହଣ କଲେ ୩୦ ଦଳ



ପାରାଦୀପ (ଭାସ୍କର ନ୍ୟୁଜ୍) : କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଉପଲକ୍ଷେ ବାଲିଯାତ୍ରା କମିଟି ଓ କଳିଙ୍ଗ କର୍ଣ୍ଣଧାର ଷୋଳଭାଇ ସଭା ଆନୁକୂଲ୍ୟରେ ନୌକା ଚାଳନା ପ୍ରତିଯୋଗିତା ମାଛ ଧରା ବନ୍ଦର ଠାରୁ ବାଲିଫ୍ଲଟ ପ୍ରଯ୍ୟନ୍ତ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି କୌଳିକ ବୃତ୍ତ ନୌକାରେ ମାଛ ମାରିବା ଓ ବେପାର ବାଣିଜ୍ୟ କରିବା କାହିଁ ଆଦିମ ଯୁଗରୁ ରହିଅଛି, କଳିଙ୍ଗର ସାଧବ ପୁଅଙ୍କ ବିରୋଉର କଥା ନୌକାକୁ ଛାଡି ଆଲୋଚନା କରାଯାଇ ନପାରେ, ଏହାର ସ୍ମୃତି ଚାରଣ ଉଦ୍ଦେଶ୍ୟରେ ଏହି ନୌକା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ଅବସରରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଉପାଧ୍ୟକ୍ଷ ନିରଞ୍ଜନ ବେହେରା, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରାଦୀପ ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ନୌକା ଚାଳନା ପ୍ରତିଯୋଗିତାକୁ ପତାକା ଦେଖାଇ ଉଦଘାଟନ କରିଥିଲେ । ଏହି ପ୍ରତିଯୋଗିତାରେ ଦୁଇଟି ଦଳରେ ପ୍ରାୟ ୩୦ଟି ଡଙ୍ଗାରେ ୩ ଜଣ କରି ୯୦ ଜଣ କୈବର୍ତ୍ତ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ତେବେ କଳିଙ୍ଗ ବାଲିଯାତ୍ରା ମହୋତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଏହି ନୌକା ପ୍ରତିଯୋଗିତା ଏକ ଆକର୍ଷଣୀୟ କାର୍ଯ୍ୟକ୍ରମ ।

## ମକା ଚାଷ ନେଇ ସଚେତନତା




ଉମରକୋଟ (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜୀବ ବିଜ୍ଞାନ ସଂସ୍ଥାନ ଭୁବନେଶ୍ୱର ପକ୍ଷରୁ ମାତ୍ରାଧିକ ପ୍ରୋଟିନ ଯୁକ୍ତ ମକା ଚାଷ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡିବିଟି କିଶାନ ହବ୍ କାର୍ଯକ୍ରମରେ ଆୟୋଜିତ ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି ଯୋଗଦେଇ ନବରଙ୍ଗପୁର ଜିଲ୍ଲାରେ କୁପୋଷଣ ଦୂର କରିବା ପାଇଁ ମାତ୍ରାଧିକ ପ୍ରୋଟିନ ମକା ଓ ଧାନ ଫସଲ ଚାଷ ଏହି ଅଞ୍ଚଳର ବିକାଶରେ ସହାୟକ ହେଇପାରିବ ବୋଲି କହିଥିଲେ । ବିଜ୍ଞାନ ଓ କାରିଗରୀ ବିଦ୍ୟାର ବ୍ୟବହାର ଦ୍ୱାରା ଚାଷୀର ଆୟ ବହୁଗୁଣ ହୋଇପରିବେ ବୋଲି କହିଥିଲେ । ନବରଙ୍ଗପୁର ଜିଲ୍ଲାର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ୧୨ଟି ଗବେଷଣା ସଂସ୍ଥାନ କାର୍ଯକାରୀ ହେଉଛି, ଜୀବ ବିଜ୍ଞାନ ସଂସ୍ଥାନ ଜିଲ୍ଲାରେ ପ୍ରୋଟିନ ଯୁକ୍ତ ଧାନ, ମକା ଚାଷକୁ ଅଧିକ ମାତ୍ରାରେ କରିବା ସହ ଉଦ୍ୟମୀ ହୋଇପାରିଲେ ଅଧିକରୁ ଅଧିକ ଲାଭ ମିଳିପାରିବ ବୋଲି କହିଥିଲେ । ଆସନ୍ତା ଦିନରେ ଅଧିକରୁ ଅଧିକ ଚାଷୀ ମନଙ୍କୁ ସାମିଲ କରାଯାଇ ପାରିଲେ ଜିଲ୍ଲାର ସାମଗ୍ରୀକ ବିକାଶ ହୋଇପାରିବ ବୋଲି ସାଂସଦ ଶ୍ରୀ ମାଝି କହିଥିଲେ । ଝରଗାଁ ବିଧାୟକ ନରସିଂହ ଭତ୍ରା ଯୋଗଦେଇ ପୂର୍ବ ଦିନରେ ଗୋବର ବ୍ୟବହାର କରି ଚାଷ କରାଯାଉଥିଲା । କିନ୍ତୁ ବର୍ତ୍ତମାନ ଚାଷରେ ବହୁଳ ପରିମାଣର ରାସାୟନିକ ସାର ବ୍ୟବହାର ଯୋଗୁଁ ମାଟି ପାଣି ଓ ଜଳବାୟୁ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି ତେଣୁ ଚାଷୀ ମାନେ ଖାଦ୍ୟ ଉପଯୋଗୀ ଫସଲ ଉପରେ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ । ପ୍ରୋଟିନ ଯୁକ୍ତ ମକା ଚାଷ ନବରଙ୍ଗପୁର ପାଇଁ ଗୌରବ ଆଣିପାରିବ ବୋଲି ବିଧାୟକ କହିଥିଲେ । ଭାରତୀୟ ମକା ଅନୁସନ୍ଧାନ ସଂସ୍ଥାନର ବୈଜ୍ଞାନିକ ଡକ୍ଟର ରୋମେନ୍ ଶର୍ମା ଉପସ୍ଥିତ ରହି ପ୍ରୋଟିନ ମକା ଚାଷ ଓ ମକାରୁ ୧୦୦ ରୁ ଉର୍ଦ୍ଧ୍ୱ ମୂଲ୍ୟ ଯୁକ୍ତ ସାମଗ୍ରୀ ପ୍ରସ୍ତୁତ କରାଯାଇ ପାରିବ ତେଣୁ ଚାଷୀ ମାନେ ଚାଷ ସହ ଛୋଟ ଛୋଟ ଉଦ୍ୟୋଗ କରିପାରିବେ ବୋଲି ଡକ୍ଟର ଶର୍ମା କହିଥିଲେ । ଭାରତୀୟ ମକା ଅନୁସନ୍ଧାନ ସଂସ୍ଥାନର ବୈଜ୍ଞାନିକ ଡକ୍ଟର ଆଲୋକ ସାହୁ ପ୍ରୋଟିନ ମକା ଚାଷର କୌଶଳ ଓ ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ । ଜୀବ ବିଜ୍ଞାନ ସଂସ୍ଥାନ ଭୁବନେଶ୍ୱରର ବରିଷ୍ଠ ବୈଜ୍ଞାନିକ ଡକ୍ଟର ରାଜୀବ ସ୍ୱାଇଁ ଡିବିଟି କିସାନ୍ କାର୍ଯକ୍ରମ ମାଧ୍ୟମରେ ମାତ୍ରାଧିକ ପ୍ରୋଟିନ ଯୁକ୍ତ ଧାନ ଓ ମକା ଚାଷ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ଆରମ୍ଭ କରାଯାଇଛି । ଏହି ମକା ଓ ଧାନ ବ୍ୟବହାର ଦ୍ୱାରା ଜିଲ୍ଲାରେ ମହିଳା ଓ ଶିଶୁମାନଙ୍କ କୁପୋଷଣ ଦୂର କରିବାରେ ସହାୟକ୍ ହୋଇପାରିବ ବୋଲି କହିଥିଲେ । ଓରମାସର ଯୁଗ୍ମ କାର୍ଯନିର୍ବାହୀ ଏ ଉମା ମହେଶ ମୁଖ୍ୟମନ୍ତ୍ରୀ ମକା ମିଶନ୍ ଜରିଆରେ କାର୍ଯ୍ୟକାରୀ ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିବା ସହ ମୂଲ୍ୟ ଯୁକ୍ତ ସାମଗ୍ରୀ ପ୍ରସ୍ତୁତ ଦିଗରେ ଓରମାସ ଖୁବ୍ ଶୀଘ୍ର ଆରମ୍ଭ କରିବ ବୋଲି କହିଥିଲେ । ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ ନିର୍ବାହୀ ଯଦୁମଣୀ ନାୟକ ଉପସ୍ଥିତ ରହି ଜିଲ୍ଲା ପ୍ରଶାସନ ଚାଷୀମାନଙ୍କ ଆୟ ବୃଦ୍ଧି ଦିଗରେ କାର୍ଯ କରୁଛି ।ଏହି ପ୍ରୟାସ ଚାଷୀ ମାନଙ୍କୁ ଅଧିକ ପ୍ରେରଣକ୍ଷ ଯୋଗାଇ ଦେବ ବୋଲି କହିଥିଲେ । ବିଜ୍ଞାନ ସଂଚାରକ୍ ଲକ୍ଷ୍ମୀ ନାରାୟଣ ବକ୍ସିଙ୍କ ଏହି କାର୍ଯ୍ୟକ୍ରମକୁ ପରିଚଳନା କରିଥିବା ବେଳେ ଜୀବ ବିଜ୍ଞାନ ସଂସ୍ଥାନର ସୂଚନା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ । ୧୦୦ ଏକର ମକା ବିହନ ଚାଷିମାନଙ୍କୁ ପ୍ରଦାନ କରାଯାଇଥିଲା । ନବରଙ୍ଗ ପୁର ଓ କୋରାପୁଟ ଜିଲ୍ଲାର ୧୦୦ ଜଣ ଚାଷୀ ଉପସ୍ଥିତ ଥିଲେ ।



ଛତ୍ରପୁର,(ଭାସ୍କର ନ୍ୟୁଜ୍): ଛତ୍ରପୁର ନିକଟ କରାଡଳି ତାମରା ଆନ୍ଧ୍ର ମାଫିଆଙ୍କ କବ୍ଜାରେ ରହିଛି। ଏହି ସମସ୍ୟାର ସମାଧାନ ନେଇ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଏକ ସ୍ମାରକପତ୍ର ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ସମ୍ପାଦକ ସୀମାଞ୍ଚଳ ନାହାକ ସୂଚନା ଦେଇଛନ୍ତି। ଏଥିରେ ଛତ୍ରପୁର ବ୍ଲକ ଭିକାରିପଲ୍ଲୀ, ସୁନ୍ଦରପୁର, ବିପୁଲିଙ୍ଗି, ଚିକଲାଖଣ୍ଡି, ମହାନାଦପୁର, ପୋତାପଦର ଏବଂ ଗଞ୍ଜାମ ବ୍ଲକର କରପଡା ଓ ରାଜପୁର ପଞ୍ଚାୟତରେ ଜଳସେଚନ ସମସ୍ୟା ଲାଗି ରହିଛି। କରାଡଳି ତାମରାକୁ ଆନ୍ଧ୍ର ମାଫିଆଙ୍କ କବ୍ଜାରୁ ମୁକ୍ତ କରିବା ସହ ତାମରାର ଆୟକଟ ବାହାର କରି ପୁନରୁଦ୍ଧାର କରିବାକୁ ଦାବି କରାଯାଇଛି। ତାମରାରେ ମେଗା ଉଠା ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା କରି ଉକ୍ତ ପଞ୍ଚାୟତ ଗୁଡ଼ିକୁ ସେଚନ ସୁବିଧା କରିବାକୁ ଦାବି ହୋଇଛି। ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ରୟତଗଙ୍ଗ କେନାଲରେ ପାଣି ଛାଡ଼ିବା ସହ ଏହାର ଶାଖା କେନାଲ ଗୁଡ଼ିକର ପୁନରୁଦ୍ଧାର, ବିହନ ଓ ସାର ରିହାତି ଦରରେ ଦେବା, ଚାଷୀଙ୍କୁ ବିଦ୍ୟୁତ୍ କର ଛାଡ଼, ବାର୍‌ହା ଓ ମାଙ୍କଡ ଉପଦ୍ରବରୁ ଫସଲ ରକ୍ଷା ପାଇଁ ବ୍ୟବସ୍ଥା କରିବା ଆଦି ରହିଛି।



# ସାଙ୍କେତିକ ଭାଷା ଉପରେ ପାଞ୍ଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝରର ସିଦ୍ଧମଠସ୍ଥିତ ମନୋଜ ମଞ୍ଜରୀ ଶିଶୁ ଭବନ ଦ୍ୱାରା ପରିଚାଳିତ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ପରିସରରେ ଭାରତୀୟ ସାଙ୍କେତିକ ଭାଷା ଉପରେ ଏକ ପାଞ୍ଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଠାରୁ ଆରମ୍ଭ ହୋଇଛି । ଏହାର ଶୀର୍ଷକ ରଖାଯାଇଛି 'ସଙ୍କେତ-ମୋ ଭାଷା' । ବଧିର ଓ ଦୃଷ୍ଟିହୀନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ, ବଧିର ଛାତ୍ରଛାତ୍ରୀ ଏବଂ ସେମାନଙ୍କର ଅଭିଭାବକମାନଙ୍କୁ ସାଙ୍କେତିକ ଭାଷା ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଅଛି । ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ବାକ୍ ଓ ଶ୍ରବଣ ଅକ୍ଷମତାଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଲି ୟାବରଙ୍ଗ ଜାତୀୟ ଅନୁଷ୍ଠାନ ଏବଂ ଓଡ଼ିଶା ରାଇଜିଙ୍ଗ ଫାଉଣ୍ଡେସନର ମିଳିତ ସହଯୋଗରେ ଆୟୋଜିତ ହୋଇଛି । ଓଡ଼ିଶାର ୫୪ଟି ସ୍ୱତନ୍ତ୍ର ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ କରାଯାଉଛି ଯେଉଁଥିରେ ୮ ହଜାର ବ୍ୟକ୍ତିଙ୍କୁ ପ୍ରଶିକ୍ଷିତ କରାଯିବାର ଲକ୍ଷ୍ୟ ରଖାଯାଇଛି। ମନୋଜ ମଞ୍ଜରୀ ଶିଶୁ ଭବନର ସମ୍ପାଦକ ସତ୍ୟନାରାୟଣ ମିଶ୍ର ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସଙ୍ଗେସଙ୍ଗେ ଏହି ପ୍ରଶିକ୍ଷଣର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟ ଯୋଗଦେଇ ଏହି ପ୍ରଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ନିଜର ବକ୍ତବ୍ୟ ରଖିବା ସହିତ ଏହାର ସଫଳତା କାମନା କରିଥିଲେ। ଓଡ଼ିଶା ରାଇଜିଙ୍ଗ ଫାଉଣ୍ଡେସନର ନିର୍ଦ୍ଦେଶକ ଏ. ପ୍ରକାଶ ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ଅଲି ୟାବରଙ୍ଗ ଜାତୀୟ ଅନୁଷ୍ଠାନ ତରଫରୁ ଉପସା ମହାପାତ୍ର, ଦିପ୍ତିମୟୀ ସେଠୀ, ଅଭିଲିପସା ପ୍ରଧାନ,ସୁନୀତା ପରିଡ଼ା,ମୈସୁମୀ ପ୍ରିୟଦର୍ଶିନୀ ଏବଂ ଶୁଭଶ୍ରୀ ଦାସ ପ୍ରଶିକ୍ଷକଭାବରେ ଯୋଗଦେଇ ତାଲିମ ପ୍ରଦାନ କରୁଛନ୍ତି । ଅନୁଷ୍ଠାନର ଅଧ୍ୟକ୍ଷ ମନୋଜ କୁମାର ରଥ ଓ ବଧିର ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନନ୍ତ ଚରଣ ସାହୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି ।

# ଶିକ୍ଷକ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା



ତିହିଡ଼ି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଶାରୀରିକ ଶିକ୍ଷା ଶିକ୍ଷକ ସଂଘ ପକ୍ଷରୁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ସିନ୍ଦୋଳ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବାବାଜୀ ଚରଣ ମହାକୁଡ଼ଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିଡିଓ ଜ୍ୟୋତିର୍ମୟ କର, ମୁଖ୍ୟବକ୍ତା ଭାବେ ସିନ୍ଦୋଳ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବିଶ୍ୱନାଥ ପଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ବାରିକ, ପ୍ରଦୀପ କୁମାର ବାରିକ, ଭକ୍ତବନ୍ଧୁ ପତି, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରାଜେନ୍ଦ୍ର କୁମାର ବିଶ୍ୱାଳ, ଲକ୍ଷ୍ମୀଧର ପତି, ଗିରିଜା ରମଣ ଜେନା, ସୋମନାଥ ମିଶ୍ର ପ୍ରମୁଖ ଯୋଗ ଦେଇ କ୍ରୀଡ଼ା ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ଶାରୀରିକ ବିକାଶ ଘଟିଥାଏ । କ୍ରୀଡ଼ା ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ଶିକ୍ଷା ଦେଇ ସେମାନଙ୍କର ମାନସିକ ଓ ଶାରୀରିକ ବୃଦ୍ଧି କରିବା ଦିଗରେ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ବିଭୂପଦ ସାହୁ ଓ ଶଶଧର ଓଝାଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ରାଜ୍ୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଚନ୍ଦନ ଜେନା ଓ ଅମୀୟ ଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘର ଜୋନାଲ ସମ୍ପାଦକ ବିଜୟ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ତନ୍ମୟ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଶିକ୍ଷକ ସୁରେଶ ଚନ୍ଦ୍ର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ବିମଳା ବେହେରା ଓ ମଧୁସ୍ମିତା ପଣ୍ଡା ମାନପତ୍ର ପାଠ କରିଥିଲେ । ଶିକ୍ଷକ ସନ୍ତୋଷ କୁମାର ପଣ୍ଡା ବେଦ ପାଠ କରିଥିଲେ । ଶାରୀରିକ ଶିକ୍ଷା ଶିକ୍ଷକ ପ୍ରଭାତ ଜେନା, ସୁଜିତ୍ ଭୋଇ, ଶଶିକାନ୍ତ ବେହେରା, ସୁବ୍ରତ ସାହୁ, ଅଭୟ ସେନପାତି, ଅଂଜନା ଦାସ, ବିଶ୍ୱରଂଜନ ମଲ୍ଲିକ୍, ସୁନୀଲ ବାରିକ, ବିବେକାନନ୍ଦ ସାମଲ, ରଶ୍ମିତା ମଣ୍ଡଳ, ସୁଶ୍ରୀସଂଗୀତା ପାଣିଗ୍ରାହୀ, କମଳାକାନ୍ତ ସାହୁ, ବିଶ୍ୱନାଥ ମାଝୀ, ରାଧାକାନ୍ତ ପଥୁରିଆ, ନିର୍ମଳ ପଣ୍ଡା, ମଂଜୁଲତା ଦାସ, ଗୀତାଞ୍ଜଳି ରଥ, ପ୍ରଦୀପ ଖଟୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଛାତ୍ରଙ୍କ ବିୟୋଗରେ ବିଦ୍ୟାଳୟରେ ଶୋକସଭା

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଂଚାୟତ ଅନ୍ତର୍ଗତ ବଳଭଦ୍ରପୁର (ପଲେଇ ସାହି) ଗ୍ରାମରେ ଗତକାଲି ବିଷଧର ସାପ କାମୁଡ଼ାରେ ଜଣେ ଛାତ୍ରର ମୃତ୍ୟୁ ହୋଇଯାଇଛି । ମୃତକ ଜଣକ ପଲେଇ ସାହି ଗ୍ରାମର ସରୋଜ ନାୟକଙ୍କ ପୁଅ କ୍ଷିତିଶ କୁମାର ନାୟକ (୯) । କ୍ଷିତିଶ ବଳଭଦ୍ରପୁର ସ୍ଥିତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠର ଚତୁର୍ଥ ଶ୍ରେଣୀର ଛାତ୍ର ଥିଲେ । ଆଜି କ୍ଷିତିଶଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ବିଦ୍ୟାପୀଠ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଆଜି ବିଦ୍ୟାଳୟରେ ପ୍ରାର୍ଥନା ପରେ କ୍ଷିତିଶଙ୍କ ଆତ୍ମାର ସଦ୍‌ଗତି ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ନୀରବ ପ୍ରାର୍ଥନା କରିବା ସହ ଏହି ଦିବଂଗତ ମେଧାବୀ ଛାତ୍ରଙ୍କ ସ୍ମୃତିଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଧ୍ୟ ଉପସ୍ଥିତ ରହିଥିଲେ । ପରେ ଅପରାହ୍ନ ୪ଟାରେ ବିଦ୍ୟାଳୟ ଛୁଟି ହେବା ପରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଦିବଂଗତ ଛାତ୍ରଙ୍କ ଘରକୁ ଯାଇ ପୁତ୍ର ବିୟୋଗରେ ଧୈର୍ଯ୍ୟହରା ପିତାମାତା ଓ ଜେଜେମାଙ୍କୁ ବୁଝାଇ ସୁଝାଇ ସାନ୍ତ୍ୱନା ଦେଇଥିଲେ ।

# ବୈକୁଣ୍ଠ ଧାମ ଜମିର ଚାଲିଛି ତଦନ୍ତ: ବିଭାଗୀୟ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବୈକୁଣ୍ଠ ଧାମ ଜମି ସରକାରୀ ଜମି ସରକାରୀ ଜମିରେ ଅଛି କି ନାହିଁ, ତାହା ଅନୁଧ୍ୟାନ କରାଯାଉଛି । ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ସାଧୁ ସନ୍ଥ ଓ ବାବା ସମାଜକୁ ଦିଗ ଦର୍ଶନ ଦିଅନ୍ତି । କିନ୍ତୁ ସମାଜରେ ଭଣ୍ଡ ବାବାଙ୍କ ସଂଖ୍ୟା ବଢ଼ିଗଲାଣି । ଯାହା ସମାଜ ପାଇଁ କ୍ଷତିକାରକ। ଖଣ୍ଡଗିରିରେ ଥିବା ବାବା ବୈକୁଣ୍ଠନାଥ ଧାମ ଆଶ୍ରମ ସରକାରୀ ଜମିରେ ଅଛି କି ନାହିଁ ତାହା ଅନୁଧ୍ୟାନ ଚାଲିଛି । ଦରକାର ପଡ଼ିଲେ କାର୍ଯ୍ୟାନୁଷ୍ଠାନ ହେବ । ସେପଟେ ସମାନ କଥା କହିଛନ୍ତି ବିଡିଓ କର୍ତ୍ତୃପକ୍ଷ । ବୈକୁଣ୍ଠ ଧାମ ସରକାରୀ ଜମିରେ ନେଇ ଚର୍ଚ୍ଚା ହେଉଛି । ତେଲେ ଆମ ପାଖରେ ସେମିତି କିଛି ଖବର ନାହିଁ । ଆମେ ଅନୁଧ୍ୟାନ କରିବୁ । ଯଦି ସେମିତି କିଛି ହୋଇଥିବ ତେବେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଡିଏ ଉପଜିଲାପାଳ ଏନ୍. ଥିରୁବାଲା ନାୟକ କହିଛନ୍ତି ।

**ଲଘୁ ଖଣିଜ ଦ୍ରବ୍ୟ ପରିବହନ ପାଇଁ ଟ୍ରକ ଧର୍ମଘଟ ପ୍ରସଙ୍ଗ**

# ବେଆଇନ ଖଣି କାରବାର ରୋକିବା ପାଇଁ ନିଆଯାଉଛି ପଦକ୍ଷେପ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲଘୁ ଖଣିଜ ଦ୍ରବ୍ୟ ପରିବହନ ପାଇଁ ଟ୍ରକ୍ ଧର୍ମଘଟ ନେଇ ପ୍ରତିକ୍ରିୟା ରଖିଛନ୍ତି ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଜେନା । ବେଆଇନ ଖଣି କାରବାର ରୋକିବା ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ଏକାଠିଁ ମଧ୍ୟ କଡ଼ା ନିର୍ଦ୍ଦେଶ ଦେଉଛନ୍ତି । ସେ ସବୁ କଥା ମଧ୍ୟ ସଂଘ ଭଲଭଳି କରୁଛି । ଏ ସମସ୍ୟାର ନିର୍ଯ୍ୟାସ ବାହାର କରିବା ପାଇଁ ସରକାର ବୈଠକ ଡାକିଛନ୍ତି । ସେଥିରେ ତର୍ଜମା ହେବ ଏବଂ ସମାଧାନର ରାସ୍ତା ବାହାରିବ । ତାଙ୍କର ଧର୍ମଘଟ ଦ୍ୱାରା ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଏ ସବୁ ସମସ୍ୟାର ସମାଧାନ ଖୁବଶୀଘ୍ର ହେବା ଦରକାର । ଗାଡି ଠିକ୍ ଭାବରେ ଚାଲିବ, ତାଙ୍କ ଜୀବନ ଜୀବିକା ଚାଲିବ, ଏହାକୁ ନଜର ରଖି ସରକାର କାର୍ଯ୍ୟ କରିବେ । ଯିଏ ଖଣି ପରିବହନ କରୁଛି, ଏହା ଚୋରା ମାଲ ନୁହେଁ, ବୋଲି ଟୋକେନ ରହିବା ଦରକାର । ଜିଜ ଧାରି ଟୋକନ ଦେବାକୁ ବାଧ୍ୟ । ଓଭର ଲୋଡ଼ିଂ ମଧ୍ୟ ବଡ଼ ସମସ୍ୟା ରହୁଛି । ବେଆଇନ ଖଣି କାରବାର ରୋକିବା ପାଇଁ ସରକାରଙ୍କର ଆନ୍ତରିକତା ଅଛି । ଟ୍ରକ ସଂଘ ଉପରେ ଅଯଥା ଫାଇନର ବୋଝ କେମିତି ହେବ ନାହିଁ, ତାହାର ବାଟ ବାହାର କହିବା ପାଇଁ ମଧ୍ୟ ସରକାର ପଦକ୍ଷେପ ନେଉଛନ୍ତି ।

# 'ବିଶ୍ୱ ଶୌଚାଳୟ ଦିବସ' ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ, ଭୁବନେଶ୍ୱରଠାରେ ବିଶ୍ୱ ଶୌଚାଳୟ ଦିବସ-୨୦୨୪ ପାଳିତ ହୋଇଯାଇଛି । ନିର୍ଦ୍ଦେଶକ, ପାନୀୟଜଳ ଓ ପରିମଳ ଭିନିତ ଭାରଦ୍ୱାଜ, ନିର୍ଦ୍ଦେଶକ, ସ୍ୱତନ୍ତ୍ର ପ୍ରକଳ୍ପ ଜ୍ୟୋତିପ୍ରକାଶ ଦାସ, ନିର୍ଦ୍ଦେଶକ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ସୁରେନ୍ଦ୍ର କୁମାର ମୀନାଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନେକ ହିତାଧିକାରୀଙ୍କୁ ବ୍ୟକ୍ତିଗତ ଘରୋଇ ଶୌଚଳୟ ନିର୍ମାଣ ପାଇଁ ଅନୁମତି ପତ୍ର ପ୍ରଦାନ ସହ 'ସ୍ୱଚ୍ଛତା ହିଁ ସେବା-୨୦୨୪' ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ସର୍ବଶ୍ରେଷ୍ଠ ସ୍ୱଚ୍ଛତା ଟାର୍ଗେଟ ୟୁନିଟ, ସ୍ୱଚ୍ଛତା ଶିବିର ଆୟୋଜନ, ବର୍ଜ୍ୟବସ୍ତୁରେ ତିଆରି କଳାତ୍ମକ ବସ୍ତୁର ପ୍ରଦର୍ଶନ ରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ଜିଲ୍ଲାଗୁଡିକୁ ପୁରସ୍କୃତ କରାଯାଇଥିଲା । ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ପ୍ରତିଷ୍ଠାନ, ଭୁବନେଶ୍ୱରଠାରେ ଆୟୋଜିତ ବିଶ୍ୱ ଶୌଚାଳୟ ଦିବସ-୨୦୨୪ କାର୍ଯ୍ୟକ୍ରମକୁ ନିର୍ଦ୍ଦେଶକ, ପାନୀୟଜଳ ଓ ପରିମଳ ଭିନିତ ଭାରଦ୍ୱାଜ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ସେ ଗ୍ରାମୀଣ ପ୍ରେକ୍ଷାପଟରେ ଶୌଚାଳୟର ବ୍ୟବହାର କିଭଳି ଭାବରେ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିପାରିଛି, ତାହା ଆଲୋଚନା କରିଥିଲେ । ନିର୍ଦ୍ଦେଶକ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ସୁରେନ୍ଦ୍ର କୁମାର ମୀନା ତାଙ୍କ ସମ୍ବୋଧନରେ ଶୌଚଳୟ କିଭଳି ଭାବରେ ବ୍ୟକ୍ତି ସମ୍ମାନର ଏକ ବଡ ପ୍ରତୀକ ହୋଇପାରିଛି ଓ ଶୌଚାଳୟ ବ୍ୟବହାର ଦ୍ୱାରା ପରିମଳ ବ୍ୟବସ୍ଥାରେ ଜନଭାଗୀଦାରି ବିଷୟରେ ଆଲୋଚନା କରିଥିଲେ । ନିର୍ଦ୍ଦେଶକ ସ୍ୱତନ୍ତ୍ର ପ୍ରକଳ୍ପ ଜ୍ୟୋତିପ୍ରକାଶ ଦାସ ଶୌଚାଳୟ ବ୍ୟବହାର କିଭଳି ଭାବରେ ସାମଗ୍ରିକ ବିକାଶର ଏକ ମାଧ୍ୟମ ହୋଇ ଏକ ସାମାଜିକ ଆନ୍ଦୋଳନର ରୂପ ହେଉଛି ସେ ବିଷୟରେ ମତପ୍ରକାଶ କରିଥିଲେ । ଏହି ଅବସରରେ ହିତାଧିକାରୀମାନଙ୍କୁ ବ୍ୟକ୍ତିଗତ ଘରୋଇ ଶୌଚଳୟ ନିର୍ମାଣ ପାଇଁ ଅନୁମତି ପତ୍ର ପ୍ରଦାନ ସହ ସ୍ୱଚ୍ଛତା ହିଁ ସେବା-୨୦୨୪ ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ସର୍ବଶ୍ରେଷ୍ଠ ସ୍ୱଚ୍ଛତା ଟାର୍ଗେଟ ୟୁନିଟ, ସ୍ୱଚ୍ଛତା ଶିବିର ଆୟୋଜନ, ବର୍ଜ୍ୟବସ୍ତୁରେ ତିଆରି କଳାତ୍ମକ ବସ୍ତୁର ପ୍ରଦର୍ଶନ ରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ଜିଲ୍ଲାଗୁଡିକୁ ପୁରସ୍କୃତ କରାଯାଇଥିଲା ।

# ବାରବାଟୀ ଦିନିକିଆ ମ୍ୟାଚ୍ ପାଇଁ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସନ୍ତା ଫେବୃଆରୀ ୯, ୨୦୨୫ରେ କଟକ ସ୍ଥିତ ବାରବାଟୀ ଷ୍ଟାଡିୟମ ଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ୱାନ୍ ଡେ ଇଣ୍ଟରନ୍ୟାସନାଲ୍ କ୍ରିକେଟ ମ୍ୟାଚ ନିମନ୍ତେ ଏକ ପ୍ରସ୍ତୁତି ବୈଠକ କ୍ରୀଡ଼ା ଓ ଯୁବସେବା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରସ୍ତୁତି ବୈଠକରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ଓଡ଼ିଶା କ୍ରିକେଟ ଆସୋସିଏସନ୍‌ର ଅଧିକାରୀ, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ, ବିଭିନ୍ନ ବିଭାଗ ଯଥା ପୂର୍ତ୍ତ, ଅଗ୍ନିଶମ, ପରିବହନ ବିଭାଗର ଅଧିକାରୀ, ଏୟାରପୋର୍ଟ ଅଥରିଟି, କଟକ ମ୍ୟୁନିସିପାଲ କର୍ପୋରେସନ୍‌ର ଅଧିକାରୀ ଉପସ୍ଥିତ ଥିଲେ । ଆଜିର ପ୍ରସ୍ତୁତି ବୈଠକରେ ଆଗାମୀ ଦିନରେ ହେବାକୁ ଥିବା ୱାନ୍ ଡେ ଇଣ୍ଟରନ୍ୟାସନାଲ୍ ମ୍ୟାଚଟି ଯେପରି ଜିଲ୍ଲା ପ୍ରଶାସନ, ପୋଲିସ ଅଧିକାରୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରଖାଯାଇ ସୂଚାରୁ ରୂପେ ସମ୍ପାଦନ କରାଯାଇପାରିବ ସେ ସମ୍ବନ୍ଧରେ ସବିସ୍ତୃତ ଆଲୋଚନା କରାଯାଇଥିଲା । ବିଶେଷ ଭାବରେ ଖେଳାଳୀ ମାନଙ୍କର ରହଣି ବ୍ୟବସ୍ଥା, ଷ୍ଟାଡିୟମ୍‌ରେ ମ୍ୟାଚ ଅନୁଷ୍ଠିତ ହେଉଥିବା ବେଳେ ସମସ୍ତ ଖେଳାଳୀ, ଦର୍ଶକ ଓ ଅଂଶୀଦାର ମାନଙ୍କର ସୁରକ୍ଷା ବ୍ୟବସ୍ଥାକୁ ବିଶେଷ ଭାବରେ ଧ୍ୟାନ ଦିଆଯିବ । ମ୍ୟାଚରେ ଯେପରି ଅଧିକରୁ ଅଧିକ ଦର୍ଶକମାନେ ଏକତ୍ରିତ ହୋଇ ମ୍ୟାଚ ଦେଖିପାରିବେ ସେ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ । ଏଥିସହିତ ମ୍ୟାଚର ଟିକେଟକୁ ଦର୍ଶକମାନଙ୍କ ପାଇଁ ସୁଲଭ ଦରରେ ବିକ୍ରୟ କରାଯିବା ସହିତ ଟିକେଟ ମୂଲ୍ୟ ସ୍ଥିର କରିବା ଏବଂ ଟିକେଟ ବିକ୍ରୟର ସମସ୍ତ ପ୍ରକ୍ରିୟାକୁ ସ୍ୱଚ୍ଛଳ ଭାବେ ନିରୂପଣ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଛି । କ୍ରୀଡ଼ାମନ୍ତ୍ରୀ ପ୍ରତିକ୍ରିୟାରେ କହିଛନ୍ତି ଯେ, ଆସନ୍ତା ୦୯ ଫେବୃଆରୀ, ୨୦୨୫ରେ କଟକ ସ୍ଥିତ ବାରବାଟୀ ଷ୍ଟାଡିୟମ୍ ଠାରେ ୱାନ୍ ଡେ' ଇଣ୍ଟରନ୍ୟାସନାଲ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ । ସେଥିପାଇଁ ଆଜିଠାରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ମ୍ୟାଚଟି ଯେପରି ସୂଚାରୁ ରୂପେ ପରିଚାଳିତ ହେବ ସେଥିପାଇଁ ଆଗାମୀ ଦିନରେ ମଧ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡିଶା କ୍ରିକେଟ ଆସୋସିଏସନ ଏବଂ ସମସ୍ତ ଅଂଶୀଦାରମାନଙ୍କୁ ନେଇ ନିୟମିତ ଅନ୍ତରାଳରେ ପ୍ରସ୍ତୁତି ବୈଠକ କରାଯିବ । ଏଥର ବିଶେଷ ଭାବରେ ମ୍ୟାଚର ଟିକେଟ ଯେପରି ସାଧାରଣ ବର୍ଗର ଦର୍ଶକମାନେ ସୁଲଭ ମୂଲ୍ୟରେ ପାଇପାରିବେ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ । ଏହାସହିତ ଟିକେଟ ମୂଲ୍ୟ ଧାର୍ଯ୍ୟ କରିବା ଏବଂ ଟିକେଟ ବିକ୍ରୟର ସମସ୍ତ ପ୍ରକ୍ରିୟାକୁ ସ୍ୱଚ୍ଛଳ ଭାବେ ନିରୂପଣ କରାଯିବ । ଖେଳାଳିମାନଙ୍କର ରହଣି ବ୍ୟବସ୍ଥା ସହ ଉଭୟ ଦର୍ଶକ ଓ ଖେଳାଳିମାନଙ୍କର ସୁରକ୍ଷା ବ୍ୟବସ୍ଥାକୁ ବିଶେଷ ଭାବେ ଧ୍ୟାନ ଦିଆଯିବ । ୱାନ୍ ଡେ ଇଣ୍ଟରନ୍ୟାସନାଲ କ୍ରିକେଟ ମ୍ୟାଚ ନିମନ୍ତେ ଯେପରି ଜିଲ୍ଲା ପ୍ରଶାସନ, ପୋଲିସ ଅଧିକାରୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରଖାଯାଇ ମ୍ୟାଚକୁ ସୁଚାରୁ ରୂପେ ପରିଚାଳନା କରାଯିବ ସେନେଇ ସମସ୍ତ ପ୍ରସ୍ତୁତି କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଛନ୍ତି ।

# ହାତୀ ମୃତ୍ୟୁ ଘଟଣା: ନିଜ ଆଡୁ ମାମଲା ରୁଜୁ କଲେ ହାଇକୋର୍ଟ

**ରାଜ୍ୟ ସରକାରଙ୍କୁ ଜବାବ ତଲବ**

କଟକ(ଭାସ୍କର ନ୍ୟୁଜ୍): ସମ୍ବଲପୁର ନାକଟିଦେଉଳରେ ବୁରମାଲ ଜଙ୍ଗଲରେ ୩ ହାତୀ ମୃତ୍ୟୁ ଘଟଣାକୁ ନେଇ ହାଇକୋର୍ଟ ଘୋର୍ ଉଦ୍‌ବେଗ ପ୍ରକାଶ କରିଛନ୍ତି । ହାଇକୋର୍ଟ ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରି ନିଜ ଆଡୁ ଏକ ରୁଜୁ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି । ହାଇକୋର୍ଟ ଏହି ମାମଲାରେ ରାଜ୍ୟ ସରକାରଙ୍କୁ ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ ଆଦେଶ ଦେଇଛନ୍ତି । କେଉଁ କାରଣ ପାଇଁ ରାଜ୍ୟରେ ହାତୀ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି ଏବଂ ରାଜ୍ୟ ସରକାର ଏହାକୁ ରୋକିବା ପାଇଁ କଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ସେ ସମ୍ପର୍କରେ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି । ସୂଚନାଥାଉକି ସୋମବାର ସମ୍ବଲପୁର ଜିଲ୍ଲା ରେଢାଖୋଲ ବନଖଣ୍ଡ ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ଘୋଷରାମାଳ ଫରେଷ୍ଟ ସେକ୍ସନ୍‌ର ବୁରୋମାଳ ଜଙ୍ଗଲରୁ ସୋମବାର ଦିନ ଏକ ଛୁଆ ହାତୀଙ୍କ ସମେତ ୩ଟି ହାତୀର ମୃତଦେହ ଉଦ୍ଧାର କରାଯାଇଥିଲା । ବାର୍‌ହା ଶିକାର ନିମନ୍ତେ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୩ଟି ହାତୀଙ୍କର ମୃତ୍ୟୁ ହୋଇଥିଲା । ତେବେ ବନବିଭାଗ କର୍ମଚାରୀଙ୍କ ଅବହେଳା ଯୋଗୁ ୩ ହାତୀଙ୍କ ଜୀବନ ଯାଇଥିବା ସ୍ପଷ୍ଟ କରିଥିଲେ ପିସିସିଏଫ୍ ସୁଶାନ୍ତ ନନ୍ଦ । ସେହିପରି ହାତୀ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ମଧ୍ୟ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯାଇଛି । ଏହି ଘଟଣାରେ କାର୍ଯ୍ୟରେ ଅବହେଳା ଅଭିଯୋଗରେ ୩ କ୍ଷେତ୍ର ବନ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି । ଏଥିସହ ୨ ବନ ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବନ ବିଭାଗ ରାଜ୍ୟ ସରକାରଙ୍କୁ ସୁପାରିସ କରିଛି । ଅନ୍ୟପଟେ ବିଦ୍ୟୁତ ତାର ବିଛାଇ ବାର୍‌ହା ଶିକାର କରିବା ଅଭିଯୋଗରେ ଚିହ୍ନଟ ୪ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇଛି । ହାଇକୋର୍ଟ ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରି ରେଜିଷ୍ଟ୍ରାର ଜେନେରାଲ୍‌ଙ୍କୁ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଣୁ ଓଡିଶାରେ ମଧ୍ୟ ବନ୍ୟଜନ୍ତୁ ସୁରକ୍ଷା ଆଇନ ୧୯୭୨ରେ ସଂଶୋଧନ କରି ଆଇନ ଉଲଂଘନକାରୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ ବ୍ୟବସ୍ଥା କରିବା ନିତ୍ୟନ୍ତ ଜରୁରୀ ହୋଇପଡିଛି ବୋଲି ମାମଲାରେ ଦର୍ଶାଯାଇଥିଲା । ହାଇକୋର୍ଟ ଏହି ମାମଲାରେ ହାତୀ ମୃତ୍ୟୁ ରୋକିବାକୁ ସୌର ବାଡ ତିଆରି କରିବା ସହ ହୁକିଂ ବନ୍ଦ କରିବାକୁ ଆଦେଶ ଦେଇଥିଲେ ।


# ଶାଶ୍ୱତୀ ଦାସଙ୍କୁ 'ଫେମିନା ଆଚିଭର୍ସ ଇଷ୍ଟ' ସମ୍ମାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶାଶ୍ୱତୀ ଦାସଙ୍କୁ 'ଫେମିନା ଆଚିଭର୍ସ ଇଷ୍ଟ -୨୦୨୪' ସମ୍ମାନରେ ସମ୍ମାନୀତ କରାଯାଇଛି । ଦେଶର ଅଗ୍ରଣୀ ଇଂରାଜୀ ମହିଳା ପତ୍ରିକା ଫେମିନା ପକ୍ଷରୁ ଶ୍ରୀମତୀ ଦାସଙ୍କୁ 'ଏକ୍ସଲେନ୍ସ ଇନ୍ ଇନ୍‌ସ୍ପିରେସ୍‌ନାଲ୍ ଲିଡରସିପ୍' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି । କୋଲକାତା ଠାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା । ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ଅଗ୍ରଣୀ ଭୂମିକା ନେଇଥିବା ମହିଳାମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ବିଶେଷ କରି ପୂର୍ବ ଭାରତରେ ସମାଜର ବିଭିନ୍ନ ବର୍ଗରେ ଉନ୍ନତିମୂଳକ କାର୍ଯ୍ୟ କରୁଥିବା ମହିଳାମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତରେ ଅବସ୍ଥାପିତ ବ୍ରିଟିଶ ଡେପୁଟି ହାଇକମିଶନର ଡକ୍ଟର ଆଣ୍ଡ୍ରିୟୁ ଫ୍ଲେମିଂ ଏବଂ ଆଲାଏନ୍ସ ଫ୍ରାଞ୍ଚାଇଜି ଡୁ ବେଙ୍ଗାଲୋର ନିର୍ଦ୍ଦେଶକ ନିକୋଲାସ ଫାସିନୋ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ ।

## ବିଏମ୍‌ସି ଓ ସିଏଫ୍‌ଏଆର୍ ପକ୍ଷରୁ ବିଶ୍ୱ ଟଏଲେଟ୍ ଦିବସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଙ୍ଗଳବାର ହେଉଛି ବିଶ୍ୱ ଟଏଲେଟ୍ ଦିବସ । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ସିଏଫ୍‌ଏଆର ମିଳିତ ଉଦ୍ୟମରେ ଏହି ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁ, ସିଏଫ୍‌ଏଆର୍ ରାଜ୍ୟ ମୁଖ୍ୟ ସମୀର ରଞ୍ଜନ ଦାଶ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମ ସଂପର୍କରେ ସିଏଫ୍‌ଏଆରର ରାଜ୍ୟ ମୁଖ୍ୟ ସମୀର ରଞ୍ଜନ ଦାଶ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ପରେ ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁ ଏହି ଦିବସର ମହତ୍ତ୍ୱ ସଂପର୍କରେ ବିଷଦ ଭାବେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଗୋପାଳ ଭାଣ୍ଡ ଉପାଖ୍ୟାନର ଅବତାରଣା କରିଥିଲେ । ମଳତ୍ୟାଗ କରିବା ସମସ୍ତଙ୍କର ମାନବିକ ଅଧିକାର । ମାତ୍ର ବାହ୍ୟ ମଳତ୍ୟାଗ ଆମ ପାଇଁ କ୍ଷତିକାରକ । ଆମେମାନେ ନିଜେ ନିଜେ ସଚେତନ ହେବା ଦରକାର । ସହରାଞ୍ଚଳର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ଟଏଲେଟମାନ ନିର୍ମାଣ ହେଉଛି । ତାହାକୁ ବ୍ୟବହାର କରିବା ସହ ତାର ଯତ୍ନ ନେବା ମଧ୍ୟ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ । ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ଏଥିରେ ଯୋଗଦେଇ ପାରିନଥିବାରୁ, ସେ ପଠାଇଥିବା ବାର୍ତ୍ତା ଏହି ସଭାରେ ପାଠ କରାଯାଇଥିଲା । ଏହି ଅବସରରେ ୱାଟର ଏଡ୍ ଇଣ୍ଡିଆର ବିକାଶ ପତି, ସଖାର ମୁଖ୍ୟ ମୀରା ପରିଡା, ଥାର୍ଡ ଜେଣ୍ଡର ୱେଲଫେୟାର ଟ୍ରଷ୍ଟର ମୁଖ୍ୟ ମେଘନା ସାହୁ, ୟୁଏନ୍‌ଏଫ୍‌ପିଏର ଷ୍ଟେଟ୍ ପ୍ରୋଗ୍ରାମ ମ୍ୟାନେଜର ଚୟନିକା ମିଶ୍ର ଏବଂ ୟୁଏମ୍ବି ପ୍ରମୁଖ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଟଏଲେଟର ଉପାଦେୟତା ଏବଂ ଏଥିରେ ଗୋଷ୍ଠୀ ସହଭାଗିତା ଆଗେଇ ନେବା ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ଜୋନ୍‌ର ଟଏଲେଟ୍‌ରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଏହି ସଚେତନତା ଏକ ସପ୍ତାହ ଯାଏଁ ଚାଲୁ ରହିବ, ଯାହାକି ସହରରେ ସାମୁହିକ ଓ ଗୋଷ୍ଠୀ ଶୌଚାଳୟଗୁଡିକର ଉତମ ପରିଚାଳନାକୁ ଆଗେଇ ନେବ । ଏହି ଉପଲକ୍ଷେ ଶିଶୁ ଭବନ ଛକରୁ ମାଷ୍ଟର କ୍ୟାଣ୍ଟିନ ପର୍ଯ୍ୟନ୍ତ ଏକ ପ୍ରାଇଡ ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ପ୍ରାଇଡ୍ ମାର୍ଚ୍ଚର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଏମ୍‌ସି ଅଞ୍ଚଳର ବହୁ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତା, ବସ୍ତିବାସିନ୍ଦା ସଂଘର କର୍ମକର୍ତ୍ତା, ବହୁ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ସମିତି ବୈଠକ




କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭା ଗୃହରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ସମିତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଜାନୁୟାରୀ ୧୦ ତାରିଖରୁ ୧୧୮ଟି ମଣ୍ଡିରେ ଧାନକ୍ରୟ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ମଣ୍ଡିଗୁଡିକର ଭିତ୍ତିଭୂମି ଓ ଧାନର ମାନ ନିର୍ଦ୍ଧାରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଯୋଗୀ ଯନ୍ତ୍ରପାତି ଗୁଡିକର ବ୍ୟବସ୍ଥା କରାଯାଇଛି । ମଣ୍ଡିଗୁଡିକ ସପ୍ତାହରେ ୩ଦିନ ଧାନ ସଂଗ୍ରହ କରିବେ ଓ ସକାଳ ୮ ଘଟିକାରୁ ଦିନ ୨ ଘଟିକା ମଧ୍ୟରେ ଧାନ ସଂଗ୍ରହ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ୨୪ ଘଣ୍ଟାରୁ ୭୨ ଘଣ୍ଟା ମଧ୍ୟରେ ଟୋକନ ଧାରୀ ଚାଷୀଙ୍କ ଅକାଉଣ୍ଟକୁ ସିଧାସଳଖ ଅର୍ଥ ରାଶି ପ୍ରେରଣ କରାଯିବ । ଚଳିତ ବର୍ଷ ୪୪,୦୧୬ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ବୈଧ ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ରହିଛି ୪୪,୦୦୪ଜଣ । କେନ୍ଦ୍ରାପଡା ଜିଲ୍ଲାରେ ଏ ବର୍ଷ ପୂର୍ବ ବର୍ଷ ପରି ସାଟେଲାଇଟ ଯାଞ୍ଚ ମାଧ୍ୟମରେ ପଞ୍ଜୀକୃତ ଜମିରେ ଚାଷ ହୋଇଛିକି ନାହିଁ ପରୀକ୍ଷା କରାଯିବାର ବ୍ୟବସ୍ଥା କରାଯାଇଛି । ଫଳରେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହରେ ସ୍ୱଚ୍ଛତା ଅବଲମ୍ବନ କରିବା ସହ କ୍ଷୁଦ୍ର, ମଧ୍ୟମ ଚାଷୀମାନଙ୍କଠାରୁ ଟୋକନ ମାଧ୍ୟମରେ ଧାନ ସଂଗ୍ରହ କରାଯାଇପାରିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମଣ୍ଡିଗୁଡିକୁ ତନଖି କରି ଏହାର ଭିତ୍ତିଭୂମିକୁ ସଜାଡିବାକୁ ବରିଷ୍ଠ ଏଆରସିଏସଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଧାନ ସଂଗ୍ରହ ପାଇଁ ଆରଏମ୍‌ସି ମାଧ୍ୟମରେ ପ୍ରଚାର ପ୍ରସାର କରାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ରାପଡାରେ ଚାଷୀମାନେ ବନ୍ୟା, ବାତ୍ୟା ପାଇଁ କ୍ଷତିଗ୍ରସ୍ତ ହେଉଛନ୍ତି । ସୁନିୟନ୍ତ୍ରିତ ବ୍ୟବସ୍ଥା, ସମସ୍ତଙ୍କ ସହଯୋଗ ଓ ସହଭାଗୀତାରେ ଧାନ ସଂଗ୍ରହ କରିପାରିଲେ କ୍ଷୁଦ୍ର/ମଧ୍ୟମ ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା ହୋଇପାରିବ ଏବଂ ସଠିକ ଢଙ୍ଗରେ ଚାଷୀଙ୍କ ଆକାଉଣ୍ଟକୁ ବିକ୍ରିଲବ୍ଧ ଅର୍ଥଯାଇପାରିବା । ସହ ସରକାରଙ୍କ ମୂଳ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ରାଜନଗର ଓ କେନ୍ଦ୍ରାପଡ଼ା ବିଧାୟକ ମତ ପ୍ରକାଶ କରିଥିଲେ । ରଙ୍ଗଣୀ ଓ ତାଳଚୁଆରେ ଧାନମଣ୍ଡି ଖୋଲିବାକୁ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ପ୍ରଶାସନ ନିକଟରେ ପ୍ରସ୍ତାବ ରଖିଥିଲେ । ଚଳିତ ବର୍ଷ ପ୍ରଥମ କିସ୍ତିରେ କେନ୍ଦ୍ରାପଡ଼ା ଜିଲ୍ଲାରେ ୮୫,୩୦୮ ମେଟ୍ରିକ ଟନ୍ ଧାନ ଚାଷୀଙ୍କଠାରୁ ସଂଗ୍ରହ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ୨୦୨୪-୨୫ ଖରିଫ ବର୍ଷ ପାଇଁ ଧାନ ସଂଗ୍ରହ ନିମନ୍ତେ ରାଜ୍ୟ ସରକାର ତା.୦୧.୧୧.୨୦୨୪ ରୁ ତା.୩୧.୦୩.୨୦୨୫ ସମୟ ଧାର୍ଯ୍ୟ କରିଛନ୍ତି । ଧାନ ସଂଗ୍ରହକୁ ସୁବ୍ୟବସ୍ଥିତ କରିବା ପାଇଁ ୧୧୮ଜଣ ମଣ୍ଡି ନୋଡଲ ଅଫିସର, ୩୮ଜଣ ମଣ୍ଡି ସୁପରଭାଇଜିଙ୍ଗ୍ ଅଫିସର ନିଯୁକ୍ତି ଦିଆଯାଇଛି । ଆସନ୍ତା ତା.୨୦.୧୧.୨୦୨୪ରିଖ ଠାରୁ ଏମାନଙ୍କୁ ପ୍ରଶିକ୍ଷଣ ଦିଆଯିବ ଓ ବ୍ଲକ ସ୍ତରରେ ବିଡିଓମାନେ ନୋଡାଲ ଅଫିସର ହୋଇଥିବା ବେଳେ ଜିଲ୍ଲାସ୍ତରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ନୋଡାଲ ଅଫିସର ଭାବେ କାର୍ଯ୍ୟକରି ସମସ୍ତ କାର୍ଯ୍ୟକୁ ତଦାରଖ କରିବେ ଓ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ୧୧୮ଜଣ ପ୍ୟାକସ୍ ସେକ୍ରେଟାରୀ ଓ ୧୧୮ଜଣ ଡିଇଓଙ୍କୁ ଧାନ ସଂଗ୍ରହର ସମସ୍ତ କାର୍ଯ୍ୟ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ମଣ୍ଡିରେ ଧାନ ସଂଗ୍ରହ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୪୫ଜଣ କ୍ୱାଲିଟି ଆନାଲାଇଜରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଉ ଅତିରିକ୍ତ ଭାବେ ୧୫ଜଣଙ୍କୁ ନିଯୁକ୍ତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବା ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ସେହିଭଳି ଜିଲ୍ଲାରେ ୪ଟି ଚାଉଳ ସଂଗ୍ରହକେନ୍ଦ୍ର ଥିବା ବେଳେ ଅତିରିକ୍ତ ଭାବେ ପଟ୍ଟାମୁଣ୍ଡାଇରେ ଗୋଟିଏ ଓ ମାର୍ଶାଘାଇ କିମ୍ବା ମହାକାଳପଡ଼ାରେ ଆଉ ଗୋଟିଏ ଚାଉଳ ସଂଗ୍ରହକେନ୍ଦ୍ର ଖୋଲିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ଟୋକନ ଅନୁସାରେ ଧାନ କିଣିବା, ଚାଷୀଙ୍କୁ ମିଲକୁ ଯାଇ ଧାନ ବିକ୍ରି ନକରିବା, କଟନୀ ଛଟନୀ ବନ୍ଦ କରିବା, ୮ଶହ ଟଙ୍କା ଅତିରିକ୍ତ ଏମଏସପି ବୃଦ୍ଧି ସମ୍ପର୍କରେ ସଚେତନ କରାଇବା, ଟୋକନର ଭ୍ୟାଲିଡିଟି ସମ୍ପର୍କରେ ଅବଗତ କରାଇବା, ସୋସାଇଟି ଫଳକରେ ଟୋକନ ଧାରୀ ପଞ୍ଜୀକୃତ ଚାଷୀଙ୍କ ନାମ ପ୍ରକାଶ କରିବା, ମଣ୍ଡି ଅନୁଯାଇ ଚାଷୀମାନଙ୍କ ନାମ ସମିତିର ସମ୍ପାଦକ ଓ ମିଲର ପ୍ରତିନିଧିମାନେ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଧାନ ସଂଗ୍ରହ ଯେପରି ସଠିକ ଢଙ୍ଗରେ ନିର୍ବାହ ହୋଇପାରିବ ସେଥିପ୍ରତି ଯତ୍ନଶୀଳ ହେବାକୁ ବୈଠକରେ ମତପ୍ରକାଶ ପାଇଥିଲା । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜନଗର ବିଧାୟକ ଶ୍ରୀ ସାହୁ, କେନ୍ଦ୍ରାପଡ଼ାର ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦର ସଭାପତି ସୁଶ୍ରୀ ଲିଲିତା ଦାସ, ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ବରିଷ୍ଠ ଏଆରସିଏସ ସନ୍ତୋଷ କୁମାର ଦାସ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଫୁଲ କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଜିଲ୍ଲାସ୍ତରୀୟ ଅଧିକାରୀ, ମାପ ଓଜନ ନିରିକ୍ଷକ, ଆରଏମସିର ପଦାଧିକାରୀ, ସୋସାଇଟିର ସମ୍ପାଦକ, ମିଲର, ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ । ଉପଜିଲ୍ଲାପାଳ ଶେଷରେ ଆନୁଷ୍ଠାନିକ ଧନ୍ୟବାଦ ପ୍ରଦାନ କରିଥିଲେ ।



ପୁରୀ (ଭାସ୍କର ନ୍ୟୁଜ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜାତୀୟ ନବଜାତ ଶିଶୁ ସପ୍ତାହ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି ନବଜାତ ଶିଶୁ ସପ୍ତାହ କାର୍ଯ୍ୟକ୍ରମ ପାଳନର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ସେ କହିଥିଲେ ଆଜିର ଶିଶୁ କାଲିର ଭବିଷ୍ୟତ ତେଣୁ ଶିଶୁକୁ ମା' କ୍ଷୀର ନିୟମିତ ଭାବରେ ୬ମାସ ପର୍ଯ୍ୟନ୍ତ ଦେବାସହିତ ଟୀକାକରଣ କୁ ମଧ୍ୟ ପ୍ରାଧାନ୍ୟ ଦେବା ଉଚିତ। ଉକ୍ତକାର୍ଯ୍ୟକ୍ରମରେ ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ସୂର୍ଯ୍ୟ ନାରାୟଣ ମିଶ୍ର ଉପସ୍ଥିତ ସମସ୍ତଙ୍କୁ ଶିଶୁକୁ କିପରି ବିଭିନ୍ନ ରୋଗରୁ ଦୂରେଇ ରଖିବା ପାଇଁ ପ୍ରତିକାର ନିଆଯାଇପାରିବ ସେ ସମ୍ପର୍କରେ ଅବଗତ କରାଇଥିଲେ। ସରକାରୀ ଡାକ୍ତରଖାନାରେ ମିଳୁଥିବା ସମସ୍ତ ସୁବିଧା ସୁଯୋଗ ବିଷୟରେ ମଧ୍ୟ କହିଥିଲେ । ଏହି ନବଜାତ ନବଜାତ ଶିଶୁ ସପ୍ତାହ କାର୍ଯ୍ୟକ୍ରମ ୨୧ ନଭେମ୍ବର ପର୍ଯ୍ୟନ୍ତ ଚାଲୁ ରହିବ । ଜିଲ୍ଲା ଜନସ୍ୱାସ୍ଥ୍ୟ ସଂଚାର ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ ଉପସ୍ଥିତ ଥିଲେ। ଅତିଥିଙ୍କୁ ଜନ ସ୍ୱାସ୍ଥ୍ୟ ସଂଚାର ଅଧିକାରୀ ଶ୍ରୀଧର ନାୟକ ଉପସ୍ଥାପନା କରିଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର (ଟ୍ରେନିଂ) ମନୋଜ କୁମାର ପଣ୍ଡା କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାମନଗର ଭଣ୍ଡାରିପୋଖରୀ ସୀମା ସରକାରୀ ଜମିରୁ ଉଚ୍ଛେଦ, ତହସିଲ୍‌ଦାରଙ୍କୁ ଘେରିଲେ ଗ୍ରାମବାସୀ

ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ଭଣ୍ଡାରିପୋଖରୀ ସୀମାରେ ଦୋକାନ ଗୃହ ଓ ଘର ନିର୍ମାଣକୁ ବିରୋଧ କରିପୂର୍ବରୁ ଅଭିଯୋଗ ହୋଇଥିଲା । ମଙ୍ଗଳବାର ସରକାରୀ ଜମିରେ ଉଚ୍ଛେଦ କରାଯାଇଛି । ଧାମନଗର ଅଞ୍ଚଳର କିଛି ବେକ୍ତି ଭଣ୍ଡାରିପୋଖରୀ କୁରିଗାଁ ପଞ୍ଚାୟତ ଓଡଗାଁ ମୌଜାରେ ଦୀର୍ଘଦିନ ଧରି ବିଭିନ୍ନ ଦୋକାନ କରି ସରକାରୀ ଜମିରେ ଜବରଦଖଲ କରିଥିବା ବେଳେ ଆଜି ଭଣ୍ଡାରିପୋଖରୀ ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇଛି । ଉଚ୍ଛେଦ ବେଳେ ଭଣ୍ଡାରିପୋଖରୀ ତହସିଲ ସହ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତିରେ ଏହି ଉଚ୍ଛେଦ ପ୍ରକ୍ରିୟା ଚାଲିଥିବା ବେଳେ ତେବେ କିଛି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା । ଭଣ୍ଡାରିପୋଖରୀ ତହସିଲଦାରଙ୍କୁ ସ୍ଥାନୀୟ ବାସିନ୍ଦା ଘେରିବା ସହ ଅଟକ ରଖିଥିବା ଦେଖିବାକୁ ମିଳିଥିଲା । ତେବେ ସ୍ଥାନୀୟ ଲୋକଙ୍କ ବିରୋଧ ସତ୍ତ୍ୱେ ସମସ୍ତ ଜବରଦଖଲ ଜମିରେ ନିର୍ମାଣ ହୋଇଥିବା ଦୋକାନ ଗୃହକୁ ଉଚ୍ଛେଦ କରାଯାଇଛି । କୌଣସି ସୂଚନା ନଦେଇ ପ୍ରଶାସନ ଅଚାନକ ଭାବେ ପୋଲିସ ବଳ ପ୍ରୟୋଗ କରି ଜେ଼ାକର ଲଗାଇ ୫ରୁ ଊର୍ଦ୍ଧ୍ୱ ଦୋକାନକୁ ଭାଙ୍ଗି ଦେଇଛି । ଏପରିକି କିଛି ବେକ୍ତି ଗତ କାଗାରେ ବାଡକୁ ମଧ୍ୟ ପ୍ରଶାସନ ଭାଙ୍ଗି ଦେଇଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଜଗବନ୍ଧୁ ପ୍ରଧାନ ଅଭିଯୋଗ କରିଛନ୍ତି । ଆଇନ ଅନୁଯାୟୀ ବେଆଇନ ଦୋକାନ ଭଙ୍ଗାଯାଇଛି ବୋଲି ତହସିଲଦାର ସୂଚନା ଦେଇଥିଲେ । ତେବେ ଏହି କଥାକୁ ନେଇ ପୋଲିସ ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟ କିଛିସମୟ ପାଟିତୁଣ୍ଡ ଲାଗିଥିଲା । ଏପରିକି ଗ୍ରାମର ମହିଳାମାନେ ତହସିଲଦାରଙ୍କୁ ଘେରାଉ କରିଥିଲେ । ପରବର୍ତ୍ତୀ ସମୟରେ ଘଟଣାର ସମାଧାନ ପରେ ତହସିଲଦାରଙ୍କ ଗାଡିକୁ ଛାଡ଼ିଥିଲେ । ତେବେ ଉକ୍ତ ଘଟଣା ଓ ସିମା ବିବାଦକୁ ପୋଲିସ ନଜର ରଖିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି ।



# ଭୁବନେଶ୍ୱର ଉତ୍ତର ମହୋତ୍ସବ ପଞ୍ଚମ ସନ୍ଧ୍ୟା



ବାରଙ୍ଗ(ଭାସ୍କର ନ୍ୟୁଜ): ଭୁବନେଶ୍ୱର ଉତ୍ତର ମହୋତ୍ସବ କମିଟି ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଛଅଦିନିଆ ଭୁବନେଶ୍ୱର ଉତ୍ତର ମହୋତ୍ସବର ମଙ୍ଗଳବାର ଥିଲା ପଞ୍ଚମ ସନ୍ଧ୍ୟା। କମିଟିର ସଭାପତି କୁନାଲ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଳାଶ ପଣ୍ଡା, ମହୋତ୍ସବ କମିଟିର ମୁଖ୍ୟଉପଦେଷ୍ଟା ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗଦେଇ ପୁରୁଣା ଐତିହ୍ୟ ଓ ଓଡିଆ ଅସ୍ମିତାର ମହାର୍ଘ୍ୟ ସମ୍ମେଳନ ଓଡିଆ ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ ରଖିବା ସହିତ ଉତ୍ତର ଭୁବନେଶ୍ୱର ସମସ୍ତ ଜନସାଧାରଣଙ୍କୁ ଏକାଠି କରି କମିଟି ମୁଖ୍ୟ ଉପଦେଷ୍ଟା ପ୍ରିୟଦର୍ଶୀ ମିଶ୍ରଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ ।ସମଗ୍ର ଭୁବନେଶ୍ୱର ଅଞ୍ଚଳରେ ବିଭିନ୍ନ କ୍ଷେତରେ ଉଲ୍ଲେଖନୀୟ ଅବଦାନ ଥିବା ପ୍ରତିଭାଧର ଅଖିଳ ଭାରତୀୟ ସଦଭାବନା ପ୍ରମୁଖ ଗୋପାଳ ପ୍ରସାଦ ମହାପାତ୍ର, ଆଇନଜିବୀ ପୁଷ୍କର ସାହୁ, ପୂର୍ବତନ କର୍ପୋରେଟର ନିର୍ମଳ ଚନ୍ଦ୍ର ରାଉତ, ରଘୁନାଥପୁର ସରପଞ୍ଚ ଖୁଲଣା ମାଝୀ, ବିଜେପି ମହିଳା ମୋର୍ଚ୍ଚା ସଭାପତି ଶୁଭାସିନୀ ପୃଷ୍ଟି, ରାଜ୍ୟ ଓବିସି ମହିଳାମୋର୍ଚ୍ଚା ସଭାପତି ମନ୍ଦାକିନୀ ପାତ୍ର, ସାମାଜିକ କର୍ମୀ ମିଥୁନ ପରିଡା, ନିର୍ମଳ ପଣ୍ଡା, ସଞ୍ଜୟ ପତି, ଅଜୟ ବେହେରା, ଗୁରୁଚରଣ ରାଉତ, ଉମାକାନ୍ତ ହାତୀ ପ୍ରମୁଖ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ପ୍ରବଳ ଶୀତସତ୍ତ୍ୱେ ଦର୍ଶକଙ୍କୁ ଗୀତିକାର ସତ୍ୟଜିତ୍ ପ୍ରଧାନ ଗୀତ ଓ ନାଚରେ ବାନ୍ଧି ରଖିଥିଲେ। ଏହି ମହୋତ୍ସବ ବୁଧବାର ଶେଷ ଦିନରେ ବାଚସ୍ପତି ସୁରମା ପାଢୀ ଯୋଗଦେବା କାର୍ଯ୍ୟକ୍ରମ ରହିଥିବା ବେଳେ ଗୀତିକାର ମଣ୍ଟୁ ଛୁରିଆ ଦର୍ଶକଙ୍କୁ ଉତ୍ସାହିତ କରିବା ପାଇଁ ଆସୁଛନ୍ତି ବୋଲି କମିଟି ସମ୍ପାଦକ ସ୍ୱାକ୍ଷର ରଞ୍ଜନ ମହାନ୍ତି କହିଛନ୍ତି ।

# ପଟ୍ଟାମୁଣ୍ଡାଇ ବ୍ଲକ ବିଡ଼ିଓଙ୍କ ବିରୁଦ୍ଧରେ ଦୁର୍ନୀତିର ପିଛା ଛାଡୁନି

ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ): ପଟ୍ଟାମୁଣ୍ଡାଇ ବ୍ଲକ ବିଡ଼ିଓ ଓ ବିଜେପି କର୍ମୀ ଜ୍ୟୋତି ପ୍ରକାଶ ପ୍ରଧାନଙ୍କ ମଧ୍ୟରେ ହୋଇଥିବା ବିବାଦ ଏବେ ଥାନାରେ ପଡି ହାତରେ ଗଡ଼ିଥିବା ବେଳେ ଗୋଟିଏ ପଟେ ବିଡ଼ିଓ ଶୁଭାଂଶୁ ଶେଖର ସାହୁ ବିଜେପି କର୍ମୀ ଜ୍ୟୋତି ପ୍ରକାଶ ପ୍ରଧାନଙ୍କ ନାମରେ ଦୁର୍ବ୍ୟବହାର ଅଭିଯୋଗ ଆଣି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରିବା ପରେ ବିଡ଼ିଓଙ୍କ ସପକ୍ଷରେ ପଟ୍ଟାମୁଣ୍ଡାଇ ବ୍ଲକର ଜନପ୍ରତିନିଧି ବା ସର୍ମ୍ମଶ ବିଜେପି କର୍ମୀ ରାଜରାସ୍ତାକୁ ଓହ୍ଲାଇ ବିଡ଼ିଓଙ୍କୁ ନ୍ୟାୟ ଦେବା ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି । ସେପଟେ କଶାରୁଣୀ ଗାଁର ବିଜେପି ଜିଲ୍ଲା ଏସି ମୋର୍ଚ୍ଚା ସଭାପତି ଅନ୍ତର୍ଯ୍ୟାମୀ ମଲିକ ବିଡ଼ିଓ ଶୁଭାଂଶୁ ଶେଖର ସାହୁଙ୍କ ନାମରେ ଜାତୀୟାଣ ଅକ୍ଷପ ଅଭିଯୋଗ ଆଣି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରି ନ୍ୟାୟ ପାଇଁ ଦାବି କରିଛନ୍ତି । ଅନ୍ତର୍ଯ୍ୟାମୀ ମଲିକ ଅଭିଯୋଗ ଆଣିଛନ୍ତି ବିଡ଼ିଓ ଶୁଭାଂଶୁ ଶେଖର ସାହୁ ଜଣେ ଦୁର୍ନୀତି ଖୋର ଅଫିସର, ସେ ଲୋକଙ୍କ ସେବା କମ ଏବଂ ବିଜେଡି କର୍ମୀଙ୍କ ସେବା ଅଧିକ କରୁଛନ୍ତି, ବାତ୍ୟା ଦାନାରେ ହୋଇଥିବା କ୍ଷତି ସଂପର୍କରେ ପଚାରିବାରୁ କିଛି ଦିନ ତଳେ ବିଡ଼ିଓ ରାଗି ଯାଇ ଜ୍ୟୋତି ନାମ ଧରି ବ୍ୟକ୍ତି ନାଁରେ ମକଦମା ରୁଜୁ କରିଥିଲେ। କାରଣ ଯେତେବେଳେ ନିର୍ବାଚନ ପୂର୍ବରୁ ବର୍ତ୍ତମାନର ବିଜେଡି ନେତା ତଥା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ବିଡ଼ିଓ ଶୁଭାଂଶୁ ଶେଖର ସାହୁଙ୍କ ଶେଖର ସାହୁଙ୍କ ବିରୁଦ୍ଧରେ ଦୁର୍ନୀତିର ସ୍ୱର ଉଠାଇଥିଲେ । ଏବେ ସାରା ପଟ୍ଟାମୁଣ୍ଡାଇବାସୀଙ୍କ ମନରେ ଉଙ୍କି ମାରୁଛି । ପଟ୍ଟାମୁଣ୍ଡାଇ ବିଡ଼ିଓ ବହୁ ଦୁର୍ନୀତିରେ ଜଡିତ ଅଛନ୍ତି। ଅଗରୁ ତାଙ୍କ ବିରୁଦ୍ଧରେ ବହୁ ଆରଟିଆଇ ମଗା ଯାଇଥିଲେ ମଧ୍ୟ ସିଏ ଦୁର୍ନୀତି କରିଥିବା ଜାଣି ତଥ୍ୟ ଦେଉନାହାନ୍ତି । ପୁଣି ପଟ୍ଟାମୁଣ୍ଡାଇ ବିଡ଼ିଓ ନାଁରେ ଆଉ ଏକ ଦୁର୍ନୀତି ମୁଣ୍ଡ ଟେକିଛି ତାହା ହେଉଛି ଏନଆରଇଜିଏସ କାମରେ ବହୁ ପଞ୍ଚାୟତରେ ଦୁର୍ନୀତି ହୋଇଥିବା ଅଭିଯୋଗ । କେତେକ ଲୋକଙ୍କ ଏନଆରଇଜିଏସ କାମ ମାଧ୍ୟମରେ ଯୁବକ ଓ ଯୁବତୀଙ୍କୁ କାମ ଦେବାର ବ୍ୟବସ୍ଥା ଥିଲା ବେଳେ ଠିକାଦାର ମେସିନ ଲଗାଇ କାମ କରି ପଟ୍ଟାମୁଣ୍ଡାଇ ବ୍ଲକ ଜେଇ, ନେତା ଓ ବିଡ଼ିଓଙ୍କୁ ଧରି ୮୦ବର୍ଷ ବୟସର ବୃଦ୍ଧା ଓ ବୃଦ୍ଧଙ୍କ ଆକାଉଣ୍ଟରୁ ଟଙ୍କା ପଠାଇ ଟଙ୍କା ଉଠାଇ କରିବାର ଦୁର୍ନୀତି ଏବେ ପଦାକୁ ଆସିଛି । ପଟ୍ଟାମୁଣ୍ଡାଇ ବ୍ଲକର ବହୁ ପଞ୍ଚାୟତରେ ଏହି ଦୁର୍ନୀତି ହେବାର ଖବର ମିଳିବା ସହିତ ଆରଟିଆଇରେ ତଥ୍ୟ ମଗା ଯାଇଛି। କିନ୍ତୁ ବିଡ଼ିଓ ଡରରେ ତଥ୍ୟ ନ ଦେଇ ଚୁପ୍ ବସିଛନ୍ତି। ବର୍ତ୍ତମାନ ପଟ୍ଟାମୁଣ୍ଡାଇ ଜନସାଧାରଣ ତାଙ୍କ ବଦଳି କରିବା ପାଇଁ ରାଜ୍ୟ ସରକାର ପାଖରେ ଦାବି କରିଛନ୍ତି।

# ଯାତ୍ରୀଙ୍କ ସୁରକ୍ଷା ପାଇଁ ନିର୍ମିତ ଆଉଟ୍‌ପୋଷ୍ଟ ପାଲଟିଛି ମଦଖଟି



କଣାସ(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଜନସାଧାରଣଙ୍କ ସୁରକ୍ଷା ପାଇଁ ପୋଲିସ୍ ପ୍ରଶାସନ ଉପରେ ଅଧିକ ଗୁରୁତ୍ୱ ଦେଇ ନୂତନ ଥାନା ଓ ଆଉଟ ପୋଷ୍ଟମାନ ଖୋଲୁଥିବା ବେଳେ ଆଉଟପୋଷ୍ଟରେ ପୋଲିସ୍ କର୍ମଚାରୀ ନିଯୁକ୍ତି କରୁନଥିବାରୁ ଆଉଟ୍ ପୋଷ୍ଟଟି ସଂଧ୍ୟା ହେଲେ ମଦ୍ୟପମାନଙ୍କ ଆଡ୍ଡାସ୍ଥଳି ପାଲଟିଛି । ଦେଖିବାକୁ ମିଳୁଛି ପୁରୀ ଜିଲ୍ଲା କଣାସ ବ୍ଲକର ଜଗନ୍ନାଥ ସଡକର ଚୁପ୍ରଙ୍ଗି ନିକଟରେ ଗଡ଼ିଶାଗୋଡା ଥାନା ଅଧିନରେ ଥିବା ଆଉଟ ପୋଷ୍ଟଟି । ଖବର ନେବାରେ ଜଣାପଡିଛି ଶରଣକୂଳଠାରୁ ରାମେଶ୍ୱର, ନିରାକାରପୁର ଦେଇ ପୁରୀକୁ ଯାଉଥିବା ଜଗନ୍ନାଥ ସଡକର ଯାତ୍ରୀଙ୍କ ସୁରକ୍ଷା ପାଇଁ ୨୦ବର୍ଷ ତଳେ ଚୁପ୍ରଙ୍ଗି ନିକଟରେ ଜଗନ୍ନାଥ ସଡକ କଡରେ ଆଉଟ୍ ପୋଷ୍ଟଟି ଦେଇଛନ୍ତି । ଖୋଲିବା ଦିନଠାରୁ ଆଉଟପୋଷ୍ଟରେ କୌଣସି ପୋଲିସ୍ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇନଥିବାରୁ ଆଉଟପୋଷ୍ଟରେ ତାଲା ଝୁଲୁଛି । ସଂଧ୍ୟା ହେଲେ ମଦ୍ୟପମାନେ ସେଠାରେ ଆଶାର ଜମାଉଥିବା ଦେଖିବାକୁ ମିଳୁଛି । ଏ ସଂପର୍କରେ ଗଡ଼ିଶାଗୋଡା ଥାନା ଆଇଆଇସି ଦୁର୍ଗାଚରଣ ମହାପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି ଆଉଟପୋଷ୍ଟରେ କୌଣସି ପୋଲିସ୍‌ଙ୍କୁ ନିଯୁକ୍ତି ଦିଆଯାଇନଥିବା ବେଳେ ମୋ ଥାନାରେ ୪ଜଣ କନେଷ୍ଟବଳ, ଜଣେ ହାବିଲଦାର ଓ ଅଫିସର ପଦବୀ ଖାଲିପଡିଛି ।

# ପୁରୀରେ ଜିଲ୍ଲାସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ



ପୁରୀ(ଭାସ୍କର ନ୍ୟୁଜ): ପୁରୀରେ ୭୧ ତମ ଜିଲ୍ଲାସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ ଟାଉନ ହଲ ଠାରେ ପାଳିତ ହୋଇଥିଲା। ସମବାୟ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଯୋଗଦେଇ ସମବାୟ ଆନ୍ଦୋଳନକୁ ଆହୁରି କ୍ରିୟାଶୀଳ କରିବା ସହ ଅଧିକରୁ ଅଧିକ ଲୋକଙ୍କୁ ଆର୍ଥିକ ସମୃଦ୍ଧି ଓ ସହଯୋଗରେ ସ୍ୱାବଲମ୍ବୀ କରିବା ଏହି ମହୋତ୍ସବର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଆମ ରାଜ୍ୟ ଓ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାରେ ସମବାୟର ବଡ ଯୋଗଦାନ ରହିଛି ।ଏହା ବର୍ଷ ବର୍ଷ ଧରି ଲୋକଙ୍କ ଆସ୍ଥା ଭାଜନ ହୋଇ ପାରିଛି ।ଏହାକୁ ଅଧିକ ସଶକ୍ତ କରିବା ଦିଗରେ ବିଭାଗ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଆହ୍ୱାନ ଦେଇଥିଲେ। ଚଳିତବର୍ଷର ବିଷୟ ବା ଥିମ ବିକଶିତ ଓଡିଶା ଗଠନରେ ସମବାୟର ଭୂମିକା ସମ୍ପର୍କରେ ବିଷଦ ଆଲୋଚନା କରାଯାଇଥିଲା। ସମ୍ମିଳିତ ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କିଶୋର କୁମାର ଛୋଟରାୟ ଦେଶର ଅର୍ଥନୀତିରେ ସମବାୟ ଏକ ପ୍ରମୁଖ ଭୂମିକା ନେଇଛି ଓ ଏହା ଏକ ମହୋତ୍ସବରେ ଯୋଗଦେଇ ସମବାୟ ଆନ୍ଦୋଳନରେ ପରିଣତ ହୋଇ ଲୋକ ହିତରେ କାଜି ରହିଛି ବୋଲି ସୂଚନା ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡିଆରସିଏସ ସୁନିତା ପତି, ସମ୍ମିଳିତ ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କର ସିଇଓ ବନଶ୍ରୀ ମଲ୍ଲିକ, ଅଡିଟ ସର୍କଲର ଦାଶରଥି ବେହେରା, ଏଆରସିଏସ ସ୍ୱରୂପ କୁମାର କର ଓ ସମ୍ମିଳିତ ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କର ସଦସ୍ୟମାନେ ଏହି ମହୋତ୍ସବରେ ଯୋଗଦେଇ ସମବାୟ ଆନ୍ଦୋଳନରେ ଲକ୍ଷ୍ୟ ଉଦ୍ଦେଶ୍ୟ ଓ ଆର୍ଥିକ ସମୃଦ୍ଧିରେ ସମବାୟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ ଛାତ୍ରଛାତ୍ରୀ ଓ ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା।

## ସ୍ୱର୍ଗଦ୍ୱାର ଘିଅ ଓ ଛତୁଆ ଦୁର୍ନୀତି ଘଟଣା

# ସ୍ପଷ୍ଟୀକରଣ ରଖିଲେ ପୁରୀ ଜିଲ୍ଲା ମିଶନ ଶକ୍ତି ମହାସଂଘ ସଭାନେତ୍ରୀ



ଗୋପ(ଭାସ୍କର ନ୍ୟୁଜ): ସ୍ୱର୍ଗଦ୍ୱାରକୁ ମିଶନ ଶକ୍ତି ପକ୍ଷରୁ ପ୍ରଦାନ କରାଯାଉଥିବା ଘିଅରେ ବ୍ୟାପକ ଦୁର୍ନୀତି ଏବଂ ଗୋପ ବ୍ଲକରେ ଅଙ୍ଗନବାଡି ଶିଶୁଙ୍କ ପାଇଁ ହେଉଥିବା ଛତୁଆରେ ଦୁର୍ନୀତିକୁ ନେଇ ହୋଇଥିବା ଅଭିଯୋଗର ସ୍ପଷ୍ଟୀକରଣ ରଖିବା ସହ ଏହାକୁ ଖଣ୍ଡନ କରିଛନ୍ତି ପୁରୀ ଜିଲ୍ଲା ମିଶନ ଶକ୍ତି ମହିଳା ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି ଓ ଗୋପ ବ୍ଲକ ପରିସରରେ ଥିବା ମହିଳା ଶକ୍ତି ସଂଘଠନ ଭବନରେ ଏକ ପ୍ରେସ୍‌ମିଟ୍ କରି କହିଛନ୍ତି ଯେ ସରକାରଙ୍କ ଚୁକ୍ତି ଏବଂ ଜିଲ୍ଲା ପ୍ରଶାସନର ନିର୍ଦ୍ଧଶ ଅନୁଯାୟୀ ଗତ ୨୦୨୨ ମସିହା ଅକ୍ଟୋବର ମାସରୁ ସ୍ୱର୍ଗଦ୍ୱାରରେ ସମସ୍ତ ପ୍ରକାର ସାମଗ୍ରୀ ସମେତ ଓମଫେଡ ଘିଅ ଏବଂ ଅମୁଲ ଘିଅ ସ୍ୱର୍ଗଦ୍ୱାରକୁ ଯୋଗାଇ ଦିଆଯାଉଥିଲା । ପରେ ୨୦୨୪ ମସିହାରେ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଗୋପ ବ୍ଲକ ମହିଳା ଶକ୍ତି ସଂଗଠନ ପକ୍ଷରୁ ୪୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୩୦୦ରୁ ଉର୍ଦ୍ଧ୍ୱ ମାଆ ମାନେ ରଖିଥିବା ଗାଈର ଶୁଦ୍ଧଘିଅ ଉତ୍ପାଦନ କରି ଓରମାସ ସଂସ୍ଥାକୁ ଦେଇଥାନ୍ତି ଓ ଓରମାସ ଏହି ଘିଅକୁ ସ୍ୱର୍ଗଦ୍ୱାରରେ ଲଗାଇଥାନ୍ତି ଓ ଯାହାଦ୍ୱାରା ସରକାରଙ୍କ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ପୂରଣ ହେଉଛି । ସେହିପରି ଛତୁଆ ପ୍ରସ୍ତୁତ ସମୟରେ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହିବା ସହ ମାନ ଯାଞ୍ଚ କରିଥାନ୍ତି । ଯାହାକି ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରସ୍ତୁତ କରାଯାଉଛି । ଏଥିରେ କୌଣସି ଅନିୟମିତତା କି ଦୁର୍ନିତି ହେଉନାହିଁ । ମହିଳା ସଂଘ ମାଆମାନେ କୋମଳମତି ଶିଶୁଙ୍କ ପାଇଁ କରୁଥିବା ଛତୁଆ ଅତି ଉନ୍ନତ ମାନର, ଆମ ମହିଳା ସଂଘ ସଦା ସର୍ବଦା ଏଥିପ୍ରତି ସଜାଗ ରହିଛି । ମାତ୍ର କିଛି ମୁଷ୍ଟିମେୟ ବ୍ୟକ୍ତି ମାଆଙ୍କ ନାମରେ ଅପପ୍ରଚାର କରି ସେମାନଙ୍କ ରୋଜଗାରକୁ ବନ୍ଦ କରିବା ପାଇଁ ଚାହୁଁଛନ୍ତି । ଯାହାକି ସରକାରଙ୍କ ମାଆଙ୍କୁ ସ୍ୱାବଲମ୍ବି କରିବା ଲକ୍ଷ୍ୟରେ ବାଧା ସୃଷ୍ଟି ହେବ । ତେଣୁ ଯେଉଁ ଅଭିଯୋଗ ହୋଇଛି ତାହା ସଂପୂର୍ଣ୍ଣ ଭିତ୍ତିହୀନ । ଆମ ଘିଅ ଓ ଛତୁଆ ଦୁର୍ନୀତି ଉପରେ ତାଙ୍କ ପାଖରେ କୌଣସି ପ୍ରମାଣ ନଥିବା ସତ୍ତ୍ୱେ କେମିତି ସେମାନେ ଅଭିଯୋଗ କରୁଛନ୍ତି ସେଥିପାଇଁ ସରକାର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମହିଳା ମହାସଙ୍ଘ ପକ୍ଷରୁ ଦାବି ହୋଇଛି । ନଚେତ ମହିଳା ମହାସଂଘ ପକ୍ଷରୁ ଅଭିଯୋଗକାରୀଙ୍କ ବିରୁଦ୍ଧରେ ମାନହନି ମକଦ୍ଦମା କରିବ ବୋଲି ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି ସାମ୍ବାଦିକ ସମ୍ମିଳନୀରେ ପ୍ରତିକ୍ରିୟା ରଖିଛନ୍ତି ।

# ୩ ମୋଟର ସାଇକେଲ ଚୋର କୋର୍ଟଚାଲାଣ

ଖଡ଼ିଆଳ(ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଅନ୍ତର୍ଗତ ବାଦୀ ଗ୍ରାମରେ ମୋଟର ସାଇକେଲ ଚୋରି କରିବା ଅଭିଯୋଗରେ ତିନିଜଣ କୋର୍ଟଚାଲାଣ । ପୁଲିସ ସୂତ୍ରରୁ ପ୍ରକାଶ ଯେ ତାରିଖ ଦିନ ଅକ୍ଟୋବର ୨୭ ତାରିଖ ଦିନ ଉତ୍ତର ପ୍ରଦେଶର ଜଣେ କପଡା ବେପାରୀ ମରତାଜ ଅଲ୍ଲୀ ପଦ୍ମପୁର ଅଞ୍ଚଳରେ କପଡା ବିକ୍ରିୟ କରୁଥିବା ବେଳେ ଅଲ୍ଲୀଙ୍କୁ ଆମ ଘର ଲୋକେ କପଡା କିଣିବେ ବୋଲି କହି କପଡା ସାମଗ୍ରୀ ଓ ବାଇକ ୟୁପି ୨୩ ଇ ୨୦୦୬ କୁ ଚୋରି କରିନେଇଥିଲେ । ବେପାରୀ ଜଣକ ନିଜ ବ୍ୟବସାୟ ସାମଗ୍ରୀ ଫେରାଇବା ପାଇଁ ବାରମ୍ବାର ଅନୁରୋଧ କଲେ ହେଲେ ସମ୍ପୃକ୍ତ ଯୁବକ ମାନେ କର୍ଣ୍ଣପାତ ନକରି ଓଲଟା ଧମକ ଚମକ ଦେବା ପରେ ୧୮/୧୧/୨୦୨୪ ରେ ଖଡ଼ିଆଳ ଥାନାରେ ଅଭିଯୋଗ ସ୍ୱରେ ଚୋର ରାଜା ଦୁରିଆ (୨୨) ଖଡ଼ିଆଳ ହସ୍ପିଟାଲ ପଡା ଓ ପଦ୍ମନ ପଟେଲ (୧୮) ସଞ୍ଜୟ ପଟେଲ (୨୦) ବାଦୀ ପଞ୍ଚାୟତ ପଦ୍ମପୁର ଗ୍ରାମର ଯୁବକଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ବେଳେ ଯୁବକ ମାନେ ପୂର୍ବରୁ ବହୁ ଛୋଟ ଛୋଟ ଚୋରିରେ ସମ୍ପୃକ୍ତ ଥିବା ଥାନା ଅଧିକାରୀ ପ୍ରଦୀପ ଧରୁଆ ପ୍ରକାଶ କରିଛନ୍ତି ।

# ଦିବ୍ୟାଙ୍ଗ ଯୁବତୀଙ୍କୁ ଧର୍ଷଣ ଅଭିଯୋଗରେ ଯୁବକ ଗିରଫ

କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର କୋଡ଼ିଙ୍ଗା ଥାନା ଅନ୍ତର୍ଗତ କଟାଗାଁର ହରିଜନ ସାହିର ଏକ ମୁକ ଦିବ୍ୟାଙ୍ଗ ଯୁବତୀଙ୍କୁ ଧର୍ଷଣ କରିବା ଅଭିଯୋଗରେ ମଙ୍ଗଳବାର ଦିନ କୋଡ଼ିଙ୍ଗା ପୋଲିସ ନବରଙ୍ଗପୁର କୋର୍ଟ ଚାଲାଣ କରାଯାଇଛି। ଯୁବତୀ ତା ନିଜ ସମ୍ପର୍କୀୟ ଦାଦା ଡମ୍ବରୁଧର ହରିଜନ(୩୮) ସେହି ହରିଜନ ସାହିର ଧର୍ଷଣ କରିବା ଅଭିଯୋଗରେ ଧର୍ଷିତା ଯୁବତୀଙ୍କ ମା' ଫୁଲମତି ହରିଜନ ସୋମବାର ଦିନ କୋଡ଼ିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଭିତ୍ତି କରି ନବରଙ୍ଗପୁର ଡ଼ିଏସପି ଉଲ୍ଲାସ ମାଝୀ ନିଜେ ଦାଇତ୍ୱ ନେଇ କୋଡ଼ିଙ୍ଗା ଥାନା ରେ ୧୯୭/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଡ଼ମ୍ବରୁଧର ହରିଜନଙ୍କୁ ମଙ୍ଗଳବାର ଦିନ ନବରଙ୍ଗପୁର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ପକ୍ଷରୁ ସୂଚନା ମିଳିଛି । ଧର୍ଷିତା ଯୁବତୀ ଅଭିଯୁକ୍ତର ସମ୍ପର୍କୀୟ ଦାଦା ହୋଇଥିବା ବେଳେ ଅମାନୁଷିକ ଦାଦା କିଭଳି ନିଜ ବଡ଼ ଭାଇର ଝିଅ, ଝିଆରୀଙ୍କୁ ଧର୍ଷଣ କଲା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରିବା ସହ ଦୋଷୀଙ୍କୁ ଉଚିତ୍ ଦଣ୍ଡ ପ୍ରଦାନ କରିବା ପାଇଁ ଦାବି କରିଥିବା ଜଣାପଡିଛି ।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ପ୍ରାକ୍ଟିସିଂ ୟୁଜିୟୁପି ବିଦ୍ୟାଳୟ, ନିମାପଡ଼ାରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସେମାନଙ୍କର ବିଜ୍ଞାନ ସଂପର୍କୀତ କୃତୀ ପ୍ରଦର୍ଶନୀ ମାଧ୍ୟମରେ ପ୍ରଦର୍ଶିତ କରିବା ସହିତ ବହୁ ସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଏହି ପ୍ରଦର୍ଶନୀରେ ମୋଟ୍ ୪୦ଟିରୁ ଊର୍ଦ୍ଧ୍ୱ ପ୍ରକଳ୍ପ କାର୍ଯ୍ୟ ପ୍ରଦର୍ଶିତ/ସ୍ଥାନିତ କରାଯିବା ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ରୂପେ ଏବିଇଓ (ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ) ପ୍ରତିଭା ମହାନ୍ତି ଓ ପୂର୍ବତନ ଅତିରିକ୍ତ ଶିକ୍ଷା ମଣ୍ଡଳ ଅଧିକାରୀ ସୀମନ୍ତ ଶେଖର ରଥ ଯୋଗ ଦେବା ସହିତ ପ୍ରକଳ୍ପ ଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ । ପରୀକ୍ଷକ ରୂପେ ନିମାପଡ଼ା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରତାପ କୁମାର ପ୍ରଧାନ ଏବଂ ଭାଟବନ୍ଧ ହାଇସ୍କୁଲର ପ୍ରଧାନ ଶିକ୍ଷକ ବ୍ରଜକିଶୋର ସାହୁ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ କରି ଦୁଇଟି ପ୍ରକଳ୍ପକୁ ମଣ୍ଡଳ ସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମଟିକୁ ସଫଳତାର ସହିତ ସମାପନ କରାଇବାରେ ପ୍ରଧାନ ଶିକ୍ଷକ ନିର୍ମଳ କୁମାର ମିଶ୍ର, ସ.ଶିକ୍ଷକ କ୍ଷଣପ୍ରଭା ପାତ୍ର, ମାହେଶ୍ୱରୀ ଦାଶ, ଇପସିତା ପ୍ରିୟଦର୍ଶିନୀ, ସ୍ନେହଲତା ସ୍ୱାଇଁ ଓ ତ୍ରୈଲିପ୍ତା ଦାଶ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ନିଶାମୁକ୍ତ ଭାରତ ଅଭିଯାନ ସଫଳ ପାଇଁ ସଚେତନତା କର୍ମଶାଳା




ପାରାଦୀପ(ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀଙ୍କ ନିଶା ମୁକ୍ତ ଭାରତ ଅଭିଯାନକୁ ଦେଶରେ ସଫଳ ରୂପାୟନ ପାଇଁ ରାହାମା ସ୍ଥିତ ସାରଳା ମହାବିଦ୍ୟାଳୟ ପରିସରେ କଲେଜର ଛାତ୍ରଛତ୍ରୀ, ଅଧ୍ୟକ୍ଷ, ଆଇନିଜିବୀ ଓ ବୁଦ୍ଧିଜିବୀଙ୍କୁ ନେଇ ଅବୈଧ ନିଶାସେବନ ରୋକିବାରେ ଛାତ୍ର ସମାଜର ଭୂମିକା ବିଷୟରେ ଏକ କର୍ମଶାଳା ଓ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି । ଆଲୋଚନାଚକ୍ରରେ କଲେଜର ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ଶ୍ରୀକୃଷ୍ଣଚନ୍ଦ୍ର ମହାପାତ୍ର, ଅଧ୍ୟକ୍ଷ, ନବଦ୍ୟୋୟ ବିଦ୍ୟାଳୟ, ରାହାମା ଯୋଗ ଦେଇଥିବା ବେଳେ ବାଣୀଧାରାର ଅଧ୍ୟକ୍ଷ ଆଇନଜୀବୀ କିଶୋର ଚନ୍ଦ୍ର ସ୍ୱାଇଁ, କୁଜଙ୍ଗ ଉପ କାରାଗାରର ଅଧିକ୍ଷକ ଇନ୍ଦ୍ରଜିତ ବିଶ୍ୱାଳ ଅତିଥି ଭାବେ ଭାବେ ଉପସ୍ଥିତ ଥିଲେ । ରାଷ୍ଟ୍ରର ଭବିଷ୍ୟତ ଗଢ଼ିବାକୁ ଛାତ୍ର ଓ ଯୁବ ବର୍ଗର ପ୍ରମୁଖ ଭୂମିକା ଅଛି, ଏଥିପାଇଁ ଛାତ୍ର ସମାଜ ଏଭଳି ଭୟଙ୍କର ଷଡ଼ଯନ୍ତ୍ରରୁ ଦେଶକୁ ରକ୍ଷା କରିବାକୁ ଜାଗ୍ରତ ହୁଅନ୍ତୁ ବୋଲି ଅତିଥିମାନେ ମାର୍ଗଦର୍ଶନ ଦେଇଥିଲେ। ବାଣୀଧାରାର ସଦସ୍ୟ ମାନେ କାର୍ଯକ୍ରମ ପରିଚାଳନା କରୁଥିବା ବେଳେ ଆଇନଜୀବୀ କରୁଣାକର ସାହୁ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ ଏବଂ ଗତିକୃଷ୍ଣ ଶତପଥି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ୪ ଜଣ ଛାତ୍ରୀ ଉପରୋକ୍ତ ବିଷୟରେ ନିଜ ନିଜର ଭୂମିକା ବିଷୟରେ ମତ ରଖି ପ୍ରଶଂସାର ପାତ୍ର ସାଜିଥିଲେ ।

# କୋଷାଗୁମୁଡ଼ାରେ ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା

କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ): କୋଷାଗୁମୁଡ଼ା ବ୍ଲକସ୍ତରୀୟ ବିଜ୍ଞାନ ମେଳା ସଦରସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇତ୍ଛି। ଏଥିରେ କୋଷାଗୁମୁଡ଼ା ବ୍ଲକର ୧୯ଟି କ୍ଲଷ୍ଟର ଅଧୀନସ୍ଥ ଟି୧୦ ପ୍ରାଥମିକ ବିଦ୍ୟାଳୟ, ୩୦ ଉଚ୍ଚପ୍ରାଥମିକ ଓ ୧୮ଟି ଉଚ୍ଚବିଦ୍ୟାଳୟର ମୋଟ ୫୮ଜଣ ଛାତ୍ରଛାତ୍ରୀ ବିଜ୍ଞାନ, ଗଣିତ ଓ ପରିବେଶ ବିଷୟରେ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ୬୫ଟି ଗୋଟି ପ୍ରକଳ୍ପ ମଧ୍ୟରୁ ୭ଟି ପ୍ରକଳ୍ପକୁ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳା ପାଇଁ ଚୟନ କରାଯାଇଛି । ଏହି କାର୍ଯ୍ୟକ୍ରମ କୁ ସ୍ଥାନୀୟ ସରପଞ୍ଚ ଡାଳିମ୍ବ ମାଝୀ ଓ ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ ଙ୍କ କରକୋମଳରେ ଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ଦେଇ ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ସଙ୍ଗୀତ ପରିଚାଳନା ରେ ଜଗଦିଶ ପଟନାୟକ, ଭୁବନା ନନ୍ଦ ଜେନା, ରମେଶ ପାଢ଼ୀ ପ୍ରମୁଖ ଥିଲେ । ଉଦ୍ ?ଘାଟନୀ ସମାରୋହରେ ସ୍ଥାନୀୟ ସରପଞ୍ଚ ଡାଳିମ୍ବ ମାଝୀ, ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ, ପ୍ରଧାନ ଶିକ୍ଷକ ପବିତ୍ର ହାଲଦାର, ଏବିଓ ଦିଗାମ୍ବର ହରିଜନ, ହେମନ୍ତ ମାଝୀ, ମୋସ୍କୁଲ ସଭାପତି ଭୁବନେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ବ୍ଲକ ଚେୟାର ମ୍ୟାନ ସର୍ବେଶ୍ୱରୀ ମାଝୀ, ବିଇଓ ସୁପ୍ରିୟା ନାୟକ, ସରପଞ୍ଚ ଡାଳିମ୍ବ ମାଝୀ, ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ, ଏବିଇଓ ଦିଗାମ୍ବର ହରିଜନ,ପ୍ରଧାନ ଶିକ୍ଷକ ପବିତ୍ର ହାଲଦାର,ଏନପିଏସ ସଭାପତି ବାବେନ୍ଦ୍ର ନାୟକ, ଓଏବି ପ୍ରିନ୍ସପାଲ ସୁବାସ ନାୟକ, ମାଝୀ ଧନୁଆ ପ୍ରଧାନ ଶିକ୍ଷକ ବଦ୍ରିନାରାୟନ ବିଶ୍ୱାଳ ,ସିଆରସିସି ଦିଲ୍ଲୀପ ଖଟୁଆ, ରାଜେନ୍ଦ୍ର ହରିଜନ, ଶୁଭେନ୍ଦୁ ଦାସ, ଦୁଷ୍ମନ୍ତ ସାହୁ, ସଞ୍ଜୟ ପରିଡା, କିଷାନ ମୌଳିକ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବସନ୍ତ ଚଣ୍ଡାଳ(ମାଝୀ ଧନୁଆ), ନୃଶିଙ୍ଘ ନାଥ ମାଳି(କୋଷାଗୁମୁଡ଼ା),ପ୍ରଭାକର ରନ୍ଧାରୀ(ସାନ ଆମ୍ବଡା), ବିଚିତ୍ର କୁମାର ସାହୁ(କୋଡ଼ିଙ୍ଗା), ବାସନ୍ତୀ ହରିଜନ(ବାଙ୍କୁଲୀ), ଓଁ ହଲଦାର(କୋଷାଗୁମୁଡ଼ା, ମାଝୀଗୁଡା), ଅନୁସୁମାନ ପାତ୍ରଙ୍କ ପ୍ରକଳ୍ପ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ନିମନ୍ତେ ମନୋନୀତ ହୋଇଥିବା ଜଣାପଡ଼ିଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହଯୋଗରେ ସାଫଲ୍ୟ ମଣ୍ଡିତ ହୋଇଛି ।

# ବାବା ବୁଦ୍ଧେଶ୍ୱର ପରିଚାଳନା କମିଟି: ସଭାପତି ନରହରି, ସଂପାଦକ ହୃଦାନନ୍ଦ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ରାଜ୍ୟର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଶୈବପୀଠ ବୁଦ୍ଧେଶ୍ୱର କ୍ଷେତ୍ରର ପରିଚାଳନା କମିଟି ଗଠନ କରାଯାଇଛି। ଭୁବନ ଆରାଧ ଦେବ ବାବା ବୁଦ୍ଧେଶ୍ୱରଙ୍କ ପରିଚାଳନା କମିଟି ମଙ୍ଗଳବାର ଦିନ ଅପରାହ୍ନରେ ଅନୁଷ୍ଠିତ ହୋଇଛି। ସହକାରୀ ଦେବୋତର ନିର୍ବାହୀ ଅଧିକାରୀ ରିନା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଦେବୋତର ବିଭାଗ ଦ୍ୱାରା ପରିଚାଳିତ ହୋଇଆସୁଥିବା ପ୍ରସିଦ୍ଧ ଶୈବପୀଠର ସୁଚାରୁ ପରିଚାଳନା ଦିଗରେ ସହାୟକ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଚଳିତ ବର୍ଷ ପାଇଁ ନୂତନ କମିଟି ଲାଗି ପୂର୍ବ ସୂଚନା ଅନୁସାରେ ମଙ୍ଗଳବାର ବାବା ବୁଦ୍ଧେଶ୍ୱରଙ୍କ ପୀଠରେ ନୂତନ କମିଟି ଗଠନ ଲାଗି ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ନୂତନ ସଭାପତି ଭାବେ ପୂର୍ବତନ ନଗରପାଳ ନରହରି ସାହୁଙ୍କୁ ଚୟନ କରାଯାଇଥିବା ବେଳେ ଉପ ସଭାପତି ଭାବେ ବିପିନ ବିହାରୀ ସେଠୀ, ସଂପାଦକ ହୃଦାନନ୍ଦ ମହାରଣା, ସହ ସଂପାଦକ ସନ୍ତୋଷ ବିହାରି, କୋଷାଧ୍ୟକ୍ଷ ସୁରେନ୍ଦ୍ର କୁମାର୍ ପୃଷ୍ଟି ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ଖଗେଶ୍ୱର ନାୟକ, ପୁର୍ଣ୍ଣଚନ୍ଦ୍ର ସାହୁ, ଲକ୍ଷ୍ମଣ ସାହୁ, ନନ୍ଦ କିଶୋର ସାହୁ, ସମୀର କୁମାର୍ ସାହୁ, କୋଦଣ୍ଡ ଧର ସାହୁ, ଦୁଆରୀ ମଲ୍ଲିକ୍, କୈଳାଶ ମଲ୍ଲିକ୍, ତ୍ରିଲୋଚନ ସାହୁ, ପ୍ରଶାନ୍ତ ମହାରଣା, ବିଶ୍ୱଜିତ୍ ସାହୁ, ଅଶୋକଚନ୍ଦ୍ର ଗୁରୁ , ସୁଶାନ୍ତ ପୃଷ୍ଟି, ଅଚ୍ୟୁତ ମିଶ୍ର ଦିଲ୍ଲୀପ କୁମାର ମିଶ୍ର, ରମେଶ ଚନ୍ଦ୍ର ପାତ୍ର, ଭବାନୀ ଶଙ୍କର ପୋଥାଳ, ଗୁଲୁ ଗୁଲ୍ ସାହୁ, ସୁନାକର ବେହେରା ପ୍ରମୁଖ ପରିଚାଳନା କମିଟି ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ମନ୍ଦିର ମୁଖ୍ୟ ପୂଜକ ମାନସ ଦ୍ୱିବେଦୀଙ୍କୁ ସାମିଲ କରାଯାଇଛି । ଦେବୋତର ବିଭାଗର ପ୍ରସନ୍ନ ତ୍ରିପାଠୀ ମନୋନୀତ ସଭ୍ୟଙ୍କ ନାମ ଘୋଷଣା କରିଥିଲେ। ୨୧ମାସର କାର୍ଯ୍ୟକରୀ ସମୟରେ ୧୫ ଲକ୍ଷ ଜମାକୁ ୨୩ଲକ୍ଷରେ ପହଁଚାଇଥିଲେ ପୂର୍ବତନ ସଭାପତି ସନାତନ ସାହୁ ବୋଲି ବୈଠକରେ ସୂଚନା ଦିଆଯାଇଥିଲା।

# ସୀମାନ୍ତରୁ ୮ ମାଓବାଦୀ ଗିରଫ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ ଆଠ ନକ୍ସଲଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରାଯାଇଛି। ପୋଲିସ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଗିରଫ ନକ୍ସଲମାନେ ସୁରକ୍ଷା ବାହିନୀକୁ ଟାର୍ଗେଟ କରିବା ପାଇଁ ଉସୁର-ଟେକ୍କେଟଲା ରାସ୍ତା ମଧ୍ୟରେ ଆଇଡି ବୋମା ଲଗାଇବାକୁ ଯୋଜନା କରିଥିଲେ। ଜିଲ୍ଲା ରିଜର୍ଭ ଗାର୍ଡ ଏବଂ ସ୍ଥାନୀୟ ପୋଲିସ ଦ୍ୱାରା କରାଯାଇଥିବା ନକ୍ସଲ ବିରୋଧୀ ଅପରେସନ୍ ସମୟରେ ଟେକମେଟଲା ଗ୍ରାମ ମଧ୍ୟରେ ୮ ଜଣ ମାଓବାଦୀଙ୍କୁ ଗିରଫ କରିଥିଲେ। ଏହାସହ ସେମାନଙ୍କ ନିକଟରୁ ବିସ୍ଫୋରକ ସାମଗ୍ରୀ ମଧ୍ୟ ଜବତ କରିଥିଲେ।

# ଜିଲ୍ଲା ଜଳ ଓ ପରିମଳ ମିଶନ ବୈଠକ ଏବଂ ବିଶ୍ୱ ଶୌଚାଳୟ ଦିବସ ପାଳିତ

ଭଦ୍ରକ(ଭାସ୍କର ନ୍ୟୁଜ): ଓଡ଼ିଶା ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ ଏବଂ ଭଦ୍ରକ ଜିଲ୍ଲା ଜଳ ଓ ପରିମଳ ମିଶନ ର ମିଳିତ ଆନୁକୂଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିଶ୍ୱ ଶୌଚାଳୟ ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ଗ୍ରାମ୍ୟ, ଜଳ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବିନୟ କୁମାର ରାଉତ, ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଭଦ୍ରକ ପୌରପାଳିକାର ଅଧ୍ୟକ୍ଷା ଗୁଲମକ୍କୀ ଦଲୱାଜି ହବିବ୍, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ, ପି.ଡ଼ି. ଡ୍ରୁଡ଼ା ବ୍ରଜ ଗୋପାଳ ଆଚାର୍ଯ୍ୟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଦିବସ ପାଳନର ଆଭିମୁଖ୍ୟ ନେଇ ବକ୍ତବ୍ୟ ରଖିଥିଲେ। ବିଶେଷ କରି ବାହାରେ ମଳ ତ୍ୟାଗ ନ କରି ଭାରତ ସରକାର ଯୋଗାଉଥିବା ଶୌଚାଳୟ ସବୁକୁ ବ୍ୟବହାର କରିବା ନେଇ ସଚେତନ ହେବା, ବିଭିନ୍ନ ରୋଗ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ପରିବେଶକୁ ସ୍ୱଚ୍ଛ ନିର୍ମଳ ରଖିବା ସମ୍ବନ୍ଧରେ ପରାମର୍ଶ ପ୍ରଦାନ କରାଯାଇଥିଲା। ସୂଚନା ଯୋଗ୍ୟ କି ଭଦ୍ରକ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୨୧୮ ଗ୍ରାମପଞ୍ଚାୟତରେ ୨ ଲକ୍ଷ ୬୫ ହଜାର ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ଘରୋଇ ଶୌଚାଳୟ ଯୋଗାଇ ଦିଆଯିବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ୨୫ ହଜାର ୬୩୨ ଜଣ ହିତାଧିକାରୀଙ୍କୁ ଶୌଚାଳୟ ଯୋଗାଇ ଦିଆଯାଇଛି। ଜିଲ୍ଲାର ୧ ହଜାର ୨୧୯ ଗ୍ରାମରୁ ଅଦ୍ୟାବଧି ୭୧୩ ଟି ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇଛି। ଜିଲ୍ଲାର ସମୁଦାୟ ୨୧୮ ଟି ପଞ୍ଚାୟତରୁ ବର୍ତ୍ତମାନ ସୁଦ୍ଧା ୧୯୯ ଟି ପଞ୍ଚାୟତରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ହୋଇଥିବା ସୂଚନା ପ୍ରଦାନ କରାଯାଇଛି। ଆମ ଶୌଚାଳୟ ଆମ ସମ୍ମାନ ସ୍ଲୋଗାନ ଗ୍ରାମୀଣ ସ୍ତରରେ ସଚେତନତାର ବାର୍ତ୍ତା ପ୍ରଚାର ଓ ପ୍ରସାର ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଶୌଚାଳୟର ସୌନ୍ଦର୍ଯ୍ୟକରଣ, ପରିମଳ କର୍ମଚାରୀ ମାନଙ୍କୁ ସମ୍ମାନିତ କରିବା କାର୍ଯ୍ୟକ୍ରମ ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇଥିଲା। ଜିଲ୍ଲା ଜଳ ଓ ପରିମଳ ଗ୍ରାମାଞ୍ଚଳ ସଂଯୋଜିକା ରୀତାରାଣୀ ନାୟକ ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ। ଜିଲ୍ଲାର ସମସ୍ତ ବି.ଡ଼ି.ଓ., ଜିଲ୍ଲାପରିଷଦ ସଦସ୍ୟ, ସରପଞ୍ଚ, ସ୍ୱଚ୍ଛ ଭାରତ ମିଶନ୍‌ର ଜିଲ୍ଲା ସଂଯୋଜିକା ବ୍ଲକ୍‌ର ସମସ୍ତ ସଂଯୋଜକ / ସଂଯୋଜିକା, ଜିଲ୍ଲାର ସଂପୃକ୍ତ ବିଭାଗୀୟ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଓଡ଼ିଶା ଭାସ୍କର ODISHA BHASKAR
ରାଜ୍ୟ ଖବର



ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବାଲିପୋଖରୀ ଶୁକଦେବଜେନା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ବିଜ୍ଞାନମେଳା ପ୍ରଧାନଶିକ୍ଷକ ଭଗବାନ ପ୍ରଧାନଙ୍କ ପୌରହିତ୍ୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଳଦେବଜାଉ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଗୌରୀଶଙ୍କର ମିଶ୍ର ମୁଖ୍ୟଅତିଥି ଓ ବିଚାରକ ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ଦୃଷ୍ଟିଭଙ୍ଗୀର ଉନ୍ମେଷ ଓ ଚେତନା ସୃଷ୍ଟି ଦିଗରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ବରିଷ୍ଠ ବିଜ୍ଞାନଶିକ୍ଷକ ବନମାଳୀ ସିଂ ଓ ଶିକ୍ଷୟିତ୍ରୀ ବର୍ଷା ସାମଲ ବିଜ୍ଞାନ ମେଳାର ଉପାଦେୟତା ସମ୍ପର୍କରେ ଉଦବୋଧନ ଦେଇଥିଲେ। ବିଜ୍ଞାନଶିକ୍ଷକ ଶ୍ରୀ ସିଂ, ଅର୍ପିତା ମହାପାତ୍ର, ସସ୍ମିତା ପାତ୍ର ଓ ଆରତୀ ମାଝୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ୩୦ଟି ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ସେଥିମଧ୍ୟରୁ ଶ୍ରେଷ୍ଠ ୫ଟି ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା। ସସ୍ମିତା ପାତ୍ର ଧନ୍ୟବାଦ ଦେଇଥିଲେ। ଫଟୋ-ବାଲିପୋଖରୀ।



# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ସ୍ଥିତ କଲେଜ ପଡିଆ ଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ମଙ୍ଗଳବାର ଦିନ ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୪ ଉଦ୍ଘାଟିତ ହୋଇଯାଇଛି। ଏହି ମେଳାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ଏବଂ ସମ୍ମାନିତ ଅତିଥି ଭାବେ ବିଧାୟକ ସାରସକଣା, ଭାଦବ ହାଁସଦା ଓ ବିଧାୟକ ବଡ଼ସାହି, ସନାତନ ବିଜୁଳି ଯୋଗ ଦେଇଥିବା ବେଳେ, ଜିଲ୍ଲପାଳ ହେମକାନ୍ତ ସଞ୍ଜୟ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଏହି ଦୁଇ ଦିନିଆ ଜିଲ୍ଲା ସ୍ତରୀୟ ମେଳାର ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ, ସମସ୍ତ ସମ୍ମାନୀୟ ଅତିଥିଙ୍କ ସମେତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ କଳ୍ପତରୁ ସ୍ୱାଇଁ ଏବଂ ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ ମାନସ ରଞ୍ଜନ ସାହୁ, ମେଳା ସ୍ଥିତ ଗୋପୁଜନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସାରିବା ପରେ ପ୍ରାଣୀ ସମ୍ପଦ ଷ୍ଟଲ ପରିଦର୍ଶନ କରି ମଂଚ ଉପରକୁ ଆସି ବିଧିବଦ୍ଧ ଭାବେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ୱାଗତ ଭାଷଣରେ ଡଃ ସ୍ୱାଇଁ କହିଥିଲେ ଯେ ଏହି ପ୍ରାଣୀ ସମ୍ପଦ ମେଳା, ୨ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ମାନଙ୍କ ଜ୍ଞାନ କୌଶଳ ବୃଦ୍ଧି ସମେତ, ଉନ୍ନତ ପ୍ରଯୁକ୍ତିବିଦ୍ୟାର ଉପଯୋଗ ନିମିତ୍ତ କିଭଳି ସହାୟକ ହୋଇପାରିବ ସେଥିପାଇଁ ବିଭାଗ ସର୍ବଦା କାର୍ଯ୍ୟରତ ଏବଂ ଏଥିପାଇଁ କାମଧେନୁ, ଗୋକୁଳ ମିଶନ ଭଳି ଯୋଜନା ଚାଷୀ ମାନଙ୍କ ହିତରେ କାର୍ଯ୍ୟକାରୀ ହେଉଛି ।ସେହିପରି, ଜିଲ୍ଲାପାଳ ନିଜ ଅଭିଭାଷଣରେ କହିଥିଲେ ଯେ ମୟୂରଭଞ୍ଜ ଭଳି ଜିଲ୍ଲାରେ



ଚାଷକୁ ନେଇ ମାନସିକତା ର ପରିବର୍ତ୍ତନ ଆବଶ୍ୟକ। ଗୋ-ପାଳନ, ମତ୍ସ୍ୟ ପାଳନ ଭଳି ଲାଭଜନକ ଚାଷ କେବଳ ଆର୍ଥିକ ନୁହେଁ, ସାମାଜିକ ସ୍ତରରେ ଏକ ସକାରାତ୍ମକ ଚିନ୍ତାଧାରା ତିଆରି କରିବ। ଏହି ଅବସରରେ, ଜିଲ୍ଲାପାଳ ବେତେନ୍ତରେ ଦେବାକୁ ଥିବା ଗୋଷ୍ଠୀ ଗୋ-ଶାଳାର ପ୍ରକୃତ ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ଏହି ମେଳାରେ ୪ ଜଣ ସଫଳ ଚାଷୀ ଯଥା ବଡ଼ସାହିର ଅଞ୍ଜଳି ଦାସ ଗୋସ୍ୱାମୀ (ପଶୁ ପାଳନ), ପାଳବଣିର ସତ୍ୟପ୍ରକାଶ ମହାପାତ୍ର (ମାଛ ଚାଷୀ), ନାଉପାଳର ହରିଶ ଚନ୍ଦ୍ର କୁଣ୍ଡୁ (ମାଛ ଚାଷୀ) ଓ ଝାରପୋଖରିଆର ବସନ୍ତ କୁମାର ସିଂ (ପଶୁପାଳନ)ଙ୍କୁ ୫୦୦୦ ଟଙ୍କା ଲେଖାଏଁ ପୁରସ୍କାର ଅର୍ଥ ରାଶି ସମ୍ମାନନୀୟ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ହାଁସଦା ଜିଲ୍ଲାରେ କିଭଳି ଜୈବିକ କୃଷିର ପ୍ରଧାନ୍ୟ ବଢିବ ସେ ନେଇ ବକ୍ତବ୍ୟ ରଖିଥିଲେ। ଚାଷୀମାନଙ୍କ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଭୂମିକା ଉପରେ ବିଶେଷ ଗୁରୁତ୍ୱାରୋପ କରିବାପାଇଁ ଆୟୋଜିତ ଏହି ମେଳାରେ ସବୁ ବର୍ଗର ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ଏବଂ ଏହି ଉତ୍ତମ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ କରି ଏହି କ୍ଷେତ୍ରରେ ରୋଜଗାରର ଲକ୍ଷ ଲକ୍ଷ ନୂତନ ସୁଯୋଗ ସୃଷ୍ଟି କରିବା ପାଇଁ, ସରକାରଙ୍କର ଭିନ୍ନ ଏକ ପ୍ରୟାସ ହୋଇଥିବା ବେଳେ ଆଜିର ଏହି ମେଳାରେ ଜିଲ୍ଲାର ସବୁ ସହ ସଂଖ୍ୟାରେ ଚାଷୀ ଯୋଗ ଦେଇଥିଲେ। ଉଦ୍ଘାଟନୀ କାର୍ଯ୍ୟକ୍ରମ ସମାପ୍ତ ହେବାପରେ ବିଭିନ୍ନ ଜିଲ୍ଲା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲୋକକଳା ଏବଂ ବିଭିନ୍ନ ନାଟ୍ୟ ମାଧ୍ୟମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଆବଶ୍ୟକତା ଏବଂ ଭୂମିକା ଉପରେ ଆଲୋକପାତ କରାଯାଇଥିଲା। ସୂଚନା ଥାଉକି, ଆସନ୍ତା କାଲି ଏହି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାର ଉଦ୍ଯାପନୀ ସମାରୋହ ଅନୁଷ୍ଠିତ ହେବ।

## ସ୍ମାର୍ଟ ସର୍ଭିଲେନ୍ସ ବ୍ୟବସ୍ଥାର ଶୁଭାରମ୍ଭ

# ଜମିଜମା ପଞ୍ଜୀକରଣ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରହିବ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ଜମିଜମା ପଞ୍ଜୀକରଣ କାର୍ଯ୍ୟରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ବ୍ୟବସ୍ଥା ବଜାୟ ରଖିବା ଉଦ୍ଦେଶ୍ୟରେ କଟକସ୍ଥିତ ରାଜସ୍ୱ ପର୍ଷଦ ଅଧୀନସ୍ଥ ନିବନ୍ଧନ ମହାନିରୀକ୍ଷକ (ଆଇଜିଆର)ଙ୍କ କାର୍ଯ୍ୟାଳୟଠାରେ ସ୍ମାର୍ଟ ସର୍ଭେଲାନ୍ସ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଏହି ବ୍ୟବସ୍ଥାକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଲେ ଯେ ସରକାର ରାଜ୍ୟରେ ଜମିଜମାର ପଞ୍ଜୀକରଣ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ଏଭଳି ଏକ ଅଭିନବ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଫଳରେ ଜନସାଧାରଣ ଜମିଜମା କିଣାବିକା ସମୟରେ ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟକୁ ଆସି ବିନା କୌଣସି ଅସୁବିଧାରେ ନିଜର କାର୍ଯ୍ୟ ସମ୍ପାଦନ କରିପାରିବେ ଓ ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରହିବ। ଏହା ସହ ଏସ୍ଏମ୍ଏସ୍ ମାଧ୍ୟମରେ ପଠାଯାଉଥିବା ଦେୟର ବିସ୍ତୃତ ବିବରଣୀ ମିଳିପାରିବ। ପଞ୍ଜୀକରଣ କାର୍ଯ୍ୟର ସମାପ୍ତି ପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ହେଉଛି ଅଭଳିଆ ପୋର୍ଟାଲ ମାଧ୍ୟମରେ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ ସହ ଏହାର ସମାଧାନ ଦିଗରେ ସମୁଚିତ ପଦକ୍ଷେପ ଗ୍ରହଣ କରାଯାଇ ପାରିବ। ଏହି ବ୍ୟବସ୍ଥା ଦ୍ୱାରା ରାଜ୍ୟର ୨୧୩ଟି ନିବନ୍ଧକ ଓ ଉପନିବନ୍ଧକ କାର୍ଯ୍ୟାଳୟଗୁଡ଼ିକରେ ନିରାପଦ ତଥା ଉତ୍ତମ ପରିବେଶ ସୃଷ୍ଟି ସହ ଜନସାଧାରଣଙ୍କୁ ତ୍ୱରିତ ସେବା ପ୍ରଦାନ କରାଯାଇପାରିବ। ପଞ୍ଜୀକରଣ ପ୍ରକ୍ରିୟାରେ ସଂଶ୍ଳିଷ୍ଟ ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠା ଓ ସଚ୍ଚୋଟତାର ସହ ଜନସାଧାରଣଙ୍କ କାର୍ଯ୍ୟ ସଂପାଦନା ପାଇଁ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ରାଜସ୍ୱ ପର୍ଷଦର ସଦସ୍ୟ ସି.ଜେ. ଭେଣୁଗୋପାଳ, ନିବନ୍ଧନ ମହାନିରୀକ୍ଷକ ସୁବ୍ରତ ଶତପଥୀ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବି. ପରମେଶ୍ୱରମ୍, ଭୂ-ଅଭିଲେଖ ଓ ବନ୍ଦୋବସ୍ତ ଆୟୁକ୍ତ ଆର୍. ଭିନୀଲ୍ କ୍ରାଷ୍ଣା, ଭୂ-ଅଭିଲେଖ ଓ ପରିମାପକର ନିର୍ଦ୍ଦେଶକ ବିଜୟ କୁମାର ଖଣ୍ଡାୟତରାୟ ଓ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ କାର୍ଯ୍ୟାଳୟର ବିଭିନ୍ନ ବିଭାଗ ତଥା ମହାଫିଜ୍ଖାନା ପରିଦର୍ଶନ କରିଥିଲେ।

# ମୁଣ୍ଡ ବିହୀନ ଶବ ଉଦ୍ଧାର ଘଟଣାରେ ୬ ଗିରଫ

ମାଲକାନାଗିରି(ଭାସ୍କର ନ୍ୟୁଜ): ମାଲକାନାଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ ଏମଭି-୫୭ ଗ୍ରାମ ନିକଟରେ ପ୍ରବାହିତ ପଟେରୁ ନଦୀରୁ ଜଣେ ଯୁବକଙ୍କ ମୁଣ୍ଡ ବିହୀନ ଶବ ଅଖାବସ୍ତା ଭିତରୁ ମିଳିବା ଘଟଣାର ପର୍ଦାଫାସ କରିଛି କାଲିମେଲା ପୋଲିସ। ଗୁଣିଗାରେଡିକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ହୋଇଥିବା ଜଣାପଡ଼ିଛି। ହତ୍ୟାକାଣ୍ଡର ଶିକାର ହୋଇଥିବା ଯୁବକ ଜଣଙ୍କ ହେଲେ ଓରକେଲ ଥାନା ଅନ୍ତର୍ଗତ ସୁରୁଲୁକୋଣ୍ଡା ଗ୍ରାମର ସ୍ୱର୍ଗତ ଗଙ୍ଗା ମାଡ଼କାମୀଙ୍କ ପୁଅ ପଦିଆ ମାଡ଼କାମୀ ବୋଲି ସୂଚନା ସୂଚନା ମିଳିଛି। ନଭେମ୍ବର ୮ ତାରିଖ ରାତି ୮ଟା ସମୟରେ ନିଜ ଜମିରେ ଥିବା ଏକ କୁଡ଼ିଆରେ ଶୋଇଥିଲେ ପଦିଆ ମାଡ଼କାମୀ (୪୭)। ତେବେ ଘଟଣା ଦିନ ରାତିରେ ସେହି ଗ୍ରାମର ପଦିଆ ସୋଡ଼ି ଏକ ଧାରୁଆ ଅସ୍ତ୍ରରେ ତାଙ୍କର ମୁଣ୍ଡରୁ ଶରୀରକୁ ଅଲଗା କରିଦେଇଥିଲା। ଏହାପରେ ମୃତଦେହ ଲୁଚାଇବାକୁ ଚେଷ୍ଟା କରି ଏକ ଅଖାଭିତରେ ମୃତଦେହକୁ ଭର୍ତି କରି ସେହି ରାତିରେ ହିଁ ପୋଟେରୁ ନଦୀରେ ଭସାଇ ଦେଇଥିଲେ। ଏଥିରେ ସେହି ଗ୍ରାମର ରାମ ପଡ଼ିଆମୀ, ମୁନା ପଡ଼ିଆମୀ, ପଦିଆ ପଡ଼ିଆମୀ, ରାମ ପଡ଼ିଆମୀ (ଖ) ଓ ଇର୍ମା ପଡ଼ିଆମୀ ସହାୟତା କରିଥିଲେ। ଏହି ଅଖାବସ୍ତା ପୋଟେରୁ ନଦୀରେ ଭାସି ଆସି ୩ ଦିନ ପୂର୍ବେ ଏମଭି-୫୭ ଗ୍ରାମ ନିକଟରେ ଲାଗିଥିଲା। ଏ ସମ୍ପର୍କରେ ଗ୍ରାମବାସୀ ପୋଲିସକୁ ଖବର ଦେଇଥିବା ବେଳେ ପୋଲିସ ମୁଣ୍ଡ ବିହୀନ ଶରୀରକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ତେବେ କଟା ମୁଣ୍ଡ କୁଆଡ଼େ ଗଲା ସେ ସମ୍ପର୍କରେ କିଛି ସୂଚନା ଏଯାଏଁ ମିଳିପାରିନି। ଏ ସମ୍ପର୍କରେ କାଲିମେଲା ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଚଳାଇ ଅଭିଯୁକ୍ତ ୬ ଜଣଙ୍କୁ କାଲିମେଲା ପୋଲିସ ଧରି କୋର୍ଟ ଚାଲାଣ କରାଯାଇଥିବା ପ୍ରକାଶ କରୀଛନ୍ତି ଥାନା ଅଧିକାରୀ ଶ୍ରୀ ତାଣ୍ଡି।

## ବାଲିଆ ରାଧାକୃଷ୍ଣ ମେଳଣ ଉଦ୍‌ଯାପିତ

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ଥାନା ଅନ୍ତର୍ଗତ ବାଲିଆ ପଂଚାୟତର ବାଲିଆ ଯଜ୍ଞ ପଡିଆରେ ଦ୍ୱିତୀୟ ବାର୍ଷିକ ବାଲିଆ ରାଧାକୃଷ୍ଣ ମେଳଣ ଉଦ୍‌ଯାପିତ ହୋଇଯାଇଛି। ବାଲିଆ ଓ ଏଣ୍ଡର ପଂଚାୟତର ବିଭିନ୍ନ ଗ୍ରାମ ପୂଜାମଣ୍ଡପରେ ଦୀର୍ଘ ସାତ ଦିନର ପୂଜାର୍ଚ୍ଚନା ପରେ ଗତକାଲି ମଧ୍ୟାହ୍ନରୁ ୯ ଗୋଟି ସୁସଜ୍ଜିତ ରାଧାକୃଷ୍ଣ ଠାକୁରଙ୍କ ମୃଣ୍ମୟୀ ମୂର୍ତ୍ତି ମେଲଣରେ ଅଂଶଗ୍ରହଣ ପାଇଁ ଶୋଭାଯାତ୍ରା ଆରମ୍ଭ କରିଥିଲା। ବାଲିଆ ରାଧାକୃଷ୍ଣ ମେଲଣ କମିଟି ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଲଣରେ ମୁରବୀଙ୍କ ନେତୃତ୍ୱରେ ପାରମ୍ପରିକ ବାଦ୍ୟ ଓ ଘଣ୍ଟ ସଂକୀର୍ତ୍ତନ ଶୋଭାଯାତ୍ରରେ ଠାକୁରଙ୍କ ସୁସଜ୍ଜିତ ମେଢ ମେଲଣ ପଡିଆରେ ପହଞ୍ଚିଥିଲା। ମେଲଣର ଥାନପତି ଭାବେ ବାଲିଆ ବଜାରସ୍ଥିତ ମା' ମଙ୍ଗଳା ଯୁବକ ସଂଘ ମେଢ ପ୍ରଥମ କରି ମେଲଣ ପଡିଆରେ ପୂର୍ବରୁ ପ୍ରସ୍ତୁତ ଥିବା ବେଦୀରେ ଉପବେଶନ କରିଥିଲା। ପରେ ପରେ କ୍ରମାନ୍ୱୟରେ ରାଉତସାହି, ବାଲିଆ ଯୁଜିଏମଇ ସ୍କୁଲ ଛକ, ନାୟକସାହି, ସାମଲସାହି, ଗୁଡିଆସାହି ଓ ମୁଲଣାପାଟଣାସାହିର ଶିବଶକ୍ତି ପୂଜାମଣ୍ଡପ ଏବଂ ଏଣ୍ଡର ପଂଚାୟତ ଅଧିନ ଖଟୁଆସାହି ଓ ନୀଳକଣ୍ଠପୁର ଗ୍ରାମ ପୂଜାମଣ୍ଡପ ମେଢ ଗୁଡିକ ମେଲଣ ପଡିଆରେ ପ୍ରବେଶକରି ମେଲଣ କମିଟି ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ସ୍ଥାନରେ ବିରାଜମାନ ହୋଇଥିଲେ। ଏହି ମେଳଣରେ ଉକ୍ତ ଦୁଇ ପଂଚାୟତ ସମେତ ଆଖ ପାଖ ଅଂଚଳର ପ୍ରାୟ ପାଂଚହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇ ମେଲଣକୁ ଉପଭୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମେଲଣ କମିଟି କର୍ମକର୍ତ୍ତାଙ୍କ ସମେତ ଡେରାବିଶ ଥାନା ପକ୍ଷରୁ ପୁଲିସ କର୍ମଚାରୀମାନେ ମୁତୟନ ରହିଥିଲେ। ପ୍ରାରମ୍ଭରେ ମେଲଣ କମିଟି ସଭାପତି ତଥା ବାଲିଆ ପଂଚାୟତ ସରପଂଚ ପ୍ରବୀର କୁମାର ସିଂହ, କାର୍ଯ୍ୟକାରୀ ସଭାପତି ସୁଜିତ ବଳ, କମିଟି ଆବାହକ ହରେକୃଷ୍ଣ ସ୍ୱାଇଁ ଓ ସମାଜସେବୀ ବିପିନ ବିହାରୀ ସାହୁ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଉକ୍ତ ଯଜ୍ଞ ପଡିଆରେ ଦ୍ୱିତୀୟ ବାର୍ଷୀକ ମେଲଣର ଶୁଭାରମ୍ଭ କରିଥିଲେ। ସେହିପରି ମେଲଣରେ ଶେଷ ପର୍ଯ୍ୟାୟରେ ପୂଜାର୍ଚ୍ଚନା ପରେ ଥାନପତି ମେଢର କର୍ମକର୍ତ୍ତା ଫୁଲ ଚନ୍ଦନ ଦେଇ ଉପସ୍ଥିତ ଥିବା ଅନ୍ୟ ମେଢର କର୍ମକର୍ତ୍ତାଙ୍କୁ ଆସନ୍ତା ବର୍ଷ ମେଲଣରେ ସାମିଲ ପାଇଁ ନିମନ୍ତ୍ରଣ କରିବା ପରେ ମେଲଣ ଉଦ୍‌ଯାପିତ ହୋଇଥିଲା।

# ପ୍ରାଥମିକ ପଶୁ ଚିକିତ୍ସା କେନ୍ଦ୍ରରେ ୧୦ବର୍ଷ ହେଲା ତାଲା ଝୁଲୁଛି

କଣାସ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ଏଠାରେ ଗାଈଗୋରୁ, ମଇଁଷୀ ମାନଙ୍କୁ ଫାଟୁଆ, ବଜବଜିଆ, ଶାହାଣ ରୋଗ ବିଶେଷ ଭାବେ ହେଉଥିବାରୁ ପଶୁମାନଙ୍କ ଚିକିତ୍ସା ପାଇଁ କଣାସ ଠାରେ ମୁଖ୍ୟ ପଶୁଚିକିତ୍ସା କେନ୍ଦ୍ର ଖୋଲାଯାଇଥିବା ବେଳେ ବିଭିନ୍ନ ଗ୍ରାମପଞ୍ଚାୟତରେ ୧୧ଟି ପ୍ରାଥମିକ ପଶୁ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି। ୧୧ଟି ପଶୁ ଚିକିତ୍ସା କେନ୍ଦ୍ରରେ ୧୧ଜଣ ପ୍ରାଣିଧନ ଚିକିତ୍ସକ ରହିବା କଥା କିନ୍ତୁ ତିନୋଟି କେନ୍ଦ୍ରରେ ପ୍ରାଣଧନ ଚିକିତ୍ସକ ଥିବାରୁ ୮ଟି କେନ୍ଦ୍ରରେ ତାଲା ଝୁଲୁଛି। ସେଥି ମଧ୍ୟରୁ ଗଡିଶାଗୋଦା ଗ୍ରାମପଞ୍ଚାୟତରେ ନିର୍ମିତ ପ୍ରାଥମିକ ପଶୁଚିକତ୍ସା କେନ୍ଦ୍ରରେ ୧୦ବର୍ଷ ହେଲା ପ୍ରାଣିଧନ ଚିକିତ୍ସକ ନଥିବାରୁ ତାଲା ଝୁଲୁଥିବା ବେଳେ କେନ୍ଦ୍ର ପରିସରରେ ଶରୀସୃପ ଆଡାସ୍ଥଳି ପାଲଟିଛି। ଏହି କେନ୍ଦ୍ର ଉପରେ ଗଡିଶାଗୋଦା, ଗୋପିନାଥପୁର, ଯାମଳଗୋଦା ପ୍ରଭୃତି ଗ୍ରାମପଞ୍ଚାୟତର ୨୫ରୁ ଉର୍ଦ୍ଧ ଗ୍ରାମର ଋଷୀମାନେ ନିର୍ଭର କରନ୍ତି ଓ ଏହି ପଞ୍ଚାୟତ ଗୁଡିକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ଗାଈଗୋରୁ ଅଧିକ ରୋଗରେ ଆକ୍ରାନ୍ତ ହୁଅନ୍ତି। କଣାସରେ ଥିବା ମୁଖ୍ୟ ଡାକ୍ତରଖାନାରେ ମୁଖ୍ୟ ଚିକିତ୍ସକ ପଦବୀ ଦୀର୍ଘ ଦିନ ହେଲା ଖାଲିପଡିଥିବା ବେଳେ ଅତିରିକ୍ତ ପଶୁଚିକିତ୍ସକ ଡାକ୍ତର ଅନୁଗତ ଜେନାଙ୍କୁ ଏ ସଂପର୍କରେ ପଚାରିବାରୁ ସେକୁହନ୍ତି ୮ଟି ପ୍ରାଥମିକେନ୍ଦ୍ରରେ ପ୍ରାଣିଧନ ଚିକିତ୍ସକ ପଦବୀ ଦୀର୍ଘ ଦିନ ହେଲା ଖାଲିପଡିଛି। ଏବେ ରାଜ୍ୟସରକାର ଦୁଇଜଣ ପ୍ରାଣିଧନ ଚିକିତ୍ସକଙ୍କୁ ନିଯୁକ୍ତି ଦେଇଥିବା ବେଳେ ସେଥିମଧ୍ୟରୁ ଜଣକୁ ଗଡିଶାଗୋଦା ପ୍ରାଥମିକ ପଶୁଚିକିତ୍ସା କେନ୍ଦ୍ରରେ ନିଯୁକ୍ତି ଦିଆଯିବ।



# ରଘୁନାଥପୁର ତହସିଲରେ ଲୋକଙ୍କୁ ଅର୍ଥଜୁଲୁମ

ରଘୁନାଥପୁର ତା ୧୯/୧୧(ଭାସ୍କରନ୍ୟୁଜ)ଜଗତସିଂହପୁରଜିଲ୍ଲା ରଘୁନାଥପୁର ତହସିଲରେ ବିନା ହାତଗୁଞ୍ଜାରେ ହେଉନିକାର୍ଯ୍ୟ। ଏହି କାର୍ଯ୍ୟାଳୟରେ ନିଜାରତ ଦାୟୀତ୍ୟରେଥିବା ଜୈନିକ କିରାଣୀ ଙ୍କୁ ୫ ଗୋଟି ଦାୟୀତ୍ୟ ଦିଆଯାଇଥିବାରୁ ତହସିଲଦାରଙ୍କ ହାତବାରିଷ ସାଜି ବିଭିନ୍ନ କାର୍ଯ୍ୟପାଇଁ ଆସୁଥିବା ଲୋକଙ୍କ ଠାରୁ ଅଧିକ ଅର୍ଥଜୁଲମ କରୁଥିବାର ଅଭିଯୋଗ ଉଠିଛି। ଗରିବ ଲୋକେ ବନ୍ଧାଛନ୍ଦା ପଡି ବାଧ ହୋଇ ହାତଗୁଞ୍ଜା ଦେଲେ ମଧ୍ୟ କାର୍ଯ୍ୟ ଠିକ ସମୟରେ କରୁନାହାଁନ୍ତି କିରାଣି। ଏବେ ନିକଟରେ ଜଣେ ବ୍ୟକ୍ତିଙ୍କ ଠାରୁ ୩ ଟଙ୍କା ହଜାର ଲାଞ୍ଚନେଇ ତାଙ୍କ କାର୍ଯ୍ୟ କରୁନଥିବାରୁ ଉକ୍ତବ୍ୟକ୍ତି ଜଣକ କାର୍ଯ୍ୟାଳୟରେ ପାଟିତୁଣ୍ଡ କରିବାରୁ କିରାଣୀ ଜଣଙ୍କ ହଟହଟା ହୋଇଥିବା ଜଣାଯାଇଛି। ସେହିପରି ରଘୁନାଥ ବ୍ଲକ ଅଞ୍ଚଳର ଜଣେ ସମିତି ସଭ୍ୟଙ୍କ କାର୍ଯ୍ୟ କରିଦେବାପାଇଁ ୪୫ ହଜାର ଟଙ୍କା ଜୁଲମ କରୁଥିବାରୁ ତହସିଲରେ ତୁମୁଳ କାଣ୍ଡ ଘଟିବାରୁ କିରାଣୀ ଜଣକ ହଟହଟା ହୋଇଥିଲେ। ଯାହାକି ସମିତି ସଭ୍ୟ ଜଣଙ୍କ ସ୍ଥାନୀୟ ବିଧାୟକଙ୍କ ଦ ?ଷ୍ଟିକୁ ଆଣିଥିଲେ ।ପରେ କିରାଣୀ ଜଣକ ସମିତିସଭ୍ୟଙ୍କୁ ଡାକି ଆପସ ସମାଧାନ କରିଥିବାର ଅଞ୍ଚଳରେ ଚର୍ଚ୍ଚା ଯୋର ଧରିଛି ।ଆହୁରିମଧ୍ୟ ତହସିଲ ଦାରଙ୍କ ଗାଡିତେଲ ଖର୍ଚ୍ଚପାଇଁ ମାସିକ ସରକାରଙ୍କ ତହବିଲରୁ ୭ ହଜାର ଟଙ୍କା ଆସିଥାଏ। ମାତ୍ର ଗାଡିଟିକୁ ତହସିଲଦାର ନିଜ ବ୍ୟକ୍ତିଗତ କାର୍ଯ୍ୟରେ ଲଗାଉ ଥିବାରୁ ଟାଙ୍କି ମାଲିକଙ୍କର ୩ ମାସରେ ୪୦ହଜାର ଟଙ୍କା ଡିଜେଲ ବାକି ହୋଇଛି। ଏହାର ଭରଣା କରିବାପାଇଁ ରାଜପଥ ଦାୟୀତ୍ୟରେ ଥିବା ୩ ଜଣ କର୍ମଚାରୀଙ୍କ ଠାରୁ କିରାଣୀ ଅର୍ଥଜୁଲମ କରୁଥିବା କଥା ହାଟରେ ପଡି ଦାଣ୍ଡରେ ଗଡୁଛି ।ସରକାର ରାଜ୍ୟକୁ ଦୁର୍ନିତି ମୁକ୍ତ କରିବା ପାଇଁ ଅହରହ ଚେଷ୍ଟା ଚଳାଇଥିବାବେଳେ ଏଭିଳି ଦୁର୍ନିତିଗ୍ରସ୍ତ କର୍ମଚାରୀଙ୍କ ପାଇଁ ଏହା ସଫଳ ହୋଇପାରୁନାହିଁ। ତୁରନ୍ତ ଏହି ତହସିଲ କିରାଣୀଙ୍କୁ ଗିରଫ କରି ଚାକିରୀରୁ ବହିସ୍କାର କରିବାପାଇଁ ଅଞ୍ଚଳରୁ ସରକାରଙ୍କ ନିକଟରେ ଦାବୀ ହେଉଛି।

# କୁମ୍ଭୀର ଆତଙ୍କରେ ଚିତାପାରି-୪ ଗ୍ରାମବାସୀ

କୋରୁକୋଣ୍ଡା(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ବାଲିମେଲା ନିକଟସ୍ଥ ଚିତାପାରି-୪ ଗାଁରେ କୁମ୍ଭୀର ଆତଙ୍କ। ଗତ କିଛିଦିନ ହେବ ସ୍ଥାନୀୟ ଚିତାପାରି-୪ ଗାଁ ଅଞ୍ଚଳରେ ଥିବା ଏକ ପୋଖରୀରେ କୁମ୍ଭୀର ବୁଲୁଥିବା ଦେଖିବା ପରେ ଗ୍ରାମବାସୀ ଏବେ ଆତଙ୍କିତ ହୋଇ ପଡିଛନ୍ତି। କୁମ୍ଭୀର ଥିବା କେବଳ ଏକ ଗୁଜବ ନା ବାସ୍ତବିକ ତାହା ସନ୍ଦେହ ଘେରରେ ରହିଛି। କିଛି ଗ୍ରାମବାସୀ କୁମ୍ଭୀର ଥିବା କହୁଥିବା ବେଳେ ଆଉ କିଛି ଗ୍ରାମବାସୀ ଜାଣି ନଥିବା କହୁଛନ୍ତି।ଏମିତିରେ ଭୟଭୀତ କେତେକ ଗ୍ରାମବାସୀ ଏ ସମ୍ପର୍କରେ ତୁରନ୍ତ ବାଲିମେଲା ବନ ବିଭାଗକୁ ଜଣାଇଥିଲେ। ତେବେ ଖବର ପାଇବା ପରେ ବାଲିମେଲା ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି କୁମ୍ଭୀରକୁ ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ। ଶେଷରେ କୁମ୍ଭୀର ନ ମିଳିବାରୁ ସେଠାରେ ସତର୍କ ସୂଚନା ଫଳକ ଲଗାଇଥିଲେ। ଏହାକୁ ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଧା କୁମ୍ଭୀର ଠାବ ହୋଇପାରି ନାହି। ଯାହା ଦ୍ୱାରା ଚିତାପାରି-୪ ଗ୍ରାମ ସହ ପାଖ ଟୁନିବେଡା ଗ୍ରାମବାସୀ ମଧ୍ୟ ଭୟଭୀତ ଅଛନ୍ତି। ଖୁବଶୀଘ୍ର କୁମ୍ଭୀରକୁ ଠାବ କରି ଜନବସତି ଠାରୁ ଅନ୍ୟତ୍ର କୌଣସି ସୁରକ୍ଷିତ ସ୍ଥାନରେ ଛାଡ଼ିବା ନିମନ୍ତେ ଗ୍ରାମବାସୀ ବାଲିମେଲା ବନ ବିଭାଗ ନିକଟରେ ଦାବି କରିଛନ୍ତି। ଏନେଇ ବାଲିମେଲା ବନାଞ୍ଚଳ ଅଧିକାରୀ ଲିସମିତା କହଁରଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ କହିବାନୁଯାୟୀ ଆମେ ଦୀର୍ଘ ସମୟ ଧରି କୁମ୍ଭୀରକୁ ଖୋଜାଖୋଜି କରିଥିଲୁ। ହେଲେ କୁମ୍ଭୀର ମିଳିନଥିଲା। ଯେହେତୁ ସେଠାରେ ୪ଟି ପୋଖରୀ ରହିଛି। ଯାହା କୁମ୍ଭୀର କେଉଁ ପୋଖରୀରେ ଅଛି କହିବା କଷ୍ଟକର। ପୋଖରୀର ପାଣି ଶୁଖାଇଲେ କୁମ୍ଭୀରକୁ ଧରିହେବ କିନ୍ତୁ ପାଣି ଶୁଖାଇଲେ ପୋଖରୀର ମାଛ ସବୁ ମରିଯିବେ ବୋଲି ରାଜି ହୋଇନଥିଲେ ଗ୍ରାମବାସୀ। କୁମ୍ଭୀର ଅଛି କି ନାହିଁ ସଠିକ ସୂଚନା ମିଳିଲେ ଆମେ ତାକୁ ଧରି ସୁରକ୍ଷିତ ସ୍ଥାନରେ ଛାଡିଦେବୁ ବୋଲି କହିଥିଲେ।

# ବିଶ୍ୱ ଶୌଚାଳୟ ଦିବସ ଉପଲକ୍ଷେ ଜିଲ୍ଲା ଜଳ ଓ ପରିମଳ ମିଶନର ପ୍ରଥମ କାର୍ଯ୍ୟନିର୍ବାହୀ କମିଟି ବୈଠକ

ଜଗତସିଂହପୁର(ଭାସ୍କର ନ୍ୟୁଜ): ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ସ୍ୱଚ୍ଛ ଶୌଚାଳୟ ଅଭିଯାନ ୧୯ରୁ ୧୦ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲା ଜଳ ଓ ପରିମଳ ମିଶନର ପ୍ରଥମ କାର୍ଯ୍ୟନିର୍ବାହୀ କମିଟି ବୈଠକ ଜିଲ୍ଲାପାଳ ଜେ ସୋନାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆମର ଶୌଚାଳୟ: ଆମର ସମ୍ମାନ ଥିମରେ ଆୟୋଜିତ ଏହି ବୈଠକରେ ଜିଲ୍ଲାପାଳସ୍ୱଚ୍ଛତା ଏବଂ ଶୌଚାଳୟ ର ବ୍ୟବହାର ସମ୍ପୂର୍ଣ୍ଣ ଭାବରେ ନିଜର ସଚେତନତା ଓ ବ୍ୟବହାରରେ ପରିବର୍ତ୍ତନ ଦ୍ୱାରା ସମ୍ଭବ ବୋଲି କହିଥିଲେ। ତୃଣମୂଳ ସ୍ତରରେ ଏହି ଅଭିଯାନ କୁ ସଫଳ କରିବା ପାଇଁ ପିଆରଆଇ ମେମ୍ବର, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟ ପଞ୍ଚାୟତ ପରିମଳ ବ୍ୟବସ୍ଥା ଉପରେ ଅଧିକ ଫୋକସ୍ କରୁଛନ୍ତି ଏବଂ ପ୍ରୋତ୍ସାହନ ମଧ୍ୟ ଦେଉଛନ୍ତି। ଉନ୍ନତ ସ୍ୱାସ୍ଥ୍ୟ ପାଇଁ ପରିମଳ ବ୍ୟବସ୍ଥା ହେଉଛି ଗୁରୁତ୍ୱପୂର୍ଣ୍ଣ। ବାହାରେ ମଳତ୍ୟାଗ କରିବା ଏକ ଖରାପ ଅଭ୍ୟାସ। ଶୌଚାଳୟ ସବୁ ଜାଗାରେ ରହିଛି କିନ୍ତୁ ଏହାର ଉପଯୋଗ ହେବା ଦରକାର। କଠିନ ଓ ତରଳ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ହେବା ଆବଶ୍ୟକ। ଆମ ଦେଶରେ ସ୍ୱଚ୍ଛ ଭାରତ ମିଶନ ୨୦୧୪ ମସିହାରୁ ଆରମ୍ଭ ହୋଇଛି। ୨୦୧୯ରେ ଆମ ରାଜ୍ୟକୁ ବାହ୍ୟ ମଳମୁକ୍ତ ରାଜ୍ୟଭାବେ ଘୋଷଣା କରାଯାଇଛି। ପରିମଳ ସୁସ୍ଥ ରଖିବାରେ ସ୍ୱୟଂ ସହାୟକ ଗୋଷ୍ଠୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ବୋଲି କହିଥିଲେ ଜିଲ୍ଲାପାଳ। ଏ ବର୍ଷ ଶୌଚାଳୟ ଦିବସର ବିଷୟବସ୍ତୁ ରହିଛି ଆମ ଶୌଚାଳୟ ଆମ ସମ୍ମାନ। ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାଣ ଜେଠୀ ବିଶ୍ୱ ଶୌଚାଳୟ ଦିବସର ଆଭିମୁଖ୍ୟ ଏବଂ ଏଥିନିମନ୍ତେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାରେ ୧୯.୧୧.୨୪ ରୁ ୧୦.୧୨.୨୪ ରିଖ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଗ୍ରାମ ପଞ୍ଚାୟତ ଏବଂ ବ୍ଲକ୍ ସ୍ତରରେ ବ୍ୟକ୍ତିଗତ ଘରୋଇ ପାଇଖାନା ତଥା ଗୋଷ୍ଠୀ ଶୌଚାଳୟର କାର୍ଯ୍ୟକାରିତା ଓ ସ୍ୱଚ୍ଛତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଗ୍ରାମ ପଞ୍ଚାୟତ ସ୍ତର,ବ୍ଲକ୍ ସ୍ତର ଓ ଶେଷରେ ଜିଲ୍ଲାସ୍ତରରେ ଶ୍ରେଷ୍ଠ ବିବେଚିତ ଶୌଚାଳୟ ଗୁଡ଼ିକୁ ରାଜ୍ୟ ସ୍ତରୀୟ ପୁରସ୍କାର ନିମନ୍ତେ ମନୋନୀତ କରାଯିବ। ୧୯ ନଭେମ୍ବର ଦିନ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୁଏ ଓ ର ବର୍ଷ ର ଥୀମ ରହିଛି, ଟୟଲେଟ, ଏ ପ୍ଲେସ ଅଫ ପିସ୍। ଏହି ଅବସରରେ ଜିଲ୍ଲାପାଳ ଆଇଏଚଏଚଏଲର ହିତାଧୀକାରୀ ମାନଙ୍କୁ ପ୍ରମାଣପତ୍ର ଦେଇଥିଲେ।



# ଚୋରକୁ ପୋଲିସ୍ ଜିମାଦେଲେ ଗ୍ରାମବାସୀ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା କମର -ପଙ୍ଗାତିରା ପୂର୍ତ୍ତ ବିଭାଗ ରାସ୍ତାର ଆମ୍ବପଳାସ ଗାଁ ଜାମୁନାଳୀ ଛକ ନିକଟରେ ଚୋରକୁ ଧରି ରାସ୍ତାରୋକ କଲେ ଦୁଇଟି ଗାଁର ବାସିନ୍ଦା ।ବିଦ୍ୟୁତ ତାର ଚୋରି କରୁଥିବା ବେଳେ ଚୋରକୁ କାବୁ କରି ଧରିଥିବା ଗ୍ରାମବାସୀଙ୍କ ଅଭିଯୋଗ। ଚୋର ଠାରୁ ଏକ କାରକୁ ମଧ୍ୟ ଜବତ କରାଯାଇଥିବା ଜଣାପଡିଛି। ବିଦ୍ୟୁତ ତାର ଚୋରି ଯୋଗୁଁ ଜାମୁନାଳୀ ଏବଂ ବରକଟା ଗାଁକୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଛି। ତୁରନ୍ତ ବିଦ୍ୟୁତ ତାର ସଂଯୋଗ କରିବା ସହ ଗାଁକୁ ବିଦ୍ୟୁତ ଯୋଗାଣ ଯୋଗେଇ ଦେବା ଏବଂ ସମ୍ପୃକ୍ତ ଚୋର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ତେବେ ବିଳମ୍ବିତ ରାତିରେ କିଛି ଚୋର ଚୋରି କରିବାକୁ ଆସିଥିବା ବେଳେ ମାଡି ବସିଥିଲେ ଗ୍ରାମବାସୀ। ସେମାନଙ୍କ ମଧ୍ୟରୁ ଗୋଟିଏ ଚୋର ଗ୍ରାମବାସୀଙ୍କ କାବୁରେ ଆସିଥିବା ବେଳେ ଅନ୍ୟମାନେ ଚମ୍ପଟ ମାରିଥିଲେ। ତେବେ ଭୋର ସମୟରୁ ବରକଟା ଓ ଜାମୁନାଳୀ ଲୋକମାନେ ବିଦ୍ୟୁତ ତାର ଚୋରିକୁ ନେଇ ରାସ୍ତାରୋକ କରିଛନ୍ତି। ଫଳରେ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଛି। ଘଟଣା ସ୍ଥଳରେ ପରଜଙ୍ଗ ପୋଲିସ ପହଁଚି ଅଟକ ରହିଥିବା ଚୋରକୁ ଉଦ୍ଧାର କରିବା ସହ ଉତ୍ୟକ୍ତ ଲୋକଙ୍କୁ ବୁଝା ସୁଝା ଜାରି କରିଥିଲେ। ଏ ନେଇ ବିଦ୍ୟୁତ୍ ବିଭାଗ ତୁରନ୍ତ ବିଦ୍ୟୁତ୍ ସଂଯୋଗ ସେବାକୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀମାନେ ଆନ୍ଦୋଳନରୁ ଓହରିଯାଇଥିଲେ।

# ଧର୍ମଘଟରେ ଟିପ୍ପର ଓ ଟ୍ରାକ୍ଟର ଓନର ଏସୋସିଏସନ୍‌ର ଲଘୁ ଖଣିଜ ସାମଗ୍ରୀ ପରିବହନ ସମ୍ପୂର୍ଣ୍ଣ ବନ୍ଦ

ବେତନଟୀ(ଭାସ୍କର ନ୍ୟୁଜ): ପ୍ରଶାସନର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଏବଂ ରାଜ୍ୟ ସରକାରଙ୍କର ଅପରିଣାମଦର୍ଶୀ ନିଷ୍ପତ୍ତିକୁ ବିରୋଧ କରି ରାଜ୍ୟବ୍ୟାପି ଧର୍ମଘଟକୁ ଓହ୍ଲାଇଥିବା ଟିପ୍ପର ଓ ଟ୍ରାକ୍ଟର ଓନର ଏସୋସିଏସନର ଆନ୍ଦୋଳନ ୧୦ମ ଦିନରେ ପହଞ୍ଚିଛି। ଏହାର ପ୍ରଭାବରେ ବେତନଟୀ ବ୍ଲକରେ ସମସ୍ତ ପ୍ରକାର ନିର୍ମାଣ କାର୍ଯ୍ୟ ଠପ୍ ହୋଇଯାଇଛି। ରାଜ୍ୟ ସଂଘର ଆହ୍ୱାନ କ୍ରମେ ବେତନଟୀ ବ୍ଲକ ଟିପ୍ପର ଓ ଟ୍ରାକ୍ଟର ଓନର ଏସୋସିଏସନ ଧର୍ମଘଟକୁ ଓହ୍ଲାଇଲା ପରେ ଘର ସମେତ ସମସ୍ତ ପ୍ରକାର ନିର୍ମାଣ କାର୍ଯ୍ୟ ପାଇଁ ଆବଶ୍ୟକ ଇଟା, ବାଲି, ଚିପ୍ସ, ମେଟାଲ ଭଳି ଲଘୁ ଖଣିଜ ସାମଗ୍ରୀ ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଫଳରେ ବିଭିନ୍ନ ସରକାରୀ ଓ ବେସରକାରୀ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବରେ ଠପ୍ ହୋଇଯାଇଛି। ଏଭଳି ପରିସ୍ଥିତି ଆଗକୁ ଜାରି ରହିଲେ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେବା ସହିତ ନିର୍ମାଣ ଶ୍ରମିକ ମାନେ ମଧ୍ୟ କାମ ଧନ୍ଦା ଅଭାବରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବାର ଆଶଙ୍କା ସୃଷ୍ଟି ହୋଇଛି। ଯେତେ ପର୍ଯ୍ୟନ୍ତ ସଂଘର ଦାବି ପୂରଣ ନ ହୋଇଛି ସେତେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘର ସଭାପତି ପ୍ରକାଶ ବେହେରା, ସମ୍ପାଦକ ତପନ ପାଲ, ସହସମ୍ପାଦକ ମାନସ କୁମାର ଜେନା, କୋଷାଧ୍ୟକ୍ଷ ସତ୍ୟକାମ ପଣ୍ଡା, ସଦସ୍ୟ ମନନ ଅଗ୍ରୱାଲ, ମାନସ ଜେନା, ତପନ ସାହୁ, ଆଲୋକ କୁମାର ମହାନ୍ତି ଏବଂ ଅନ୍ୟାନ୍ୟ ସଦସ୍ୟ ମାନେ ପ୍ରକାଶ କରିଛନ୍ତି। ବେତନଟୀ ସମେତ ବୈଁଶିଙ୍ଗା, ମାଣତ୍ରୀ, ବଡସାହି, ଖୁଣ୍ଟା, ଦାନ୍ତିଆମୁହାଁ, ଚିତ୍ରଡା, ମୋରଡା, ରାସଗୋବିନ୍ଦପୁର ଓ ଡୁକୁରା ଅଞ୍ଚଳର ଗାଡି ମାଲିକ ସଂଘ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ଦୋଳଗୋବିନ୍ଦପୁର ଗ୍ରାମର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୁରିଗାଁ ପଞ୍ଚାୟତର ଦୋଳଗୋବିନ୍ଦପୁର ଗ୍ରାମ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ମଙ୍ଗଳବାର ହୋଇଛି। ଗ୍ରାମର ସରକାରୀ ରକ୍ଷିତ ଖାତା ୮୪୯ରେ ଥିବା ୫୯୩ ଓ ୫୯୪ ପ୍ଲଟ ଆଡି ଓ ଗୋଚର କିସମ ଜମିକୁ ଜବରଦଖଲ କରି ଦୋକାନ ଭାବେ କେତେକ ଲୋକେ ବ୍ୟବହାର କରୁଥିଲେ। ଏହାକୁ ବିରୋଧ କରି ଗ୍ରାମବାସୀମାନେ ଉଚ୍ଚ ନ୍ୟାୟାଳୟରେ ମାମଲା ରଜୁ କରି ଉଚ୍ଛେଦ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ଉଚ୍ଛେଦ ଆଦେଶ ଦେଇଥିଲେ। ଏହାସହ ରାଜ୍ୟ ସରକାରଙ୍କ ପୋର୍ଟାଲରେ ଜବରଦଖଲ ଉଚ୍ଛେଦ ପାଇଁ ମଧ୍ୟ ଗ୍ରାମବାସୀଙ୍କ ପକ୍ଷରୁ ଦରଖାସ୍ତ ହୋଇଥିଲା। ମାଜିଷ୍ଟ୍ରେଟ ଭାବେ ତହସିଲଦାର ସରୋଜକାନ୍ତ ନାୟକ, ଥାନାଧିକାରୀ ବିରେନ୍ଦ୍ର ସେନାପତି, ରାଜସ୍ୱ ସୁପରଭାଇଜର ନରେଶ ମହାନ୍ତି, ରହଣିଆ ରାଜସ୍ୱ ନିରୀକ୍ଷକ କିର୍ତ୍ତିଚନ୍ଦ୍ର ମଲ୍ଲିକ ପୋଲିସ ସୁରକ୍ଷା ବଳ ସହାୟତାରେ ୮ଟି ଦୋକାନକୁ ଉଚ୍ଛେଦ କରିଥିବା ଜଣାଯାଇଛି। ଫଟୋ-ଉଚ୍ଛେଦ।



# କଂଗ୍ରେସ ଯୁବନେତାଙ୍କ ପୁତ୍ରର ଅକାଳ ବିୟୋଗ: ବିଭିନ୍ନ ମହଲରେ ଶୋକ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ତଥା ପ୍ରଦେଶ କଂଗ୍ରେସ କମିଟିର ପ୍ରାକ୍ତନ ସମ୍ପାଦକ ପ୍ରଦିପ୍ତ କୁମାର ଦାସଙ୍କ ଏକମାତ୍ର ପୁତ୍ରର ଆଜି ସକାଳେ ଅକାଳ ବିୟୋଗ ଘଟିଛି। ତାଙ୍କ ବିୟୋଗରେ ସମଗ୍ର ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ଶ୍ରୀ ଦାସଙ୍କ ଏକମାତ୍ର ପୁତ୍ର ରୋହିତ ଦାସ(୧୪) ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ ସ୍କୁଲର ନବମ ଶ୍ରେଣୀର ଅଧ୍ୟୟନ କରୁଥିଲେ। ଗତ କିଛି ମାସ ହେଲା ରୋହିତ ଆକସ୍ମିକ ଭାବେ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖନାରେ ଭର୍ତି କରାଯାଇଥିଲା। ପରୀକ୍ଷା ନିରୀକ୍ଷା ପରେ ରୋହିତ ଅପ୍ଲାଷ୍ଟିକ ଆନେମିଆ ରୋଗରେ ଆକ୍ରାନ୍ତ ହୋଇଥିବାର ଜଣାପଡିଥିଲା। ତାଙ୍କୁ ଚିକିତ୍ସା ନିମନ୍ତେ ଭେଲୋରକୁ ନିଆଯାଇଥିଲା। ସେଠାରେ ଦୀର୍ଘ ଦିନ ଚିକିତ୍ସା ହେବାପରେ ଆଜି ସକାଳେ ରୋହିତ ଆଖି ବୁଜିଛନ୍ତି। ତାଙ୍କର ମରଶରୀରକୁ ଆସନ୍ତା କାଲି ପୈତୃକ ଗ୍ରାମ ନିଶ୍ଚିନ୍ତକୋଇଲି ବ୍ଲକ ତରତଶାସନ ଗ୍ରାମପଂଚାୟତ ଦାମୋଦରପୁର ବାସଭବନକୁ ଅଣାଯାଇ ଦାହ କରାଯିବ ବୋଲି ଜଣାଯାଇଛି। ତାଙ୍କର ଅକାଳ ବିୟୋଗରେ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ପଂଚାୟତ ସମିତିର ପ୍ରାକ୍ତନ ଅଧକ୍ଷ ଗିରିଶ ରଞ୍ଜନ ମହାପାତ୍ର, ପଂଚାୟତ ସମିତି ଉପାଧକ୍ଷ ଅଶୋକ କୁମାର ଓଝା, ଯୁବନେତା ଅମୀୟ ବିଶ୍ୱାଳ, ସଞ୍ଜୟ ବେହେରା, ପୂର୍ବତନ ସରପଂଚ ଦିଲିପ କୁମାର ରାଉତ, ଜିତେନ୍ଦ୍ର କୁମାର ମିଶ୍ର, ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ଆଶିଷ ପଣ୍ଡା, ଫାଲଗୁନି ପ୍ରସାଦ ପଣ୍ଡା, ପ୍ରଣବ ବେହେରା, ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜେପି ଯୁବନେତା ସୁମନ୍ତ ଘଡେଇ, ଆଇନଜୀବୀ ଅଶୋକ କୁମାର ମହାପାତ୍ର, ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସେକ୍ ସଦାମ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।



# ଆମ କଳାହାଣ୍ଡି





## ୨୯ରୁ ଲୋକକଳା ମହୋତ୍ସବ ନୃତ୍ୟ ସଙ୍ଗମ- ୨୦୨୪

# 'ଯୁବ ପ୍ରତିଭା' ସମ୍ମାନ ପାଇଁ ନାମ ଘୋଷଣା


ଦିଲ୍ଲୀପ ସାହୁ


କମ୍ବୁପାଣି ବାଗ


କୁନି ସାହୁ


ରଜତ୍ ରାଜ ପାଣିଗ୍ରାହୀ


ରାମେଶ୍ୱର ତ୍ରିପାଠୀ


ସୁଦାମ ବିଶି

ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡିର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ପ୍ରତିଭା' ଦ୍ୱାରା ଚଳିତ ନଭେମ୍ବର ମାସ ୨୯ ତାରିଖ ଠାରୁ ୩ ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଲୋକ କଳା ମହୋତ୍ସବ 'ନୃତ୍ୟ ସଙ୍ଗମ-୨୦୨୪' ଅବସରରେ ବିଭିନ୍ନ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ସମ୍ମାନିତ ହେବାକୁ ଥିବା "ଯୁବ ପ୍ରତିଭା"ମାନଙ୍କ ନାମ ଘୋଷଣା କରାଯାଇଛି । ପଶ୍ଚିମ ଓଡ଼ିଶାର ଲୋକକଳା ଓ ଲୋକ ସଂସ୍କୃତିର ଗବେଷଣା ପାଇଁ ନୂଆପଡା ଜିଲ୍ଲା କୋମ୍ନାର ବିଶିଷ୍ଟ ଗବେଷକ ରଜତ୍ ରାଜ ପାଣିଗ୍ରାହୀଙ୍କୁ ଯୁବ ଗବେଷକ ସମ୍ମାନ, ବରଗଡ ଜିଲ୍ଲାର ବିଶିଷ୍ଟ ଢୋଲବାଦକ ତଥା ଯୁବ ନୃତ୍ୟଗୁରୁ ଦିଲ୍ଲୀପ ସାହୁଙ୍କୁ ଲୋକନୃତ୍ୟ ପାଇଁ ଯୁବ ପ୍ରତିଭା ସମ୍ମାନ, କଳାହାଣ୍ଡି ଜିଲ୍ଲାର କାଣ୍ଡେଲ ଗ୍ରାମର ବିଶିଷ୍ଟ ନିଶାନ୍ ବାଦକ କମ୍ବୁପାଣି ବାଗଙ୍କୁ ଯୁବ ପ୍ରତିଭା ସମ୍ମାନ, ଭବାନୀପାଟଣାର ରାମେଶ୍ୱର ତ୍ରିପାଠୀଙ୍କୁ ଭାନୁପ୍ରକାଶ ରଥ ଯୁବ ନାଟ୍ୟ ସମ୍ମାନ, ଭବାନୀପାଟନାର ସୁଦାମ ବିଶିଙ୍କୁ ଘୁମୁରା ଓ ବଜାଶାଳ ନୃତ୍ୟ ପାଇଁ ଯୁବ ପ୍ରତିଭା ସମ୍ମାନ, ଭବାନୀପାଟଣାର ବିଶିଷ୍ଟ ନୃତ୍ୟାଙ୍ଗନା କୁନି ସାହୁଙ୍କୁ ନୃତ୍ୟାଙ୍ଗନା ସମ୍ମାନ ପ୍ରଦାନ କରିବା ପାଇଁ ଅନୁଷ୍ଠାନ ଦ୍ୱାରା ନାମ ଘୋଷଣା କରାଯାଇଛି । ଏଠାରେ ପ୍ରକାଶ ଯୋଗ୍ୟ ଯେ ଏହି ବିଶିଷ୍ଟ ଯୁବ ପ୍ରତିଭାମାନଙ୍କୁ ଆସନ୍ତା ନଭେମ୍ବର ୨୯, ୩୦ ଓ ଡିସେମ୍ବର ୧ ତାରିଖରେ ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ଆୟୋଜିତ ହେବାକୁ ଥିବା ପ୍ରତିଭା ଅନୁଷ୍ଠାନର କଳା ମହୋତ୍ସବ 'ନୃତ୍ୟ ସଂଗମ-୨୦୨୪'ରେ ସମ୍ବର୍ଦ୍ଧିତ କରିଯିବ ।

## କ୍ରିୟାଯୋଗ ଧ୍ୟାନକେନ୍ଦ୍ରର ସାଧନା ଶିବିର ଓ ବାର୍ଷିକ ଉତ୍ସବ

ଭବାନୀପାଟଣା, (ଭାସ୍କର ନ୍ୟୁଜ): ସ୍ଥାନୀୟ କ୍ରିୟାଯୋଗ ଧ୍ୟାନକେନ୍ଦ୍ର କଳାହାଣ୍ଡି ଦୀର୍ଘଦିନ ଧରି ପ୍ରତିବର୍ଷ ବିଭିନ୍ନ ସମୟରେ କ୍ରିୟାଯୋଗର ପ୍ରଚାର ପ୍ରସାର ସହିତ ସାଧନା ଶିବିର ପ୍ରଭୃତି ଆୟୋଜନ କରିଥାଏ । ଏହି କ୍ରମରେ ଗତ ତା୧୬ ଓ ୧୭ ନଭେମ୍ବର ଦୁଇଦିନ ଧରି ଧ୍ୟାନ କେନ୍ଦ୍ରର ୩୮ତମ ବାର୍ଷିକ ଉତ୍ସବ ତଥା କ୍ରିୟାଯୋଗ ସାଧନା ଶିବିର କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଥମଦିନ ସକାଳେ କ୍ରିୟାଯୋଗ ଦୀକ୍ଷାଦାନ ସହିତ ଚଣ୍ଡୀ ଯଜ୍ଞ ଅନୁଷ୍ଠିତହୋଇଥିଲା । ସନ୍ଧ୍ୟା କାର୍ଯ୍ୟକ୍ରମରେ ଅନୁଷ୍ଠାନର ଆଜୀବନ ଅଧକ୍ଷ ପରମହଂସ ଆତ୍ମାନନ୍ଦଜୀ ଯୋଗଦେଇ ଉପସ୍ଥିତ ଶ୍ରଦ୍ଧାଳୁ ଓ କ୍ରିୟାବାନମାନଙ୍କୁ ସୁସ୍ଥ ଜୀବନଯାପନ ପାଇଁ କ୍ରିୟାଯୋଗର ପ୍ରତ୍ୟହ ଅଭ୍ୟାସ କିପରି ସାହାଯ୍ୟ କରିଥାଏ ତାହା ପ୍ରାଞ୍ଜଳ ଭାବରେ ଉଦାହରଣ ସହ ବୁଝାଇଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ଦିନ କ୍ରିୟାଯୋଗ ସମ୍ବନ୍ଧୀୟ ଏକ ଆଲୋଚନା ଚକ୍ର ତଥା ଅଭ୍ୟାସବର୍ଗ ଅନୁଷ୍ଠାନର ସଭାପତି ଯୋଗାଚାର୍ଯ୍ୟ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଯୋଗାଚାର୍ଯ୍ୟ ଶାନ୍ତନୁ ଜେନା ଓ ଯୋଗାଚାର୍ଯ୍ୟ ପଞ୍ଚାନନ ମୁଣ୍ଡ ଯୋଗଦେଇ ବିଭିନ୍ନ କୌଶଳ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର, ବାଲେଶ୍ୱର, ଛତିଶଗଡ଼ ଓ କଳାହାଣ୍ଡି ଆଦି ଜିଲ୍ଲାରୁ ବହୁ କ୍ରିୟାବାନ ଯୋଗ



ଦେଇଥିଲେ । ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ଖେଳକୁଦ ଓ ଗୀତା ଆବୃତ୍ତି ପ୍ରତିଯୋଗିତାକୁ ଯଥାକ୍ରମେ ଅନୁଷ୍ଠାନର ଉପସଭାପତି ଯୋଗାଚାର୍ଯ୍ୟ ସୁନିଲ କୁମାର ବେହେରା ଏବଂ ବିଶ୍ୱ ମୁଣ୍ଡ ପରିଚାଳନା କରିଥିଲେ । ସଫଳ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଦୁଇଦିନର ଉତ୍ସବରେ ସୁଧୀର ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ସ୍ଥାନୀୟ କଳାହାଣ୍ଡି ଲେଖକ କଳା ପରିଷଦର କଳାକାରମାନେ ଭଜନ ପରିବେଷଣ କରି ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମନ ଜିଣିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଧ୍ୟାନକେନ୍ଦ୍ରର କୋଷାଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ନେଗି ଓ ଯୋଗାଚାର୍ଯ୍ୟ ବଦ୍ରି ପ୍ରସାଦ ମିଶ୍ର ଆଦି ସାହାଯ୍ୟ କରିଥିଲେ ।

## ସ୍କୁଲ ଜମିରେ ବେଆଇନ ଗୃହ ନିର୍ମାଣ

# ପ୍ରଶାସନର ହସ୍ତକ୍ଷେପ ପରେ ଜବରଦଖଲ ଉଚ୍ଛେଦ



କୋକସରା,(ଭାସ୍କର ନ୍ୟୁଜ): କୋକସରା ବ୍ଲକ ମହିମା ପଞ୍ଚାୟତର ଡୋଙ୍ଗାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜଣେ ବ୍ୟକ୍ତି ବେଆଇନ ଭାବେ ଗୃହ ନିର୍ମାଣ କରିଥିବାରୁ ତାଙ୍କୁ ବାରମ୍ବାର ନୋଟିସ୍ ଜାରି ସତ୍ତ୍ୱେ ଜାଗା ଛାଡୁ ନଥିଲେ । ଏନେଇ ସୋମବାର ପ୍ରଶାସନ ପକ୍ଷରୁ ଜେସିବି ଲଗାଇ ଜବରଦଖଲ ଉଚ୍ଛେଦ କରାଯାଇଛି । ସୂଚନାଯୋଗ୍ୟ, ଗତ କୋଭିଡ଼ ସମୟରେ ଡେଙ୍ଗାଗୁଡ଼ା ଗ୍ରାମର ଅଭିମନ୍ୟୁ ନାଏକ ଅନାଧିକୃତ ଭାବେ ନିଜର ପୈତୃକ ଜମି ଦର୍ଶାଇ ସ୍କୁଲ ଜିମିର କିଛି ଅଂଶକୁ ଅକ୍ତିଆର କରି ଗୃହ ନିର୍ମାଣ କରି ଜାଗା ମାଡ଼ି ବସିଥିଲେ । ଏନେଇ ବାରମ୍ବାର ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ତାଙ୍କୁ ବିଦ୍ୟାଳୟର ଜାଗା ଛାଡ଼ିବା ପାଇଁ କହିଥିଲେ ମଧ୍ୟ ସେ' କାହାରି କଥା ଶୁଣି ନଥିଲେ । ତେବେ ଗତ ଜୁଲାଇ ମାସରେ ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟି କୋକସରା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହାପରେ କୋକସରା ତହସିଲଦାର ସେଠାକୁ ପହଞ୍ଚି ଜାଗା ଛାଡ଼ିବା ପାଇଁ ଅନୁରୋଧ କରିବା ପରେ ଅଭିମନ୍ୟୁ ୧୫ ଦିନର ସମୟ ମାଗିଥିଲେ । ହେଲେ ସମୟ ଅବଧି ସରିବା ପରେ ମଧ୍ୟ ସ୍କୁଲ ଜାଗାକୁ ସେ ଛାଡ଼ି ନଥିଲେ । ତହସିଲ କାର୍ଯ୍ୟାଳୟ ପକ୍ଷରୁ ଅଭିମନ୍ୟୁଙ୍କୁ ବାରମ୍ବାର ନୋଟିସ ଜାରି କରାଯାଇଥିଲା । ହେଲେ ସେ' କୌଣସି ଧ୍ୟାନ ଦେଇ ନଥିଲେ । ଏନେଇ ଆଜି ପ୍ରଶାସନ ଆକ୍ସନ୍ ମୋଡରେ ଆସି ଧର୍ମଗଡ଼ ସହକାରୀ ଜିଲ୍ଲାପାଳ ଅଜିତ କୁମାର ଶବର, କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କ ଉପସ୍ଥିତରେ ଜେସିବି ଲଗାଇ ସ୍କୁଲ ପରିସରରୁ ଜବରଦଖଲ ଉଚ୍ଛେଦ କରାଯାଇଛି । ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆମପାଣି ଥାନା ଅଧିକାରିଣୀ ବିଜୟଲକ୍ଷ୍ମୀ ହିକକାଙ୍କ ନେତୃତ୍ୱରେ ଆଇଆର୍‌ବି ଯବାନମାନେ ଉପସ୍ଥିତ ରହିଥିଲେ ।

## ରବି ଚାଷ ପାଇଁ ଇନ୍ଦ୍ରାବତୀରୁ ଜଳ ଯୋଗାଣ ଦାବି

# ବିଧାୟକ ଓ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



## ଦାବି ପୂରଣ ନହେଲେ ଆନ୍ଦୋଳନ ଚେତାବନୀ

କୋକସରା/ଧର୍ମଗଡ଼, (ଭାସ୍କର ନ୍ୟୁଜ): ଆସନ୍ତା ରବି ଚାଷ ପାଇଁ ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲରୁ ଜଳସେଚନ ବନ୍ଦ ହେବା ନେଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହାପରେ କୋକସରା ଅଞ୍ଚଳର ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ସୋମବାର ଜଳସେଚନ ବ୍ୟବସ୍ଥା କରିବା ଦାବିରେ କୋକସରା କୃଷକ ସଚେତନ ମଞ୍ଚର ସଭାପତି ଶିବ ପ୍ରସାଦ ପ୍ରଧାନୀ ଓ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶହ ଶହ ଚାଷୀ ଏକତ୍ରିତ ହୋଇ ଧର୍ମଗଡ଼ ବିଧାୟକ ଓ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ଚଳିତ ବର୍ଷ ଖରିଫ ସମୟରେ କୋକସରା ବ୍ଲକର ଜଳସେଚିତ ଅଞ୍ଚଳରେ ଚାଷୀ ରୋଗପୋକ ଓ ଅଣ ଜଳସେଚିତ ଅଞ୍ଚଳରେ ଚାଷୀ ମରୁଡ଼ି ସମ୍ମୁଖୀନ ହେଉଛନ୍ତି । ରବି ଋତୁରେ ଏହାକୁ ଭରଣ କରିବା ପାଇଁ ଚାଷୀ ଆଶା ବାନ୍ଧିଥିବାବେଳେ ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲରୁ ଜଳସେଚନ ବନ୍ଦ ହେବା ଜାଣିବା ପରେ ଚାଷୀକୂଳ ଚିନ୍ତାରେ ପଡ଼ିଯାଇଛି । ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଇନ୍ଦ୍ରାବତୀ ଡ୍ୟାମ୍‌ରେ ଅଧିକ ଜଳସ୍ତର ଥିବା ଚାଷୀ ଅଭିଯୋଗ କରିବା ସହ ଚାଷୀଙ୍କ ପ୍ରତି ବିଭାଗୀୟ ଅଧିକାରୀମାନଙ୍କ ଟାଳଟୁଳ ନିତିକୁ ବିରୋଧୀ କରାଯାଇଛି । ଏନେଇ ଆଜି କୋକସରା କୃଷକ ସଚେତନ ମଞ୍ଚର ସଭାପତି ଓ ବ୍ଲକ ଉପାଧ୍ୟକ୍ଷଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶହ ଶହ ଚାଷୀ ଏକତ୍ରିତ ହୋଇ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବିଧାୟକ ଶ୍ରୀ ପାଟଯୋଷୀ ଚାଷୀମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ପରେ ଫୋନ୍ ଯୋଗେ କଳାହାଣ୍ଡି ଜିଲ୍ଲାପାଳ ସହିତ ଆଲୋଚନା କରି ଜଳସେଚନ ବ୍ୟବସ୍ଥା କରିବା ପାଇଁ ଦାବି କରିଥିଲେ । ଏହାପରେ ଚାଷୀମାନେ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଉପଜିଲ୍ଲାପାଳ ଜନ ଶୁଣାଣି ଶିବିରରେ ଯାଇଥିବାରୁ ତାଙ୍କ ଉପସ୍ଥିତରେ ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ତ୍ରିପାଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ରବି ଋତୁରେ ଜଳସେଚନ ବ୍ୟବସ୍ଥା କରିବା ପାଇଁ ଦାବି କରିବା ସହ ଦାବି ପୂରଣ ନକଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି । ଅନ୍ୟପଟେ ଡେପୁଟି କଲେକ୍ଟର ଶ୍ରୀ ତ୍ରିପାଠୀ ଉପ ଜିଲ୍ଲାପାଳଙ୍କୁ ଏ ବିଷୟରେ ଅବଗତ କରିବା ସହ ଚାଷୀ ଯେମିତି ଜଳସେଚନ ନେଇ କୌଣସି ହଇରାଣ ନହେବେ ସେ ନେଇ ଧ୍ୟାନ ଦିଆଯାବ ବୋଲି କହିଛନ୍ତି । ଆଜି ଏହି ଦାବିପତ୍ର ପ୍ରଦାନ ସମୟରେ କୃଷକ ସଚେତନ ମଞ୍ଚର ସଭାପତି, ବ୍ଲକ ଉପାଧ୍ୟକ୍ଷ ଶ୍ରୀ ଅଗ୍ରୱାଲ ସମେତ ଚିନ୍ତାମଣି ପଟେଲ, ପଙ୍କଜ ପୋଡ଼, ପଙ୍କଜମୁଖ ଚୌଧୁରୀ, ଜୟଲାଲ ନାଏକ, ଧବଳେଶ୍ୱର ଶବର, ମଳୟ ଛତ୍ରିଆ, କେଶବ ନାଏକ, ସତ୍ୟବାନ ପାଣିଗ୍ରାହୀ ସମେତ ଅଞ୍ଚଳର ଶହ ଶହ ଚାଷୀ ଉପସ୍ଥିତ ରହିଥିଲେ ।

## ମା' ମାଉଳି ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# କପିଆକୁ ହରାଇ ରାଜପୁର ଚମ୍ପିୟାନ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): ଗୋଲାମୁଣ୍ଡା ବ୍ଲକ ଚପୁରିଆ ପଞ୍ଚାୟତ ବିଶିବରନି ଖେଳ ପଡିଆ ଠାରେ ମା' ମାଉଳି ଯୁବ ଅନୁଷ୍ଠାନ ଆନୁକୂଲ୍ୟରେ ୭ ଦିନ ଧରି ଚାଲିଥିବା ଫୁଟବଳ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ରାଜପୁର ଓ କପିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଫାଇନାଲ ଖେଳରେ ରାଜପୁର ୨-୧ ଗୋଲ ସ୍କୋର କରି ରାଜପୁର ଦଳ ୧ ଗୋଲ୍‌ରେ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିୟାନ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚପୁରିଆ ପଞ୍ଚାୟତ ଅଧିକାରୀ ଭୂପେନ୍ଦ୍ର ସା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ନରହରି ବାଗ, ରାଜେଶ ଅଗ୍ରୱାଲ, ତପନ ଗହୀର, ପବିତ୍ର ବେହେରା, ପୀତବାସ ବାଗ, ଅଶୋକ ମଙ୍ଗରାଜ, ଅନିଲ ମଲ୍ଲିକ, ଏସ୍ କୁମାର, ହେମନ୍ତ ସାହୁ, ଗୁରେଶ୍ୱର ବାଗ, ଶ୍ୟାମ ସୁନ୍ଦର ଅଗ୍ରୱାଲ, ଜିତେନ୍ଦ୍ର ଯାଦବ, ବୃନ୍ଦାବନ ଖୁରା, ଶ୍ୟାରାମ ଯାଦବ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ । ଖେଳକୁ ହୀରାଧର ମାଝୀ ପରିଚାଳନା କରିଥିବା ବେଳେ ବିପିନ ନାଏକ ଓ ଗୁଣନିଧି ବାଗ ଲାଇନ୍ସ ମ୍ୟାନ ଦାୟିତ୍ୱ ତୁଲାଇ ଥିଲେ । ମନୋଜ କୁମାର ଚନ୍ଦନ ଓ ନୀଳକଣ୍ଠ ଜାନି ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ଅନୁଷ୍ଠାନର ସଭାପତି ଲବଣି ଚନ୍ଦନ, ସମ୍ପାଦକ ଟୁନା ଦାସ, କୋଷାଧ୍ୟକ୍ଷ ବେଦବର ମାଝୀ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ମା' ମାଉଳି ଫୁଟ୍‌ବଲ୍ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ଅଙ୍ଗନୱାଡ଼ି କର୍ମୀଙ୍କ ଘର ବାରଣ୍ଡାରେ ଚାଲିଛି ପାଠପଢ଼ା

## ଶିଶୁ ବିକାଶ ଯୋଜନା ବାଟବଣା


କୋକସରା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକରେ ଶିଶୁ ବିକାଶ ଯୋଜନା ବାଟବଣା ହୋଇଛି । ଲଡୁଗାଁ ପଞ୍ଚାୟତ ପୀତବାସପୁରଠାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ଗୃହ ନଥିବାରୁ ଅଙ୍ଗନୱାଡ଼ି କର୍ମୀଙ୍କ ଘରେ ପାଠପଢା ଚାଲିଆସୁଛି। ୪ବର୍ଷ ହେବ କେନ୍ଦ୍ରଟି ଭଙ୍ଗାଦଦରା ହୋଇ ପଡ଼ିରହିଛି । କାନ୍ଥରେ ଫାଟ ଦେଖାଯିବା ପରେ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇ ସହାୟିକାଙ୍କ ଘରେ ପ୍ରାକ୍ ବିଦ୍ୟାଳୟର ୨୦ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯାଉଥିବା ବେଳେ ଘର ବାହାରେ ପିଲାମାନଙ୍କୁ ନେଇ ଶିକ୍ଷାଦାନ କରାଯାଉଛି । କେନ୍ଦ୍ରକୁ ମରାମତି କରାଯିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳିନାହିଁ । ସେହିପରି ଲଡୁଗାଁ ପଞ୍ଚାୟତ ଆଇଁଲୀ ଦିସାରୀପଡ଼ାରେ ଶିଶୁମାନଙ୍କୁ ଶିକ୍ଷାଦାନ ଓ ଗର୍ଭବତୀଙ୍କୁ ଯତ୍ନ ନେବା ପାଇଁ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଖୋଲାଯାଇଛି । ହେଲେ ଦୁଇବର୍ଷ ବିତିଯାଇଥିଲେ ହେଁ କେନ୍ଦ୍ର ପାଇଁ ଗୃହ ନିର୍ମାଣ କରାଯାଇ ନ ଥିବାରୁ ଛାତ୍ରୀଛାତ୍ରଙ୍କୁ ଅଙ୍ଗନୱାଡ଼ି କର୍ମୀଙ୍କ ଘରେ ପାଠପଢ଼ା ସହ ଖାଦ୍ୟ ରାନ୍ଧି ଦିଆଯାଉଛି । ସୂଚନା ଅନୁସାରେ କୋକସରା ବ୍ଲକରେ ୧୬୮ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି । ସେମଧ୍ୟରୁ ୪୪ଟି କେନ୍ଦ୍ରକୁ ସକ୍ଷମ ମାନ୍ୟତା ଦିଆଯାଇ ସମର୍ଥ ଅଙ୍ଗନୱାଡ଼ି କେନ୍ଦ୍ରର କେଉଁଠି ଅଙ୍ଗନୱାଡ଼ି କର୍ମୀଙ୍କ ବାରଣ୍ଡାରେ ତ ଆଉ କେଉଁଠି ଖୋଲା ଆକାଶ ତଳେ ପାଠପଢା ଚାଲିଛି । ଏ ନେଇ କୋକସରା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସରୋଜା ଦେଇଙ୍କ ପ୍ରତିକ୍ରିୟା ନେବାରୁ ବ୍ଲକରେ ଅନେକ ଅଙ୍ଗନୱାଡ଼ି କେନ୍ଦ୍ରର କୋଠା ନାହିଁ, ଏ ନେଇ ଜିଲ୍ଲାକୁ ଅବଗତ କରାଯାଇଥିବା ବେଳେ ୪୧ କରାଯାଇଛି ବୋଲି କହିଛନ୍ତି ।

## ରାଶିଫଳ


ବୁଧବାର, ୨୦ ନଭେମ୍ବର ୨୦୨୪




**ମେଷ:** ନିଜର ବୁଦ୍ଧି, ବିବେକ ଖଟାଇ ସମସ୍ୟାର ସମାଧାନ କରିପାରିବେ । ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ। ବ୍ୟବସାୟ ସମ୍ବନ୍ଧୀୟ ସମସ୍ତ ଜରୁରୀ କାର୍ଯ୍ୟ ଓ ଆବଶ୍ୟକ ଅର୍ଥ ଆଦାନ ପ୍ରଦାନ ସୁଚାରୁରୂପେ ହେବ।



**ବୃଷ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ସହ ସୁସମ୍ପର୍କ ରହିବା ଫଳରେ ଉତ୍ସାହିତ ହେବେ । କେତେକ ଦୀର୍ଘ ଯୋଜନା ସଫଳ କାରଣରୁ ମନ ଭଲ ରହିବ। ପରିବାରରେ ଖୁସିର ବାତା ବରଣ ସ୍ଥାୟି ରହିବ।



**ମିଥୁନ:** ଗୃହରେ ଧର୍ମକାର୍ଯ୍ୟ ଓ ଧର୍ମାନୁଷ୍ଠାନରେ ଯୋଗଦାନ କରି ପ୍ରଶଂସା ପାଇବେ । ପରିବାରର ଉନ୍ନତି ପାଇଁ ପ୍ରୟାସରତ ହେବେ । ଖାଦ୍ୟପେୟରେ ନୀତିନିୟମ ରକ୍ଷା କରିବା ସହିତ ମନକୁ ଶାନ୍ତ ରଖି ପାରିଲେ ସ୍ୱାସ୍ଥ୍ୟ ଠିକ୍ ରହିବ।




**କର୍କଟ:** ସାମାଜିକ ଅନୁଷ୍ଠାନରେ ଯୋଗ ଦେବାର ସୁଯୋଗ ମିଳିବ। ବ୍ୟବସାୟୀମାନେ ଯେତେ ଅଧିକ ପରିଶ୍ରମ କରିବେ ସେତେ ଅଧିକ ଲାଭ ପାଇବେ । ବାଦବିବାଦ, ପ୍ରତିଯୋଗିତା ପରୀକ୍ଷା ଓ ସାକ୍ଷାତକାରରେ ଉଚ୍ଚ ପ୍ରଶଂସିତ ହେବେ । ପରୀକ୍ଷା ପ୍ରତିଦ୍ୱନ୍ଦ୍ୱିତାରେ ସଫଳ ହେବେ।



**ସିଂହ:** ଶୁଭ ସମାଚାର ମିଳିବ ଓ ନିଜ ଲୋକ ସାହାଯ୍ୟ କରିବେ । ସ୍ୱାସ୍ଥ୍ୟରେ ଉନ୍ନତି ହୋଇ ଶରୀର ସୁସ୍ଥ ରହିବା ସହ ବିରୋଧୀମାନଙ୍କ ମୁଣ୍ଡ ତଳକୁ ହେବ । ବ୍ୟବସାୟୀମାନେ ସାଧୁ ଓ ସଚ୍ଚୋଟ ଭାବେ କର୍ମ ଯୋଗକୁ ଶ୍ରେଷ୍ଠତା କରି ସମ୍ମାନ ଓ ପ୍ରତିଷ୍ଠାର ଅଧିକାରୀ ହେବେ।




**କନ୍ୟା:** ସହକର୍ମୀମାନଙ୍କର ସମର୍ଥନ ଏବଂ ସହଯୋଗ ଯୋଗୁ ସୁନାମ ଅର୍ଜନ କରିବେ । ଉଚ୍ଚ ସମ୍ଭାବନାର ଆଶା ଆଶ୍ୱାସନା ଲାଭ କରି ମାନସିକ ଶାନ୍ତି ଅନୁଭବ କରିବେ । ପାରିବାରିକ କ୍ଷେତ୍ରରେ ଆଲୁଅ ଅନ୍ଧାରର ଲୁଚକାଳି ଖେଳର ଅବସାନ ହେବ ।



**ତୁଳା:** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯାଇ ମାନସିକ ସ୍ଥିତି ଭଲ ରହିବ । ଯଥା ସମ୍ଭବ ପ୍ରକୃତିସ୍ଥ ରହି ଅଳ୍ପ ପରିଶ୍ରମରେ ଅଧିକ ଲାଭର ଉପଭୋକ୍ତା ହେବେ । ସାର୍ବଜନୀନ ଓ ବ୍ୟକ୍ତିଗତ ସମ୍ପର୍କରେ ବିକଶିତ ହେବା ସହ ଆତ୍ମନିର୍ଭରଶୀଳ ହେବେ ।



**ବିଛା:** ସମସ୍ତଙ୍କ ପ୍ରତି ସକରାତ୍ମକ ଚିନ୍ତା ଆଗକୁ ବଢିବାରେ ସାହାଯ୍ୟ କରିବ । ପାରିବାରିକ ଜୀବନରେ ସୁବିଧା ବାଦକୁ ଆପଣେଇ ନେଇ ସଫଳ ହେବେ। ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାମୂଳକ କାର୍ଯ୍ୟରେ କୃତିତ୍ୱ ଲାଭ କରିବେ । ସ୍ୱାସ୍ଥ୍ୟ ଦିଗରୁ ବିଶେଷ ସତର୍କ ରହିବା ଉଚିତ୍ ଓ ଯାନବାହାନ ସମ୍ବନ୍ଧୀୟ ସମସ୍ୟା ଦେଖା ଦେଇପାରେ ।




**ଧନୁ:** ସେବାକାରୀମାନଙ୍କ ସହଯୋଗରେ ସମ୍ମାନଜନକ ସ୍ଥିତି ପରିଲକ୍ଷିତ ହେବ । ପ୍ରତିଯୋଗିତାମୂଳକ କାର୍ଯ୍ୟରେ କୃତିତ୍ୱ ଲାଭ କରିବା ସହ ଉଚ୍ଚଶିକ୍ଷା ପ୍ରଚେଷ୍ଟାରେ ସଫଳ ହେବେ। ଜୀବନରେ ଭରପୁର ଆନନ୍ଦ ଉଠେଇବେ। ବନ୍ଧୁବାନ୍ଧବମାନେ ଆର୍ଥିକ କ୍ଷେତ୍ରରେ ସାହାଯ୍ୟ ସହଯୋଗ କରିବେ ।



**ମକର:** ସାମ୍ବାଦିକମାନଙ୍କ ସମସ୍ତ କ୍ଷେତ୍ରରେ ସଫଳତା ମିଳିବ। ଛାତ୍ରଛାତ୍ରୀଙ୍କ ଅଧ୍ୟୟନ କ୍ଷେତ୍ରରେ ସୁନାମ ଅର୍ଜନ କରିବା ସହ ବିଦ୍ୟା କ୍ଷେତ୍ରରେ ପ୍ରତିଭାର ବିକାଶ ହେବ। ପାଖରେ ଥିବା ସାଥୀ ଓ ପ୍ରିୟଜନଙ୍କୁ ଆର୍ଥିକ ସାହାଯ୍ୟ କରିବାକୁ ବାଧ୍ୟ ହେବେ । ଦୂରଯାତ୍ରା କରି ହଇରାଣ ହରକତ ହେବାକୁ ପଡିପାରେ।



**କୁମ୍ଭ:** ସରକାରୀ କାର୍ଯ୍ୟରେ ସଫଳତା ମିଳିବା ସହ ବିଦେଶ ଯାତ୍ରାରେ ଲାଭବାନ୍ ହେବେ । ଜନସେବା ଦ୍ୱାରା ସାମାଜିକ ସ୍ଥିତି ଓ ମାନସମ୍ମାନ ବଜାୟ ରହିବ । ଦୂରଯାତ୍ରାରେ ବିବାଦମୁକ୍ତ ନିରୁପଦ୍ରବ ଜୀବନଚର୍ଯ୍ୟା ମଧ୍ୟେ ସମୟ ବିତିବ । ରାଜନୈତିକ କ୍ଷେତ୍ରରେ ଯଶ, ମାନ ପ୍ରତିଷ୍ଠା ବୃଦ୍ଧି ହେବ।



**ମୀନ:** ସାମାଜିକ ସ୍ତରରେ ନିଜର ଉପସ୍ଥିତି ବୃଦ୍ଧି ପ୍ରୟୋଗ କରି କାର୍ଯ୍ୟ ହାସଲ କରିବେ । ପ୍ରକାଶନ, ସଂଗଠନ, ଅନୁସନ୍ଧାନ କାର୍ଯ୍ୟରେ ଲାଭ ପାଇବେ । ପରସ୍ପରକୁ ସାହାଯ୍ୟ ସହଯୋଗ କରି ଉତ୍ତମ ଯୋଜନାବଦ୍ଧ ହେବାର ସମ୍ଭାବନା ଅଛି । ପରିବାରରେ ଅପ୍ରିତିକର ପରିସ୍ଥିତି ଦେଖା ଦେଲେ ମଧ୍ୟ ତାହା କୌଶଳକ୍ରମେ ସମାଧାନ କରିବେ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯